# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୫/୨୦୨୩ (୨୦ ପୃଷ୍ଠା) | Bhubaneswar, Tuesday, December 5/2023 | Page 20 | ₹ 7.00

୫୦ଶ ଭାଗ ୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 12 | ମୂଲ୍ୟ ₹୭/-



KP GROUP
Quality Since 1965

# Safal
PAN MASALA

କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ




0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।



KP GROUP Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: YouTube

ଧରିତ୍ରୀ DHARITRI 50 Years
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୫/୨୦୨୩ | Bhubaneswar, Tuesday, December 5/2023


# ନାରୀ ନିର୍ଯାତନାରେ ଓଡ଼ିଶା ୪ର୍ଥ

ଭୁବନେଶ୍ୱର,୪।୧୨
(ସତ୍ୟଜିତ୍ ରାଉତ)

## ଏନ୍‌ସିଆର୍‌ବି ରିପୋର୍ଟ ୨୦୨୨

- ୧ମରେ ମହାରାଷ୍ଟ୍ର, ୨ୟରେ ଉତ୍ତରପ୍ରଦେଶ ଓ ୩ୟରେ ରାଜସ୍ଥାନ
- ଦେଶରେ ମହିଳା, ଶିଶୁ ବିରୋଧୀ ଅପରାଧ ବୃଦ୍ଧି
- ଶିଶୁ ବିରୋଧୀ ମାମଲାରେ ଓଡ଼ିଶା ଷଷ୍ଠ, ଅପହରଣରେ ସର୍ବାଧିକ

ଦେଶବ୍ୟାପୀ ମହିଳା ଓ ଶିଶୁ ବିରୋଧୀ ହିଂସା, ଅପରାଧ ବୃଦ୍ଧି ଚିନ୍ତାଜନକ ରହିଛି। ଅଧିକାଂଶ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି। ଦେଶରେ ମହିଳା ବିରୋଧୀ ଅପରାଧ ମାମଲା ୨୦୨୧ ତୁଳନାରେ ୨୦୨୨ରେ ୪% ବଢ଼ିଥିବାବେଳେ ଶିଶୁ ବିରୋଧୀ ଅପରାଧ ୮ % ବୃଦ୍ଧି ପାଇଛି। ତେବେ ଓଡ଼ିଶାରେ ମହିଳା ବିରୋଧୀ ଅପରାଧ ହ୍ରାସ ପାଇଥିଲେ ମଧ୍ୟ ଶିଶୁ ବିରୋଧୀ ଅପରାଧ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ନାରୀ ନିର୍ଯାତନା କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଥିବା ସଦ୍ୟ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ସ୍ପଷ୍ଟ ହୋଇଛି। ୨୦୨୨ରେ ଓଡ଼ିଶାରେ ନାରୀ ନିର୍ଯାତନା ସମ୍ପର୍କିତ ମୋଟ ୭ ହଜାର ୩୨୭ ମାମଲା ରୁଜୁ ହୋଇଛି। ☞ପୃଷ୍ଠା–୨

## ଦେଶରେ ପ୍ରତି ଘଣ୍ଟାରେ ୫୧ ଏତଲା

**ନୂଆଦିଲ୍ଲୀ,୪।୧୨(ପି.ଟି.):** ସାରା ଭାରତରେ ଗତବର୍ଷ ମୋଟ ୪,୪୫,୨୫୬ ମହିଳା ବିରୋଧୀ ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ପ୍ରତି ଘଣ୍ଟାରେ ୫୧ ଏତଲା ଦାଏର ହେଉଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି। ୨୦୨୦ରେ ମହିଳା ବିରୋଧୀ ଅପରାଧ ସଂଖ୍ୟା ୩,୭୩,୫୦୩ ଥିବାବେଳେ ୨୦୨୧ରେ ୪,୨୮,୨୭୮ ରହିଥିଲା। ପ୍ରତି ଲକ୍ଷେ ଜନସଂଖ୍ୟାରେ ମହିଳା ବିରୋଧୀ ଅପରାଧ ହାର ୬୬.୪ ରହିଥିବାବେଳେ ଏଭଳି ମାମଲାରେ ଚାର୍ଜଶିଟ୍ ଦାଖଲ ହାର ୭୫.୮ ବୋଲି ଏନ୍‌ସିଆର୍‌ବି ☞ପୃଷ୍ଠା–୨

# ଜେଡ୍‌ପିଏମ୍‌କୁ ବହୁମତ

- ମିଜୋରାମରେ ଜୋରାମଥାଙ୍ଗା ଗାଦିଚ୍ୟୁତ
- ଏମ୍‌ଏନ୍‌ଏଫ୍ ୧୦ ଆସନରେ ସୀମିତ

ଆଇଜଲ,୪।୧୨

**ମିଜୋରାମ (୪୦)**




ମିଜୋରାମରେ ଶାସକ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍)କୁ ଶକ୍ତ ଝଟ୍‌କା ଲାଗିଛି। ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗାଙ୍କ ନେତୃତ୍ୱାଧୀନ ଦଳ ୪୦ ଆସନରୁ ମାତ୍ର ୧୦ଟିରେ ସୀମିତ ହୋଇଯାଇଛି। ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ୨୭ ଆସନ ଦଖଲ କରି ସ୍ପଷ୍ଟ ବହୁମତ ଲାଭ କରିବା ସହ ତାଙ୍କ ହାତରୁ ଶାସନ କ୍ଷମତା ଛଡ଼ାଇନେଇଛି। ଫଳରେ ଜେଡ୍‌ପିଏମ୍‌ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଲାଲଦୁହୋମାଙ୍କ ପାଇଁ କ୍ଷମତା ଦଖଲ ପଥ ପରିଷ୍କାର ହୋଇଛି।

ନଭେମ୍ବର ୭ରେ ଅନୁଷ୍ଠିତ ମିଜୋରାମ ବିଧାନସଭା ନିର୍ବାଚନରେ ୧୮ ମହିଳାଙ୍କ ସମେତ ୧୭୪ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ୮୦%ରୁ ଉର୍ଦ୍ଧ୍ୱ ମତଦାନ ରାଜ୍ୟରେ କ୍ଷମତା ପରିବର୍ତ୍ତନର ସଙ୍କେତ ଦେଇଥିଲା। ଏକ୍‌ଜିଟ୍ ପୋଲ୍ ମଧ୍ୟ ଜେଡ୍‌ପିଏମ୍ ବିଜୟୀ ହେବା ନେଇ ଭବିଷ୍ୟବାଣୀ କରିଥିଲା। କିନ୍ତୁ ଏତେ ଆସନ ଦଖଲ କରିବ ବୋଲି କେହି କଳ୍ପନା କରି ନ ଥିଲେ। ସୋମବାର ସକାଳ ୮ଟାରେ ୧୩ଟି କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଗଣତି ଶେଷ ହେବା ପରେ ଚୂଡ଼ାନ୍ତ ଫଳ ଆସିଛି। ଜେଡ୍‌ପିଏମ୍ ୨୭, ଏମ୍‌ଏନ୍‌ଏଫ୍ ୧୦ ଆସନରେ ଜିତିଥିବାବେଳେ ଭାଜପା ୨ ଆସନରେ ବିଜୟୀ ହୋଇଛି। ଭାଜପା ହାତକୁ ଯାଇଥିବା ୨ ଆସନ ହେଲା ପଲକ ଓ ସାଇହା। ସେହିପରି ଲଙ୍ଗ୍‌ଟଲାଇ ୱେଷ୍ଟ ଆସନକୁ କଂଗ୍ରେସ ଦଖଲ କରିଛି। ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ଆଇଜଲ ଇଷ୍ଟ ୧ ଆସନରେ ଜେଡ୍‌ପିଏମ୍‌ର ଲାଲଥାଙ୍ଗସଙ୍ଗାଙ୍କଠାରୁ ୨,୧୦୧ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ତୱ୍ନଲୁଇଆ ତୁଇଚାଙ୍ଗ୍ ନିର୍ବାଚନମଣ୍ଡଳୀରେ ଜେପିଏମ୍ ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଛନ୍ତି। ଜୋରାମଥାଙ୍ଗା କ୍ୟାବିନେଟ୍‌ର ☞ପୃଷ୍ଠା–୨

## ଆଜି ଉପକୂଳରେ ମାଡ଼ହେବ 'ମିଗ୍‌ଜୋମ୍'

### ଓଡ଼ିଶାର ୫ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ

ଭୁବନେଶ୍ୱର, ୪।୧୨
(ଅନିଲଦାସ)

ପଶ୍ଚିମ କେନ୍ଦ୍ରୀୟ ଏବଂ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଦକ୍ଷିଣ ଆନ୍ଧ୍ର ଓ ତାମିଲନାଡୁ ଉପକୂଳରେ କେନ୍ଦ୍ରୀଭୂତ ହୋଇଥିବା ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ' ଭୟଙ୍କର ରୂପ ନେଇଛି। ଏହା ପଶ୍ଚିମ–ଉତ୍ତର ପଶ୍ଚିମ ଦିଗକୁ ଘଣ୍ଟା ପ୍ରତି ୮କି.ମି. ବେଗରେ ଗତି କରୁଛି। ବାତ୍ୟା ପୂର୍ବ ଉତ୍ତର ପୂର୍ବ ଚେନ୍ନାଇଠାରୁ ୯୦ କି.ମି., ପୁଡୁଚେରୀଠାରୁ ୧୮୦ କି.ମି., ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

କଥା ବେଶି, କାମ କମ୍









# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠିକିଲା ନାରୀ,
ଘର କରି ।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହ ଜଡ଼ିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲ୍‌ରୁ ଶିକ୍ଷାଲାଭ କରେ ବା ନିଜ ଭୁଲ୍‌କୁ ସଂଶୋଧନ କରି ନିଜକୁ ସଜାଡ଼ିନିଏ ସିଏ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବପକ୍ଷେ ଏପରି ନାରୀ ହିଁ ଘର ପରିବାର ଚଳେଇବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠିଠେଇ ଘଇତା ଘନଶ୍ୟାମ
ପେଟ ପୂରିଲେ ରାମ ରାମ।**

ପେଟୁଆ ବ୍ୟକ୍ତି ସାଧାରଣତଃ ଖାଦ୍ୟଲୋଭୀ ହୋଇଥାନ୍ତି। ଏପରି ସ୍ଥିତିରେ ସଦାସର୍ବଦା ନିଜର ପେଟ ଚିନ୍ତା କରୁଥିବା ସ୍ୱାର୍ଥପର ଗୃହସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପାରିବାରିକ କଳହ ପରେ ଘରେ ସ୍ୱାମୀଙ୍କ ମୃତଦେହ

## ଥାନାରେ ଅଭିଯୋଗ କଲେ ସ୍ତ୍ରୀ, ପୋଲିସର ପଚରାଉଚରା

ଜଗନ୍ନାଥପ୍ରସାଦ,୪।୧୨(ବିଭୂପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ତାଙ୍କ ଘରୁ ଜବତ କରାଯାଇଛି। ମୃତକ ହେଲେ କପିଳା ବେହେରା। ସ୍ୱାମୀ ମଦ ପିଇବାକୁ ଟଙ୍କା ମାଗିବାରୁ ତାଙ୍କ ସହ ଝଗଡ଼ା ହୋଇଥିଲା, କିଛି ସମୟ ପରେ ଘରେ ତାଙ୍କ ମୃତଦେହ ପଡ଼ିଥିବା ସ୍ତ୍ରୀ ଅହଲ୍ୟା ବେହେରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କୁ ତଦନ୍ତ ପରିସରକୁ ଆଣି ପଚରାଉଚରା କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ସୂଚନା ଅନୁଯାୟୀ, ଛାମୁଣ୍ଡା ବାରିସାହି ବସ୍ତିର କପିଳା ଓ ତାଙ୍କ ସ୍ତ୍ରୀ ଅହଲ୍ୟା ବାହାର ରାଜ୍ୟରେ ରହି ଦାଦନ ଖଟୁଥିଲେ। ଗତ ଦୁଇଦିନ ହେଲା ସେମାନେ ଘରକୁ ଫେରିଥିଲେ। ଶୁକ୍ରବାର ସକାଳେ ସ୍ୱାମୀ ମଦ ପିଇବାକୁ ଟଙ୍କା ମାଗିବାରୁ ତାଙ୍କ ସହ ବଚସା ହୋଇଥିଲା। ପରେ ସେ 'ତତେ ମାରିବି ନଚେତ ମୁଁ ମରିବି' କହି ଘରେ ପଶି ଭିତରୁ କବାଟ ବନ୍ଦ କରିଦେବାରୁ ଅହଲ୍ୟା ବାହାରକୁ ପଳାଇଥିଲେ। କିଛି ସମୟ ପରେ ଘରକୁ ଆସିବାରେ ସ୍ୱାମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିଥିଲେ ବୋଲି ଅହଲ୍ୟା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଏ ନେଇ ନଂ. ୨୧/୨୩ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

**ପ୍ରଥମ ପୃଷ୍ଠାରୁ...**

## ନାରୀ ନିର୍ଯାତନାରେ...

୧୧ହଜାର ୫୧୨ ମାମଲା ସହ ମହାରାଷ୍ଟ୍ର ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟରେ ଉତ୍ତରପ୍ରଦେଶ (୧୦,୫୪୮), ତୃତୀୟରେ ରାଜସ୍ଥାନ (୮,୫୦୮) ଓ ପଞ୍ଚମରେ କର୍ଣ୍ଣାଟକ (୬,୨୦୧) ରହିଛି। ମହିଳା ବିରୋଧୀ ଅପରାଧ ମାମଲାରେ ଓଡ଼ିଶା ସପ୍ତମ ସ୍ଥାନକୁ ଖସି ଆସିଥିବାବେଳେ ଶିଶୁ ବିରୋଧୀ ମାମଲାରେ ଦେଶରେ ଷଷ୍ଠ ସ୍ଥାନରେ ରହିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ, ୨୦୨୧ରେ ଓଡ଼ିଶାରେ ମହିଳା ବିରୋଧୀ ଅପରାଧ ମାମଲା ୩୧ ହଜାର ୩୫୨ ଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୨୩ ହଜାର ୬୪୮କୁ ଖସିଆସିଛି। ହେଲେ ଶିଶୁ ବିରୋଧୀ ଅପରାଧ ବୃଦ୍ଧି ପାଇଥିବାରୁ ଏହା ବେଶ୍ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଛି। ୨୦୨୨ରେ ରାଜ୍ୟର ବିଭିନ୍ନ ଥାନାରେ ଶିଶୁ ବିରୋଧୀ ଅପରାଧ ମାମଲା ୮ ହଜାର ୨୪୦ ରହିଛି। ଏହି ସଂଖ୍ୟା ୨୦୨୧ରେ ୭ ହଜାର ୨୯୯ ଏବଂ ୨୦୨୦ରେ ୬ ହଜାର ୩୩୦ ସହ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଥିଲା। ଶିଶୁ ବିରୋଧୀ ଅପରାଧ ତାଲିକାରେ ୨୦୭୬୨ ମାମଲା ସହ ପ୍ରଥମେ ମହାରାଷ୍ଟ୍ର, ଦ୍ୱିତୀୟରେ ମଧ୍ୟପ୍ରଦେଶ (୨୦୪୧୫), ତୃତୀୟରେ ଉତ୍ତରପ୍ରଦେଶ (୧୮୬୮୨), ଚତୁର୍ଥରେ ରାଜସ୍ଥାନ (୯୩୭୦) ଏବଂ ପଞ୍ଚମରେ ପଶ୍ଚିମବଙ୍ଗ (୮୯୫୦) ରହିଛି। ତେବେ ଓଡ଼ିଶାରେ ଶିଶୁ ବିରୋଧୀ ଅପରାଧ ମାମଲା ମଧ୍ୟରୁ ସର୍ବାଧିକ ୫ ହଜାର ୬୦୬ ଅପହରଣ ମାମଲା ରହିଥିବା ଏନ୍‌ସିଆର୍‌ବି ରିପୋର୍ଟରେ ଉଲ୍ଲେଖ ରହିଛି।

## ଦେଶରେ ପ୍ରତି...

ବାର୍ଷିକ ଅପରାଧ ରିପୋର୍ଟରୁ ଜଣାପଡ଼ିଛି। ମହିଳା ବିରୋଧୀ ଅପରାଧ ମଧ୍ୟରୁ ଅଧିକାଂଶ ସେମାନଙ୍କ ସ୍ୱାମୀ କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ନିଷ୍ଠୁରତା (୩୧.୪%) ହୋଇଥିବାବେଳେ ଏହା ପଛକୁ ରହିଛି ମହିଳା ଅପହରଣ (୧୯.୨%)। ସେହିପରି ଅଶ୍ଳୀଳ ଆଚରଣ ମାମଲା ସଂଖ୍ୟା ୧୮.୭ ପ୍ରତିଶତ ରହିଥିବାବେଳେ ବଳାତ୍କାର ମାମଲା ସଂଖ୍ୟା ୭.୧ ପ୍ରତିଶତ ରହିଥିବା ଏନ୍‌ସିଆର୍‌ବି କହିଛି। ୨୦୨୨ରେ ଦିଲ୍ଲୀରେ ମହିଳା ବିରୋଧୀ ଅପରାଧ ହାର ସର୍ବାଧିକ। ସେଠାରେ ୧୪,୨୪୭ ମାମଲା ପଞ୍ଜୀକୃତ ହୋଇଛି। ଦେଶରେ ମହିଳା ବିରୋଧୀ ଅପରାଧ ହାର ୬୬.୪ ଥିବାବେଳେ ଦିଲ୍ଲୀରେ ଏହି ହାର ୧୪୪.୪ ରହିଛି। ହରିୟାଣାରେ ଅପରାଧ ହାର ୧୧୮.୭% ଥିବାବେଳେ ତେଲଙ୍ଗାନାରେ ୧୧୭%, ରାଜସ୍ଥାନରେ ୧୧୫.୧% ଏବଂ ଓଡ଼ିଶାରେ ୧୦୩ % ରହିଛି। କିନ୍ତୁ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଉତ୍ତରପ୍ରଦେଶରେ ସର୍ବାଧିକ ୬୫,୭୪୩ ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଥିବାବେଳେ ଏହା ପଛକୁ ମହାରାଷ୍ଟ୍ର (୪୫,୩୩୧), ରାଜସ୍ଥାନ (୪୫,୦୫୮), ପଶ୍ଚିମବଙ୍ଗ (୩୪,୭୩୮) ଏବଂ ମଧ୍ୟପ୍ରଦେଶ (୩୨,୭୬୫) ରହିଛି। ଏହି ୫ ରାଜ୍ୟର ଗତବର୍ଷ ମୋଟ ମହିଳା ବିରୋଧୀ ଅପରାଧ ସଂଖ୍ୟା ୨,୨୩,୬୩୫ (୫୦.୨ ପ୍ରତିଶତ) ଥିଲା। ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅପରାଧ ହାର ଜାତୀୟ ହାରଠାରୁ ଅଧିକ ରହିଛି।

## ଜେଡ୍‌ପିଏମ୍‌କୁ ବହୁମତ...

୧୧ ମନ୍ତ୍ରୀଙ୍କ ମଧ୍ୟରୁ ୯ ଜଣ ଶୋଚନୀୟ ପରାଜୟ ବରଣ କରିଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ। ଜୋରାମଥାଙ୍ଗା ସନ୍ଧ୍ୟାରେ ରାଜଭବନରେ ରାଜ୍ୟପାଳ ହରି ବାବୁ କମ୍ଭାମ୍‌ପତିଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଜେଡ୍‌ପିଏମ୍‌ର ନବନିର୍ବାଚିତ ବିଧାୟକ ଦଳ ଏବଂ ପାର୍ଟିର ନିଷ୍ପତ୍ତି ଗ୍ରହଣକାରୀ ଭାଲ୍ ଉପା କାଉନ୍‌ସିଲର ମିଳିତ ବୈଠକରେ ଜେଡ୍‌ପିଏମ୍ ମୁଖ୍ୟ ଲାଲ୍‌ଦୁହୋମାଙ୍କୁ ନେତା ଚୟନ କରାଯିବ। ସେ ମଙ୍ଗଳବାର ରାଜ୍ୟପାଳଙ୍କ ନିକଟରେ ସରକାର ଗଠନ ନିମନ୍ତେ ଦାବି ଜଣାଇବେ ବୋଲି ଜଣାପଡ଼ିଛି।

## ଆଜି ଉପକୂଳରେ...

ନେଲୋରଠାରୁ ୫୦୦ କି.ମି. ଏବଂ ମଛଲିପଟନମ୍‌ଠାରୁ ୩୦୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହା ଆହୁରି ବଳଗୋଟାଇ ମଙ୍ଗଳବାର ପୂର୍ବାହ୍ନରେ ଦକ୍ଷିଣ ଆନ୍ଧ୍ର ଉପକୂଳ ନେଲୋର ଏବଂ ମଛଲିପଟନମ୍ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ସ୍ଥଳ ଭାଗ ଛୁଇଁବା ବେଳକୁ ବାତ୍ୟାର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କି.ମି. ଓ ବେଳେବେଳେ ୧୧୦ କି.ମି. ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଆସନ୍ତା ୨ଦିନ ଦକ୍ଷିଣ, ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଆସନ୍ତା ୫ ତାରିଖରେ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାରେ ପ୍ରବଳ (୭ରୁ ୨୦ ସି.ଏମ.) ବର୍ଷା ସମ୍ଭାବନା ରହିଛି। ଏହି ସବୁ ଜିଲାପାଇଁ ଏଲୋଓ୍ୱାର୍ନିଂ ଜାରି କରାଯାଇଛି। ଏଥିସହିତ ନବରଙ୍ଗପୁର, ନୟାଗଡ, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାରେ ମଧ୍ୟ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଓ୍ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୬ ତାରିଖରେ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲାପାଇଁ ଅରେଞ୍ଜଓ୍ୱାର୍ନିଂ ଜାରି କରାଯାଇଛି। ଏଥିସହିତ ଗଞ୍ଜାମ, ଗଜପତି, ପୁରୀ, ନୟାଗଡ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି ଏବଂ ରାୟଗଡା ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲାପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ନିଂ ଜାରି କରାଯାଇଛି।

ବାତ୍ୟା ଯୋଗୁ ଓଡ଼ିଶା ଉପକୂଳରେ ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବନ୍ଦରରେ ୨ ନମ୍ବର ବିପଦସଙ୍କେତ ଦିଆଯାଇଛି। ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟାଜନିତ ବର୍ଷା ଯୋଗୁ କେତେକ ସ୍ଥାନରେ କୃତ୍ରିମ ବନ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। କଚାଘର ନଷ୍ଟ ହେବା ସହ ପନିପରିବା, ବିରି, ମୁଗ, ମାଣ୍ଡିଆ, ରାଶି, କପା ଚାଷ ପ୍ରଭାବିତ ହେବା ଆଶଙ୍କା ରହିଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର କୃଷି ଅଧିକାରୀମାନଙ୍କ ଛୁଟି ବାତିଲ କରାଯାଇଥିବା ବେଳେ ଜିଲାପାଳଙ୍କୁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି।




# ରିପୋର୍ଟ ଦାଖଲ କଲେ ଆମିକସ୍ କ୍ୟୁରି

**ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲା**

## ୧୮ରେ ପରବର୍ତ୍ତୀ ଶୁଣାଣି

କଟକ,୪।୧୨ (କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାର୍ଯ୍ୟର ରିପୋର୍ଟ ଆମିକସ୍ କ୍ୟୁରି ସୋମବାର ହାଇକୋର୍ଟରେ ଦାଖଲ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗତ ନଭେମ୍ବର ୧୭ରୁ ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଆମିକସ୍ କ୍ୟୁରି ଉକ୍ତ ରିପୋର୍ଟରେ ଦର୍ଶାଇଛନ୍ତି। ତେବେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ(ଏଏସ୍‌ଆଇ), ଶ୍ରୀମନ୍ଦିର ପ୍ରଶାସନ ଏବଂ ଆମିକସ୍ କ୍ୟୁରି ନାଟମଣ୍ଡପ ମରାମତି କାର୍ଯ୍ୟର ରିପୋର୍ଟ ଦାଖଲ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପୂର୍ବ ଶୁଣାଣି ଅନୁଯାୟୀ ୧୨୦ ଦିନ ମଧ୍ୟରେ ନାଟମଣ୍ଡପ ମରାମତି ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ଡିସେମ୍ବର ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ସୂଚନା ଅନୁଯାୟୀ, ଏଏସ୍‌ଆଇ ପୁରୀ ସର୍କଲ୍‌ର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଦିବିଶାଦ ବ୍ରଜସୁନ୍ଦର ଗଡ଼ନାୟକ ହାଇକୋର୍ଟରେ ବିସ୍ତୃତ ସତ୍ୟପାଠ ଦାଖଲ କରି ଆଗାମୀ ଜାନୁୟାରୀ ୨୪ରୁ ନାଟମଣ୍ଡପ ମରାମତି କାର୍ଯ୍ୟ କରିବା ନିମନ୍ତେ ଅବଗତ କରିଥିଲେ। ପୁରୀରେ ହବିଷିଆଳିଙ୍କ ସମେତ ଭକ୍ତମାନେ ଦର୍ଶନ ପାଇଁ ଭିଡ଼ ଜମାଉଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ କେତେକ ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲୁରହିଛି। ସେଥିପାଇଁ ଏବେ ନାଟମଣ୍ଡପ ମରାମତି ସମ୍ଭବ ନୁହେଁ ବୋଲି ଏଏସ୍‌ଆଇ ସତ୍ୟପାଠରେ ଦର୍ଶାଇଥିଲେ। ଏହାକୁ ନେଇ ହାଇକୋର୍ଟ ଗତ ନଭେମ୍ବର ୧୫ ତାରିଖ ଶୁଣାଣିରେ ବିରକ୍ତ ପ୍ରକାଶ କରିଥିଲେ। ନାଟମଣ୍ଡପ ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନିମନ୍ତେ ହାଇକୋର୍ଟ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମରାମତି କାର୍ଯ୍ୟ ଦିନକୁ ୬ ଘଣ୍ଟା ଲେଖାଏ କରି ୧୨୦ ଦିନରେ ଶେଷ କରିବାକୁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ। ଆମିକସ୍ କ୍ୟୁରି ଏହି କାମର ଅନୁଧ୍ୟାନ କରି ପ୍ରତି ୧୫ ଦିନରେ ହାଇକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିବେ। ଶ୍ରୀମନ୍ଦିର ପ୍ରଶାସନ ଏଏସ୍‌ଆଇକୁ ଏଥିପାଇଁ ସହଯୋଗ ଯୋଗାଇଦେବ। ଏଥିସହ ଶ୍ରଦ୍ଧାଳୁମାନେ ଯେପରି ଦିଅଁ ଦର୍ଶନ କରିବା ନେଇ ଅସୁବିଧାରେ ନ ପଡ଼ନ୍ତି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିବ। ନାଟମଣ୍ଡପ ମରାମତି ଓ ଶ୍ରଦ୍ଧାଳୁ ଦର୍ଶନ ଉଭୟ କାର୍ଯ୍ୟ ଠିକ ଭାବେ ହେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଉଭୟ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ।

ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲାରେ ଏଏସ୍‌ଆଇ ଗତ ୮ ତାରିଖରେ ଦାଖଲ କରିଥିବା ସତ୍ୟପାଠକୁ ଅସମ୍ପୂର୍ଣ୍ଣ କହି ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ। ୨୦୧୭ରୁ ଦୀର୍ଘ ୫ ବର୍ଷ ଧରି ନାଟମଣ୍ଡପ ଓ ଜଗମୋହନ ମରାମତି କାର୍ଯ୍ୟ ଏଏସ୍‌ଆଇ କରୁଥିଲେ ବି ତାହା ସରୁ ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ଏଏସ୍‌ଆଇ ଉକ୍ତ ସତ୍ୟପାଠକୁ ଫେରସ୍ତ ନେଇ ସାନି ବିସ୍ତୃତ ସତ୍ୟପାଠ ଗତ ନଭେମ୍ବର ୧୫ ତାରିଖରେ ଦାଖଲ କରିଥିଲେ। କଟକର ଅଭିଷେକ ଦାସଙ୍କ ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଲୋକ କୁମାର ମହାପାତ୍ର ପରିଚାଳନା କରୁଛନ୍ତି।

# ୨୧ ବର୍ଷ ପରେ ତତ୍କାଳୀନ ପୋଲିସ ଇନ୍ସପେକ୍ଟରଙ୍କୁ ଜେଲ

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ବ୍ରହ୍ମପୁର, ୪।୧୨
(ସୁବାସ ଚନ୍ଦ୍ର ପାଢ଼ୀ)

୨୧ ବର୍ଷ ପରେ ଏକ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ସୋମବାର ଉକ୍ତ ମାମଲାର ଶୁଣାଣି କରି ତତ୍କାଳୀନ ପୋଲିସ ଇନ୍ସପେକ୍ଟର ତପନ କୁମାର ପାଢୀଙ୍କୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ତପନ ୧୯୮୧ରେ ପୋଲିସ ସବ୍‌ଇନ୍ସପେକ୍ଟର ଭାବେ କାମ ଆରମ୍ଭ କରିଥିଲେ। ୨୦୦୨ ଏପ୍ରିଲ ୧୬ତାରିଖରେ ଗଞ୍ଜାମ ପୋଲିସ ଜିଲାର ଡିସିଆରବିରେ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଟିମ ତାଙ୍କର ବ୍ରହ୍ମପୁର ବାସଭବନ ସମେତ ୩ଟି ସ୍ଥାନରେ ଚଢ଼ାଉ କରିଥିଲା। ସେହି ସମୟରେ ତପନଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧୭ ଲକ୍ଷ ୨୮ ହଜାର ୦୪୫ ଟଙ୍କା ଆକଳନ କରାଯାଇଥିଲା। ସେଥିମଧ୍ୟରୁ ୧୪ ଲକ୍ଷ ୭୮ହଜାର ୧୫୫ ଟଙ୍କା ତାଙ୍କର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା। ଯାହାର ହିସାବ ଭିଜିଲାନ୍ସ ନିକଟରେ ସେ ଦାଖଲ କରିପାରି ନ ଥିଲେ। ତାଙ୍କ ବିରୋଧରେ ୧୭/୦୨ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦ୍ୱିବେଦୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ କୋର୍ଟରେ ୨୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମାମଲା ପରିଚାଳନା କରିଥିଲେ।

# ଟ୍ରାକ୍ଟର ଓଲଟି ୨ ମୃତ

ରେଙ୍ଗାଲି,୪।୧୨(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା କତରବଗା ଥାନା ଅନ୍ତର୍ଗତ ସର୍ଗିପାଲିଠାରେ ରବିବାର ରାତିରେ ଏକ ଟ୍ରାକ୍ଟର ଓଲଟି ୨ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ସର୍ଗିପାଲିର ଅଜିତ କିଷାନ ଓ ରାମପ୍ରସାଦ ଭଇଁଷା। ଦୁର୍ଘଟଣାରେ ଆହତ ହୋଇଥିବା ସର୍ଗିପାଲିର ପ୍ରସାଦ ମିର୍ଦ୍ଧା, ସନୁ ମିର୍ଦ୍ଧା, ସୁଶାନ୍ତ ମିର୍ଦ୍ଧା ଓ ଭାସ୍କର ମିର୍ଦ୍ଧାଙ୍କୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ରବିବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଧାନ ବୋଝେଇ କରି ଫେରୁଥିବାବେଳେ ବାଟରେ ଖରାପ ହୋଇଥିଲା। ପରେ ଓଡି୧୫ଜି-୭୦୬୧ନଂ. ବିଶିଷ୍ଟ ଅନ୍ୟ ଏକ ଟ୍ରାକ୍ଟର ଉକ୍ତ ଧାନ ବୋଝେଇ କରି ଫେରୁଥିବାବେଳେ ସର୍ଗିପାଲି ବୁଲାଣିରେ ଭାରସାମ୍ୟ ହରାଇ ଓଲଟିପଡିଥିଲା।




ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରତ୍ୟେକ କ୍ଷେତ୍ରରେ ସମୟୋଚିତ ଦୃଢ଼ ପଦକ୍ଷେପ ନେଲେ କୃତକାର୍ଯ୍ୟ ହେବେ। ଅଫିସ୍ କାମରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବହୁ ଆଲୋଚନା ଶେଷରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**ବୃଷ**
ପାରିବାରିକ କ୍ଷେତ୍ରରେ ଭଉଣୀଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ଆଶ୍ୱସ୍ତି ଲାଭ କରିବେ। ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରନ୍ତି। ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ।

**ମିଥୁନ**
ଜଣେ ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବାଧବାଧକତାରେ ମନୋରଞ୍ଜନ ସମ୍ପର୍କିତ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ। ବ୍ୟବସାୟରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେବା ଆଶଙ୍କାର ସୂଚନା ପାଇବେ।

**କର୍କଟ**
ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ଆଜି ଆକସ୍ମିକ ଭାବରେ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣବଶତଃ ବିରକ୍ତିକର କଥାବାର୍ତ୍ତାକରି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ୍ ମାର୍ଗର ଅନୁସରଣ କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ସିଂହ**
ମାନସିକ ଅବସାଦ ବଢ଼ିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ମାଲିମକଦ୍ଦମା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ବ୍ୟବସାୟରେ ସନ୍ତୋଷଜନକ ଫଳ ପାଇପାରନ୍ତି।

**କନ୍ୟା**
ହାତକୁ ନେଇଥିବା କାମଗୁଡ଼ିକ ଅଟକିବ ନାହିଁ ଏବଂ ସେଥିରେ ଆଶାଜନକ ଫଳ ପାଇବେ। ସରକାରୀ କାମରେ ହଠାତ୍ ବିଶ୍ୱସ୍ତ ସୂତ୍ରରୁ ଶୁଭ ଖବର ଶୁଣି ଖୁସି ହେବେ। ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଶତ୍ରୁତା ଅର୍ଜନ କରିବେ। ଉପରିସ୍ଥ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା**
ପାରିବାରିକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ପାଇଁ ଚେଷ୍ଟାକରିବେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସବ୍ୟସନରେ ସମୟ ଅତିବାହିତ କରିପାରନ୍ତି। ବନ୍ଧୁମାନେ ବିଭ୍ରାନ୍ତିକର ଖବର ପରିବେଷଣକରି ସମସ୍ୟାକୁ ବଢ଼ାଇଦେଇପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା**
ବନ୍ଧୁଙ୍କ କାର୍ଯ୍ୟକଳାପରେ ଅତିଷ୍ଠହେବା କାରଣରୁ ମନରେ ବିରକ୍ତିଭାବ ସୃଷ୍ଟିହେବ। ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ଓ ମନସ୍ତାପ ମଧ୍ୟ କରିବେ। ସାମାଜିକ ପ୍ରତିଷ୍ଠା ବଢ଼ିବା ସହ ଦୀର୍ଘଦିନରୁ ଚିନ୍ତାକରିଥିବା କାମଟି ହଠାତ୍ ହୋଇଯିବ। କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ।

**ଧନୁ**
ହାତରୁ ଖର୍ଚ୍ଚକରି ବନ୍ଧୁଙ୍କୁ ସାହାଯ୍ୟ କରି ଆତ୍ମତୃପ୍ତି ଲାଭକରିବେ। ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ, ଫଳରେ ପ୍ରତାରିତ ହେବା ବହୁ ସମ୍ଭାବନା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ଦୀର୍ଘଦିନରୁ ମଉଳିଯାଇଥିବା ଆଶା ପୁଣି କଅଁଳି ଉଠିବ।

**ମକର**
ବିବାଦୀୟ ପରିସ୍ଥିତି ସୃଷ୍ଟିହେବାର ସୂଚନାକୁ ଅଣଦେଖା କରିବା ଠିକ୍ ହେବନାହିଁ। ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କର୍ମକ୍ଷେତ୍ରରେ ଭଲ କାମକରି ମଧ୍ୟ ନିନ୍ଦା ଶୁଣିବେ। ପାରିବାରିକ ସମସ୍ୟା କେତେକାଂଶରେ ନିୟନ୍ତ୍ରିତ ରହିବ।

**କୁମ୍ଭ**
ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବ। ପରକଥାରେ ମୁଣ୍ଡ ପୂରାଇ ଭୁଲ୍‌ମାର୍ଗରେ ଗତିକରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଶେୟାରବଜାରରେ କ୍ଷତି ଆଶଙ୍କା ରହିଛି , ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ। ଭ୍ରାତୃ ସମ୍ପର୍କରେ ଅବନତି ଘଟିବ, ପ୍ରିୟକଥା କହି ସମସ୍ୟା ସୁଧାରିନେବେ।

**ମୀନ**
ଗତକାଲିର ଆଲୋଚନା ଅନୁଯାୟୀ ଆଜି କାମରେ ଲାଗି ପଡ଼ିବେ, ତଥାପି ଜଣେ ବ୍ୟକ୍ତି ହଠାତ୍ ଅସହଯୋଗ କରିପାରନ୍ତି। ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ। ମାଲିମକଦ୍ଦମାରୁ ଚିନ୍ତା ବଢ଼ିଯିବ, କିନ୍ତୁ ତୁଳନାତ୍ମକ ବିଚାରକରି କିଛିଟା ଆଶ୍ୱସ୍ତି ଲାଭକରିବେ। ଶିଳ୍ପ, ବାଣିଜ୍ୟ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

ଆଜି ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ ମଙ୍ଗଳବାର, ଡିସେମ୍ବର ୫ ତାରିଖ, ପୋଢୁଅଁ ଅଷ୍ଟମୀ, ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ଏବଂ ଲିଙ୍ଗରାଜ ମନ୍ଦିରରେ ଯାତ୍ରା, ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ବିଶ୍ୱ ମୃତ୍ତିକା ଦିବସ। ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬।୧୦ ମି. ଗତେ, ଘ.୦୬।୫୪ ମଧ୍ୟେ, ଘ.୦୮।୫୩ ଗତେ, ଘ.୧୧।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୦ ମି. ଗତେ, ଘ.୦୩।୪୧ ମି. ମଧ୍ୟେ ରାହୁକାଳ।




# କୋଇଲା ଖଣି ପ୍ରଦୂଷଣକୁ ନେଇ ଉଦ୍‌ବେଗ

**ମାନସ ମଙ୍ଗରାଜଙ୍କ ପ୍ରଶ୍ନ**

**ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର**



**ଭୁବନେଶ୍ୱର,୪।୧୨ (ଅନିଲଦାସ)**

କୋଇଲା ଖଣି ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣକୁ ନେଇ ବିଜେଡି ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋଇଲା ଖଣି ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣକୁ ରୋକିବାକୁ କେନ୍ଦ୍ର ସରକାର କି ପଦକ୍ଷେପ ନେଇଛନ୍ତି। ଯଦି ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ଉଲ୍ଲେଖ କରିବେ କି। ଯଦି ନେଇ ନାହାନ୍ତି ତେବେ ଏହାର କାରଣ କ'ଣ। କେନ୍ଦ୍ର ସରକାର କୋଇଲା ଖଣିଗୁଡ଼ିକ ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସହିତ ମିଳିତ ଭାବେ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁତ କରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଉତ୍ତରରେ କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, କେନ୍ଦ୍ର ସରକାର ସାରା ଦେଶର କୋଇଲା ଖଣିରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ୩ଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ୨୦୦୬ ବିଜ୍ଞପ୍ତି ଅନୁଯାୟୀ ପ୍ରକଳ୍ପ ପ୍ରସ୍ତାବକଙ୍କୁ ପରିବେଶର ପ୍ରଭାବ ଅଧ୍ୟୟନ କରି ସୁରକ୍ଷା ପାଇଁ ଦୀର୍ଘକାଳୀନ ପରିବେଶ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବାକୁ ହେବ। ସେହିପରି ୨୦୦୦ ସେପ୍ଟେମ୍ବର ୨୫ ତାରିଖରେ ପ୍ରକାଶିତ କୋଇଲା ଖଣି ମାନକ ବିଜ୍ଞପ୍ତି ଅନୁଯାୟୀ ପୁରୁଣା ଓ ନୂଆ ଖଣିଗୁଡ଼ିକ କୋର୍ ଏରିଆରେ ପ୍ରଦୂଷଣ ରୋକିବା ପାଇଁ କି ପଦକ୍ଷେପ ଗ୍ରହଣ

**■ କେନ୍ଦ୍ର ମାର୍ଗଦର୍ଶନ ଅନୁପାଳନ ଯାଞ୍ଚ କରୁଛନ୍ତି କୋଇଲା ପିଏସ୍‌ୟୁ : କେନ୍ଦ୍ରମନ୍ତ୍ରୀ**

କରିବା ଉଚିତ ସେ ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ନ୍ୟାଶନାଲ୍ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡସ-୨୦୦୯ ବିଜ୍ଞପ୍ତି ଅନୁଯାୟୀ ଖଣିଗୁଡ଼ିକ ଚାରିପାଖରେ ଥିବା ବଫର୍ ଜୋନ୍‌ରେ ରକ୍ଷଣାବେକ୍ଷଣ ପାଇଁ ପରାମର୍ଶ ଦିଆଯାଇଛି। ଖଣି ଖନନ ଓ ବିକାଶ ସମୟରେ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାର ଅନୁପାଳନ କରାଯାଉଛି କି ନାହିଁ ତାହା କେନ୍ଦ୍ରୀୟ କୋଇଲା ପିଏସ୍‌ୟୁଗୁଡ଼ିକ ଯାଞ୍ଚ କରିଥାନ୍ତି। ଖଣି ଲିଜ୍‌ଧାରୀମାନେ ମଧ୍ୟ ପ୍ରତି ୬ ମାସରେ କେନ୍ଦ୍ର ସରକାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ରିପୋର୍ଟ ଦେଇଥାନ୍ତି। ଖଣି ଅଞ୍ଚଳରେ ଶିଳ୍ପାୟନ ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ମଧ୍ୟ କ୍ଷମତା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

**୩ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ**

**ଭୁବନେଶ୍ୱର,୪।୧୨ (ଅନିଲଦାସ)**

ମଧ୍ୟପ୍ରଦେଶ, ଛତିଶଗଡ ଓ ରାଜସ୍ଥାନ ପାଇଁ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ହୋଇଛି। ଏହି ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସକାଳେ ଟେଲିଫୋନ ଯୋଗେ କଥା ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ନବୀନ ପଟ୍ଟନାୟକ

# ତାଳଚେରରେ ହେବ ମେଡିକାଲ କଲେଜ

**ଭୁବନେଶ୍ୱର, ୪।୧୨ (ଅସମାପିକା ସାହୁ)**

ତାଳଚେରରେ ନୂଆ ମେଡିକାଲ କଲେଜ ହେବ। ଏହାର ନାମ ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ରହିବ। ଏ ନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଳଚେରରେ ବର୍ତ୍ତମାନ ମେଡିକାଲ କଲେଜ କରିବା ପାଇଁ ଏମ୍‌ସିଏଲ୍‌ର ନେହେରୁ ଶତାବ୍ଦୀ ହସ୍ପିଟାଲକୁ ରାଜ୍ୟ ସରକାର ନିଜ ଅଧୀନକୁ ନେଇଯାଇଛନ୍ତି। ଏଥିସହ ଏହି ହସ୍ପିଟାଲର ନାମ ପବିତ୍ର ମୋହନ ସରକାରୀ ହସ୍ପିଟାଲ ଭାବେ ନାମକରଣ କରିଛନ୍ତି। ଏହି ହସ୍ପିଟାଲ ଆଗକୁ ଟିଚିଂ ହସ୍ପିଟାଲ ଭାବେ କାର୍ଯ୍ୟ କରିବ। ତେଣୁ ଏହାର ନାମ ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଆଉ ଗୋଟିଏ ଦିନ ବଢ଼ିଲା କଟକ ବାଲିଯାତ୍ରା

**ଭୁବନେଶ୍ୱର,୪।୧୨(ଅନିଲଦାସ)**

କଟକର ଐତିହାସିକ ବାଲିଯାତ୍ରାକୁ ଆଉ ଗୋଟିଏ ଦିନ ବଢ଼ାଯାଇଛି। ଜନସାଧାରଣଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ଦିନ ପାଇଁ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ତ୍ତିକ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ବାଲିଯାତ୍ରା ସୋମବାର ଶେଷ ହୋଇଥାନ୍ତା। ହେଲେ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବାଲିଯାତ୍ରାର ଅବଧି ଆଉ ଦିନେ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବାଲିଯାତ୍ରା ଲୋକଙ୍କ ପାଇଁ ମୁଖ୍ୟ ଆକର୍ଷଣ ହୋଇଛି। ପ୍ରତ୍ୟେକ ଦିନ ଏଥିରେ ବିପୁଳ ଜନ ସମାଗମ ହେଉଛି। ଉପର ଏବଂ ତଳ ବାଲିଯାତ୍ରା ପଡ଼ିଆରେ ଲୋକଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଘରକରଣା ସାମଗ୍ରୀ ସହ ବିଭିନ୍ନ କିସମର ଜିନିଷ କିଣିବାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକ ଭିଡ଼ ଜମାଉଛନ୍ତି।







# ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**

**ବଲାଙ୍ଗୀର, ୪।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜର ଶେଷବର୍ଷ ଡାକ୍ତରୀ ଛାତ୍ର ଶ୍ରୀକାନ୍ତ ମହାନନ୍ଦିଆ(୨୪)ଙ୍କ ସୋମବାର ମୃତ୍ୟୁ ଘଟିଛି। ସେ କଲେଜ ହଷ୍ଟେଲରେ ରହୁଥିଲେ। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ମୃତ ଛାତ୍ର ଜଣକ ଅନୁଗୋଳ ଜିଲା ମାଧପୁରର ବୋଲି ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ ରବିବାର ରାତିରେ ମେଡିକାଲ କଲେଜ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୋଜିର ବ୍ୟବସ୍ଥା ହୋଇଥିଲା। ସେଠାରେ ଖାଇସାରିବା ପରେ ଶ୍ରୀକାନ୍ତ ନିଜ ରୁମ୍‌କୁ ଫେରିଥିଲେ। ତେବେ ରାତିରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ବାନ୍ତି କରିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତେବେ ଡାକ୍ତର ଚିକିତ୍ସା ଆରମ୍ଭ କରିଥିଲେ ମଧ୍ୟ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଯାଇଥିବା କୁହାଯାଇଛି। ପରିବାର ଲୋକେ ସୋମବାର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆସିଥିଲେ ମଧ୍ୟ ଶ୍ରୀକାନ୍ତଙ୍କ ମୃତ୍ୟୁକୁ ନେଇ ମୁହଁ ଖୋଲିନାହାନ୍ତି। ଏଭଳିକି ଶ୍ରୀକାନ୍ତଙ୍କ ସହପାଠୀ ଛାତ୍ରମାନେ ମଧ୍ୟ କିଛି କହିନାହାନ୍ତି। ଏ ନେଇ ବଲାଙ୍ଗୀର ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(୧୪୦/୨୩) ରୁଜୁ ହୋଇଛି। ଅପରାହ୍ନରେ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।



ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# କଥା ବେଶି, କାମ କମ୍

ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ଦୁବାଇରେ ୩୦ ନଭେମ୍ବରରୁ ଜାତିସଂଘ ଜଳବାୟୁ ସମ୍ମିଳନୀ କପ୍ ୨୮ ଆରମ୍ଭ ହୋଇଛି। ଏଥିରେ ସଦସ୍ୟ ଦେଶର ନେତା, ଜଳବାୟୁ କର୍ମକର୍ତ୍ତା ଓ ବିଭିନ୍ନ ସଂଗଠନ ଯୋଗଦେଇଛନ୍ତି। ଚଳିତ ବର୍ଷ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀରେ ଅକ୍ଷୟ ଶକ୍ତି ଉତ୍ପାଦନ ବଢ଼ାଇବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିବାବେଳେ ଏବେ କପ୍୨୮ରେ ଏହାର ବ୍ୟତିକ୍ରମ ଦେଖାଇଛି। ୨୦୩୦ ସୁଦ୍ଧା ଅକ୍ଷୟଶକ୍ତି ୩ ଗୁଣ ବୃଦ୍ଧି ଲକ୍ଷ୍ୟରେ କୋଇଲା ବ୍ୟବହାର ପର୍ଯ୍ୟାୟକ୍ରମେ ହ୍ରାସ କରିବା ଲାଗି କପ୍୨୮ରେ ଅଣାଯାଇଥିବା ସଙ୍କଳ୍ପପତ୍ରରେ ଭାରତ ସ୍ୱାକ୍ଷର କରିବାରୁ ଦୂରେଇ ଯାଇଛି। ଚାଇନା ମଧ୍ୟ ସମାନ ପ୍ରକାର ପଦକ୍ଷେପ ନେଇଛି। ଏଠାରେ ସୂଚିତ କରାଯାଇପାରେ ଯେ, ବିଶ୍ୱ ଅଙ୍ଗାରକ ନିର୍ଗମନ ହାରରେ ଆମେରିକା ଓ ଚାଇନା ପଛକୁ ଭାରତ ଅଛି। ଏହି ତିନି ଦେଶ ସହ ରୁଷିଆ, ଜାପାନ ଓ ଜର୍ମାନୀ ବିଶ୍ୱରେ ୬୦ ପ୍ରତିଶତରୁ ଅଧିକ ଅଙ୍ଗାରକ ନିର୍ଗମନ କରୁଛନ୍ତି। ଅନ୍ୟପକ୍ଷରେ ୟୁରୋପୀୟ ସଂଘ, ଆମେରିକା ଓ ୟୁଏଇ ସମେତ ୧୧୭ ଦେଶ ପର୍ଯ୍ୟାୟ କ୍ରମେ କୋଇଲା ବ୍ୟବହାର ହ୍ରାସ ଲାଗି ବୁଝାମଣା କରୁଛନ୍ତି। ଏହିସବୁ ପ୍ରତିଶ୍ରୁତି କେତେ ଫଳପ୍ରଦ ହେବ ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପୂର୍ବରୁ ଅନୁଷ୍ଠିତ ୨୭ଟି ଜଳବାୟୁ ସମ୍ପର୍କିତ ସମ୍ମିଳନୀରୁ କେତେ ଲାଭ ମିଳିଛି ତାହା ବିଶ୍ୱ ନେତୃବର୍ଗ ଭଲ ଭାବେ ଅବଗତ।

ସମସ୍ତେ ଜାଣନ୍ତି, ଚାଇନା ସର୍ବାଧିକ କୋଇଲାଭିତ୍ତିକ ଶକ୍ତି ଉତ୍ପାଦନକାରୀ ରାଷ୍ଟ୍ର। ବିଶ୍ୱରେ ବ୍ୟବହୃତ କୋଇଲା ମଧ୍ୟରୁ ଚାଇନା ୫୦.୫ ପ୍ରତିଶତ ବ୍ୟବହାର କରୁଥିବା ବେଳେ ଭାରତର ଭାଗ ରହିଛି ୧୧.୩ ପ୍ରତିଶତ। ସେହିପରି ଆମେରିକା ୮.୫ ପ୍ରତିଶତ ଏବଂ ଜର୍ମାନୀ ୩ ପ୍ରତିଶତ କୋଇଲା ବ୍ୟବହାର କରୁଛନ୍ତି। ଭାରତ ପରିପ୍ରେକ୍ଷୀରେ ଦେଖିଲେ ତା' ଚାହିଦାର ୭୩ ଭାଗ ଶକ୍ତି କୋଇଲାରୁ ପାଉଛି। ତେଣୁ କପ୍୨୮ରେ କୋଇଲାକୁ ପର୍ଯ୍ୟାୟ କ୍ରମେ ହ୍ରାସ କରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯେଉଁ ଡାକରା ଦିଆଯାଇଛି, ସେଥିରେ ଭାରତ ସହମତ ହୋଇପାରି ନାହିଁ। ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା ପର୍ଯ୍ୟାୟକ୍ରମେ କୋଇଲା ଉପଯୋଗକୁ ହ୍ରାସ କରିବା ଦୂରର କଥା, ଭାରତ ୬୫.୩ ଗିଗାୱାଟ କୋଇଲାଭିତ୍ତିକ ଶକ୍ତି ଉତ୍ପାଦନ ଲାଗି ଆଗକୁ ଯୋଜନା ରଖିଛି। ଯେପର୍ଯ୍ୟନ୍ତ ଉନ୍ନତ ଟେକ୍ନୋଲୋଜି ବ୍ୟବହାର କରି ଭାରତ ପାରମ୍ପରିକ ଉତ୍ସରୁ ଅଧିକ ସବୁଜ ଶକ୍ତି ଉତ୍ପାଦନ ନ କରିଛି, ସେଯାଏ କୋଇଲା ଭିତରେ ଘାଣ୍ଟି ହେଉଥିବ। କୋଇଲା କେଡ଼େ ମାରାତ୍ମକ ତାହା ଉତ୍ପାଦନ ହେଉଥିବା ଅଞ୍ଚଳର ବାସିନ୍ଦା ଅଙ୍ଗେ ନିଭାଉଛନ୍ତି। ଓଡ଼ିଶା ସମେତ ଦେଶରେ କୋଇଲାଭିତ୍ତିକ ପ୍ରଦୂଷଣ ଓ ନିର୍ଗମନର କୁପ୍ରଭାବ ଜନସାଧାରଣ ବିଶେଷକରି ଏହା ସ୍ଥାନୀୟ ଲୋକଙ୍କୁ ଅତିଷ୍ଠ କରୁଛି। କୋଇଲାରୁ ସର୍ବାଧିକ ଅଙ୍ଗାରକ ନିର୍ଗମନ ହେଉଛି। ଏଥିସହିତ କୋଇଲାଭିତ୍ତିକ କଳକାରଖାନାରୁ ଉତ୍ପନ୍ନ ଫ୍ଲାଏ ଆଶ୍ ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ପ୍ରଦୂଷଣକୁ ବଢ଼ାଇ ଦେଉଛି। ଏଭଳି ସ୍ଥଳେ ଯେଉଁ ଘରୋଇ ସଂସ୍ଥାଗୁଡ଼ିକ କୋଇଲା ବ୍ୟବହାର ଉପରେ ଅଧିକ ନିର୍ଭରଶୀଳ ରହୁଛନ୍ତି, ସେଗୁଡ଼ିକ ବିକଳ୍ପ ସବୁଜ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ଦେବା କଥା। ଏଥିସହିତ ସରକାର ମଧ୍ୟ ସେହି ବଡ଼ କମ୍ପାନୀଗୁଡ଼ିକ ଉପରେ ଏହି ଦିଗରେ କାର୍ଯ୍ୟ କରିବାକୁ ଚାପ ପକାଇବା ଦରକାର। କୌତୂହଳର ବିଷୟ ହେଲା, କପ୍ ୨୭ରେ ଭାରତ କହିଥିଲା ଯେ ୨୦୭୦ ସୁଦ୍ଧା ଦେଶକୁ ଶୂନ୍ୟ ନିର୍ଗମନ ସ୍ତରରେ ନେଇ ପହଞ୍ଚାଇବ। ହେଲେ କପ୍୨୮ ସଙ୍କଳ୍ପପତ୍ରରେ ଉଲ୍ଲିଖିତ ପର୍ଯ୍ୟାୟକ୍ରମେ କୋଇଲା ବ୍ୟବହାର ହ୍ରାସ ଦିଗରେ ଏବେ ଭାରତ ଅମଙ୍ଗ ହେବା ଉପରଲିଖିତ ଲକ୍ଷ୍ୟରୁ ବିଚ୍ୟୁତ ହୋଇଛି ବୋଲି କୁହାଯାଇପାରେ। ଯଦିଓ ଚାଇନା ଏହି ଚୁକ୍ତିରେ ସ୍ୱାକ୍ଷର କରିନାହିଁ, ତଥାପି ଏହା ସବୁଜ ଶକ୍ତି ଉତ୍ସ ଉପରେ ଗବେଷଣା କରି ନୂତନ ପଦକ୍ଷେପ ନେବାରେ ଲାଗିଲାଣି। ଭାରତ କେବଳ କଥାରେ କହିଲେ ହେବ ନାହିଁ। ଏବେଠାରୁ ବିଧିବଦ୍ଧ ଭାବେ ନୂଆ ଜ୍ଞାନକୌଶଳ ବ୍ୟବହାର କରି ଭାରତ ବିଶ୍ୱତାପନକୁ ଅଧିକ ଇନ୍ଧନ ନ ଯୋଗାଇବା ଲାଗି ଚେଷ୍ଟା କରିବା ଦରକାର। ଏଥିସହିତ ସବୁଜ ଶକ୍ତି ଉତ୍ସ ଉପରେ ପର୍ଯ୍ୟାପ୍ତ ପାଣ୍ଠି ସୃଷ୍ଟି କରି ସାଧାରଣରେ ତାହା ପ୍ରକାଶ କରିବା ଆବଶ୍ୟକ।

ବିଶ୍ୱତାପନ ସମ୍ପର୍କରେ ସବୁଠୁ ଉଦ୍‌ବେଗଜନକ ରିପୋର୍ଟ ପ୍ରକାଶ କରିଛି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି। ଏହା ସ୍ପଷ୍ଟ କରିଛି ଯେ, ଜୀବାଶ୍ମ ଇନ୍ଧନ ଯଥା କୋଇଲା, ତୈଳ ଏବଂ ଗ୍ୟାସର ଅତ୍ୟଧିକ ବ୍ୟବହାର ଯୋଗୁ ଚଳିତ ଶତାବ୍ଦୀ ଶେଷସୁଦ୍ଧା ବିଶ୍ୱତାପନ ୧.୫ ଡିଗ୍ରୀ ସେଲସିୟସକୁ ଟପିଯିବ। ଏହାର ପରିଣାମ ସ୍ୱରୂପ, ବିଶ୍ୱ ଜନସଂଖ୍ୟାର ଏକ ତୃତୀୟାଂଶ ଜଳ ପାଇପାରିବେ ନାହିଁ, ଖାଦ୍ୟ ଶୃଙ୍ଖଳ ବିଗିଡ଼ି ଯିବ, କେତେକ ଭୂଭାଗ ଜଳପ୍ଲାବିତ ହୋଇଯିବ ଓ ଅଧିକ ଲୋକ ବିସ୍ଥାପିତ ହେବେ। ତେଣୁ ଜଳବାୟୁ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଧନୀ ଏବଂ ଉଚ୍ଚ ବିକାଶଶୀଳ ଦେଶର ଅବହେଳାକୁ ଏଥିପାଇଁ ଦାୟୀ କରାଯାଇପାରେ। ଉଦାହରଣ ସ୍ୱରୂପ, କପ୍୧୫ରେ ଚୁକ୍ତି ମୁତାବକ ଧନୀ ଦେଶଗୁଡ଼ିକ ୨୦୨୦ ସୁଦ୍ଧା ପ୍ରତିବର୍ଷ ୧୦୦ ବିଲିୟନ ଆମେରିକୀୟ ଡଲାର ନିମ୍ନ ଆୟବର୍ଗ ଓ ବିକାଶଶୀଳ ଦେଶଗୁଡ଼ିକୁ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେମାନେ ଏହାକୁ ଏଯାବତ ପାଳନ କରିପାରିନାହାନ୍ତି। ସେମାନଙ୍କ ଅପାରଗତାକୁ ଲକ୍ଷ୍ୟ କରି ଆଫ୍ରିକୀୟ ଦେଶଗୁଡ଼ିକ ପ୍ରତିବର୍ଷ ଆଫ୍ରିକା ଜଳବାୟୁ ସପ୍ତାହ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏଥିରେ ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ର, ନାଗରିକ ସମାଜ ଓ ଅନ୍ତଃରାଷ୍ଟ୍ରୀୟ ସଂଗଠନଗୁଡ଼ିକ ଯୋଗ ଦେଉଛନ୍ତି। ବିଶେଷକରି ଚଳିତ ବର୍ଷ ସେପ୍ଟେମ୍ବରରେ କେନିଆରେ ଆୟୋଜିତ ଆଫ୍ରିକା ଜଳବାୟୁ ସମ୍ମିଳନୀ ଗୁରୁତ୍ୱବହନ କରିଛି। ଏହାବ୍ୟତୀତ ବ୍ରାଜିଲ ସ୍ୱତନ୍ତ୍ର ଭାବେ ଜଳବାୟୁ ସମ୍ମିଳନୀ ଆୟୋଜନ କରି ଏକ କାର୍ବନମୁକ୍ତ ଅର୍ଥବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଆସୁଛି। ଏହା ପରିବହନ କ୍ଷେତ୍ରରେ ଶତ ପ୍ରତିଶତ ଇଥାନଲ ବ୍ୟବହାର କରି ବିଶ୍ୱ ସମ୍ମୁଖରେ ଉଦାହରଣ ସୃଷ୍ଟି କରିଛି। କିନ୍ତୁ ଭାରତ ଏ କ୍ଷେତ୍ରରେ ବହୁ ପଛରେ ରହିଛି।

ବିଶ୍ୱ ନେତାମାନେ ଉଡ଼ାଜାହାଜରେ ଉଡ଼ି, ପଞ୍ଚତାରକା ହୋଟେଲରେ ରହି ଓ ଶୀତତାପ ନିୟନ୍ତ୍ରିତ ସମ୍ମିଳନୀରେ ସେଲ୍ଫି ଉଠାଇଲେ ଜଳବାୟୁ ସଙ୍କଟର ସମାଧାନ ହୋଇପାରିବ ନାହିଁ। ଏଥିଲାଗି ଲୋଡ଼ା ଦୃଢ଼ କାର୍ଯ୍ୟାନ୍ୱୟନ ପଦକ୍ଷେପ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 5 | | 1 | | | | | |
| | | 9 | | 4 | | | | 2 |
| | | | | 9 | | 4 | | |
| 6 | 8 | | | 1 | | | | |
| | | 2 | 8 | | | 5 | | |
| 4 | | | | | | | 3 | 1 |
| | | | 3 | | | | 6 | |
| | | | | | | | 7 | |
| | 1 | 3 | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 3 | 2 | 5 | 1 | 9 | 7 | 6 |
| 1 | 2 | 6 | 4 | 7 | 9 | 5 | 8 | 3 |
| 9 | 5 | 7 | 8 | 6 | 3 | 2 | 1 | 4 |
| 8 | 4 | 2 | 3 | 1 | 5 | 7 | 6 | 9 |
| 3 | 6 | 9 | 7 | 8 | 2 | 4 | 5 | 1 |
| 7 | 1 | 5 | 6 | 9 | 4 | 8 | 3 | 2 |
| 6 | 3 | 4 | 5 | 2 | 7 | 1 | 9 | 8 |
| 2 | 7 | 1 | 9 | 3 | 8 | 6 | 4 | 5 |
| 5 | 9 | 8 | 1 | 4 | 6 | 3 | 2 | 7 |

ଗତକାଲିର ଉତ୍ତର

# ଅନେକ କଥା ଓ ବ୍ୟଥା



ବୃହସ୍ପତି ସାମଲ

ପରିବାରବାଦ ବିଷୟରେ ଆଲୋଚନା କରିବା ପୂର୍ବରୁ ସଦ୍ୟ ସମାପ୍ତ ଏସିଆନ ଗେମ୍ସର ପଦକ ବିଜେତା ହରମିଲନ ବେନ୍ସଙ୍କ କଥା ମନକୁ ଆସେ। ସେ ୮୦୦ ଓ ୧୫୦୦ ମିଟର ଦୌଡ଼ରେ ରୌପ୍ୟପଦକ ଜିତି ଭାରତ ପାଇଁ ଗୌରବ ଆଣିଛନ୍ତି। ୨୦୦୨ ଏସିଆନ ଗେମ୍ସରେ ୮୦୦ ମିଟର ଦୌଡ଼ର ରୌପ୍ୟପଦକ ବିଜେତା ମାଧୁରୀ ସାକ୍ସେନା ଓ ସାଉଥ ଏସିଆନ ଗେମ୍ସ ପଦକ ବିଜେତା ଅମନଦୀପ ସିଂ ବେନ୍ସଙ୍କ ୨୫ ବର୍ଷୀୟା କନ୍ୟା ହେଲେ ହରମିଲନ । ୫୦୦୦ ମିଟର ଜାତୀୟ ରେକର୍ଡର ଅଧିକାରିଣୀ ହୋଇ ୧୯୯୬ରୁ ପଞ୍ଜାବ ରାଜ୍ୟ ବିଦ୍ୟୁତ୍ ବୋର୍ଡରେ କାମ କରୁଥିବା ବେଳେ ଏକ ଅଭିଯୋଗର ଶିକାର ହୋଇ ୩ ମାସର ଗର୍ଭବତୀ ଥିବା ମାଧୁରୀ ନିଜକୁ ପ୍ରମାଣିତ କରିବା ପାଇଁ ଦୌଡ଼ିଥିଲେ। ତେଣୁ ମାଧୁରୀ କହନ୍ତି, ହରମିଲନଙ୍କ ପ୍ରଶିକ୍ଷଣ ଗର୍ଭାବସ୍ଥାରେ ଆରମ୍ଭ ହେଇଥିଲା ଯାହା ଆଜି ତାକୁ ସଫଳତାର ଶୀର୍ଷରେ ପହଞ୍ଚାଇଛି। ଅଧିକନ୍ତୁ, ତାଙ୍କର ୧୭ ବର୍ଷର ପୁଅ ସନ୍ଦୀପ ସିଂ ବେନ୍ସ ୧୦ ମିଟର ରାଇଫଲ ଶୁଟିଂ ପାଇଁ ଏବେ ଅଭ୍ୟାସରତ ଥିବାରୁ ତାଙ୍କର ପୂରା ପରିବାର ଖେଳ ପାଇଁ ଉତ୍ସର୍ଗୀକୃତ। ଅତଏବ, ଜଣକର ପାରିବାରିକ ପୃଷ୍ଠଭୂମି ତା'ର ଭବିଷ୍ୟତ ଗଢ଼ିବାରେ ଯେ ଯଥେଷ୍ଟ ମହତ୍ତ୍ୱ ରଖେ, ଏଥିରେ ସନ୍ଦେହ ନାହିଁ ଯାହା ହରମିଲନଙ୍କ ସଫଳତାରୁ ପ୍ରମାଣିତ।

ହରମିଲନଙ୍କ ସଫଳତାରୁ ମହାଭାରତର ଅଭିମନ୍ୟୁଙ୍କ ଜନ୍ମବୃତ୍ତାନ୍ତ ମନେପଡ଼େ। ଶ୍ରେଷ୍ଠ ଧନୁର୍ଦ୍ଧର ମହାଯୋଦ୍ଧା ତୃତୀୟ ପାଣ୍ଡବ ଅର୍ଜୁନ ଏବଂ ଶ୍ରୀକୃଷ୍ଣଙ୍କ ଭଗିନୀ ବୀରାଙ୍ଗନା ସୁଭଦ୍ରାଙ୍କ ସୁପୁତ୍ର ଅଭିମନ୍ୟୁ ମାତୃଗର୍ଭରୁ ଚକ୍ରବ୍ୟୂହ ଭେଦ ବିଦ୍ୟା ଶିଖିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ। ଏହାସହ ମାମୁ କୃଷ୍ଣ ବଳରାମ ଓ ଯାଦବ ସେନାଙ୍କଠାରୁ ଯୁଦ୍ଧବିଦ୍ୟା ଆହରଣ କରିଥିଲେ ବୋଲି ମହାଭାରତରେ ଉଲ୍ଲେଖ ଅଛି । ଯିଏ ଯେଉଁ ପରିବେଶରେ ବଢ଼ିବ, ପଢ଼ିବ, ତା'ର ଚରିତ୍ର ଓ ଭବିଷ୍ୟତ ସେହିଭଳି ଗଢ଼ିହେବ। ତେଣୁ ଯୋଦ୍ଧାର ସନ୍ତାନ ଯୋଦ୍ଧା ହେବାରେ କିଛି ଅସ୍ୱାଭାବିକତା ନାହିଁ। ଯାହା ବାପ ଘୋଡ଼ାଚଢ଼ା, ତା'ର ପୁଅ ଥୋଡ଼ା ଥୋଡ଼ା। ପିତାମାତା, ଗୁରୁ, ଗୁରୁଜନଙ୍କ ଭଳି ଆଖପାଖରେ ଥିବା ଶ୍ରେଷ୍ଠ ପୁରୁଷମାନେ ଯେଉଁ ଆଚରଣ କରନ୍ତି ବା ଯାହା କିଛି ପ୍ରମାଣ କରନ୍ତି, ଲୋକେ ତାକୁ ଅନୁସରଣ କରନ୍ତି। ଶ୍ରୀମଦ୍‌ଭଗବଦ୍ ଗୀତା (୩/୨୧) କହନ୍ତି, ''ଯଦ୍ୟଦା ଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ, ସ ଯ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ।'' ଅତଏବ, ଖେଳାଳିଙ୍କ ପିଲାମାନେ ଖେଳାଳି ହେବାରେ, ଚିତ୍ରଶିଳ୍ପୀଙ୍କ ପିଲାମାନେ ଚିତ୍ରଶିଳ୍ପୀ ହେବାରେ, ମନୋରଞ୍ଜନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପିଲାମାନେ ସେହି କ୍ଷେତ୍ରକୁ ଆପଣେଇବାରେ, ଡାକ୍ତରୀ, ଇଞ୍ଜିନିୟରିଂ, ଅଧ୍ୟାପନା କ୍ଷେତ୍ରରେ



ଥିବା ବ୍ୟକ୍ତିବିଶେଷଙ୍କ ପିଲାମାନେ ସେହିସବୁ ନିର୍ଦ୍ଦିଷ୍ଟ ବୃତ୍ତିରେ ରୁଚି ରଖିବାରେ, ବ୍ୟବସାୟୀଙ୍କର ପିଲାମାନେ ଭବିଷ୍ୟତରେ ନିଜ ପାରିବାରିକ ବ୍ୟବସାୟର ଦାୟିତ୍ୱ ସମ୍ଭାଳିବାରେ ଏବଂ ସର୍ବୋପରି ରାଜନେତାମାନଙ୍କ ପିଲାମାନେ ରାଜନୀତିକୁ ନିଜର ପେସା କରିବା ନିହାତି ସ୍ୱାଭାବିକ। କାରଣ, ପରିବାର ହିଁ ଗୋଟେ ଶିଶୁର ପ୍ରାରମ୍ଭିକ ଶିକ୍ଷାକ୍ଷେତ୍ର ଓ ମାତାପିତା ପ୍ରଥମ ସାଙ୍ଗସାଥୀ ହୋଇଥିବାରୁ ନିଜ ପରିବାରର ରୀତିନୀତି, ଚାଲିଚଳନ, କାମଧନ୍ଦା ସବୁ କିଛି ତା'ର ରୁଚିକୁ ଯଥେଷ୍ଟ ପ୍ରଭାବିତ କରିଥାଏ। କିନ୍ତୁ ସ୍ୱତଃପ୍ରବୃତ୍ତ ଭାବେ ପାରିବାରିକ ବୃତ୍ତି ବା ପେସାକୁ ଆପଣେଇ ଆଗକୁ ବଢ଼ିଲେ ତାକୁ ପରିବାରବାଦର ଆଖ୍ୟା ଦେବା ସମୀଚୀନ ନୁହେଁ। ଅବଶ୍ୟ ଏ କଥାରେ ଆଦୌ ଦ୍ୱିମତ ନାହିଁ ଯେ କୌଣସି ନିର୍ଦ୍ଦିଷ୍ଟ ପେସା ବା ବୃତ୍ତିରେ ଥାଇ ଯୋଗ୍ୟତା ଓ ରୁଚି ନ ଥିବା ନିଜର ସମ୍ପର୍କୀୟମାନଙ୍କୁ ଅପ୍ରତ୍ୟାଶିତ ଭାବେ ସେହି କ୍ଷେତ୍ରରେ ପ୍ରୋତ୍ସାହିତ କରି ବିଭିନ୍ନ ସୁବିଧାସୁଯୋଗ ଓ ପଦପଦବୀ ପ୍ରଦାନ ପୂର୍ବକ ଲାଭଦାୟୀ କରେଇବା ହିଁ ପରିବାରବାଦ ବା ବଂଶବାଦର ଅସଲ ପରିଭାଷା।

ହରମିଲନଙ୍କ ସଫଳତାକୁ ପରିବାରବାଦର ଆଖ୍ୟା ଦେବା ସମ୍ପୂର୍ଣ୍ଣ ଭୁଲ୍। ୭୫ଟି ପରିବାର ବିଶିଷ୍ଟ ଉତ୍ତରପ୍ରଦେଶର ଏକ ଛୋଟ ଗାଁ ମାଧୋପଟ୍ଟିରୁ କେନ୍ଦ୍ର ଲୋକ ସେବା ଆୟୋଗ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଏ ଯାବତ ୪୭ ଜଣ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ଓ ଆଇଆର୍ଏସ୍ ଅଧିକାରୀ ଭାବେ କାର୍ଯ୍ୟରତ। କେବଳ ବିନୟ ସିଂ(ବିହାରର ପୂର୍ବତନ ମୁଖ୍ୟ ଶାସନ ସଚିବ)ଙ୍କ ପରିବାରର ୫ ଭାଇ ଏହି ବିରଳ ସଫଳତାର ଅଧିକାରୀ। ପ୍ରଥମ ମହିଳା ଆଇଏଏସ୍ ଟପ୍ପର (୨୦୦୩) ଓଡ଼ିଶାର ରୂପା ମିଶ୍ର ମଧ୍ୟ ସେହିଭଳି ଏକ ପରିବାରରେ ଜନ୍ମ। ସେହିପରି ସୁନୀଲ ଗାଭାସ୍କର କିମ୍ବା ସଚିନ ତେନ୍ଦୁଲକରଙ୍କ ପିଲାମାନେ କ୍ରିକେଟ ଖେଳିବା, ସମ୍ପୂର୍ଣ୍ଣ କପୁର ଖାନ୍‌ଦାନ ସହ ଧର୍ମେନ୍ଦ୍ର, ଜିତେନ୍ଦ୍ରଙ୍କ ଭଳି ଅନେକ ପରିବାର ଚଳଚ୍ଚିତ୍ର ଓ ମନୋରଞ୍ଜନ ଶିଳ୍ପରେ ରାଜ୍ କରିବା, ବିର୍ଲା, ଅମ୍ବାନୀଙ୍କ ଭଳି ଅନେକ ପ୍ରତିଷ୍ଠିତ ଶିଳ୍ପପତି ଓ ବ୍ୟବସାୟୀ ବଂଶାନୁକ୍ରମିକ ଭାବେ ସେମାନଙ୍କର ବ୍ୟବସାୟକୁ ଆଗକୁ ବଢ଼ାଇବାକୁ କେହି ପରିବାରବାଦର ଆଖ୍ୟା ଦେଇ ସମାଲୋଚନା କରୁନାହାନ୍ତି।

ଭାରତ ବ୍ୟତୀତ ପରିବାରବାଦର ଚେର ଇଣ୍ଡୋନେସିଆ, ମରିସସ୍, ମାଲେସିଆ, ରୋମାନିଆ, ସିଙ୍ଗାପୁର, ଶ୍ରୀଲଙ୍କା, ସ୍ପେନ୍, ୟୁକେ, ଆମେରିକା, ଭେନେଜୁଏଲା ଓ ଜିମ୍ବାୱେ ଭଳି ବହୁ ରାଷ୍ଟ୍ରରେ କାୟାବିସ୍ତାର କରିଛି। କିନ୍ତୁ ବର୍ତ୍ତମାନ ଭାରତବର୍ଷର ରାଜନୈତିକ କ୍ଷେତ୍ରରେ ପରିବାରବାଦକୁ ନେଇ ଏକ ଦୁର୍ଭାଗ୍ୟପୂର୍ଣ୍ଣ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ରାଜନୈତିକ ବାତାବରଣ ଏବେ ବ୍ୟକ୍ତିକୈନ୍ଦ୍ରିକ ଆରୋପ ପ୍ରତ୍ୟାରୋପରେ ଭରପୂର ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଉଦାହରଣ ସ୍ୱରୂପ, ଏକ ରାଜନୈତିକ ପରିବାରରୁ ଆସିଥିବା ରାହୁଲ ଗାନ୍ଧୀ ରାଜନୀତିରେ ଆଗକୁ ବଢ଼ିବା ପରିବାରବାଦ ବୋଲି ଜୋର୍‌ଦାର ଅପପ୍ରଚାର କରାଯାଉଛି, ଯାହା ନିଶ୍ଚିତ ଭାବେ ଅଶୋଭନୀୟ । ଏଠି କହି ରଖିବା ଉଚିତ ହେବ ଯେ ଏ ଲେଖକ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ରାଜନୈତିକ ଦଳର ସମର୍ଥକ ନୁହନ୍ତି। କହିବାର କଥା, ପରିବାରବାଦ ରାଜନୀତିଠୁ ଆରମ୍ଭକରି, ଖେଳକୁଦ, ମନୋରଞ୍ଜନ, ଅଧ୍ୟାପନା, ବ୍ୟବସାୟ, ନ୍ୟାୟପାଳିକା, ସାଙ୍ଗଠନିକ, ନିଯୁକ୍ତି ଓ ଧର୍ମୀୟ କ୍ଷେତ୍ରାଦିରେ ଦୃଷ୍ଟିଗୋଚର ହେଉଛି।

ଭାରତରେ ପରିବାରବାଦର ଯେଉଁ ନୂଆ ପରିଭାଷା ସୃଷ୍ଟି କରାଯାଉଛି, ତାହା ଅଧିକାଂଶ ଜନସାଧାରଣଙ୍କୁ ବ୍ୟଥିତ କରିବା ସହ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାର ବିରୋଧାଭାସ କରୁଛି। 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି' ନ୍ୟାୟରେ କିଛି ନିର୍ଦ୍ଦିଷ୍ଟ ଦଳର ଅନେକ ନେତାଙ୍କ ପୁଅ ପୁତୁରା, ଜ୍ଞାତିକୁଟୁମ୍ବ ପଛ ଦରଜାରେ ରାଜନୀତି ତଥା ଅନ୍ୟାନ୍ୟ କ୍ଷେତ୍ରରେ ପ୍ରବେଶକରି ବହୁ ଲାଭଦାୟକ ପଦପଦବୀରେ ଅବସ୍ଥାପିତ। ଯୋଗ୍ୟତା ନ ଥାଇ ସେମାନେ ଅଖଣ୍ଡ କ୍ଷମତାର ଅଧିକାରୀ । ଶେଷରେ କହିରଖିବା ଉଚିତ ହେବ ଯେ କେବଳ କେତୋଟି ଜାତୀୟ ଦଳ ନୁହନ୍ତି, ରାଷ୍ଟ୍ରୀୟ ଜନତା ଦଳ, ରାଷ୍ଟ୍ରୀୟ ଲୋକଦଳ, ସମାଜବାଦୀ ପାର୍ଟି, ଶିବସେନା, ତେଲଙ୍ଗାନା ରାଷ୍ଟ୍ର ସମିତି, ଶିରୋମଣି ଅକାଳି ଦଳ, ଡିଏମ୍‌କେ, ଜନତା ଦଳ(ସେକୁଲାର), ଜେଏମ୍ଏମ୍, ଏନ୍‌ସିପି, ଏନ୍‌ପିପି, ଜମ୍ମୁ କଶ୍ମୀର ନ୍ୟାଶନାଲ କନ୍‌ଫରେନ୍ସ, ଜମ୍ମୁ କଶ୍ମୀର ପିପୁଲ୍ସ ଡେମୋକ୍ରାଟିକ ପାର୍ଟି ଓ ଇଣ୍ଡିଆନ ନ୍ୟାଶନାଲ ଲୋକଦଳ ଭଳି ଅନେକ ଆଞ୍ଚଳିକ ରାଜନୈତିକ ଦଳ ବଂଶବାଦର ରାଜନୀତିରେ ନିପୁଣ। ତେଣୁ ପରିବାରବାଦ ଆଳରେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନିଶାଣ କରା ନ ଯାଉ କିମ୍ବା ଭାରତର ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାକୁ କଳୁଷିତ କରା ନ ଯାଉ। ଯୋଗ୍ୟ ବ୍ୟକ୍ତି ପାଇଁ ପରିବାରବାଦର କଳଙ୍କ ମୂଲ୍ୟହୀନ। କେବଳ ରାଜନୀତି ନୁହେଁ, ସବୁ କ୍ଷେତ୍ରରେ ଯୋଗ୍ୟତାର ସୁସ୍ୱାଗତ ହେବା ବିଧେୟ।

ପଦ୍ମପୁର, କେନ୍ଦୁଝର
ମୋ:୯୪୩୭୦୨୨୬୬୯

# କେହି ନାହିଁ କିଛି ନାହିଁ



ଶୁଭନାରାୟଣ ଶତପଥୀ

ପ୍ରାଚୀନଠାରୁ ବର୍ତ୍ତମାନ, ପୁରାଣଠାରୁ ବିଜ୍ଞାନ, ଗର୍ଭଠାରୁ ସ୍ୱର୍ଗ, ପ୍ରତି ମଣିଷ ହିଁ ଏକାକୀ ବୋଲି ପ୍ରମାଣିତ। ଏଠି ଗୋଷ୍ଠୀ, କୁଟୁମ୍ବ, ଗ୍ରାମ ଏକ ମାଧ୍ୟମ। ମାୟାର ଆୟାମ। ସାମାଜିକ, ଅର୍ଥନୈତିକ ଚଳଣିକୁ ନେଇ ମଣିଷ ସବୁ କିଛି ପାଏ ବୋଲି ଉପଲବ୍ଧିକରେ। ସେହି ଆଶାକୁ ତା'ର ଉତ୍ତରପିଢ଼ି ବଜାୟ ରଖନ୍ତି। ଚାରିପାଖରେ ଥିବା ପରିବେଶ, ଲୋକ, ଚାରିତ୍ର, ବ୍ୟବହାର, ସହଯୋଗ, ମଣିଷର ଏକାକିତ୍ୱକୁ ଅନୁଭବ କରିବାକୁ ଦିଏନା। ଏକ ସାମାଜିକ ପ୍ରାଣୀ ଭାବରେ ଏପରି ଅନୁଭବ କରିବା ଓ ଅଭିଜ୍ଞତା ରହିବା ସ୍ୱାଭାବିକ। ତେବେ ଯେତେବେଳେ ଏକ ପରିସ୍ଥିତିରେ ମଣିଷ ଆଉ ଗୋଟିଏ ମଣିଷକୁ ନିଜର ଭାବିନିଏ ଓ ସେହି ମଣିଷ ଦ୍ୱୟ କୌଣସି କାରଣରୁ ପରସ୍ପରଠାରୁ ଦୂରେଇଯାଆନ୍ତି ସେତେବେଳେ ଏକାକୀପଣର ଅନୁଭବ ହୁଏ। ସେହି ଏକକୀପଣ ମଣିଷକୁ ଅସୁଖୀ ବା ଉଦାସ କରିପାରେ। ତେବେ ଏହା ଜରୁରୀ ନୁହେଁ ଯେ, ଜଣେ ଏକାକୀପଣରେ ନିଜକୁ ବଦଳାଇଦିଏ। କହିବାକୁ ଗଲେ ଏକାକୀପଣ ଏମିତି ଏକ ଅବସ୍ଥା ଯେତେବେଳେ କାହାରି ସହଯୋଗ, ସଙ୍ଗ ଖୋଜିଥାଉ କିନ୍ତୁ ମିଳି ନ ଥାଏ। ଆଉ ଏକାନ୍ତ ହେଉଛି ନିଜର ଅନ୍ତରାତ୍ମା ଉପରେ ଦୃଷ୍ଟି ନିକ୍ଷେପ କରିବା। ଏହାକୁ ବୁଝିବାକୁ ହେଲେ ବାସ୍ତବରେ କେଉଁ ଜିନିଷ ବା ଆବଶ୍ୟକତା ମଣିଷ ପାଇଁ ମୂଲ୍ୟବାନ୍ ତାହାର ମୂଲ୍ୟାଙ୍କନକରି ସେହି ଅନୁସାରେ ନିଜର ଦୈନିକ ଗତିବିଧିକୁ ବ୍ୟବସ୍ଥିତ କରିବା ଜରୁରୀ। ଏଣୁ ଶ୍ରୀମଦ୍ ଭାଗବଦ୍ ଗୀତାରେ କୁହାଯାଇଛି ଯେ, ଏକାନ୍ତ ହେଉଛି ଜ୍ଞାନର ଏକ ବିଶେଷଣ। ଏକାନ୍ତ ଆମକୁ ସେହି ଜୀବନପାଠର ନିକଟତର ହେବାକୁ ଶିଖାଏ ଯାହା ଭିତରେ ଆମର ଦୈନନ୍ଦିନ ଅନୁଭବ ଲୁଚି ରହିଥାଏ। ଏହି ପାଠ ନିକଟରେ ଆମେ ସେତେବେଳେ ପହଞ୍ଚିପାରିବା, ଯେତେବେଳେ ଆତ୍ମାନୁଭବ କରିବାକୁ ଚେଷ୍ଟା କରିବା। ଏହା କଲେ ନିଜକୁ ନିରନ୍ତର ପାରିପାର୍ଶ୍ୱିକ, ସାମାଜିକ ଯୋଗାଯୋଗ ଓ କଥାବାର୍ତ୍ତାରୁ ଛୁଟି ମିଳିବ।

ଅପରପକ୍ଷରେ ଅଭିଜ୍ଞତା କୁହେ ସୁଖ ବେଳେ ସାଥୀ ବେଶି, ଦୁଃଖ ବେଳେ କେହି ନାହିଁ କିଛି ନାହିଁ। ଦୁଃଖର ସହଭାଗୀ ଯେ ପ୍ରକୃତ ସାଥୀ ଏକଥା ସୁଖବେଳରେ ମଣିଷ ଭୁଲିଯାଇଥାଏ। ଦୁଃଖସୁଖର ସାଥୀକୁ ନେଇ ମଣିଷ ଭୌତିକ ଜୀବନରେ ସାମାଜିକ ପ୍ରାଣୀ ଭାବରେ ବଞ୍ଚିବାର ବାଟକୁ ବାଛିନିଏ ସତ, ବାସ୍ତବରେ ଦୁଃଖବେଳେ ସେହି ସାଥୀ, ସାଙ୍ଗରେ ରହିବ କି ନା ତା'ର ନିଶ୍ଚିତ ପୂର୍ବରୁ କରିବା କଷ୍ଟକର ବ୍ୟାପାର। ମଣିଷର ପରିବାର ହେଉଛି ତା'ର ଆପଣାର ସ୍ଥାନ ଏବଂ ସେଠାରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ତା'ର ଆତ୍ମୀୟ। ସମ୍ପ୍ରତି ମଣିଷ ଏକକ ପରିବାରକୁ ସୁବିଧାଜନକ କହି ଯୌଥ ପରିବାରକୁ ଖଣ୍ଡବିଖଣ୍ଡ କରୁଛି। ପରିଣତ ବୟସରେ ବୃଦ୍ଧାବୃଦ୍ଧଙ୍କ ହାତ ଛାଡ଼ି ଦେଉଛନ୍ତି ଅଧିକାଂଶ ପୁଅଝିଅ କିମ୍ବା ପରିବେଶ ପରିସ୍ଥିତି ସହିତ ଖାପ ନ ଖୁଆଇ ଏକାକୀ ରହିବାକୁ ପସନ୍ଦ କରୁଛନ୍ତି। ପସନ୍ଦ ଅନୁସାରେ କାର୍ଯ୍ୟ କରୁଥିବା ମଣିଷ କେବେ ନିଜର ଦିବ୍ୟାଙ୍ଗ ଶିଶୁ, ଅବିବାହିତ ମାତୃତ୍ୱର ସନ୍ତକକୁ ପରିତ୍ୟକ୍ତ କରୁଛି ତ ଆଉ କେବେ ଜନ୍ମ ଦେଇଥିବା ନିଜର ବୃଦ୍ଧ ପିତାମାତାଙ୍କୁ।



ଦେଖାଯାଏ ପାଖରେ ସର୍ବବିଧ ସୁବିଧା ଥାଇ ମଧ୍ୟ ପରମ୍ପରାର ବା ସେବା ଆବଶ୍ୟକତାର ସୁଯୋଗ ନେଇ ଛଳନାତ୍ମକ ଭାବେ ତୀର୍ଥସ୍ଥାନରେ କିମ୍ବା ଡାକ୍ତରଖାନାରେ ଛାଡ଼ିଦେଇଆସନ୍ତି ଏମାନଙ୍କୁ। ତା'ଛଡ଼ା ସାଙ୍ଗସାଥୀ ନାଁରେ ଧୋକାର ଖବର ପୃଷ୍ଠାମଣ୍ଡନ କରୁଛି ଖବରକାଗଜ। ଏ ଘଟଣା ସବୁ ଗୋଷ୍ଠୀର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସ୍ୱାର୍ଥ ପାଇଁ ଲଢ଼େଇ କରିବାକୁ ଯାଇ ଏମିତିକା ପଥକୁ ଅନୁସରଣ କରୁଛି ମଣିଷ। ସ୍ୱାମୀ ସ୍ତ୍ରୀ, ପିତାମାତା ସନ୍ତାନ ଆଦି ସ୍ୱର୍ଗୀୟ ସମ୍ପର୍କକୁ ଭୁଲିଯାଉଛି। ଭୁଲିଯାଉଛି ସହଯୋଗକୁ, ଉପକାରକୁ, ବନ୍ଧୁତ୍ୱକୁ ଓ ବସୁଧୈବ କୁଟୁମ୍ବକମ୍‌ର ପରିଭାଷାକୁ। ରକ୍ତଗତ ସମ୍ପର୍କକୁ ପରିତ୍ୟକ୍ତ କରୁଥିବା ବ୍ୟକ୍ତି କେବେ କାହାର ହୋଇପାରେନା। ସେ ବିପରୀତ ପରିସ୍ଥିତିରେ ଆଗରୁ ଏକାକୀ ଥିଲା ଆଉ ଆଜିବି ଏକାକୀ। କିଛି ନାହିଁ କେହି ନାହିଁ।

ମାଉସୀ ଜଣକ ସେଦିନ ମିଡିଆବାଲାଙ୍କ ପ୍ରଶ୍ନର ଉତ୍ତର ଦେଉଦେଉ କହିପକାଇଲେ, ଆମ ପାଇଁ କେହି ନାହିଁ କିଛି ନାହିଁ। ତା'ପରେ ମାଉସୀଙ୍କ ଏହି ଖଣ୍ଡ ବାକ୍ୟ ହେଲା ଭାଇରାଲ। ବିଜୁଳିବେଗରେ ସାମାଜିକ ଗଣମାଧ୍ୟମରେ ଘୂରିବୁଲିଲା ରାପ୍ ସଙ୍ଗୀତର ରୂପ ନେଇ। ଏହି ଅଭିମାନ ଆପ୍ତବାକ୍ୟର ସାରମର୍ମକୁ କିଛି ଲୋକ ବୁଝନ୍ତୁ ବା ନ ବୁଝନ୍ତୁ ଏବେ ବ୍ୟବହାର କରିବାରେ ଲାଗିପଡ଼ିଛନ୍ତି। ଆଉ କେହି କେହି ସେହି ଭାଇରାଲ ହେଉଥିବା ଭିଡିଓଟିର ମଜା ନେଉଛନ୍ତି ଓ ତାହାକୁ ବିଭିନ୍ନ ଢଙ୍ଗରେ ପରିବେଷଣ କରୁଛନ୍ତି। ବାସ୍ତବରେ ମାଉସୀ କହିଥିବା ଏହି ପଦକ କଥାରେ ଜୀବନ ଦର୍ଶନ ଭରି ହୋଇରହିଛି। ବିଭିନ୍ନ ପ୍ରଲୋଭନ, ଆଶା ଦେଇ ବାନ୍ଧି ରଖୁଥିବା ମଣିଷ ସମ୍ପର୍କର ଭାଷା ବୁଝେନା। ସଭିଁଏ ଜାଣନ୍ତି ଏହି ପ୍ରକ୍ରିୟା ସାମୟିକ। ସେହି ସାମୟିକ ଫାଇଦା ହିଁ ତା' ପାଇଁ ସମ୍ପର୍କର ମୂଲ୍ୟବୋଧ। ସେମାନେ ସ୍ୱାର୍ଥ ପାଇଁ ଅଭିନୟ କରନ୍ତି। ଏଣୁ ଏ ମାନସିକତାସମ୍ପନ୍ନ ଲୋକଙ୍କର କେହି ନିଜର ନୁହନ୍ତି। ତାଙ୍କ ପାଇ କୌଣସି ଜିନିଷର କିଛି ମୂଲ୍ୟ ନାହିଁ। ଏପରି ସମ୍ପର୍କ ସହ ଜଡ଼ିତ ବ୍ୟକ୍ତି ଶେଷରେ କହିଥାଏ, ମୁଁ କାହାରି ନୁହେଁ କି ମୋର କେହି ନାହାନ୍ତି। ମନେପଡ଼େ ମଧୁସୂଦନ ରାଓଙ୍କ କାବ୍ୟୋକ୍ତି 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ'। ବାସ୍ତବ ଜୀବନର ଏ ହେଉଛି ସମ୍ପର୍କ ମାୟାଜାଲ। ଏ ମାୟାଜାଲରେ ଛନ୍ଦିହୋଇଥିବା ପ୍ରତ୍ୟେକ ମଣିଷ ଜଣେ ଜଣେ ଅଭିନେତା। ତା' ଭିତରେ ପୁଣି ଛଳନା ହେଉଛି ହାସ୍ୟାସ୍ପଦ। କ୍ଷମତା, ଶକ୍ତି, ପ୍ରତିପତି ସାମୟିକ। କାଳର ଗତିରେ କବଳିତ ମଣିଷ କାଳକୁ ନିୟନ୍ତ୍ରଣ କରିବା ଏକ ବୃଥା ପ୍ରୟାସ। ଏଣୁ ଯଥାର୍ଥରେ କୁହାଯାଇଛି 'ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟ ଡୋରି, ନିଜ ଭାଗ୍ୟ ଡୋରି କାଳ ହସ୍ତେ ବନ୍ଧା ପକାନ୍ତି ହେଲେ ପାସୋରି'। କାଳର ଗତିରେ ପ୍ରତ୍ୟେକ ମଣିଷ ସାମାଜିକ ସନ୍ତୁଳନ, ଆତ୍ମିକ ଅନୁଶୀଳନ କରିବା ଜରୁରୀ। ସ୍ଥିର ଚିତ୍ତରେ ଅନ୍ତରର ଶତ୍ରୁ ସହ ଲଢ଼ିଲେ ନିଜ ଉପରେ ନିୟନ୍ତ୍ରଣ ପ୍ରାପ୍ତି ହେବ ଓ ଦିବ୍ୟ ଅନୁଭୂତି ପ୍ରାପ୍ତହେବ। ଅଭିମାନ ଛାଡ଼ି ସ୍ୱାଭିମାନକୁ ଆପଣାଇଲେ ମଣିଷ ବୁଝିପାରିବ ବାସ୍ତବରେ 'କେହି ନାହିଁ କିଛି ନାହିଁ'ର ସାରମର୍ମକୁ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ–୯୪୩୮୪୩୨୦୨୩

## ଏଇ ଭାରତରେ

ଅସହାୟଙ୍କ ଓଠରେ ହସ ଖେଳାଇବା ଲାଗି ନିଜ ଆୟର ଅଧାରୁ ଅଧିକ ଖର୍ଚ୍ଚ କରୁଛନ୍ତି ପଶ୍ଚିମବଙ୍ଗର ଅର୍ପଣ ବାନାର୍ଜୀ। ୨୨ ବର୍ଷ ହେଲା ସେ ଏହା କରିଆସୁଛନ୍ତି। ଅର୍ପଣ ୭ ଅନାଥାଶ୍ରମ ଓ ୫ଟି ବୃଦ୍ଧାଶ୍ରମରେ ଅସହାୟଙ୍କୁ ଭେଟି ସେମାନଙ୍କ ଭଲମନ୍ଦ ବୁଝୁଛନ୍ତି। ସେମାନଙ୍କ ପାଇଁ ସମୟ ଦେଇ ଏକ୍‌ଲାପଣ ଦୂର କରିବା ସହ ସେମାନଙ୍କୁ ଉପହାର ଓ ପୋଷାକ ଯୋଗାଇ ଦେଉଛନ୍ତି। ପିଲାବେଳେ ସେ ଦୁଷ୍ଟ ଥିବାରୁ ତାଙ୍କୁ ପଢ଼ିବା ଲାଗି ଏକ ଆଶ୍ରମ ସ୍କୁଲରେ ମାତାପିତା ଛାଡ଼ିଦେଇଥିଲେ। ସେଠାରେ ରହିବା ସମୟରେ ନିକଟରେ ଥିବା ଏକ ଅନାଥ ଆଶ୍ରମର ପିଲାଙ୍କୁ ଦେଖି ଭବିଷ୍ୟତରେ ଏଭଳି ପିଲାଙ୍କୁ ସାହାଯ୍ୟ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପ୍ରଥମେ ତାଙ୍କ ପାଖରେ ଅର୍ଥ ନ ଥିବାରୁ ସେ ସେମାନଙ୍କ ପାଇଁ ରକ୍ତ ଦାନ କରିବା ଆରମ୍ଭ କରିଥିଲେ। ପରେ ଏକ ପ୍ରପର୍ଟି ପ୍ରୋଜେକ୍ଟରେ କାମ କଲେ ଓ ଯାହା ରୋଜଗାର ହେଲା ତାହାକୁ ନେଇ ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ଯାଇ ସେବା କରିବାକୁ ଲଗିଲେ। ଏବେ ଏହି କାର୍ଯ୍ୟରେ ତାଙ୍କର କେତେଜଣ ବନ୍ଧୁ ସାହାଯ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଡିସେମ୍ବର ୧୯୭୪

- ଓଡ଼ିଆ ଭାଷାରେ ସୀତାକାନ୍ତ ମହାପାତ୍ରଙ୍କ କବିତା ସଙ୍କଳନ 'ଶବ୍ଦର ଆକାଶ' ସମେତ ଭାରତୀୟ ଭାଷାର ୧୭ଟି ପୁସ୍ତକକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର।
- ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ବିହାର ଓ ରାଜସ୍ଥାନର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ୍ ଶକ୍ତି ଯୋଗାଇବା ପାଇଁ ୫ଟି ପ୍ରକଳ୍ପ ସମ୍ପ୍ରତି ଗ୍ରାମ୍ୟ ବିଦ୍ୟୁତୀକରଣ କର୍ପୋରେସନ ଦ୍ୱାରା ମଞ୍ଜୁର ହୋଇଛି।
- ଭାରତ ଓ ଜେକୋସ୍ଲାଭାକିଆ ମଧ୍ୟରେ ଥିବା ସହଯୋଗକୁ ଅଧିକ ବ୍ୟାପକ ଓ ଦୃଢ଼ୀଭୂତ କରିବା ଉଦ୍ଦେଶ୍ୟରେ ଉଭୟ ଦେଶ ମଧ୍ୟରେ ୫ଟି ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

କମାଣରୁ ବଳି ତତାଇଲେ ଯେହୁ ଛାତି
ମତାଇଲେ ଏହି ମରଣାପନ୍ନ ଜାତି
ଡାକିଲେ ଆସରେ ଆସ ମୋର ଦେଶ
ମୃତ୍ୟୁ ନୁହେ ତ ଜୀବନର ଶେଷ।
ଜୀବନ ମରଣ ଲୁଚକାଳି ଖେଳ ଖେଳିବା
ଆସରେ ସାଥି
ଡାକିଲେ ଉଠରେ ମରଣାପନ୍ନ ଜାତି!
–(ଭାରତ ଆସିବ ଫେରି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠଙ୍କୁ ମେଡିକାଲ ଭତ୍ତା ଦିଆଯାଉ

ମହାଶୟ,

ଜୀବନର ବାର୍ଦ୍ଧକ୍ୟ ଅବସ୍ଥାରେ ବିଭିନ୍ନ ପ୍ରକାର ରୋଗ ମାଡ଼ିଆସିଥାଏ। ବୃଦ୍ଧାବୃଦ୍ଧ ପୁଅବୋହୂ ବା ଝିଅଜ୍ୱାଇଁଙ୍କଠାରୁ ବହୁ ଦୂରରେ ରହନ୍ତି। ଆଜିକାଲିର ଅଧିକାଂଶ ପୁଅବୋହୂ ସେମାନଙ୍କୁ ହତାଦର କରୁଛନ୍ତି। ଔଷଧପତ୍ରର ଦାମ୍ ଅତ୍ୟନ୍ତ ଦୁର୍ମୂଲ୍ୟ ହୋଇଗଲାଣି। ଡାକ୍ତରଖାନାକୁ ଯିବା ଆସିବା ଲାଗି ଅଟୋଭଡ଼ା ମଧ୍ୟ କମ୍ ପଡୁନାହିଁ। ଖଟି ଖାଇବା ପାଇଁ ମଧ୍ୟ ସେମାନଙ୍କ ଶରୀରରେ ଶକ୍ତି ନ ଥାଏ। ଅନେକ ସ୍ଥଳରେ ଦେଖାଯାଉଛି, ବୁଢ଼ାବୁଢ଼ୀ ରୋଗରେ ପଡ଼ି ପଡ଼ି ମରିଯାଉଛନ୍ତି। ଜୀବିତ ଅବସ୍ଥାରେ ଥିଲେ ମଧ୍ୟ ଭିକ୍ଷାବୃତ୍ତିକୁ ଆପଣେଇ ନେଇଛନ୍ତି। ଦୁରାରୋଗ୍ୟ ହେଲେ ଘୋଷାରି ହୋଇ ମରିବାଟା ସାର। ଯେଉଁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଯେତିକି ପେନ୍‌ସନ ପାଉଛନ୍ତି, ତାହାର ସିଂହଭାଗ ଔଷଧ ଖର୍ଚ୍ଚରେ ଯାଉଛି। ତେଣୁ ସରକାର ବରିଷ୍ଠ ନାଗରିକ ଏବଂ ପେନ୍‌ସନଧାରୀଙ୍କୁ ମେଡିକାଲ ଭତ୍ତା ଯୋଗାଇଦେବା ଆବଶ୍ୟକ।

–ସୁରେଶ କୁମାର ସାହୁ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଅପର୍ତ୍ତିବିନ୍ଧା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





କନ୍ଧମାଳ, କେନ୍ଦୁଝର, ଗଞ୍ଜାମ ଓ ଜଗତ୍‌ସିଂହପୁର ପୌର ଉପନିର୍ବାଚନରେ ବିଜୟୀ ପ୍ରାର୍ଥୀମାନେ ସୋମବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି । ନବୀନ ନିବାସଠାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟିଥିବା ବ୍ୟକ୍ତିବିଶେଷ ।

# ମହାପ୍ରଭୁଙ୍କ ପାଇଁ ଆସିଲା ପୋଡୁଆଁ ଭାର

ପୁରୀ/ନିଆଳି,୪।୧୨(ଅଜିତ ମହାନ୍ତି/ସୁକାନ୍ତ କୁମାର ସିଂ)

ଶ୍ରୀମନ୍ଦିରରେ ମଙ୍ଗଳବାର ପରମ୍ପରା ଅନୁଯାୟୀ, ପ୍ରଥମାଷ୍ଟମୀ ନୀତି ପାଳନ ସହ ଶ୍ରୀବିଗ୍ରହମାନଙ୍କୁ ପୋଡୁଆଁ କରାଯିବ। ତେଣୁ ସୋମବାର ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ପାଇଁ ନିଆଳିର ମାଧବାନନ୍ଦ ଜୀଉଙ୍କ ପୀଠରୁ ମାଧବାନନ୍ଦ ଜୀଉ ବିକାଶ ପରିଷଦ ପକ୍ଷରୁ ଭାର ଆସିଛି। ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଶୁଦ୍ଧ ଘିଅ, ଚନ୍ଦନ କାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ, ନୂଆ ଲୁଗା, ଖଣ୍ଡୁଆ ପାଟବସ୍ତ୍ର, ଫଳମୂଳ, ତୁଳସୀ ଓ ପଦ୍ମଫୁଲ ମାଳ ରହିଛି। ଭାର ସହ ନିଆଳିରୁ ପ୍ରଭୁ ମାଧବାନନ୍ଦ ଜୀଉଙ୍କ ସେବାୟତ, ଜଗନ୍ନାଥପ୍ରେମୀ ଏବଂ ପରିଷଦର ସଦସ୍ୟମାନେ ଆସି ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରୁ ବିରାଟ ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ, ନୃତ୍ୟ, ପାଇକ ଆଖଡ଼ା, ଲଉଡ଼ି, ସଂକୀର୍ତ୍ତନରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଏହି ପୋଡୁଆଁ ଭାରକୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦିଆଯାଇଥିଲା।



ପୋଡୁଆଁ ଭାର ଆସିବାବେଳେ ଗୋପ ସମେତ ବିଭିନ୍ନ ସ୍ଥାନରେ ଭକ୍ତମାନେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ମୁଣ୍ଡିଆ ମାରୁଥିବା ଦେଖିବାକୁ ମିଳିଥିଲା। ନାଗା, ଘୋଡ଼ାନାଚ ଓ ସଂକୀର୍ତ୍ତନ ସହିତ ଜଗନ୍ନାଥପ୍ରେମୀଙ୍କ ନୃତ୍ୟ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ମଙ୍ଗଳା ପୁରାଣରେ ମହାପ୍ରଭୁଙ୍କ ମାମୁଘର ନିଆଳିର ମାଧବାନନ୍ଦ ଜୀଉ ପୀଠ ବୋଲି ଉଲ୍ଲେଖ ଥିବା ପରିଷଦ ପକ୍ଷରୁ କୁହାଯାଇଛି। ପୂର୍ବରୁ ପୋଡୁଆଁ ଭାର ଆସୁଥିଲା। ତେବେ କେତେକ ସମସ୍ୟା ଯୋଗୁ କିଛି ବର୍ଷ ଧରି ଏହା ବନ୍ଦ ରହିଥିଲା। ୨୦୧୯ରେ ସ୍ଥାନୀୟ ଲୋକେ ଏକାଠି ହୋଇ ପୁଣି ଏହି ପରମ୍ପରା ଆରମ୍ଭ କରିଥିଲେ। ସେବେଠାରୁ ପ୍ରତିବର୍ଷ ପୋଡୁଆଁ ଭାର ଅଣାଯାଉଛି। ଚଳିତବର୍ଷ ଏହା ପଞ୍ଚମ ବର୍ଷରେ ପଦାର୍ପଣ କରିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଏହି ପୋଡୁଆଁ ଭାର ସମ୍ପର୍କରେ ଠିକ୍ ତଥ୍ୟ ପ୍ରଶାସନ ନିକଟରେ ନାହିଁ। ତଥ୍ୟକୁ ଅନୁଧ୍ୟାନ କରାଯିବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ।

# ୨ ଚାଷୀଙ୍କୁ ଦଳି ମାରିଦେଲା ହାତୀ

ଟାଙ୍ଗୀ,୪।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ଦିନକୁଦିନ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଘର ଓ ପାଚେରି ମଧ୍ୟ ଭାଙ୍ଗୁଛନ୍ତି। ଏପରିକି ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ରବିବାର ରାତିରେ ଦୁଇଜଣ ଚାଷୀ ବିଲରେ ଧାନ ଫସଲ ଜଗିଥିବା ବେଳେ ହାତୀ ଦଳିଦେବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଟାଙ୍ଗୀ ବନାଞ୍ଚଳ ଅଧୀନ ବରିକୋ ଗ୍ରାମର ଲକ୍ଷ୍ମୀଧର ବେହେରା ଏବଂ ଜରିଟାପୁ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ। ସୂଚନା ମୁତାବକ, ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଧାନ ଫସଲକୁ ସୁରକ୍ଷା ଦେବା ଏବଂ ହାତୀ ଘଉଡ଼ାଇବା ପାଇଁ ଲକ୍ଷ୍ମୀଧର ଓ କୃଷ୍ଣଚନ୍ଦ୍ର ରବିବାର ରାତିରେ ବିଲକୁ ଯାଇଥିଲେ। ଏହି ସମୟରେ କୁଶପଲା ଅଞ୍ଚଳରୁ ଆସିଥିବା ହାତୀପଲ ଧାନ ଫସଲ ଖାଇବାକୁ ବିଲରେ ପଶିଥିଲେ। ଫଳରେ ଚାଷଜମି ନିକଟରେ ବସିଥିବା ଲକ୍ଷ୍ମୀଧର ଓ କୃଷ୍ଣଚନ୍ଦ୍ର ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଲକ୍ଷ୍ମୀଧର ଓ କୃଷ୍ଣଚନ୍ଦ୍ର ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଓ ସ୍ଥାନୀୟ ଗ୍ରାମବାସୀ ସେମାନଙ୍କୁ ଖୋଜାଖୋଜି କରିଥିଲେ। ସୋମବାର ସକାଳେ ଉଭୟଙ୍କର ମୃତଦେହ ବିଲରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ହାତୀ ଆକ୍ରମଣରେ ଚାଷୀଦ୍ୱୟଙ୍କ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ଖବରପାଇ ଟାଙ୍ଗୀ ଥାନା ପୋଲିସ ଏବଂ ବନବିଭାଗ କର୍ମଚାରୀ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଅଭିଯୋଗ ପରେ ଟାଙ୍ଗୀ ଥାନାରେ ପୃଥକ୍‌ଭାବେ ଦୁଇଟି ଅପମୃତ୍ୟୁ ମାମଲା (୪୩, ୪୪/୨୩) ରୁଜୁ ହୋଇଛି। ଏ ସମ୍ପର୍କରେ ଟାଙ୍ଗୀ ବନ ବିଭାଗ ରେଞ୍ଜର ଦେବାଶିଷ ଭୋଇ କହିଛନ୍ତି, ବନ ବିଭାଗ ପକ୍ଷରୁ ଉଭୟ ପରିବାରର ଉତ୍ତରାଧିକାରୀଙ୍କୁ ୬୦ହଜାର ଟଙ୍କା ଲେଖାଏ ମଙ୍ଗଳବାର ପ୍ରଦାନ କରାଯିବ। ତଦନ୍ତ ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଉ ୫ ଲକ୍ଷ ୪୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଜେଲରୁ ମୁକୁଳିବେ ଅର୍ଚ୍ଚନା ନାଗ

## ଇଡି ମାମଲାରେ ହାଇକୋର୍ଟରୁ ମିଳିଲା ଜାମିନ

ଭୁବନେଶ୍ୱର,୪।୧୧ (ସତ୍ୟଜିତ୍ ରାଉତ)



ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଗିରଫ ହୋଇଥିବା ଅର୍ଚ୍ଚନା ନାଗ ଖୁବ୍‌ଶୀଘ୍ର ଝାରପଡ଼ା ଜେଲରୁ ମୁକୁଳିବେ। ପୂର୍ବରୁ ୨ଟି ମାମଲାରେ ତାଙ୍କୁ ଜାମିନ ମିଳିଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ହୋଇଥିବା ବେଆଇନ ଅର୍ଥ କାରବାର ମାମଲାରେ ସୋମବାର ଅର୍ଚ୍ଚନାଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୨ ଲକ୍ଷ ଟଙ୍କାର ଦୁଇଟି ଜାମିନଦାର ବଦଳରେ ଅର୍ଚ୍ଚନା ଜେଲରୁ ବାହାରିବେ। ଅର୍ଚ୍ଚନାଙ୍କ ପକ୍ଷରୁ ହୋଇଥିବା ବେଲ୍ ପିଟିଶନ୍‌ର ପରିଚାଳନା ଆଇନଜୀବି ଜୟଦୀପ ପାଲ କରୁଥିବାବେଳେ ବିଚାରପତି ଗୌରୀଶଙ୍କର ଶତପଥୀ ଏହାର ଶୁଣାଣି କରିଛନ୍ତି। ତେବେ ଅର୍ଚ୍ଚନାଙ୍କ ପାଇଁ ହାଇକୋର୍ଟ କେତେକ ସର୍ତ୍ତ ରଖିଛନ୍ତି। ଅର୍ଚ୍ଚନା ତଦନ୍ତରେ ସହଯୋଗ କରିବେ, ସାକ୍ଷୀଙ୍କୁ ପ୍ରଭାବିତ କରିପାରିବେ ନାହିଁ, ଇଡି ଅଧିକାରୀଙ୍କୁ ମୋବାଇଲ ନଂ. ଏବଂ ଠିକଣା ପ୍ରଦାନ କରିବେ, ପ୍ରତି ତାରିଖରେ କୋର୍ଟରେ ବ୍ୟକ୍ତିଗତ ହାଜର ହେବେ, ପାସପୋର୍ଟ ଦାଖଲ କରିବେ ଆଦି ସର୍ତ୍ତ ରଖାଯାଇଛି। ଏହାପୂର୍ବରୁ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ କରିବା ନେଇ ନୟାପଲ୍ଲୀ ଥାନାରେ ରୁଜୁ ମାମଲାରେ ଏପ୍ରିଲ ୧୧ରେ ଏବଂ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ବ୍ଲାକମେଲ୍ କରି ହନିଟ୍ରାପ୍‌ରେ ଲଗାଇବା ନେଇ ଖଣ୍ଡଗିରି ଥାନାରେ ହୋଇଥିବା ମାମଲାରେ ଅଗଷ୍ଟ ୨ରେ ହାଇକୋର୍ଟ ଅର୍ଚ୍ଚନାଙ୍କୁ ଜାମିନ ଦେଇଥିଲେ। ଏଥିସହ ପୂର୍ବରୁ ମଧ୍ୟ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର ଜାମିନ ପାଇ ଜେଲରୁ ମୁକୁଳିଛନ୍ତି। ଏଭଳିସ୍ଥିତିରେ କୋର୍ଟ ପ୍ରକ୍ରିୟା ସରିବା ପରେ ବୁଧବାର ଅର୍ଚ୍ଚନା ଜେଲରୁ ବାହାରିବେ ବୋଲି ସୂଚନା ମିଳିଛି। ପ୍ରଯୋଜକ ଅକ୍ଷୟ ପରିଜାଙ୍କ ଅଭିଯୋଗ ଆଧାରରେ ଗତବର୍ଷ ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନା ପୋଲିସ ଏକ ମାମଲା ରୁଜୁ କରି ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ନିଶା ଦେଇ ନଗ୍ନ ଭିଡିଓ କରିବା ପରେ ବ୍ଲାକ୍‌ମେଲ୍ କରି ବଡ଼ବଡ଼ିଆଙ୍କୁ ହନିଟ୍ରାପରେ ଫସାଇବାକୁ ବାଧ୍ୟ କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଅଭିଯୋଗ କରିଥିଲେ। ପୋଲିସ ଅକ୍ଟୋବର ୬ରେ ଅର୍ଚ୍ଚନା ଓ ପରେ ସ୍ୱାମୀ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ସେହିପରି ବେଆଇନ ଅର୍ଥ କାରବାର ଅଭିଯୋଗରେ ଇଡି ନଭେମ୍ବର ୧୧ରେ ଖଗେଶ୍ୱରଙ୍କୁ ଗିରଫ କରିବା ସହ ଜେଲରେ ଥିବା ଅର୍ଚ୍ଚନାଙ୍କୁ ଡିସେମ୍ବର ୧୩ ଓ ଜଗବନ୍ଧୁଙ୍କୁ ଡିସେମ୍ବର ୨୩ରେ ରିମାଣ୍ଡରେ ଆଣି ଗିରଫ ଦର୍ଶାଇଥିଲା।

# ଭିଜିଲାନ୍ସ ଜାଲରେ ସିନିୟର କିରାଣି

ବଣ୍ଡା,୪।୧୨(ପରିକ୍ଷିତ ସାହୁ)

ସର୍ଭିସ ପାସ୍ ବୁକ ସଂଶୋଧନ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ କାର୍ଯ୍ୟାଳୟର ସିନିୟର କିରାଣି ନିତ୍ୟାନନ୍ଦ ଗାଇଗରିଆ। ଏ ନେଇ କଟକ ଭିଜିଲାନ୍ସ ଥାନା ପକ୍ଷରୁ ନମ୍ବର ୩୭/୨୦୨୩ରେ ଏକ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଅନୁଗୋଳ ଜିଲା କ୍ରୀଡ଼ା ବିଭାଗରେ ରାଜସ୍ୱ ସହଯୋଗୀ ଭାବରେ କାର୍ଯ୍ୟ କରୁଥିବା ପୂର୍ଣ୍ଣଚନ୍ଦ୍ର ଭୁକ୍ତା ପୂର୍ବରୁ କିଶୋରନଗର ବ୍ଲକରେ ପିଅନ ଥିଲେ। ହେଲେ ସର୍ଭିସ ବୁକରେ ଥିବା ଭୁଲ ଯୋଗୁ ପୂର୍ଣ୍ଣଚନ୍ଦ୍ର ହଇରାଣ ହେଉଥିଲେ। ଜିଲା କ୍ରୀଡ଼ା ବିଭାଗକୁ ବଦଳି ହୋଇଥିଲେ ମଧ୍ୟ ତାଙ୍କର ସର୍ଭିସ ବୁକ ସଂଶୋଧନ ହୋଇପାରି ନ ଥିଲା। ଉକ୍ତ ସର୍ଭିସ ବୁକ ସଂଶୋଧନ ପାଇଁ ସେ ବ୍ଲକ ସିନିୟର କିରାଣି ନିତ୍ୟାନନ୍ଦ ଗାଇଗରିଆଙ୍କୁ ଦେଇଥିଲେ। ହେଲେ କିରାଣି ନିତ୍ୟାନନ୍ଦ ଏଥିପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପୂର୍ଣ୍ଣଚନ୍ଦ୍ର ରବିବାର ଅନୁଗୋଳ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ସୋମବାର ପୂର୍ବାହ୍ନ ୧୧ଟାରେ ପୂର୍ଣ୍ଣଚନ୍ଦ୍ର ବ୍ଲକ କାର୍ଯ୍ୟାଳୟରେ କିରାଣି ନିତ୍ୟାନନ୍ଦଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଜିଲା ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ସାମଲ, ଆର୍. ବିଜୟ କୁମାର, ସଂଘମିତ୍ରା ଦାସ ଚଢ଼ାଉ କରି କିରାଣି ନିତ୍ୟାନନ୍ଦଙ୍କୁ ଗିରଫ କରିଥିଲେ।



ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା କିରାଣି ନିତ୍ୟାନନ୍ଦ ଗାଇଗରିଆ।



## ସଂକ୍ଷେପରେ

### ବର୍ଷା, ଭୂସ୍ଖଳନରେ ୪୭ ମୃତ

**ନାଇରୋବି,୪।୧୨:** ଉତ୍ତର ତାଞ୍ଜାନିଆରେ ପ୍ରବଳ ବର୍ଷାଜନିତ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ୪୭ ଜଣଙ୍କ ମୃତ୍ୟୁ ଘଟିବା ସହ ୮୫ ଆହତ ହୋଇଛନ୍ତି। ବନ୍ୟାପାଣି ଘେରରେ ଥିବା ଶହ ଶହ ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ସେନାକୁ ନିୟୋଜିତ କରାଯାଇଛି। ମାଉଣ୍ଟ ହାନାଙ୍ଗ ନିକଟରେ ବନ୍ୟା ଯୋଗୁ ବହୁ ଘର ଭାଙ୍ଗିବା ସହ ରାସ୍ତା ଓ ବ୍ରିଜ୍ ନଷ୍ଟ ହୋଇଥିବାରୁ ଉଦ୍ଧାର କାର୍ଯ୍ୟ କଷ୍ଟକର ହୋଇଛି। ଜାତିସଂଘ ଜଳବାୟୁ ସମ୍ମିଳନୀରେ ଯୋଗଦେବା ପାଇଁ ଦୁବାଇରେ ଥିବା ତାଞ୍ଜାନିଆ ରାଷ୍ଟ୍ରପତି ସାମିଆ ସୁଲୁହୁ ହାସନ ତାଙ୍କ ଗସ୍ତ କାଟଛାଣ୍ଟ କରି ସ୍ୱଦେଶ ଫେରିଆସିଛନ୍ତି।

### ରୁଷିଆ ସେନା ପାଇଁ ଲଢୁଥିବା ୬ ନେପାଳୀ ନିହତ

**କାଠମାଣ୍ଡୁ,୪।୧୨(ପି.ଟି.):** ୟୁକ୍ରେନ୍ ବିରୋଧରେ ରୁଷିଆ ସେନାରେ ଲଢୁଥିବା ୬ ନେପାଳୀ ସୈନ୍ୟ ନିହତ ହୋଇଥିବା ସରକାରଙ୍କ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ସେନାରେ ନେପାଳୀଙ୍କୁ ନିଯୁକ୍ତି ନ ଦେବାକୁ ନେପାଳ ବହିର୍ବ୍ୟାର ମନ୍ତ୍ରଣାଳୟ ମସ୍କୋକୁ କହିଛି। ଯୁଦ୍ଧରେ ପ୍ରାଣ ହରାଇଥିବା ନେପାଳୀ ସୈନ୍ୟଙ୍କ ମୃତଦେହ ଫେରାଇ ଦେବାକୁ ମନ୍ତ୍ରଣାଳୟ ରୁଷିଆକୁ ନିବେଦନ କରିଛି।

### ଲାଭା ଉଦ୍‌ଗିରଣ ପରେ ୧୧ ମୃତଦେହ ଠାବ

#### ମାରାପିରେ ୧୨ ନିଖୋଜ

**ପାଡ଼ାଙ୍ଗ(ଇଣ୍ଡୋନେସିଆ),୪।୧୨:** ଇଣ୍ଡୋନେସିଆର ମାଉଣ୍ଟ ମାରାପି ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ପରେ ସୋମବାର ସେଠାରୁ ୧୧ ପର୍ବତାରୋହୀଙ୍କ ମୃତଦେହ ମିଳିଥିବାବେଳେ ଅନ୍ୟ ୧୨ ଜଣ ନିଖୋଜ ଅଛନ୍ତି। ଉଦ୍ଧାରକାରୀମାନେ ସେମାନଙ୍କ ତଲାସି ଜାରି ରଖିଛନ୍ତି। ୨୦୧୧ରୁ ମାରାପି ତୃତୀୟ ସର୍ବାଧିକ ସତର୍କତା ସ୍ତରରେ ରହିଛି। ଏଠାରେ ଲାଭା ଉଦ୍‌ଗିରଣ ସକ୍ରିୟତା ସ୍ୱାଭାବିକଠାରୁ ଅଧିକ। ସେଥିପାଇଁ ଏହାର ଶୃଙ୍ଗଠାରୁ ୩ କିଲୋମିଟର ପରିଧି ମଧ୍ୟରେ ପର୍ବତାରୋହୀ ଏବଂ ଗାଁ ଲୋକଙ୍କ ପ୍ରବେଶକୁ ବାରଣ କରାଯାଇଥିବା ସେଣ୍ଟର ଫର୍ ଭଲ୍କାନୋଲୋଜି ଆଣ୍ଡ୍ ଜିଓଲୋଜିକାଲ ଡିଜାଷ୍ଟର ମିଟିଗେଶନ୍‌ର ମୁଖ୍ୟ ହେଣ୍ଡ୍ରା ଗୁନାୱନ କହିଛନ୍ତି। ପର୍ବତାରୋହୀଙ୍କୁ କେବଳ ବିପଜ୍ଜନକ ଜୋନ୍ ବାହାରେ ଆରୋହଣ ପାଇଁ ଅନୁମତି ମିଳିଥାଏ। ତେବେ ଅଧିକାଂଶ ସମୟରେ ଅଧିକାଂଶ ଆରୋହୀ ସେମାନଙ୍କ ପର୍ବତାରୋହଣ ତୁଷ୍ଟି ପୂରଣ ପାଇଁ ନିୟମ ଉଲ୍ଲଂଘନ କରିଥାନ୍ତି ବୋଲି ଗୁନାୱନ କହିଛନ୍ତି। ଶନିବାର ପ୍ରାୟ ୭୫ ଜଣ ପର୍ବତାରୋହୀ ପାଖାପାଖି ୨,୯୦୦ ମିଟର ଉଚ୍ଚ ମାରାପି ଶୃଙ୍ଗ ଚଢ଼ିବା ଆରମ୍ଭ କରିଥିଲେ। ଲାଭା ଉଦ୍‌ଗିରଣ ଯୋଗୁ ସେମାନେ ଆଗକୁ ବଢ଼ିପାରି ନ ଥିଲେ। ରବିବାର ୮ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାରାପିରେ ଲାଭା ଉଦ୍‌ଗିରଣ ଫଳରେ ଧଳା ଓ ଧୂସର ରଙ୍ଗର ପାଉଁଶ କୁଣ୍ଡଳୀ ୩,୦୦୦ ମିଟର ଉଚ୍ଚକୁ ବ୍ୟାପିଯାଇଛି।

# ମିଗ୍‌ଜୋମ୍: ତାମିଲନାଡୁ ଜଳାର୍ଣ୍ଣବ



ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ଚେନ୍ନାଇ ରାସ୍ତା ଜଳମଗ୍ନ ହୋଇଯାଇଥିବାରୁ ଯାତାୟାତରେ ଅସୁବିଧା ହେଉଛି।



ଦକ୍ଷିଣ ଚେନ୍ନାଇର ନାରାୟଣପୁରମ୍ ରାସ୍ତାରେ ପାଣିଘେରରେ ଫସିଥିବା ଲୋକଙ୍କୁ ଏନ୍‌ଡିଆର୍‌ଏଫ୍ ଯବାନମାନେ ଉଦ୍ଧାର କରୁଛନ୍ତି।

## ଚେନ୍ନାଇରେ ୭ ମୃତ

### ଆଜି ସ୍କୁଲ୍, ଅଫିସ ଛୁଟି

## ୭୦ ବିମାନ, ୬୦ ଟ୍ରେନ୍ ବାତିଲ

**ଚେନ୍ନାଇ,୪।୧୨**

ବାତ୍ୟା ମିଗ୍‌ଜୋମ୍ ସ୍ଥଳଭାଗ ଛୁଇଁ ନ ଥିଲେ ମଧ୍ୟ ଏହାର ପ୍ରଭାବରେ ସୋମବାର ତାମିଲନାଡୁର ଅନେକ ଜିଲାରେ ପ୍ରବଳ ବର୍ଷା ଜାରି ରହିଛି। ବର୍ଷାରେ ଚେନ୍ନାଇ ମହାନଗର ଉବୁଟୁବୁ ହେଉଥିବାବେଳେ ଉତ୍ତର ତାମିଲନାଡୁରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ବର୍ଷା ବିପ୍ରାତରେ ଚେନ୍ନାଇରେ ୭ ଜଣଙ୍କ ମୃତ୍ୟୁ ଘଟିଲାଣି। ୨୦୧୫ ବର୍ଷାବିପ୍ରାତର ପୁନରାବୃତ୍ତି ହେବା ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ବାତ୍ୟା ହେବାକୁ ଥିବାରୁ ଲୋକେ ପାନୀୟ ଜଳ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ସଂଗ୍ରହ କରିବାରେ ଲାଗିପଡ଼ିଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ପରେ ବାତ୍ୟା ମିଗ୍‌ଜୋମ୍ ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଇଁବାକୁ ଥିବାବେଳେ ୯୦ରୁ ୧୦୦ କିଲୋମିଟର ବେଗରେ ପବନ ବହିବ। ରବିବାରଠାରୁ ଚେନ୍ନାଇ ଏବଂ ପଣ୍ଡିଚେରିରେ ପ୍ରବଳ ବର୍ଷା ଜାରି ରହିଛି। ସେଥିପାଇଁ ମଙ୍ଗଳବାର ତାମିଲନାଡୁରେ ସମସ୍ତ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅଫିସକୁ ଛୁଟି ଘୋଷଣା କରାଯାଇଛି। ତାମିଲନାଡୁ, ଆନ୍ଧ୍ର ଏବଂ ୟାନମ୍‌ରେ ରେଡ୍ ଆଲର୍ଟ ଜାରି ହୋଇଛି।

ଚେନ୍ନାଇ ବିମାନବନ୍ଦରର ରନ୍‌ୱେ ବର୍ଷାପାଣିରେ ବୁଡ଼ିଯାଇଥିବାରୁ ରାତି ୧୧ଟା ପର୍ଯ୍ୟନ୍ତ ୭୦ଟି ବିମାନକୁ ବାତିଲ କିମ୍ବା ଦିଗ ପରିବର୍ତ୍ତନ କରିଦିଆଯାଇଛି। କେତେକ ବିମାନକୁ ଅନ୍ୟ ବିମାନବନ୍ଦରରେ ଅବତରଣ ସୁଯୋଗ ଦିଆଯାଇଛି। ସେହିପରି ଅନେକ ସ୍ଥାନରେ ମେଟ୍ରୋ ଷ୍ଟେଶନ ଏବଂ ରେଳ ଧାରଣା ବୁଡ଼ିଥିବାରୁ ୬୦ଟି ଟ୍ରେନ୍ ବାତିଲ ହୋଇଛି। ସେଣ୍ଟ ଥୋମାସ୍ ମେଟ୍ରୋ ଷ୍ଟେଶନରେ ୪ ଫୁଟ୍ ଉଚ୍ଚର ପାଣି ହୋଇଥିବାରୁ ଏହା ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ପ୍ରବଳ ବର୍ଷା ଯୋଗୁ ଖାଲୁଆ ଅଞ୍ଚଳଗୁଡ଼ିକ ବୁଡ଼ିଯାଇଛି। ରାସ୍ତା ଉପରେ କୁମ୍ଭୀର ଚଲାବୁଲା କରୁଥିବା ଦେଖାଯାଇଛି। ଚେନ୍ନାଇର କାନାଥୁର୍‌ରେ ପ୍ରବଳ ବର୍ଷା ଓ ପବନ ଯୋଗୁ ଏକ ନବନିର୍ମିତ ପାଚେରି ଭାଙ୍ଗି ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଜଣେ ଆହତ ହୋଇଛନ୍ତି। ବୈଦ୍ୟନାଥନ ଫ୍ଲାଇଓଭର ନିକଟ ପ୍ଲାଟ୍‌ଫର୍ମରେ ଜଣେ ୭୦ ବର୍ଷୀୟଙ୍କ ମୃତଦେହ ମିଳିଛି। ସେହିପରି ଫୋର୍‌ଶୋର ଇଷ୍ଟେଟ୍ ବସ୍ ଡିପୋରେ ଜଣେ ୬୦ ବର୍ଷୀୟ ବୃଦ୍ଧା ପ୍ରାଣ ହରାଇଛନ୍ତି। ଡିଣ୍ଡିଗୁଲ୍ ଏବଂ ପାଣ୍ଡିୟାନ ନଗରରେ ବିଦ୍ୟୁତ୍ ସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ରାଜଧାନୀ ଚେନ୍ନାଇ ଏବଂ ନିକଟବର୍ତ୍ତୀ ଜିଲା କାଞ୍ଚିପୁରମ୍, ଚେଙ୍ଗାଲପାଟ୍ଟୁ ଏବଂ ତିରୁଭାଲୁର ବର୍ଷାପାଣିରେ ଉବୁଟୁବୁ ହେଉଥିବାବେଳେ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପାଇଁ ସରକାରୀ କଳକୁ ନିୟୋଜିତ କରାଯାଇଛି।



ଜଳମଗ୍ନ ଚେନ୍ନାଇ ଏୟାରପୋର୍ଟର ଦୃଶ୍ୟ।

## ମଣିପୁରରେ ସାନି ହିଂସା: ୧୩ ମୃତ

**ଇମ୍ଫାଲ,୪।୧୨**

ମଣିପୁରର ଟେଙ୍ଗନୌପାଲ ଜିଲାରେ ସୋମବାର ଅପରାହ୍ନରେ ସାନି ହିଂସାକାଣ୍ଡ ଘଟି ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଜିଲାର ସାଇବଲ୍ ନିକଟବର୍ତ୍ତୀ ଲେଇଥୁ ଗ୍ରାମରେ ଦୁଇ ଗୋଷ୍ଠୀ ଉଗ୍ରପନ୍ଥୀଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଥିବା ନେଇ ମଧ୍ୟାହ୍ନ ସମୟରେ ପୋଲିସକୁ ଖବର ମିଳିଥିଲା। ଏନ୍‌କାଉଣ୍ଟର ସ୍ଥଳଠାରୁ ସୁରକ୍ଷା କର୍ମୀ ପ୍ରାୟ ୧୦ କିଲୋମିଟର ଦୂରରେ ଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଲେଇଥୁ ଗ୍ରାମରୁ ୧୩ ମୃତଦେହ ମିଳିଥିଲା। ତେବେ ସେଠାରୁ କୌଣସି ଅସ୍ତ୍ରଶସ୍ତ୍ର ଜବତ ହୋଇନାହିଁ। ସୁରକ୍ଷା ଅଧିକାରୀଙ୍କ କହିବା ଅନୁଯାୟୀ ମୃତକମାନେ ଲେଇଥୁ ଅଞ୍ଚଳର ନୁହନ୍ତି। ସେମାନେ ବାହାରୁ ଆସିଥିବାବେଳେ ଅନ୍ୟ ଏକ ଉଗ୍ରପନ୍ଥୀ ଗୋଷ୍ଠୀ ସହ ସେମାନଙ୍କର ଗୁଳି ବିନିମୟ ହୋଇଥିଲା। ମୃତକମାନଙ୍କ ପରିଚୟ ମିଳିପାରି ନାହିଁ। ମଣିପୁରରେ ମେଇତି ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ଗତ ମେ' ୩ରୁ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ୧୮୨ ଜଣଙ୍କ ଜୀବନ ଯିବା ସହ ୫୦ ହଜାର ଲୋକ ବାସହରା ହୋଇଛନ୍ତି। ହିଂସା ଆରମ୍ଭ ହେବାର ଦୀର୍ଘ ୭ ମାସ ପରେ ଗତ ରବିବାର ସରକାର ହିଂସା ପ୍ରବଣ ଅଞ୍ଚଳରୁ ମୋବାଇଲ ଇଣ୍ଟରନେଟ୍ ନିଷେଧାଦେଶ ହଟାଇଥିଲେ। ନୂଆଦିଲ୍ଲୀରେ କେନ୍ଦ୍ର ସରକାର, ମଣିପୁର ସରକାର ଏବଂ ୟୁଏନ୍‌ଏଲ୍‌ଏଫ୍ ମଧ୍ୟରେ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

## ବାୟୁସେନା ବିମାନ ଦୁର୍ଘଟଣା: ୨ ପାଇଲଟ୍‌ଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୪।୧୨**

ତେଲଙ୍ଗାନାର ମେଡକ ଜିଲା ଅନ୍ତର୍ଗତ ତୁପ୍ରାନ୍‌ଠାରେ ସୋମବାର ସକାଳେ ବାୟୁସେନାର ଏକ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ପିଲାଟସ୍ ପିସି-୭ ଏମ୍‌କେ୨ ବିମାନଟି ଡୁଣ୍ଡିଗାଲ ଏୟାରଫୋର୍ସ ଏକାଡେମିରୁ ଉଡ଼ାଣ ଆରମ୍ଭ କରିବା ପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ୨ ପାଇଲଟ୍‌ଙ୍କ ମଧ୍ୟରୁ ଜଣେ ଇନ୍‌ଷ୍ଟ୍ରକ୍ଟର ହୋଇଥିବାବେଳେ ଅନ୍ୟ ଜଣକ କ୍ୟାଡେଟ୍ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ଦୁର୍ଘଟଣାରେ ସାଧାରଣ ଧନଜୀବନ କ୍ଷୟକ୍ଷତି ହୋଇନାହିଁ। ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି।

## ମହୁଆଙ୍କୁ ବହିଷ୍କାର ନିଷ୍ପତ୍ତି ପୂର୍ବରୁ ଆଲୋଚନା ହେଉ

**ନୂଆଦିଲ୍ଲୀ,୪।୧୨(ପି.ଟି.)**

ପ୍ରଶ୍ନ ପାଇଁ ଲାଞ୍ଚ ମାମଲାରେ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କୁ ଲୋକ ସଭାରୁ ବହିଷ୍କାର କରିବା ଲାଗି ଏଥିକ୍ସ କମିଟି ସୁପାରିସ୍ କରିଥିଲା। ଉକ୍ତ ରିପୋର୍ଟ ଉପରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଗୃହରେ ଆଲୋଚନା କରିବା ନିମନ୍ତେ ବିରୋଧୀ ସଦସ୍ୟମାନେ ସୋମବାର ଦାବି କରିଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ବିଜ୍‌ନେସ ଆଡଭାଇଜରୀ କମିଟି ବୈଠକ ଚାଲିଥିବାବେଳେ ବିରୋଧୀ ସଦସ୍ୟ ଉପରୋକ୍ତ ଦାବି ଉଠାଇଥିଲେ। ମହୁଆଙ୍କ ଉପରେ ଏଥିକ୍ସ କମିଟି ରିପୋର୍ଟ ମଙ୍ଗଳବାର ଲୋକ ସଭାରେ ଉପସ୍ଥାପନ ହେବା ଆଶା କରାଯାଉଛି। ଉପନିବେଶ ସମୟର ଅପରାଧ ଆଇନ ସ୍ଥାନରେ ଅଣାଯାଇଥିବା ୩ ବିଲ୍ ଉପରେ ଆଲୋଚନା ପାଇଁ ୧୨ ଘଣ୍ଟା ସମୟ ଦେବାକୁ ଆଡଭାଇଜରି କମିଟି ନିଷ୍ପତ୍ତି



ଶୀତ ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟ ପରିସରରେ ମହୁଆ ମୋଇତ୍ର।

### ବିରୋଧୀଙ୍କ ଦାବି

ନେଇଛି। ସେହିପରି ମୁଖ୍ୟ ନିର୍ବାଚନ କମିଶନ ଏବଂ ଅନ୍ୟ ନିର୍ବାଚନ କମିଶନଙ୍କ (ନିଯୁକ୍ତି, ସେବା ନିୟମ ଓ ସର୍ତ୍ତାବଳୀ) ବିଲ୍ ଉପରେ ୩ ଘଣ୍ଟା ଆଲୋଚନା କରିବାକୁ ସ୍ଥିର ହୋଇଛି। ଭାଜପା ଏମ୍‌ପି ବିନୋଦ ସୋଙ୍କରଙ୍କ ଅଧ୍ୟକ୍ଷତାରେ ଗଠିତ ଲୋକ ସଭା ଏଥିକ୍ସ କମିଟି ରିପୋର୍ଟ ନଭେମ୍ବର ୯ରେ ଗୃହୀତ ହୋଇଥିଲା। କ୍ୟାଶ୍ ଫର୍ କ୍ୱେରି ଅଭିଯୋଗରେ ମହୁଆଙ୍କୁ ନିମ୍ନ ସଦନରୁ ବହିଷ୍କାର କରିବା ପାଇଁ ଏଥିରେ ସୁପାରିସ କରାଯାଇଛି। ଉକ୍ତ ରିପୋର୍ଟ ସପକ୍ଷରେ ଗୃହ ଭୋଟ ଦେଲେ ମହୁଆଙ୍କୁ ବହିଷ୍କାର କରାଯିବ।

# ଲାଲଦୁହୋମା ହେବେ ମିଜୋରାମ ମୁଖ୍ୟମନ୍ତ୍ରୀ

**ଆଇଜଲ,୪।୧୨**

## ଇନ୍ଦିରା ଗାନ୍ଧୀଙ୍କୁ ସୁରକ୍ଷା ଦେଉଥିଲେ

ଦଳବଦଳ ନିରୋଧୀ ଆଇନ ବଳରେ ସର୍ବପ୍ରଥମେ ପାର୍ଲାମେଣ୍ଟ ସଦସ୍ୟତା ହରାଇଥିବା ୭୩ ବର୍ଷୀୟ ଲାଲଦୁହୋମା ଉତ୍ତର-ପୂର୍ବ ରାଜ୍ୟ ମିଜୋରାମର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ନେତା ଲାଲଦୁହୋମାଙ୍କ ରାଜନୈତିକ ଯାତ୍ରା ଓ କ୍ଷମତାର ଶୀର୍ଷରେ ପହଞ୍ଚିବା ଅନେକଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି।

ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ୩ ଦଶନ୍ଧି ଧରି କଂଗ୍ରେସର ଲାଲ ଥନ୍‌ହୱଲା ଏବଂ ଏମ୍‌ଏନ୍‌ଏଫ୍‌ର ଜୋରାମଥାଙ୍ଗାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଥିଲା। ଲାଲଦୁହୋମା ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଥିବାବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସୁରକ୍ଷା ଦାୟିତ୍ୱରେ ଥିଲେ। ସେ ୧୯୮୪ରେ କଂଗ୍ରେସ ଦଳରୁ ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ିଥିଲେ। କିନ୍ତୁ ପିପୁଲ୍ସ କନ୍‌ଫରେନ୍ସ ପାର୍ଟି ପ୍ରାର୍ଥୀ ଲାଲହମିଙ୍ଗ୍‌ଥାଙ୍ଗାଙ୍କଠାରୁ ୮୪୬ ମାର୍ଜିନରେ ହାରିଯାଇଥିଲେ। ସେହିବର୍ଷ ଲୋକ ସଭା ନିର୍ବାଚନରେ କଂଗ୍ରେସ ଟିକେଟ ପାଇ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ତେବେ ୧୯୮୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଲାଲ ଥନ୍‌ହୱଲା ଓ କେତେଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ ଆସିବା ପରେ ରାଜ୍ୟ କଂଗ୍ରେସ ସଭାପତି ତଥା ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିଲେ। ୧୯୮୮ରେ ଦଳବଦଳ ନିରୋଧୀ ଆଇନ ବଳରେ କଂଗ୍ରେସ ଏମ୍‌ପି ପଦରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ୨୦୨୦ରେ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍)ର ୧୨ ବିଧାୟକ ଲାଲଦୁହୋମାଙ୍କ ବିରୋଧରେ ବିଧାନସଭା ବାଚସ୍ପତିଙ୍କ ନିକଟରେ ଫେରାଦ ହେବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଦଳବଦଳ ଆଇନ ବଳରେ ମିଜୋରାମରେ ବିଧାୟକ ପଦ ହରାଇବାରେ ମଧ୍ୟ ସେ ପ୍ରଥମ। କିନ୍ତୁ ୨୦୨୧ ଉପନିର୍ବାଚନରେ ପୁଣି ଜିତିବାରେ ସକ୍ଷମ ହୋଇଥିଲେ। ସଦ୍ୟ ନିର୍ବାଚନରେ ଲାଲଦୁହୋମା ସର୍ଛିପ୍ ଆସନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍)ର ଜେ. ମଲସାୱ୍‌ମଜୁଆଲା ବନଛାୱଙ୍ଗ୍‌ଙ୍କୁ ୨,୯୮୨ ଭୋଟ ବ୍ୟବଧାନରେ ହରାଇଛନ୍ତି।



## ମୁଖ୍ୟ ଦାବିଦାର ରେଭନ୍ତ ରେଡ୍ଡୀ

**ତେଲଙ୍ଗାନା ବିଧାନସଭା ଭଙ୍ଗ, କଂଗ୍ରେସ ଗଢ଼ିବ ପ୍ରଥମ ସରକାର**

**ହାଇଦ୍ରାବାଦ,୪।୧୨**

ତେଲଙ୍ଗାନାର ଦ୍ୱିତୀୟ ବିଧାନସଭାର କାର୍ଯ୍ୟକାଳ ଶେଷ ହେବା ପରେ ତୃତୀୟ ବିଧାନସଭା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍ ସୋମବାର ବିଧାନସଭାକୁ ଭଙ୍ଗ କରିଛନ୍ତି। ନଭେମ୍ବର ୩୦ରେ ରାଜ୍ୟର ୧୧୯ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। କଂଗ୍ରେସକୁ ୬୪ ଆସନରେ ସଫଳତା ମିଳିଥିବାରୁ ସର୍ବପୁରାତନ ଦଳ ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ ପ୍ରଥମ ଥର ପାଇଁ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ତେବେ କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ୩ ନେତା ପ୍ରମୁଖ ଦାବିଦାର ଥିବା କୁହାଯାଉଛି।

ତେଲଙ୍ଗାନା କଂଗ୍ରେସ ସଭାପତି ରୂପେ ୫୪ ବର୍ଷୀୟ ଏ. ରେଭନ୍ତ ରେଡ୍ଡୀଙ୍କ ସାଙ୍ଗଠନିକ ଦକ୍ଷତା ଓ ନିଆରା କାର୍ଯ୍ୟଶୈଳୀ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଦୁର୍ଗର ପତନ ଘଟାଇବାରେ ସକ୍ଷମ ହୋଇଛି। କଂଗ୍ରେସ ତାଙ୍କୁ ବିଆର୍‌ଏସ୍ ମୁଖ୍ୟ ତଥା ବିଦାୟୀ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କ ବିରୋଧରେ ପ୍ରାର୍ଥୀ କରିଥିଲା। କାମାରେଡ୍ଡୀ ଆସନରେ ଉଭୟ କେସିଆର୍ ଏବଂ ରେଭନ୍ତ ଭାଜପାର ଭେଙ୍କଟ ରମଣ ରେଡ୍ଡୀଙ୍କଠାରୁ ହାରିଯାଇଛନ୍ତି। ଏହା ସତ୍ତ୍ୱେ ରେଭନ୍ତ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ସେହିପରି ବରିଷ୍ଠ ବିଧାୟକ ମାଲ୍ଲୁ ଭଟ୍ଟି ବିକ୍ରମାର୍କ(୬୨) ଓ ପୂର୍ବତନ ପିସିସି ସଭାପତି ଉତ୍ତମ କୁମାର ରେଡ୍ଡୀଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। କଂଗ୍ରେସ ହାଇକମାଣ୍ଡ ଖୁବ୍‌ଶୀଘ୍ର ଜଣଙ୍କ ନାମରେ ମୋହର ଲଗାଇବେ ବୋଲି କୁହାଯାଉଛି।



ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍‌ଙ୍କୁ ସରକାର ଗଠନ ପାଇଁ ଦାବିପତ୍ର ପ୍ରଦାନ କରୁଛନ୍ତି ପିସିସି ସଭାପତି ଏ. ରେଭନ୍ତ ରେଡ୍ଡୀ ଓ ଦଳୀୟ ନେତା।

## ୪ ବିଧାନସଭା: ମହିଳାଙ୍କ ପ୍ରତିନିଧିତ୍ୱ ନଗଣ୍ୟ

**ନୂଆଦିଲ୍ଲୀ,୪।୧୨(ପି.ଟି.)**

ନବପ୍ରଣୀତ ମହିଳା ସଂରକ୍ଷଣ ଆଇନ ଅନୁସାରେ ନିର୍ବାଚନରେ ମହିଳାମାନଙ୍କୁ ଏକ-ତୃତୀୟାଂଶ ପ୍ରତିନିଧିତ୍ୱ ସୁଯୋଗ ମିଳିବାକୁ ଥିବାବେଳେ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ତେଲଙ୍ଗାନା ବିଧାନସଭାକୁ ସେହି ତୁଳନାରେ କମ୍ ନିର୍ବାଚିତ ହୋଇଛନ୍ତି। ଛତିଶଗଡ଼, ତେଲଙ୍ଗାନା ଓ ମଧ୍ୟପ୍ରଦେଶ ବିଧାନସଭାରେ ମହିଳା ବିଧାୟକଙ୍କ ସଂଖ୍ୟା ସାମାନ୍ୟ ଅଧିକ ଥିବାବେଳେ ରାଜସ୍ଥାନରେ ନଗଣ୍ୟ ରହିଛି। ଛତିଶଗଡ଼ ବିଧାନସଭାକୁ ସର୍ବାଧିକ ୨୧% ନବନିର୍ବାଚିତ ବିଧାୟିକା ଯାଇଛନ୍ତି। ୨୦୧୮ରେ ୧୩ ମହିଳା (୧୪%) ନିର୍ବାଚିତ ହୋଇଥିଲେ। ଏଥର ୧୯ ମହିଳା ନିର୍ବାଚିତ ହୋଇଛନ୍ତି। ତେଲଙ୍ଗାନା ଭୋଟର ୨୦୧୮ରେ ୮ ଜଣ (୧୦%) ମହିଳାଙ୍କୁ ବିଧାନସଭାକୁ ପଠାଇଥିବାବେଳେ ଏଥର ଏହି ସଂଖ୍ୟା ୬କୁ ଖସିଛି। ରାଜସ୍ଥାନ ବିଧାନସଭାରେ ୨୪ ମହିଳା ଏମ୍‌ଏଲ୍‌ଏ ଥିଲେ। ଏଥର ସେମାନଙ୍କ ସଂଖ୍ୟା ୨୦କୁ ଖସିଛି। ରାଜ୍ୟର ବିଧାନସଭାରେ କୌଣସି ଥର ୧୫%ରୁ ଅଧିକ ମହିଳା ପ୍ରତିନିଧିତ୍ୱ ସୁଯୋଗ ପାଇନାହାନ୍ତି। ଏମ୍‌ପି ବିଧାନସଭାକୁ ୨୦୧୩ରେ ୩୦ ଓ ୨୦୧୮ରେ ସଂଖ୍ୟା ୨୧ ମହିଳା ଯାଇଥିଲେ। ଏଥର ୨୭ ବିଧାୟିକା ନିର୍ବାଚିତ ହୋଇଛନ୍ତି।

# କୋରେଇରେ ଛପି ରହିଛନ୍ତି ନକଲି ଶିକ୍ଷକ

କୋରେଇ,୪।୧୨(ଚନ୍ଦ୍ରକାନ୍ତ ପତି) :

ରାଜ୍ୟରେ ଜାଲ ସାର୍ଟିଫିକେଟ ବଳରେ ଚାକିରିକୁ ନେଇ ତୁମ୍ଭିତୋଫାନ ଚାଲିଛି। ରାଜ୍ୟର ବିଭିନ୍ନ ଜିଲାର ଅନେକ ଯୁବତୀଯୁବକ ନକଲି ପ୍ରମାଣପତ୍ର ଦେଇ ଚାକିରି କରିବା ଅଭିଯୋଗରେ ଧରାପଡି ଜେଲ ଯିବା ସହିତ ଜରିମାନା ଦେବା ଘଟଣା ସାମ୍ନାକୁ ଆସୁଛି । ହେଲେ ଯାଜପୁର ଜିଲାରେ ଏହାର ସେତେଟା ପ୍ରଭାବ ପଡୁନାହିଁ । ଏହି ଜିଲାରେ କେବଳ ଶିକ୍ଷା କ୍ଷେତ୍ରରେ ଅନେକ ଯୁବତୀଯୁବକ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଆବଶ୍ୟକ ତଥ୍ୟ ପ୍ରମାଣ ସହ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ରାଜନୈତିକ ଚାପରେ ନକଲି ପ୍ରମାଣପତ୍ର ପରବର୍ତ୍ତୀ ସମୟରେ ଅସଲି ହୋଇ ଯାଉଛି। ଏଥିରେ ତଦନ୍ତକାରୀ ଅଧିକାରୀ ଏବଂ ନକଲି ଶିକ୍ଷକଙ୍କ ମଧ୍ୟରେ ଏକ ବଡଧରଣର ଆର୍ଥିକ କାରବାର ହେଉଥିବା ଚର୍ଚ୍ଚା ହେଉଛି।

ଅଭିଯୋଗ ଅନୁଯାୟୀ, କୋରେଇ ବ୍ଲକ ଅଧୀନ ଅସନଝର ପଞ୍ଚାୟତ ତଥା ଏହି ଗ୍ରାମର ୪ ଜଣ ଯୁବକ ନକଲି ଜାତିଗତ ପ୍ରମାଣପତ୍ର ଦେଇ ଶିକ୍ଷକତା କରି ଆସୁଛନ୍ତି। ଏନେଇ ଗ୍ରାମର କେତେଜଣ ଯୁବକ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, କୋରେଇ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଅଧୀନ ଯଇଁତିରା ପ୍ରାଥମିକ ବିଦ୍ୟାଳୟର ସୁଶାନ୍ତ ନାୟକ, ଗଜେନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ରାମଚନ୍ଦ୍ର ପ୍ରଧାନ, ଏସ୍‌କେ ଗଡ଼ିଆ ପ୍ରାଥମିକ ବିଦ୍ୟାଳୟର ବିପିନ ନାୟକ ଏବଂ ହଳଦୀଗଡ଼ିଆ ପ୍ରାଥମିକ ବିଦ୍ୟାଳୟର ଦିବାକର ନାୟକ ପ୍ରମୁଖ ୪ ଶିକ୍ଷକ ଦୀର୍ଘବର୍ଷ ହେବ ନକଲି ଜାତିଗତ ପ୍ରମାଣପତ୍ର ଦେଇ ଶିକ୍ଷକତା କରିଆସୁଛନ୍ତି । ଏନେଇ ଗ୍ରାମର କେତେଜଣ ସାମାଜିକ କର୍ମୀ ଯାଜପୁର ଜିଲା ଶିକ୍ଷାଅଧିକାରୀଙ୍କଠାରୁ ଆରମ୍ଭ କରି

- କେନ୍ଦ୍ରାପଡ଼ାରେ ସୁରକ୍ଷିତ ନକଲି ବିଇଓ
- କାର୍ଯ୍ୟାନୁଷ୍ଠାନ ବଦଳରେ ସହଯୋଗ
- ୨ ଡେସିମିଲ ଜମି ବଳରେ ଆଦିବାସୀ ପ୍ରମାଣପତ୍ର
- ତଦନ୍ତରେ ଅସଲି ହେଉଛି ନକଲି




ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସମ୍ପୃକ୍ତ ନକଲି ଶିକ୍ଷକ ଉପରିସ୍ଥ ଅଧିକାରୀଙ୍କୁ ଧରାଧରି କରି ସୁରକ୍ଷିତ ଥିବା ଚର୍ଚ୍ଚା ହେଉଛି। ସବୁଠାରୁ ବଡ଼କଥା ହେଉଛି ଏନେଇ ଅସନଝର ଗ୍ରାମର ଶତାଧିକ ଗ୍ରାମବାସୀ ପତ୍ର ମାଧ୍ୟମରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆରଡିସି) କଟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେଠାରେ ମଧ୍ୟ କୌଣସି ତଳିଆ କର୍ମଚାରୀ ମୋଟା ଅଙ୍କର ହାତଗୁଞ୍ଜା ନେଇ ସେହି ପତ୍ରକୁ ଚାପି ଦେଇଥିବା ଆଲୋଚନା ହେଉଛି । ଏହି ଗ୍ରାମର ପ୍ରଶାନ୍ତ ବେହେରା ନାମକ ଜଣେ ଯୁବକ ସାଧାରଣ ବର୍ଗର ହୋଇ କେନ୍ଦୁଝର ଜିଲା ମଧୁକେଶରୀ ଗ୍ରାମରେ ୨ ଡ଼ିସିମିଲ ଜମି କିଣି ସେଥିରେ ନକଲି ଆଦିବାସୀ ଦର୍ଶାଇ ଗଜପତି ଜିଲା ଆର ଉଦୟଗିରି ବ୍ଲକରେ ଶିକ୍ଷକତା କରିଆସୁଥିଲେ । ଏନେଇ ଧରିତ୍ରୀରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତ ଶିକ୍ଷକ ଜଣକୁ ଗଜପତି ଜିଲା ଶିକ୍ଷାଅଧିକାରୀ ନିଲମ୍ବିତ କରିଥିଲେ । ସେହିପରି ହରିହର ଦଳେଇ ନାମକ ଜଣେ ବ୍ୟକ୍ତି ନକଲି ଆଦିବାସୀ ପ୍ରମାଣପତ୍ର ବଳରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ଏନେଇ ଅଭିଯୋଗ ହେବା ପରେ ତାଙ୍କୁ ବଦଳି କରି କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷାଅଧିକାରୀ ଭାବେ ନିଯୁକ୍ତି କରାଯାଇଛି । ସଂପୃକ୍ତ ଅଧିକାରୀ ମୋଟା ଅଙ୍କର ଲାଞ୍ଚ ନେଇ ତାଙ୍କୁ ସୁରକ୍ଷିତ ରଖିବାକୁ କେବଳ ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ଏହି ଗ୍ରାମରୁ ୨ ଜଣ ଶିକ୍ଷକଙ୍କୁ ନକଲି ଜାତିଗତ ପ୍ରମାଣପତ୍ର ଆଧାରରେ ଚାକିରି କରୁଥିବା ଅଭିଯୋଗରେ ତତ୍କାଳୀନ ଯାଜପୁର ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ନିଲମ୍ବନ କରିଥିଲେ। ତଦନ୍ତରେ ଶିଥିଳତା ଏବଂ ଅଧିକାରୀମାନଙ୍କ ଲାଭଖୋର ମନୋଭାବ ପାଇଁ ରାଜ୍ୟରେ ଏହିପରି ଅନେକ ଉଦାହରଣ ରହିଥିବା ମତପ୍ରକାଶ ପାଇଛି । ଏନେଇ ଜିଲା ଶିକ୍ଷା ଅଧିକାରିଣୀ ନିବେଦିତା ପାଣିଙ୍କୁ ପଚାରିଲେ ସେ କୁହନ୍ତି ତଦନ୍ତ ଚାଲିଛି, ଠିକ ସମୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ସଙ୍ଗଠନକୁ ସୁଦୃଢ଼ କର




ସମ୍ମିଳନୀରେ ଯୋଗଦେଇଥିବା ଭାଜପା ନେତାମାନେ ।

କେନ୍ଦ୍ରାପଡ଼ା, ୪।୧୨ (ଜଗନ୍ନାଥ ଧଳ)

**ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ**

ଆସନ୍ତା ସାଧାରଣ ନିର୍ବାଚନରେ ଏକ ବିରାଟ ପରିବର୍ତ୍ତନ ଆସିବ। ଓଡ଼ିଶାରେ ଭାଜପା ସରକାର ଗଠନ କରିବ। ଏହା ହିଁ ଲୋକଙ୍କ ଇଚ୍ଛା ବୋଲି କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ରାଜ୍ୟ ସଭାପତି ମନମୋହନ ସାମଲ ପ୍ରକାଶ କରିଛନ୍ତି। ସହରର ଇଚ୍ଛାପୁରସ୍ଥ ମାଉସୀ ମା' ମନ୍ଦିର ସମ୍ମୁଖରେ ଏହି କାର୍ଯ୍ୟକର୍ତ୍ତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲାରେ ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦୁଇ ନେତା ଆହ୍ୱାନ ଦେଇଥିଲେ। ସେମାନେ କହିଥିଲେ ଯେ, ଦେଶ ଏବେ ବିକାଶ ପଥରେ ଅଛି। ରବିବାର ୪ ରାଜ୍ୟରେ ହୋଇଥିବା ନିର୍ବାଚନ ଫଳାଫଳ ଅଧିକ ଖୁସି ଦେଇଛି । ରାଜସ୍ଥାନ, ମଧ୍ୟପ୍ରଦେଶ ସହ ଛତିଶଗଡ଼ରେ ଭାଜପାକୁ ବିପୁଳ ପରିମାଣରେ ସମର୍ଥନ ମିଳିଛି। ଏହି ଫଳାଫଳ ପୂର୍ବରୁ ଏକଜିଟ୍ ପୋଲରେ ଗଣମାଧ୍ୟମ ଭାଜପାର ପ୍ରକୃତ ବଳକୁ ଆକଳନ କରି ପାରି ନ ଥିଲା। ଛତିଶଗଡ଼ରେ ଭାଜପା ପଛୁଆ ଥିବା ଦର୍ଶାଇ ଥିଲେ ମଧ୍ୟ ବିପୁଳ ପରିମାଣରେ ଜନସମର୍ଥନ ହାସଲ କରିଛି। ଆସନ୍ତାବର୍ଷ ଓଡ଼ିଶାରେ ସାଧାରଣ ନିର୍ବାଚନ ହେବ। ଭାଜପା ଏଠାରେ ଶାସନ ଗାଦୀକୁ ଆସୁ ବୋଲି ରାଜ୍ୟବାସୀ ଇଚ୍ଛା ପ୍ରକାଶ କରିଛନ୍ତି। ଏଥିପାଇଁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସଭା ପ୍ରଭାରୀ ବିନୋଦ ଦାସ, ଜିଲା ପ୍ରଭାରୀ ଯତୀନ ମହାନ୍ତି, ଅଭିମନ୍ୟୁ ଗୋଚ୍ଛାୟତ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସମ୍ମିଳନୀ ପୂର୍ବରୁ ଜିଲା କାର୍ଯ୍ୟାଳୟଠାରୁ ଏକ ରାଲିରେ ଆସି ଉଭୟ ନେତା ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରିଥିଲେ। ଏଥିରେ ଜିଲାର ବରିଷ୍ଠ ନେତା ଭୁବନ ମୋହନ ଜେନା, ବିଷ୍ଣୁ ଦାସ, ସୁନାକର ବେହେରା, ଅଲେଖ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ସମୁଦ୍ରରେ ମାଛଧରା ବୋଟ ବୁଡ଼ିଲା: ୬ ମତ୍ସ୍ୟଜୀବୀ ଉଦ୍ଧାର

ମହାକାଳପଡ଼ା, ୪।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ବୋଟ ଇଞ୍ଜିନ ଅଚଳ, କୂଳଠାରୁ ୩ ଘଣ୍ଟାର ଦୂରରେ ବୁଡ଼ିଲା
- ସ୍ଥାନୀୟ ମତ୍ସ୍ୟଜୀବୀମାନେ ଉଦ୍ଧାରରେ ସାମିଲ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ରାମନଗର ଅଞ୍ଚଳର ମା' ରାମଚଣ୍ଡି -୧ ନାମକ ଏକ ମାଛ ଧରା ବୋଟ ଗଭୀର ସମୁଦ୍ରରେ ସୋମବାର ସନ୍ଧ୍ୟାରେ ଇଞ୍ଜିନ ଅଚଳ ଯୋଗୁଁ ବୁଡ଼ି ଯାଇଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ, ଏହି ବୋଟ ବୁଡ଼ି ଯାଇଥିବା ଖବରପାଇ ଖରିନାସୀ ବୋଟ ସଂଘର କାର୍ଯ୍ୟକର୍ତ୍ତାଙ୍କୁ କେତେଜଣ ମତ୍ସ୍ୟଜୀବୀ ଖବର ଦେଇଥିଲେ। ଖବରପାଇ ବୋଟ ସଂଘର ନିର୍ଦ୍ଦେଶକ୍ରମେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କୁ ଘଟଣାସ୍ଥଳରେ ପହଞ୍ଚି ବୁଡ଼ି ଯାଇଥିବା ବୋଟର ୬ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ। ପରେ ବୁଡ଼ି ଯାଇଥିବା ବୋଟରେ ପ୍ଲାଷ୍ଟିକ ଜାରକିନରେ ବାନ୍ଧି ଦେଇଥିଲେ। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀମାନେ ହେଲେ ଖରିନାସି ଗ୍ରାମର ପଲାସା ଦାସ, ଉତ୍ତମ ଦାସ, ଦିନେଶ ଦାସ, ବାପି ଦାସ, ଅଚିନ୍ତ ବାଛାଡ, ଗୌତମ ଓ ଲାଲାଙ୍କୁ ଉଦ୍ଧାର କରାଯାଇଥିବା ରାମନଗର ଅପୂର୍ବ ହାଲଦାର ସୂଚନା ଦେଇଛନ୍ତି। ବୋଟଟି ମାଦଳି ମୁହାଣଠାରୁ ୨୨କିମି ଓ ସାତଭାୟାଠାରୁ ୩ ଘଣ୍ଟାର ଦୂରରେ ବୁଡ଼ିଛି ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

ଅପରପକ୍ଷରେ ଏହି ବୁଡ଼ି ଯାଇଥିବା ବୋଟ ନଭେମ୍ବର ୨୯ରେ କୂଳ ଛାଡିଥିଲା। ପରେ ଲଘୁଚାପ ପ୍ରଭାବରେ ପ୍ରବଳ ସାମୁଦ୍ରିକ ଅନ୍ତଃସ୍ରୋତରେ ଇଞ୍ଜିନ ଅଚଳ ଅବସ୍ଥାରେ ଥିଲା ବୋଲି ଉଦ୍ଧାର ମତ୍ସ୍ୟଜୀବୀମାନେ କହିଛନ୍ତି। ତେବେ ଖରିନାସି ବୋଟ ସଂଘ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି ବୋଲି ଭକ୍ତ ରଞ୍ଜନ ମାହାଳି କହିଛନ୍ତି। ସକାଳ ହେଲେ ବୁଡ଼ି ଯାଇଥିବା ବୋଟ ସନ୍ଧାନ କରାଯିବ ବୋଲି ସେ କହିଛନ୍ତି।

# ମହିଳାଙ୍କୁ ଅସଦାଚରଣ: ଅଭିଯୁକ୍ତଙ୍କୁ ମାଡ଼ ମାରି ଚୂନ କାଳି ବୋଳିଲେ

ପାରାଦୀପ,୪।୧୨(ଶରତ ରାଉତ)

- ୨ ମାମଲା ରୁଜୁ, ୨ ଗିରଫ
- ଭିଡିଓ ଭାଇରାଲ



ପାରାଦୀପ ମେରାଇନ ଥାନା ଅଞ୍ଚଳରେ ଗତ ରବିବାର ସନ୍ଧ୍ୟାରେ ଏକ ଅପ୍ରୀତିକର ଘଟଣା ଘଟିଛି। ଶୌଚ ପାଇଁ ଯାଇଥିବା ଜଣେ ବୟସ୍କା ମହିଳାଙ୍କୁ ଜଣେ ମତ୍ସ୍ୟଜୀବୀ ବଳପୂର୍ବକ ଅସଦାଚରଣ କରିଥିଲେ। ଏହି ଘଟଣା ପରେ ମହିଳାଙ୍କ ସ୍ୱାମୀ ଓ ଅନ୍ୟମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିସ୍ଠୁକ ମାଡ଼ ମାରିବା ସହ ବେକରେ ଜୋତା ହାର, ମୁହଁରେ ଚୂନ କାଳି ବୋଳି ଗଛରେ ବାନ୍ଧି ନିର୍ଯାତନା ଦେଇଛନ୍ତି। ଏଥିସହ ଉକ୍ତ ଘଟଣାର ଭିଡିଓ କରି ଭାଇରାଲ କରିଥିଲେ। ସୋମବାର ଏହି ଘଟଣା ପ୍ରଘଟ ହେବାପରେ ପୋଲିସ ପହଞ୍ଚି ତଦନ୍ତ କରିବା ସହ ୨ଟି ମାମଲା ୩୯/୨୩ ଓ ୪୦/୨୩ ରୁଜୁ କରିଛି। ଏଥିସହ ଅସଦାଚରଣ କରିଥିବା ବ୍ୟକ୍ତି ଓ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ଥାନାରେ ଅଟକ ରଖିଛି। ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରିଣୀ ବବିତା ଦେହୁରୀ କହିଛନ୍ତି। ଅସଦାଚରଣ କରିବା ଅଭିଯୋଗରେ ଗିରଫ ହୋଇଥିବା ବ୍ୟକ୍ତି ହେଲେ ମତ୍ସ୍ୟଜୀବୀ ଅଭୟ ବେହେରା। ତାଙ୍କ ଘର ପୁରୀ ଜିଲା। ସେ ମେରାଇନ ଥାନା ଅଞ୍ଚଳରେ ରୁହନ୍ତି। ରବିବାର ସନ୍ଧ୍ୟାରେ ସେ ସ୍ଥାନୀୟ ଅଞ୍ଚଳରେ ବୁଲୁଥିବାବେଳେ ସମ୍ପୃକ୍ତ ମହିଳାଙ୍କୁ ଶୌଚ ହେବାକୁ ଆସିଥିବା ଦେଖି ଅସଦାଚରଣ କରିଥିଲେ। ମହିଳା ଜଣକ ପାଟି କରିବାରୁ ସେଠାରେ ତାଙ୍କ ସ୍ୱାମୀ ପହଞ୍ଚି ଅଭୟଙ୍କୁ କାବୁ କରି ମାଡ଼ ମାରିଥିଲେ। ପରେ ଅନ୍ୟ ଲୋକମାନେ ପହଞ୍ଚି ତାଙ୍କୁ ଗଛରେ ବାନ୍ଧି ଚୂନ କାଳି ବୋଳିଥିଲେ ଏବଂ ବେକରେ ଜୋତା ହାର ପିନ୍ଧାଇ ରଖିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଲ୍ଲାଉଦ୍ଦିନ୍



@ ମୁକେଶ



@ ପୂଜାରାଣୀ



@ ମାନସ



@ ସୁଶିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗହ୍ମା ଜଗନ୍ନାଥ ନୂତନ ମନ୍ଦିର ପାଇଁ ଦାରୁ ଚିହ୍ନଟ

ମହାକାଳପଡ଼ା,୪।୧୨
(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ବରଜ ବାହାକୁଦ ଗାଁରେ ଗହ୍ମା ମହାକାଳପଡ଼ା ଶ୍ରୀଜଗନ୍ନାଥ ମନ୍ଦିରର ନୂତନ ବିଗ୍ରହ ପାଇଁ ଚିହ୍ନଟ କରାଯାଇଥିବା ଦାରୁ ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ମହାକାଳପଡ଼ା (ଗହ୍ମା) ଗ୍ରାମ କେନାଲ ନିକଟରେ ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ମନ୍ଦିରରେ ନୂତନ ଦାରୁ ବିଗ୍ରହ ପ୍ରତିଷ୍ଠା ପାଇଁ ପୁରୀରୁ ଅକ୍ଟୋବରରେ ଆଜ୍ଞାମାଳ ପହଞ୍ଚିବା ପରେ କମିଟି ପକ୍ଷରୁ ଦାରୁ ବିଗ୍ରହ ପ୍ରତିଷ୍ଠା ପାଇଁ ବୃକ୍ଷ ଚିହ୍ନଟ କରାଯାଇଛି ବୋଲି ଶ୍ରୀଜଗନ୍ନାଥ ସେବା ସମିତି ପକ୍ଷରୁ ସୂଚନା ମିଳିଛି। ବ୍ଲକର ବରଜ ବାହାକୁଦ ଗ୍ରାମରେ ପୁରାତନ ଦାରୁ(ଲିମ୍ବ)ବୃକ୍ଷ ଚିହ୍ନଟ କରାଯାଇଛି ବୋଲି କମିଟି ସଦସ୍ୟମାନେ କହିଛନ୍ତି। ଏହି ଦାରୁ ବୃକ୍ଷ ଛେଦନ ପାଇଁ ଧାର୍ମିକ ପରମ୍ପରା ଅନୁସାରେ ଆସନ୍ତା ଗୁରୁବାର ରୀତିନୀତି ତଥା ବିଧି ଅନୁସାରେ ଯଜ୍ଞକାର୍ଯ୍ୟ ସମାପନ କରାଯିବ। ସେହିପରି ଏହି ଦାରୁ ଚିହ୍ନଟ ପାଇଁ ସେବା ସମିତି ପକ୍ଷରୁ ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଅନୁସନ୍ଧାନ କରାଯାଇଥିଲେ ହେଁ ଶେଷରେ ବ୍ଲକର ବରଜ ବାହାକୁଦ ଗ୍ରାମର ବିଜୟ କୁମାର ଶୁକ୍ଳାଙ୍କ ବାଡ଼ିରେ ଗତ ଶୁକ୍ରବାର ଏହି ପବିତ୍ର ବୃକ୍ଷ ଚିହ୍ନଟ କରାଯାଇ ନାଲିରଙ୍ଗର ବସ୍ତ୍ର ପରିଧାନ କରାଯାଇଛି। ଆସନ୍ତା ୭ ତାରିଖରେ ଯଜ୍ଞ ଆୟୋଜନ କରାଯିବ। ପରେ ସୁସଜ୍ଜିତ ଗାଡ଼ିରେ ଦାରୁକୁ ମହାକାଳପଡ଼ା ଗହ୍ମା ମନ୍ଦିର ଅଭିମୁଖେ ସଂକୀର୍ତ୍ତନ ଶୋଭାଯାତ୍ରାରେ ଅଣାଯିବ ବୋଲି ସଦସ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠ ନାଥ ସ୍ୱାଇଁ, ଶିକ୍ଷାବିତ୍ ବିଜୟ କୁମାର ନାଥ, ନାରାୟଣ ଚନ୍ଦ୍ର ପଣ୍ଡା, ସରୋଜ କୁମାର ସାହୁ, ବିଦ୍ୟୁତ୍ କୁମାର ଖୁଣ୍ଟିଆ, ମଥୁରି ଚରଣ ସେନାପତି, ରଞ୍ଜନ କୁମାର ପ୍ରଧାନ, କେଶବ ଚରଣ ପରମାଣିକଙ୍କ ସମେତ ଅନ୍ୟ ସଦସ୍ୟମାନେ କହିଛନ୍ତି।

# ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ ଆଳରେ ହରିଲୁଟ୍

ପଟ୍ଟାମୁଣ୍ଡାଇ,୪।୧୨(କଳ୍ପତରୁ ନାୟକ)

ସହରାଞ୍ଚଳ ରୂପାନ୍ତରଣ ସହ ଶ୍ରମିକମାନଙ୍କ ଶ୍ରମନିଯୁକ୍ତି ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା) ଯୋଜନା କାର୍ଯ୍ୟକାରୀ ହୋଇଛି। ବର୍ଷାଜଳକୁ ସଂରକ୍ଷଣ କରିବା ଓ ଭୂତଳ ଜଳସ୍ତରକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୨୦ଟି ୱାର୍ଡରେ ୨୮୫ରୁ ଊର୍ଦ୍ଧ୍ୱ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ମାତ୍ର ଏବେ ଅନେକ ପ୍ରକଳ୍ପର ଚିହ୍ନବର୍ଣ୍ଣ ନ ଥିବା ବେଳେ ଫଳକ ଦେବାଲ ଅଛି, ଲେଖା ଲିଭିଗଲାଣି। ପ୍ରକଳ୍ପ ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀମାନେ ପ୍ରକଳ୍ପକୁ ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ସାମାଜିକ କର୍ମୀ ଅନନ୍ତ ଦାଶ, ଯୁବନେତା ସତ୍ୟପ୍ରିୟ ସାମଲ, ଲକ୍ଷ୍ମୀଧର ବାରିକ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ସହରରେ ୨୦୨୦-୨୧,୨୧-୨୨ ଓ ୨୨-୨୩ ପର୍ଯ୍ୟନ୍ତ ମୁକ୍ତା ଯୋଜନା ମାଧ୍ୟମରେ ୨୦ଟି ୱାର୍ଡରେ ୨୮୫ଟି ଜଳ ସଂରକ୍ଷଣ ପ୍ରକଳ୍ପ ବାବଦକୁ ପ୍ରାୟ ୧ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହାର କାର୍ଯ୍ୟାଦେଶ ବିଭିନ୍ନ ଏସ୍‌ଏଚ୍‌ଜି ନାଁରେ ଦିଆଯାଇ କାର୍ଯ୍ୟ ହୋଇଛି। ତେବେ ସେହି ଜଳ ଅମଳ ପ୍ରକଳ୍ପଗୁଡ଼ିକର ଏବେ ଆଉ ଚିହ୍ନବର୍ଣ୍ଣ ନାହିଁ। ଏକାଧିକ ଜାଗାରେ ପ୍ରକଳ୍ପ ଭାଙ୍ଗିରୁଜି ଯାଇଥିବା ବେଳେ କେତେକ ମାଟି ଓ ବାଲିରେ ପୋତି ହୋଇଗଲାଣି। କେତେକ ସ୍ଥାନରେ ପ୍ରକଳ୍ପ କରାଯାଇଥିବା ଦର୍ଶାଯାଇଛି। କିନ୍ତୁ ପ୍ରକଳ୍ପର ଚିହ୍ନବର୍ଣ୍ଣ ନାହିଁ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଗୋଟିଏ ଧାଡ଼ିରେ ୮ରୁ ୯ଟି ଲେଖାଏ ପ୍ରକଳ୍ପ ମଧ୍ୟ କରାଯାଇଛି। କେଉଁଠି ଗଡ଼ାଣି ଜାଗାରେ ପ୍ରକଳ୍ପ ହୋଇଛି ତ ଆଉ କେଉଁଠି ପ୍ରକଳ୍ପ ମାଟିରେ ପୋତି ହୋଇ ରହିଛି। ବର୍ଷାଦିନେ ଖାଲୁଆ ଜାଗାରେ ଆପେ ଆପେ ପାଣି ଜମି ବର୍ଷା ଜଳ ସଂରକ୍ଷିତ ହେଉଛି। କିନ୍ତୁ ସେଠାରେ ପ୍ରକଳ୍ପ ନିର୍ମାଣ କରାଯାଇଛି। ତେଣୁ କିଏ ଓ କିପରି ଏହି ପ୍ରକଳ୍ପ ପାଇଁ ସର୍ଭେ କରିଥିଲା ଏବଂ ଗୋଟିଏ ଧାଡ଼ିରେ ଏକାଧିକ ପ୍ରକଳ୍ପକୁ ଅନୁମତି କିଏ ଦେଇଥିଲା ବୋଲି ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଧାର୍ଯ୍ୟ ଯୋଜନା ଆଧାରରେ ହୋଇ ନ ଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ଯାଞ୍ଚ କରା ନ ଯାଇ ଯୋଜନାବଦ୍ଧ ଭାବେ ଅର୍ଥ ଲୁଟ୍ ହୋଇଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ସେମାନେ କହିଛନ୍ତି। ଆଇନଜୀବୀ ପ୍ରମୋଦ ସାହୁ, ଭବାନୀ ଶଙ୍କର ପଣ୍ଡା, ପ୍ରଭାତ ବେରା କହିଛନ୍ତି, ଚଳିତ ବର୍ଷ ଜୁଲାଇରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କ୍ୟାଚ୍ ଦି ରେନ୍ ଅଭିଯାନରେ ୨୦୨୧ ଓ ୨୦୨୨ରେ ରାଜ୍ୟର ୧୧୧ଟି ପୌରସଂସ୍ଥାରେ ମୁକ୍ତା ଯୋଜନାରେ ନିର୍ମାଣ ହୋଇଥିବା ୩୭,୨୪୨ଟି ବର୍ଷା ଜଳ ଅମଳ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବା ନେଇ ସମସ୍ତ ଜିଲାପାଳ, ମହାନଗର ନିଗମର କମିଶନର ଓ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟରେ ମିଶନ ଶକ୍ତି ଗୋଷ୍ଠୀ, ବସ୍ତି ବିକାଶ ସଙ୍ଗଠନକୁ ନିୟୋଜିତ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ଥିଲା। ମାତ୍ର ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଜଳ ଅମଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ତ ଦୂରର କଥା ହୋଇଥିବା ପ୍ରକଳ୍ପଗୁଡିକ ବହୁ ଜାଗାରେ ଭାଙ୍ଗିରୁଜି ଯାଇଥିବା ବେଳେ କେତେକ ସ୍ଥାନରେ ମାଟି ଓ ବାଲିରେ ପୋତି ହୋଇଯାଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା କେତେକ ଜାଗାରେ ବର୍ଷାଜଳ ଅମଳ ପ୍ରକଳ୍ପ ଉପରେ ରାସ୍ତା ତିଆରି କରାଯାଇଛି। ସହରର ଭୂତଳ ଜଳସ୍ତର ବୃଦ୍ଧି ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନାକୁ ପୌର ଅଧିକାରୀ ଗୁରୁତ୍ୱ ଦେଉ ନ ଥିବା ବେଳେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପରିବେଶବିତ୍ ବିଭୂତି ମହାପାତ୍ର କହିଛନ୍ତି, ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପୂର୍ବରୁ ୨୦ରୁ ୩୦ ଫୁଟ ଗଭୀରରେ ପାଣି ମିଳୁଥିବା ସ୍ଥାନରେ ଏବେ ୬୦ ଫୁଟ ଖୋଳିବାକୁ ପଡୁଛି। ତେବେ ମୁକ୍ତା ଯୋଜନାରେ ବର୍ଷା ଜଳ ଅମଳ ପ୍ରକଳ୍ପରେ ଅର୍ଥ ଖର୍ଚ୍ଚ କରାଯାଇଛି। ଏସ୍‌ଏଚ୍‌ଜିଙ୍କ ନାମରେ ଠିକାଦାରମାନେ ଏହି କାମକୁ ଅତି ନିମ୍ନମାନରେ ତିଆରି କରି ଟଙ୍କା ବିଭାଗୀୟ ଅଧିକାରୀଙ୍କ ସହ ମିଶି ଲୁଟ୍ କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରିଙ୍କୁ ପଚାରିବାରୁ ମୁକ୍ତା ଯୋଜନା କାର୍ଯ୍ୟକ୍ଷମ ଅଛି, ଯାହା ଖରାପ ହେଉଛି ପୁଣି କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

**ହଜିଯାଇଛି ମୁକ୍ତା ଯୋଜନା ପ୍ରକଳ୍ପ, ଲାଗିଛି ସୂଚନା ଫଳକ**



ସୂଚନା ଫଳକରେ ଜଳ ଅମଳ ପ୍ରକଳ୍ପ ।

# ପାଣି ପାଇଁ କଲବଲ

## ୧୦ ଦିନ ହେଲା ପାନୀୟଜଳ ଅଭାବ

ନୂଆଗାଁ, ୪।୧୨ (ଧନେଶ୍ୱର ସାହୁ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ ବେଲବଣୀ ଗ୍ରାମରେ ଖରାପ ଥିବା ସୋଲାର ଜଳ ଯୋଗାଣକୁ ସଜାଡିବାକୁ ଯାଇ ନଳକୂଅ ଅଚଳ କରିଦେଇଛନ୍ତି। ୧୦ ଦିନ ହେଲା ପାନୀୟ ଜଳ ଅଭାବରୁ ଗହୀର ମଝିର ଥିବା ଖୋଲା କୂଅ ବେଲବଣୀବାସୀଙ୍କ ଜୀବନ ରଖିଛି। ଗ୍ରାମବାସୀଙ୍କ ଜୀବନ ରକ୍ଷା ପାଇଁ ସୋଲାର ଜଳ ଯୋଗାଣକୁ ମରାମତି କରିବା ସହ ଆଉ ଗୋଟିଏ ନୂତନ ନଳକୂଅ ଖୋଳିବାକୁ ସୋମବାର ନୂଆଗାଁ ବିଡିଓଙ୍କୁ ଗ୍ରାମବାସୀ ଲିଖିତ ଭାବେ ଜଣାଇଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ବେଲବଣୀରୁ ଆସିଥିବା ୧୫ରୁ ଊର୍ଦ୍ଧ୍ୱ ମହିଳା ବ୍ଲକ ମୁଖ୍ୟ କିରାଣିଙ୍କୁ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି।

ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେଉଥିବା ନେଇ ସରକାର କହୁଛନ୍ତି। ଏପରିକି ପାନୀୟ ଜଳ ଯୋଗାଇ ଦେଉଥିବା ନେଇ ଗାଁ ଗାଁରେ ଫଳକ ଲଗାଇ ଦିଆଯାଇଛି। କିନ୍ତୁ ସେଥିରେ କେତେ ସତ୍ୟତା ଅଛି ତାହା କୋରଡା ପଞ୍ଚାୟତ ବେଲବଣୀ ଗ୍ରାମରୁ ବାରି ହୋଇପଡୁଛି। ବେଲବଣୀ ଗ୍ରାମରେ ପ୍ରାୟ ୨୨ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ସେମାନଙ୍କ ବ୍ୟବହାର ନିମନ୍ତେ ଗୋଟିଏ ମାତ୍ର ନଳକୂଅ ରହିଛି।


ଖୋଲା ହୋଇପଡ଼ିଥିବା ନଳକୂଅ ।


ବେଲବଣିବାସୀଙ୍କ ସାହାରା ପାଲଟିଥିବା ଗହୀର ମଝିର ଖୋଲାକୂଅ।

**ଖରାପ ଥିବା ସୋଲାର ଜଳ ଯୋଗାଣ ବ୍ୟବସ୍ଥାକୁ ସଜାଡିବାକୁ ଯାଇ ନଳକୂଅ ଅଚଳ କରିଦେଇଛନ୍ତି**

ଲୋକମାନଙ୍କ ସୁବିଧା ଦୃଷ୍ଟିରୁ ସେହି ନଳକୂଅରେ ସୋଲାର ଲଗାଇ ପାଇପ୍ ଯୋଗେ ପାଣି ଦିଆଯାଉଥିଲା। ତାହା ଖରାପ ହୋଇଯିବାରୁ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀ ଜଣାଇଥିଲେ। ତେଣୁ ୧୦ ଦିନ ପୂର୍ବେ ନଳକୂଅ ମରାମତି ମିସ୍ତ୍ରି ଯାଇ ନଳକୂଅକୁ ଖୋଲି ଥିଲେ। କିନ୍ତୁ ତାହାକୁ ମରାମତି କରିବା ପରିବର୍ତ୍ତେ ପାଇପ୍ ବାହାର କରି ତଳେ ପକାଇ ଦେଇ ଆସିଥିଲେ। ଫଳରେ ଗ୍ରାମବାସୀ ପାଣି ପାଇବା ସମ୍ପୂର୍ଣ୍ଣ ଠପ୍ ହୋଇଗଲା। ଗାଁରେ ଥିବା ଗୋଟିଏ ମାତ୍ର ନଳକୂଅର ପାଣି ଶୁଖିଯାଉଛି। ତେଣୁ ଲୋକମାନେ ବାଧ ହୋଇ ଗହୀର ମଝିରେ ଥିବା ଖୋଲାକୂଅର ପାଣି ବ୍ୟବହାର କରୁଛନ୍ତି। ଏ ନେଇ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନଙ୍କୁ ବାରମ୍ବାର ଗୁହାରି କରିବାରେ କୌଣସି ସୁଫଳ ନ ମିଳିବାରୁ ଗ୍ରାମର ମହିଳାମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଅଚଳ ନଳକୂଅକୁ ସଚଳ କରିବା ପରିବର୍ତ୍ତେ ଖୋଲି ପକାଇ ଦେବା ବାବଦରେ ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ଲିପସା ମହାନ୍ତିଙ୍କୁ ପଚାରିବାରେ ଆମର କୌଣସି ମିସ୍ତ୍ରି ମରାମତି କରିବାକୁ ଯାଇ ନାହାନ୍ତି କି ସେ ବାବଦରେ କିଛି ଜାଣିନାହିଁ । ଆମ ବିଭାଗର କର୍ମଚାରୀ ଯାଇ ଯଥାଶୀଘ୍ର ନଳକୂଅ ମରାମତି କରିବେ ଓ ଲୋକ ପାନୀୟ ଜଳ ପାଇବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

**ଆଉଟଡୋରରେ ରୋଗୀଙ୍କ ଭିଡ଼**

# ଜଣେ ଡାକ୍ତର କାମ ଚଳାଉଛନ୍ତି

ନୟାଗଡ଼,୪।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୫ଟି ବିଭାଗରୁ ୨୯କୋଟି ୨୨ ଲକ୍ଷ ୫୦ ହଜାର ଅନୁଦାନରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ନଭେମ୍ବର ୩୦ରେ ଉଦ୍‌ଘାଟନ ହୋଇଛି। ଉଦ୍‌ଘାଟନ ପରେ ଭଲ ସେବା ମିଳିବ ବୋଲି ସଭାରେ କୁହାଯାଇଥିଲା। ତେବେ ଉଦ୍‌ଘାଟନର ୫ଦିନ ଭିତରେ ସ୍ୱାସ୍ଥ୍ୟସେବାକୁ ଅନୁଧ୍ୟାନ କଲେ ବରଂ ପୁରୁଣା ଆଉଟ ଡୋର ଭଲ ଥିଲା ବୋଲି କୁହାଯାଉଛି। ୧୦୦ ଶଯ୍ୟା ବିଶିଷ୍ଟ ଆଉଟଡୋରରେ ସୋମବାର ପୂର୍ବାହ୍ନରେ ଜଣେ ମାତ୍ର ଡାକ୍ତରଙ୍କୁ ଦେଖିବାକୁ ମିଳିଥିଲା। ରୋଗ ଦେଖାଇବା ପାଇଁ ରୋଗୀମାନେ ଧାଡି ଲମ୍ୱାଇ ଛିଡା ହୋଇଥିଲେ। ଜଣେ ଡାକ୍ତର ରୋଗୀ ଦେଖୁଥିବାବେଳେ ନିରାମୟରୁ ଔଷଧ ଆଣିବା ପରେ ମଧ୍ୟ ପ୍ରେସକିପଶନ ସହ ଔଷଧ ଠିକ୍ ଅଛି ନାଁ କ'ଣ ମେଳାଇ ଦେଉଥିଲେ। ରୋଗୀମାନେ ଧାଡିରେ ବହୁ ସମୟ ଧରି ଅପେକ୍ଷାରେ ରହି ଅସନ୍ତୋଷ ବ୍ୟକ୍ତ କରିଥିଲେ। କିଛି ରୋଗୀ ଧାଡିକୁ ଦେଖି ଫେରି ଯାଇଥିଲେ। ପୁରୁଣା ଆଉଡଡୋରରେ ସବୁବେଳେ ୨ଜଣ ଡାକ୍ତର ରହୁଥିଲେ। ନୂଆରେ କାହିଁକି ଜଣେ ଡାକ୍ତର ରହୁଛନ୍ତି ବୋଲି ଅନେକ ରୋଗୀ ସମାଲୋଚନା କରିଥିଲେ। କିଛି ରୋଗୀ କଥା ହେଉଥିଲେ ନୂଆ ଚିକିତ୍ସାଳୟରେ ସିନା ଭଲ ସ୍ୱାସ୍ଥ୍ୟ ସେବା ମିଳିବା କଥା। ଚିକିତ୍ସାଳୟ ଆରମ୍ଭରୁ ଏପରି ଅବ୍ୟବସ୍ଥା ଶୁଭ ଲକ୍ଷଣ ନୁହେଁ ବୋଲି ଅଭିଯୋଗ ହେଉଛି।


ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କ ଲମ୍ବା ଧାଡି।

# ସ୍ୱାମୀ ଶଯ୍ୟାରେ: ଜଳଖିଆ ପାଇଁ ଯାଇ ସ୍ତ୍ରୀ ଆସିଲେନି

ନୟାଗଡ଼,୪। ୧୨(ଲୋକନାଥ ମିଶ୍ର)

**ବାପପୁଅଙ୍କ ଅଭିଶପ୍ତ ଜୀବନ**

ସ୍ୱାମୀ ଅପରେଶନ ଡାକ୍ତରଖାନା ଶଯ୍ୟାରେ ଥିବାବେଳେ ୩ ବର୍ଷର ଝିଅକୁ ଧରି ପତ୍ନୀ ଜଳଖିଆ ପାଇଁ ଯାଇ ଆଉ ଫେରି ନ ଥିଲେ। ସେପଟେ ଅକର୍ମଣ୍ୟ ସ୍ୱାମୀ ୧୧ ବର୍ଷର ନାବାଳକଙ୍କୁ ଧରି ଅଭିଶପ୍ତଜୀବନ ଯାପନ କରୁଛି। ପୁଅର ପାଠପଢ଼ା ଓ ଭବିଷ୍ୟତ ପାଇଁ ବାପା ମାନପୁରର ବିଜୟ କୁମାର ଘଡେଇ ସୋମବାର ଜିଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ଓଡ଼ଗାଁ ବ୍ଲକ ମାନପୁର ଗାଁର ବିଜୟ ଜଣେ ଡ୍ରାଇଭର। ପୁଅ, ଝିଅ ଓ ପତ୍ନୀଙ୍କୁ ନେଇ ପରିବାର ଠିକ୍ ଠାକ ଚାଲିଥିଲା। ଡାଇବେଟିସ୍ ରୋଗ ଯୋଗୁ ବିଜୟଙ୍କ ପରିବାର ଉପରେ କଳା ଛାୟାର ବାଦଲ ଘୋଡାଇ ହୋଇଗଲା। ୨୦୨୨ରେ ବିଜୟଙ୍କ ବାମ ହାତର କିଛି ଅଂଶ ନଷ୍ଟ ହେବା ଆରମ୍ଭ କଲା। ବିଜୟଙ୍କୁ ପରିବାର ଲୋକ ଏମସ୍‌ରେ ଭର୍ତ୍ତି କଲେ। ଡାକ୍ତର ହାତର କିଛି ଅଂଶକୁ କାଟିବାକୁ ପରାମର୍ଶ ଦେଲେ। ଏଭଳିସ୍ଥଳେ ବିଜୟ ଶଯ୍ୟାରେ ଅପରେଶନ ପାଇଁ ଅପେକ୍ଷାରତ ଥିବାବେଳେ ମାର୍ଗଶୀର ମାସ ଗୁରୁବାର ପତ୍ନୀ ୩ ବର୍ଷର ଝିଅକୁ ସାଙ୍ଗରେ ନେଇ ଜଳଖିଆ ଆଣିବାକୁ ଯାଇଥିଲେ। ହେଲେ ଆଉ ଫେରିଲେ ନାହିଁ। ବାପାଙ୍କ ଅପରେଶନ ସମୟରେ ୯ ବର୍ଷର ନାବାଳକ ପାଖରେ ରହିଲେ। ଇତିମଧ୍ୟରେ ୨ ବର୍ଷ ବିତିଗଲାଣି। ପୁଅ ଷଷ୍ଠ ଶ୍ରେଣୀରେ ପାଠ ପଢ଼ିଲାଣି। ଅର୍ଥାଭାବ ଯୋଗୁ ଭଲ ଟିଉସନକୁ ଯାଇପାରୁନାହିଁ। ପୁଅର ପାଠପଢ଼ା କମିଗଲା। ଅକମଣ୍ୟ ହୋଇ ବାପା ବହୁ କଷ୍ଟରେ ରୋଷେଇ କରୁଛନ୍ତି। କାମଧନ୍ଦାକୁ ବିଜୟ ଯାଇ ପାରୁ ନ ଥିବାବେଳେ ଭତ୍ତା ଓ ରାଶନ ଚାଉଳରେ ଘର ଚଳାଇବା କାଠିକର ପାଠ ହୋଇ ପଡୁଛି। ଏଥିରେ ପୁଣି ବିଜୟଙ୍କୁ ଡାଇବେଟିସ୍ ସହ ଅନ୍ୟ ରୋଗ ପାଇଁ ଔଷଧ କିଣିବାକୁ ପଡୁଛି। ପୁଅକୁ କିପରି ପଢ଼ାଇବ ସେ ଚିନ୍ତା ବାପାଙ୍କୁ ଘାରିଛି।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ବିଜୟ କୁମାର ଘଡ଼େଇ ।

# ପାଟ୍ରୋଲିଂ ବେଳେ ୬ ଗୋରୁ ସହ ଗାଡ଼ି ଜବତ

ଖଣ୍ଡପଡା,୪।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ମନୋରଞ୍ଜନ ପଣ୍ଡା ଅନ୍ୟ କର୍ମଚାରୀଙ୍କ ସହ ରବିବାର ଅପରାହ୍ନରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଗାଡ଼ିରେ ଗୋରୁ ଚାଲାଣ ହେଉଥିବା କୌଣସି ସୁତ୍ରରୁ ଖବର ପାଇଥିଲେ। ସମ୍ପୃକ୍ତ ପୋଲିସ କର୍ମଚାରୀମାନେ ଗାଡିକୁ ପିଛା କରିବା ପାଇଁ ବାଣପୁର ପଞ୍ଚାୟତ ଅଧୀନ କୁମୁଣ୍ଡି-ସିଧାମୂଳା ମହାନଦୀ ମାଳବନ୍ଧକୁ ଯାଉଥିବା ବେଳେ ଏକ ନିକାଞ୍ଚନ ସ୍ଥାନରେ ୬ଟି ଗୋରୁ ଦୟନୀୟ ଅବସ୍ଥାରେ ଏକ ପିକ୍ଅପ୍ ଭ୍ୟାନ ନଂ. ଓଡି ୦୫ ବିଇ ୯୬୧୪ ମଧ୍ୟରେ ପଡିରହିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ପଣ୍ଡା ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ସ୍ଥାନୀୟ ଫାଣ୍ଡି ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଗାଡି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି। ତେବେ ସମ୍ପୃକ୍ତ ଗାଡିକୁ ଜବତ କରାଯାଇ ଏକ ମାମଲା ରୁଜୁ କରାଯାଇ କଣ୍ଟିଲୋ ଫାଣ୍ଡିକୁ ଅଣା ଯାଇଥିବା ବେଳେ ଉଦ୍ଧାର ୬ଟି ଗୋରୁଙ୍କୁ କିଆଝର ପଞ୍ଚାୟତ ଅଧୀନ ଭଁଅରପଲ୍ଲୀ ଗୋଶାଳାକୁ ପଠାଇ ଦିଆଯାଇଥିବା ଫାଣ୍ଡି ଅଧିକାରୀ ଜେନା ସୂଚନା ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଲ୍ଲାଉଦ୍ଦିନ୍


@ ମୁକେଶ


@ ପୂଜାରାଣୀ


@ ମାନସ


@ ସୁଶିଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୈଜ୍ଞାନିକ ପ୍ରଦର୍ଶନୀ ଘୁଞ୍ଚିଲା: ବାତ୍ୟା ମିଗ୍‌ଜୋମ ପାଇଁ ବାତିଲ

ନୟାଗଡ,୪।୧୨(ଲୋକନାଥ ମିଶ୍ର)

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମିଗ୍‌ଜୋମ୍ ପାଇଁ ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ବାତିଲ ହୋଇଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସମଗ୍ର ଶିକ୍ଷା ନୟାଗଡ଼ ପକ୍ଷରୁ ଜିଲା ସଦର ମହକୁମାର ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ୫ ଓ ୬ ତାରିଖରେ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏ ନେଇ ସୋମବାର ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଥିଲା। ତେବେ ବାତ୍ୟାର ପ୍ରକୋପ ଦେଖି ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀକୁ ବାତିଲ କରାଯାଇଛି। ବାତ୍ୟା ପରେ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆସନ୍ତ ୧୧ ଓ ୧୨ରେ ହେବ ବୋଲି କୁହଯାଇଛି।

# ମଲ୍ ସମ୍ମୁଖ ରାସ୍ତାରୁ ହଟୁନି ବାଇକ୍

- ଓଡଗାଁ ଛକରେ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ
- ଲେମ୍ବୁ ଛକ ରାସ୍ତାରୁ ବାଇକ୍ ହଟାଇ ବାହାବା

ନୟାଗଡ଼, ୪।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଶରଣକୁଳ ୨୧ ନଂ. ରାଜ୍ୟ ରାଜପଥର ଲେମ୍ବୁ ଛକରୁ ଓଡ଼ଗାଁ ଛକ ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ ରହୁଛି। ବେଶୀ ଟ୍ରାଫିକ ଜାମ ଓଡ଼ଗାଁ ଛକରେ ମଲ କୁହାଯାଉଥିବା ଗୁରୁ ଓ ଜିନିୟସ୍ ଫେସନ ଆଗରେ ସୃଷ୍ଟି ହେଉଛି। ସକାଳ ୧୦ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ ରହୁଥିଲେ ମଧ୍ୟ ଏଠାରୁ ପୋଲିସ ବାଇକ୍ ହଟାଉ ନାହିଁ। ମଲକୁ ଯାଉଥିବା ଗ୍ରାହକମାନେ ଓଡ଼ଗାଁ ଛକକୁ ପଡ଼ିଥିବା ବିକଳ୍ପ ରାସ୍ତା ସହ ନୟାଗଡ଼-ଶରଣକୁଳ ରାସ୍ତା ଉପରେ ବାଇକ୍ ରଖୁଛନ୍ତି। ଏହାସବୁ ଦିନିଆ ଘଟଣା। ଏଭଳିସ୍ଥଳେ ସୋମବାର ସନ୍ଧ୍ୟାରେ ନୟାଗଡ଼ ଟାଉନ ଥାନା ପୋଲିସ ଓ ଫୋର୍ସ ମିଳିତ ହୋଇ ଟ୍ରାଫିକ୍ ଛକ ସଂଲଗ୍ନ ଲେମ୍ବୁ ଛକରୁ ଓଡଗାଁ ଛକ ପର୍ଯ୍ୟନ୍ତ ରାସ୍ତା ଉପରୁ ବାଇକ୍ ଘଉଡାଇ ଥିଲେ। ତେବେ ସବୁଦିନ ପରି ମଲ ସମ୍ମୁଖ ରାସ୍ତା ଉପରୁ ବାଇକ୍ ହଟାଇବାକୁ ସାହାସ କରି ନ ଥିଲେ। ମଲକୁ ଅନୁକମ୍ପା ପରେ ସାଧାରଣରେ ପୋଲିସକୁ ସମାଲୋଚନା କରାଯାଇଥିଲା।


ରାସ୍ତା ଉପରେ ବାଇକ୍ ରହିଥିବାରୁ ଯାତାୟତରେ ଅସୁବିଧା ହେଉଛି।

# ଅର୍ଥ ମଞ୍ଜୁରୀକୁ ବର୍ଷେ, ଜମି ଚିହ୍ନଟରେ ବିଳମ୍ବ

- କଣ୍ଟିଲୋରେ ନୂତନ ମେଡିକାଲ ଗୃହ ନିର୍ମାଣ ପ୍ରସ୍ତାବ
- ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ

ଖଣ୍ଡପଡ଼ା,୪।୧୨
(ଅଜୟ କୁମାର ମହାରଣା)

ନୟାଗଡ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ପୀଠରେ ପ୍ରତ୍ୟେହ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରଦାନ ଲକ୍ଷ୍ୟରେ ଏକ ନୂତନ ମେଡିକାଲ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାର ୨ କୋଟି ୨୦ ଲକ୍ଷ ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି। ଅର୍ଥ ମଞ୍ଜୁର ହେବାର ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏହି ଗୃହ ପାଇଁ ଆବଶ୍ୟକ ପଡୁଥିବା ୨ ଏକର ଜମି କଣ୍ଟିଲୋ ଅଞ୍ଚଳରେ ଚିହ୍ନଟ ହୋଇ ପାରୁ ନ ଥିବାରୁ ନୂତନ ଗୃହ ନିର୍ମାଣରେ ବାଧକ ସାଜିଛି। ତେବେ ଜାଗା ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରବିବାର ଅପରାହ୍ନରେ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣାଙ୍କ ଆବାହକତ୍ୱରେ ଏକ ସାଧାରଣ ସଭା ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ପ୍ରଭାକର ଶିରୋମଣୀ ଅଧ୍ୟକ୍ଷତା କରିଥିବା ବେଳେ ଆବାହକ ମହାରଣା ନୂତନ ମେଡିକାଲ ପାଇଁ ଆବଶ୍ୟକ ଜାଗା ନିରୂପଣର ସମସ୍ୟା ଏବଂ ପ୍ରଶାସନିକ ଉଦାସୀନତା ସମ୍ପର୍କରେ ଅବଗତ କରାଇଥିଲେ। ନୂତନ ମେଡିକାଲ ନିର୍ମାଣ ଦାୟିତ୍ୱ ଭୁବନେଶ୍ୱର ପୋଲିସ ହାଉସିଂ କରପୋରେଶନକୁ ଦିଆଯାଇଥିବା ବେଳେ ଆବଶ୍ୟକ ଥିବା ୨ ଏକର ଜମି କଣ୍ଟିଲୋ ପରିସର ମଧ୍ୟରେ ଉପଲବ୍ଧ ହେଉ ନ ଥିବାରୁ ଏ ପ୍ରକଳ୍ପର କାର୍ଯ୍ୟକାରିତା ଦିଗରେ ପ୍ରତିବନ୍ଧକ ସାଜିଥିବା ସୂଚନା ଦିଆଯାଇଥିଲା। ଉପସ୍ଥିତ ଲୋକପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ କଣ୍ଟିଲୋ ଅଞ୍ଚଳରେ ଥିବା ୩ଟି ଜାଗା ମଧ୍ୟରେ ଏକ ଏକରରୁ ଊର୍ଦ୍ଧ୍ୱ ଥିବା କଣ୍ଟିଲୋ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ପରିସର, ଗାନ୍ଧୀ ପାର୍କ ଏବଂ ମାତ୍ର ୩୮ ଡ଼େସିମିଲ ପରିମିତ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ଶିକ୍ଷାନୁଷ୍ଠାନର ଜାଗା। ତେବେ ସର୍ବସମ୍ମତିକ୍ରମେ କଣ୍ଟିଲୋ ଜଳ ସମ୍ପଦ ବିଭାଗ ପରିସର ଓ ବାପୁଜୀ ନଗରସ୍ଥିତ ଗାନ୍ଧୀପାର୍କ ପରିସରରେ ମେଡିକାଲ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇ ନୟାଗଡ଼ ଜିଲା ପ୍ରଶାସନ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ୨ଟି ଜାଗା ମଧ୍ୟରୁ ଯେଉଁଟି ଉପଯୁକ୍ତ ଏ ଦିଗରେ ଜିଲା ପ୍ରଶାସନ ଆସନ୍ତା ୧୫ ତାରିଖ ମଧ୍ୟରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଆଗାମୀଦିନରେ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ଜିଲା ପରିଷଦ ସଦସ୍ୟା ଉଜଳ ମହାରଣା, ମେଜର ରାଜ କିଶୋର ସାହୁ, ସୁରେନ୍ଦ୍ର ନାଥ ସାହୁ, ସନ୍ତୋଷ କୁମାର ସାହୁ, ପ୍ରସନ୍ନ କୁମାର ସାହୁ, ଶରତ କୁମାର ବେହେରା, ଶୁଭ୍ରାଂଶୁ କୁମାର ମହାରଣା, ଅନ୍ତର୍ଯ୍ୟାମୀ ସାହୁ, ରାମଚନ୍ଦ୍ର କାଣ୍ଡି, ଅଶୋକ କୁମାର ମହାରଣା, ହେମନ୍ତ କୁମାର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ପରିଶେଷରେ ଶୁଭ୍ରାଂଶୁ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

ସୂଚନା ଯୋଗ୍ୟ, ସମ୍ପୃକ୍ତ ନୂତନ ୨୪ ଘଣ୍ଟିଆ ମେଡିକାଲ ଜାଗା ନିରୂପଣ ନିମନ୍ତେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡା ତହସିଲଦାର ଲିପ୍ସା ରାୟ ଜୁଲାଇ ୨୭ରେ କଣ୍ଟିଲୋ ଗସ୍ତରେ ଆସି କେତେକ ଜମି ସର୍ବେକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧାରୀ ଡା. ରମାକାନ୍ତ ପଣ୍ଡାଙ୍କ ପରାମର୍ଶକ୍ରମେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହକାରୀ ଯନ୍ତ୍ରୀ ଇଂ. ରମାକାନ୍ତ ପାତ୍ର, ଭୁବନେଶ୍ୱରସ୍ଥିତ ପୋଲିସ ହାଉସିଂ ବୋର୍ଡ କର୍ପୋରେଶନ ସହକାରୀ ପ୍ରୋଜେକ୍ଟ ମ୍ୟାନେଜର ଇଂ. ପ୍ରଶାନ୍ତ ପ୍ରଧାନ, ସାଇଟ ଇଞ୍ଜିନିୟର ପ୍ରକାଶ ସ୍ୱାଇଁ ଓ ସହକର୍ମୀମାନେ, ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଭିଷାର ପଣ୍ଡା, କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ହେମନ୍ତ କୁମାର ସାହୁ, ସହକାରୀ ପ୍ରଭାତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଜମି ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରିଥିଲେ। ମାତ୍ର ନିର୍ଦ୍ଦିଷ୍ଟ କେଉଁ ଜାଗାରେ ନୂତନ ମେଡିକାଲ ନିର୍ମାଣ କରାଯିବ ଏ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇପାରିଲା ନାହିଁ।


ବୈଠକରେ ସାମିଲ ହୋଇଥିବା ଅଞ୍ଚଳବାସୀ।

## ସଂକ୍ଷେପରେ

### ଏଲିମେଣ୍ଟାରି ବିଇଡି ଶିକ୍ଷକ ସଂଘ ବୈଠକ

ଧର୍ମଶାଳା,୪।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଜାରକା ସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଯାଜପୁର ଜିଲା ଏଲିମେଣ୍ଟାରୀ ବିଇଡି ଶିକ୍ଷକ ସଂଘ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଇଡି ଶିକ୍ଷକ ସଂଘର ପ୍ରତିଷ୍ଠାତା ସଭାପତି ଲକ୍ଷ୍ମଣ କୁମାର ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ସଂଘୀୟ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାର ଆଗାମୀ ଦିନରେ କ୍ୟାଡର ରୁଲ କରିବା ସହ ଏହାକୁ ଶୀଘ୍ର ପ୍ରସ୍ତୁତ କରିବାକୁ ନିବେଦନ କରାଯାଇଥିଲା। ଏହି ଅବସରରେ ଶାଖା ସଙ୍ଗଠନର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ରମେଶ ଚନ୍ଦ୍ର ଜେନା, ଉପସଭପତି ବିଜୟ କବି, କାର୍ଯ୍ୟକାରୀ ସଭାପତ ବିଜୟ ମଲିକ, ସଙ୍ଗଠନ ସମ୍ପାଦକ ଅରୁଣ କୁମାର ମହାଲିକ, କୋଷାଧକ୍ଷ ଅରୁଣ କୁମାର ଦାସଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ମିଡିଆ କୋଡିନେଟର ଭାବେ ବୈଲୋଚନ ଦାସ ଏବଂ ଶ୍ୟାମସୁନ୍ଦର ଶାନ୍ତିଙ୍କୁ ଚୟନ କରାଯାଇଥିଲା। ଉକ୍ତ ସଭାରେ ବଳରାମ ପତି, ସଚ୍ଚିକାନ୍ତ ମିଶ୍ର, ଲକ୍ଷ୍ମୀନାରାୟଣ ରାଉତ, ମନୋଜ କୁମାର ପାତ୍ର ପ୍ରମୁଖଙ୍କୁ ଉପଦେଷ୍ଟା ଏବଂ ହିଲ୍ଲୋଳିନୀ ମହାନ୍ତିଙ୍କୁ ମହିଳା ସଦସ୍ୟା ଭାବେ ମନୋନୀତ କରାଯାଇଥିଲା। ଶିକ୍ଷକ ଅମରେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

### ବରିଷ୍ଠ ବ୍ୟବସାୟୀଙ୍କ ପରଲୋକ

ବ୍ରହ୍ମବରଦା,୪।୧୨(ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ ବ୍ରହ୍ମବରଦା ପ୍ରେସ୍ କ୍ଲବର ସଦସ୍ୟ ତଥା ବାଲିପାଟଣା ଗ୍ରାମ ୧୪ନଂ. ୱାର୍ଡର ଖବରଦାତା ପ୍ରତାପ ପୃଷ୍ଟିଙ୍କ ବାପା ତଥା ବରିଷ୍ଠ ବ୍ୟବସାୟୀ ରବିନ୍ଦ୍ର ପୃଷ୍ଟିଙ୍କ(୭୦) ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି । ସେ କିଛି ଦିନ ହେଲା ଅସୁସ୍ଥ ହୋଇ ଘରେ ଚିକିତ୍ସାଧୀନ ଥିଲେ। ଏହି ଦୁଃଖଦ ଘଟଣା ସମୟରେ ସ୍ତ୍ରୀ , ପୁଅ, ବୋହୂ ଓ ନାତୁଣି ଉପସ୍ଥିତ ଥିଲେ। ବିଳମ୍ବିତ ରାତିରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ସୁଶାନ୍ତ ପୃଷ୍ଟି ମୁଖାଗ୍ନି ଦେଇଥିଲେ। ଖବରପାଇ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ରସଲପୁର ବ୍ଲକ ଉପାଧକ୍ଷାଙ୍କ ସ୍ୱାମୀ ଶେଷ ଦର୍ଶନ କରିଥିଲେ ।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ଚଣ୍ଡିଖୋଲ,୪।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନା ଖୋସାଲିପୁର ଗ୍ରାମର ଜଣେ ଯୁବକ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ସୋମବାର ଗିରଫ ହୋଇଛନ୍ତି। ସେ ଜଣେ ୭ମ ଶ୍ରେଣୀ ଛାତ୍ରୀକୁ ବଳାତ୍କାର କରିଥିଲେ । ସମ୍ପୃକ୍ତ ଯୁବକ ହେଲେ ଖୋସାଲିପୁର ଗ୍ରାମର ରାକେଶ ସାମଲ (୩୬) । ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ରବିବାର ବଡ଼ଚଣା ଥାନାରେ ଅଭିଯୋଗ କରାଯାଇଥିଲା। ସେହି ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା(ନଂ.୩୮୩/୨୩) ରୁଜୁ କରିଛି । ରାକେଶଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଆଇ ଦିଲୀପ କୁମାର କାଣ୍ଡି ସୂଚନା ଦେଇଛନ୍ତି। ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି।

# ଟ୍ରକ୍ ପଛରେ ପିଟି ହେଲା ଯାତ୍ରୀବାହୀ ବସ୍

## ୧୪ ଆହତ,୫ ଗୁରୁତର

ଚଣ୍ଡିଖୋଲ/ବଡ଼ଚଣା,୪।୧୨
(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)



ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଉଛି ।

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ୧୬ ନଂ. ଜାତୀୟ ରାଜପଥର ବଡ଼ଚଣା ଛକ ନିକଟ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ନିକଟରେ ସୋମବାର ଗହମ ବୋଝେଇ ଟ୍ରକକୁ ଏକ ଯାତ୍ରୀବାହୀ ବସ ପଛପଟୁ ଧକ୍କା ଦେବା ଫଳରେ ୧୪ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସେମାନ ମଧ୍ୟରୁ ୫ ଜଣ ଗୁରୁତର ହୋଇଛନ୍ତି । ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି ।

ସୂଚନା ଅନୁଯାୟୀ, ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ନାୟକ ଟ୍ରାଭେଲର୍ସର ବିଗ୍ ବସ୍ ନାମକ ବସ (ନଂ.ଓଡି୨୨ ଜେ-୦୭୯୭)ବଡ଼ଚଣା ପେଟ୍ରୋଲପମ୍ପ ନିକଟରେ ଯାଉଥିବା ଏକ ଗହମ ବୋଝେଇ ଟ୍ରକକୁ ଓଭରଟେକ୍ କରିବାକୁ ଦ୍ରୁତଗତିରେ ଯାଉଥିଲା । ହେଲେ ଓଭରଟେକ୍ ସମୟରେ ଚାଳକ ବସ୍ ଉପରୁ ନିୟନ୍ତ୍ରଣ ହରାଇ ବସିବାରୁ ତାହା ଟ୍ରକ ପଛକୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୧୪ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତର ଥିଲେ। ଖବର ପାଇ ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପୋଲିସ ଟିମ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଗୁରୁତର ଥିବା ୫ ଯାତ୍ରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।ସେମାନେ ହେଲେ ଭଦ୍ରକ ଜିଲା ମୋଟୁ ଅଞ୍ଚଳର ହରିହର ସାହୁ ,ଅସୁରାଳି ଗ୍ରାମର ପ୍ରଶାନ୍ତ ସାହୁ, ସମରପୁର ଗ୍ରାମର ତପନ ଜେନା, ଚାନ୍ଦବାଲି ଅଞ୍ଚଳର ରମେଶ ଦାଶ ଓ ନୂଆପଡା ଖରିଆର ଅଞ୍ଚଳର ଦୀକ୍ଷା ମହାନ୍ତି । ଅନ୍ୟ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ଦୁର୍ଘଟଣାସ୍ଥଳରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ଓ ବଡ଼ଚଣା ଥାନା ଅଧିକାରୀ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି । ଦୁର୍ଘଟଣା ଘଟାଇବା ପରେ ବସ୍‌ର ଡ୍ରାଇଭର ଓ କଣ୍ଡକ୍ଟର ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ ପ୍ରାୟ ୧ ଘଣ୍ଟା ଧରି ଜାତୀୟ ରାଜପଥରେ ଗାଡ଼ି ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ପୋଲିସ ବସ୍ ଓ ଟ୍ରକକୁ ରାସ୍ତାରୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ନିଜ ଗନ୍ତବ୍ୟ ସ୍ଥଳକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ କହିଛନ୍ତି ।

# ହାତୀ ଆକ୍ରମଣରେ ଦମ୍ପତି ଆହତ

## ଖଣି ଅଞ୍ଚଳରେ ଆତଙ୍କ

କାଳିଆପାଣି,୪।୧୨(ଅସିତ ମହାନ୍ତ)

ଯାଜପୁର ଜିଲା ସୁକିନ୍ଦା ତହସିଲ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତର ବିଭିନ୍ନ ଗାଁରେ ଏବେ ହାତୀ ଆତଙ୍କ ଲାଗି ରହିଛି । ବନ ବିଭାଗ କର୍ମଚାରୀମାନେ ଗାଁରେ ପଇଁତରା ମାରୁଛନ୍ତି । ଏହାପରେ ବି ସନ୍ଧ୍ୟା ହେଲେ ଗାଁରେ ତାଟି କବାଟ ପଡ଼ି ଯାଉଛି।

କିଛି ଦିନ ହେବ ୭ଟି ହାତୀ ଥିବା ପଲ ସାତକୋଶିଆ ଅଭୟାରଣ୍ୟରୁ ଚାଲି ଆସିଥିଲେ। ସେହି ପଲରେ ୪ ବଡ଼ ହାତୀ ସହ ୩ ଛୁଆ ହାତୀ ଅଛନ୍ତି । ସେମାନେ କେନ୍ଦୁଝର, ଯାଜପୁର ଓ ଢେଙ୍କାନାଳ ଜିଲା ସୀମାନ୍ତ ନଗଡ଼ା ଅଞ୍ଚଳକୁ ଚାଲି ଆସିଛନ୍ତି। ଗତ ଶନିବାର ସନ୍ଧ୍ୟାରେ ଏହି ହାତୀପଲ ଆକ୍ରମଣରେ ଗୁହିଆସାଳ ତଳଡିହ ଗାଁର ଦମ୍ପତି ଆହତ ହୋଇଛନ୍ତି। ସେମାନେ ହାଟରୁ ଫେରୁଥିବା ସମୟରେ ହାତୀ ହାବୁଡରେ ପଡ଼ିଥିଲେ। ହାତୀ ସ୍ୱାମୀଙ୍କୁ ଶୁଣ୍ଢରେ ଟେକି ଫିଙ୍ଗି ଦେଇଥିବା ବେଳେ ସ୍ତ୍ରୀ ଭୟରେ ଦଉଡ଼ି ଚାଲିଯାଉଥିବା ସମୟରେ ପଡ଼ି ଯିବାରୁ ପଥରରେ ମାଡ଼ ହୋଇ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଏହି କଥା ଜଣାପଡ଼ିବା ପରେ ଗାଁରେ ଆତଙ୍କ ଖେଳି ଯାଇଥିଲା । ରବିବାର ରାତିରେ ଜଙ୍ଗଲରୁ ହାତୀପଲ ବାହାରି ପାଟଣା ରାସ୍ତା ଦେଇ ବେନାଗାଡ଼ିଆ ଗାଁରେ ପଶି ଧାନ ଖାଇବା ସହ କଦଳୀ ଓ ପରିବା ଫସଲ ନଷ୍ଟ କରିଛନ୍ତି। ବଡ଼ ହାତୀ ସହ ୩ ଛୁଆ ହାତୀ ଥିବାରୁ ଗ୍ରାମବାସୀ ଘଉଡ଼ାଇଲେ ବି ଧାନ ବିଲରୁ ଉଠୁ ନାହାନ୍ତି। ଦମ୍ପତିଙ୍କୁ ହାତୀ ଆକ୍ରମଣ ଘଟଣା ପରେ ଫରେଷ୍ଟର ନରେଶ କୁମାର ଟୁଡୁଙ୍କ ନେତୃତ୍ୱରେ କର୍ମଚାରୀମାନେ ଗାଁ ଜଙ୍ଗଲ ତଳେ ହାତୀପଲକୁ ଜଗିଛନ୍ତି। ବାଣ ଫୁଟାଇ ଘଉଡାଇବାକୁ ଚେଷ୍ଟା କରୁଛନ୍ତି । ହେଲେ ନଗଡ଼ା ନିକଟ ନାତୋର, ଅଶୋକଝର, ଗୁହିଆସାଲ, ରଗଡା, ପାଟଣା ଆଦି ଗାଁରେ ସନ୍ଧ୍ୟା ହେଲେ ତାଟି କବାଟ ପଡିଯାଉଛି ।

# ଭିସା ଷ୍ଟିଲର ୨୯ତମ ପ୍ରତିଷ୍ଠା ଦିବସ



ଭିସା ଷ୍ଟିଲ୍‌ର ବରିଷ୍ଠ ଅଧିକାରୀମାନେ କେକ୍ କାଟି ପ୍ରତିଷ୍ଠା ଦିବସ ପାଳନ କରୁଛନ୍ତି ।

**କଳିଙ୍ଗନଗର,୪।୧୨(ଶୁଭାଶିଷ ରାଉତ) :**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଅନ୍ୟତମ ଶିଳ୍ପପ୍ରତିଷ୍ଠାନ ଭିସା ଷ୍ଟିଲର ୨୯ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କାରଖାନାର ସିଏସ୍‌ଆର୍ ବିଭାଗ ତରଫରୁ ଏହି ଅବସରରେ ଏକ ରକ୍ତ ଦାନ ଶିବିରର ଆୟୋଜନ କରାଯାଇଥିଲା । ଏହି ଶିବିରକୁ ଯାଜପୁର ରୋଡର ବ୍ଲଡ଼ ବ୍ୟାଙ୍କ ଶାଖା କର୍ମଚାରୀମାନେ ପରିଚାଳନା କରିଥିଲେ । ସେହିପରି ନିକଟସ୍ଥ ସୁଆଁଳ ଓ ସହର ସାହିର ପ୍ରାୟ ୨୦୦ ବାସିନ୍ଦାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଆସନ୍ତା ଗୁରୁବାର ଯଖପୁରା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରାୟ ୫୯୦ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ବ୍ୟାଗ୍ ପ୍ରଦାନ କରାଯିବ ବୋଲି ସିଏସ୍‌ଆର୍ ବିଭାଗ ତରଫରୁ ସୂଚନା ଦିଆଯାଇଅଛି। ପ୍ରତିଷ୍ଠା ଦିବସ ଉପଲକ୍ଷେ କାରଖାନା ପରିସରରେ ସୋମବାର ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ଯୋଗଦେଇ କର୍ମଚାରୀ ଓ ଶ୍ରମିକମାନଙ୍କୁ କାରଖାନା ପରିଚାଳନାରେ ସେମାନଙ୍କ ସହଯୋଗ ପାଇଁ ସାଧୁବାଦ ଅର୍ପଣ କରିଥିଲେ। ପରେ ମୁଖ୍ୟଅତିଥି କାରଖାନାର ବିଭିନ୍ନ ବିଭାଗରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କର୍ମଚାରୀ ଓ ଶ୍ରମିକମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ କାରଖାନାରେ ଚାରା ରୋପଣ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥିଲା । କାରଖାନାର ବରିଷ୍ଠ ଅଧିକାରୀମାନେ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ବଡ଼ଚଣା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ।

ଚଣ୍ଡିଖୋଲ,୪।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବରିଷ୍ଠ ନାଗରିକ ମଞ୍ଚର ୭ମ ବାର୍ଷିକ ଉତ୍ସବ ବଡ଼ଚଣାସ୍ଥିତ ମହାବିନାୟକ ବିଦ୍ୟାୟଳ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ପ୍ରାକ୍ତନ ପ୍ରାଧାପକ ବସନ୍ତ କୁମାର ନାୟକ ଙ୍କ ସଭାପତିତ୍ୱ ରେ ଆୟୋଜିତ ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଯାଜପୁର ଏମ୍. ପି. ଶର୍ମିଷ୍ଠା ସେଠୀ ଅତିଥିଭାବେ ଯୋଗଦେଇ ଉକ୍ତ ଉତ୍ସବକୁ ଉଦଘାଟନ କରିଥିଲେ । ଏହି ଅବସରରେ କବି ଉମାକାନ୍ତ ପୃଷ୍ଟିଙ୍କ ଦ୍ୱାରା ରଚିତ କବିତା ପୁସ୍ତକ ପ୍ରେମକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗାୟକ ସୌରଭ ରଜନୀକାନ୍ତ ପୃଷ୍ଟି କବିତା ପୁସ୍ତକର ସମୀକ୍ଷା କରିଥିଲେ। ମହାବିନାୟକ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଜରିଆରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସମ୍ମାନିତ ଅତିଥି ବରିଷ୍ଠ ପ୍ରଶାସକ ଆଇ ଏ ଏସ ନିର୍ମଳ ଚନ୍ଦ୍ର ମିଶ୍ର ବରିଷ୍ଠମାନଙ୍କ ପାଇଁ ଉପଲବ୍ଧ ସରକାରୀ ସେବା ସୁବିଧା ସୁଯୋଗ ଉପରେ ଅଭିଭାଷଣ ମାଧମରେ ସଚେତନ କରାଇଥିଲେ । ଅନ୍ୟତମ ଅତିଥି ବିରଜା ଭୂମିର ସମ୍ପାଦକ ନିର୍ମଳ ଚନ୍ଦ୍ର ସାମଲ ,କବି ମାନ ଗୋବିନ୍ଦ ବାରିକ ଯୋଗଦେଇ ସମାଜକୁ ଉଚିତ ଦିଗଦର୍ଶନ ଦେବାପାଇଁ ବରିଷ୍ଠମାନଙ୍କୁ ଆହ୍ୱାନ ଦେଇଥିଲେ । ବଡ଼ଚଣା ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗଦେଇ ବରିଷ୍ଠମାନେ ସୁରକ୍ଷିତ ଓ ଦୀର୍ଘାୟୁ ରହିବାର ମାର୍ଗଦର୍ଶନ କରିବା ସହିତ ପୋଲିସ ପ୍ରଶାସନ ତରଫରୁ ୫୨ ଜଣ ବରିଷ୍ଠ ନାଗରିକ୍‌ଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ପାଦକ ପରମାନନ୍ଦ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସାଧାରଣ ସମ୍ପାଦକ ଅଜିତ ପ୍ରସାଦ ମିଶ୍ର ସ୍ୱାଗତ ସମ୍ଭାଷଣ ଦେଇଥିଲେ। ମଞ୍ଚର ଉପସଭାପତି ଡ.ଅଜୟ କୁମାର ଲେଙ୍କା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନାରାୟଣ ରାଉତ, ପ୍ରସନ୍ନ ମହାରଣା, ମାର୍କଣ୍ଡ ଓଝା, ଧନେଶ୍ୱର ମହାନ୍ତି, ପୀତବାସ ମିଶ୍ର, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### ଥାନାରୁ ନ୍ୟାୟ ମିଳିଲା ନାହିଁ, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

ପାଣିକୋଇଲି,୪।୧୨(ବିକାଶ କୁମାର ମଲିକ)

ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ କୋରାଇ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି । ଏଥିପାଇଁ ଜଣେ ମହିଳା ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଏସ୍‌ପିଙ୍କୁ ନିଜ ଦୁଃଖ ଜଣାଇଛନ୍ତି । ସୂଚନା ଅନୁଯାୟୀ, କୋରାଇ ଥାନା ଅନ୍ତର୍ଗତ କାଚରାସାହି ନହଣକୂଳ ଗ୍ରାମର ଯୋଗେନ୍ଦ୍ର ବେହେରାଙ୍କ ସ୍ତ୍ରୀ ମାନସୀ ଅଭିଯୋଗ କରିଛନ୍ତି, ପଡୋଶୀ ଦାମ ଭଞ୍ଜ ତାଙ୍କ ଯାତାୟତ ରାସ୍ତାରେ ଅଳିଆ ପକାଇବା ସହ ନାଳପାଣି ପାଣି ଛାଡୁଛନ୍ତି । ଯାହାଫଳରେ ଦୁର୍ଗନ୍ଧ ହେବା ସହ ଯାତାୟତରେ ଅସୁବିଧା ହେଉଛି । ଏନେଇ ଯୋଗେନ୍ଦ୍ର ଦାମଙ୍କୁ ପଚାରିବାରୁ ତାଙ୍କ ଭାଇ ରାମ ଓ ପୁଅ ଘଡ, ସନ୍ତୋଷ, ଯାଜୁ, ପୁନିଆ ପ୍ରମୁଖ ଆସି ଏହି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ମାଡ଼ଖାଇ ଯୋଗେନ୍ଦ୍ର ଅଚେତ ହେବା ପରେ ତାଙ୍କୁ ବିଲରେ ଫୋପାଡି ଦେଇଥିଲେ । ଏମିତିକି ଆକ୍ରମଣକାରୀମାନେ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଏନେଇ ସେ ଗତ ୩୦ ତାରିଖରେ କୋରାଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ କରିନାହିଁ । ନିଜର ଓ ପରିବାର ଲୋକଙ୍କ ସୁରକ୍ଷା ପାଇଁ ସେ ଏସ୍‌ପିଙ୍କୁ ଭେଟି ନିବେଦନ କରିଛନ୍ତି ।



# ଘରେ ପଶି ମାଡ଼ ମାରିବା ଅଭିଯୋଗରେ ଅଭିଯୁକ୍ତ ଗିରଫ

ଧର୍ମଶାଳା,୪।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତ ଜଳେଶ୍ୱରପୁର ଗ୍ରାମରେ ଜଣେ ଯୁବକ ସେହି ଗ୍ରାମର ଦିନବନ୍ଧୁ ସାହୁଙ୍କ ଘରେ ପଶି ତାଙ୍କ ସ୍ତ୍ରୀ, ଭାଇ, ମା'ବାପାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସମ୍ପୃକ୍ତ ଯୁବକ ହେଲେ ଜଳେଶ୍ୱରପୁର ଗ୍ରାମର ପ୍ରହ୍ଲାଦ ସ୍ୱାଇଁ । ଗତ ୨୯ ତାରିଖରେ ପ୍ରହ୍ଲାଦ ଗ୍ରାମର ଦିନବନ୍ଧୁଙ୍କ ଘରେ ପଶି ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କ ଭାଇ ଓ ସ୍ତ୍ରୀ ହରପ୍ରିୟା ଓ ତାଙ୍କ ମା,ବାପାଙ୍କୁ ମାଡ ମାରି ଲହୁଲୁହାଣ କରିଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ ପ୍ରହ୍ଲାଦ ଫେରାର ହୋଇଯାଇଥିଲେ । ଏନେଇ ହରପ୍ରିୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୭୫୯ / ୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି।

# ସାରସ୍ୱତ ସମାରୋହ, ସମ୍ବର୍ଦ୍ଧନା ସଭା


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ବାଲିଚନ୍ଦ୍ରପୁର,୪।୧୨(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତସ୍ଥିତ ନାନପୁର ମେଳଣ ପଡ଼ିଆରେ ମାହାଙ୍ଗା ଚେତନା ପରିଷଦ, କଳାକାର ଓଡ଼ିଶା ଓ ନବପ୍ରତିଭା ସାହିତ୍ୟ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ଏକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଳାକାର ଓଡ଼ିଶାର ସଭାପତି କବି ସତ୍ୟବ୍ରତ ପୁହାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ବିଶିଷ୍ଟ ସାରସ୍ୱତ ସାଧକ ଉପେନ୍ଦ୍ର ନାଥ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଡାକ୍ତର କୃଷ୍ଣ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା କବି ରାମ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ଲବଙ୍ଗଲତା ରାଉତ, କବି ଅଲେଖ ଚନ୍ଦ୍ର ଦାସ, କବି ଗୌତମ ଜେନା, କବି ସେକ୍ ଜାବିର୍, କବି ବିଜୟ କୁଅଁର ପ୍ରମୁଖ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ରାମ ଚନ୍ଦ୍ର ମହାପାତ୍ର ଯୋଗଦେଇ ସାରସ୍ୱତ ସମାରୋହର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । ରଞ୍ଜିତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ୱାଗତ ଭାଷଣ କବି ଏକାଦଶୀ ସେଠୀ ପ୍ରଦାନ କରିଥିଲେ। କବି ମାନସ ଚମ୍ପତିରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ଅତିଥି ଭାବେ କବି ହିମାଂଶୁ ଭୂଷଣ ଜେନା, କବି ଡ.ବସନ୍ତ କିଶୋର ସାହୁ, ପ୍ରାଧାପକ ଯତିନ୍ଦ୍ର କୁମାର ରାଉତ, ଇଂଲିଶ ବିଭାଗ ପ୍ରାଧାପକ ଡ.ମନୋରଞ୍ଜନ ବେହୁରା, କାମିନୀ ନାୟକ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ପଦକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ନବପ୍ରତିଭା ସାହିତ୍ୟ ସଙ୍ଗଠନର ସମ୍ପାଦକ ରମେଶ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ତ୍ରୀ,ପିଲାଙ୍କୁ ଫେରି ପାଇବାକୁ ସ୍ୱାମୀ ଥାନାର ଦ୍ୱାରସ୍ଥ

ପାଣିକୋଇଲି,୪।୧୨
(ବିକାଶ କୁମାର ମଲିକ)

ସ୍ତ୍ରୀ ଓ ପିଲାମାନଙ୍କୁ ଫେରିପାଇବାକୁ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି ଜଣେ ଯୁବକ । ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ନଣ୍ଡାବର ଗ୍ରାମର ଦୁଲନ ଜେନା ନିଜ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଗତମାସ ୧୫ ତାରିଖରେ ତାଙ୍କ ଦାଦାପୁଅ ଭାଇ ସୁରେଶ ଜେନା ତାଙ୍କ ସ୍ତ୍ରୀ ସରସ୍ୱତୀ ଓ ତାଙ୍କ ପିଲାମାନଙ୍କୁ ନେଇ କୁଆଡ଼େ ଚାଲି ଯାଇଥିଲେ। ଏନେଇ ଖୋଜାଖୋଜି କରିବା ପରେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ସୋଡି ଗ୍ରାମର ସନାତନ ଜେନାଙ୍କ ଘରେ ସେମାନେ ରହୁଥିବା ସୂଚନା ପାଇଥିଲେ। ଏହାପରେ ଦୁଲନ ସନାତନଙ୍କ ଘରକୁ ଯାଇ ଏ କଥା ପଚାରିଥିଲେ । ମାତ୍ର ସନାତନ ଏକଥା ପଚାରିବାରୁ ସେ ଖଣ୍ଡନ କରିଥିଲେ। ଏଥିପାଇଁ ସେ ସ୍ତ୍ରୀ ଓ ପିଲାମାନଙ୍କୁ ଫେରି ପାଇବାକୁ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଛି ।

# ଧର୍ମଶାଳା ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ

ଧର୍ମଶାଳା,୪।୧୨(ବଟକୃଷ୍ଣ ପରିଡ଼ା)



ପ୍ରେସକ୍ଲବର ସାଧାରଣ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଦିବଙ୍ଗତ ସଭାପତି ନରହରି ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ପାଳନ, ପ୍ରେସ କ୍ଲବର ବାର୍ଷିକ ମୁଖପତ୍ର 'ପ୍ରହରୀ' ପ୍ରକାଶନ, ବଣଭୋଜିକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆସନ୍ତା ଡିସେମ୍ବର ୩୧ତାରିଖ ମଧ୍ୟରେ ପତ୍ରିକା ପାଇଁ ଲେଖା ଆହ୍ୱାନ କରାଯିବା ସହ ସମ୍ପାଦକ ମଣ୍ଡଳୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଉପଦେଷ୍ଟା ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ପ୍ରେସ କ୍ଲବର କାର୍ଯ୍ୟଧାରା ଉପରେ ଆଲୋକପାତ କରିବା ସହ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗୁଲାମ ଗସ, ସୀତାକାନ୍ତ ସାମଲ, କୋଷାଧକ୍ଷ ଅଖିଳ କୁମାର ସ୍ୱାଇଁ, ସହ ସମ୍ପାଦକ ମାନସ ରଞ୍ଜନ ଜେନା, ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି, ବରିଷ୍ଠ ସଦସ୍ୟ କପିଳେନ୍ଦ୍ର ରାଉତ, ବିବେକାନନ୍ଦ ରାୟ, ବିକ୍ରମ କେଶରୀ ମହାନ୍ତି, ଅକ୍ଷୟ ରାଉତ, ଗିରିଧାରୀ ବେହେରା, ସୁବ୍ରତ ଜେନା, କିଶୋର ରାଉତ, ବିନୋଦ ପରିଡ଼ା, ଅନୀଲ ନାୟକ, ରଶ୍ମିରଞ୍ଜନ ରାୟ, ପ୍ରସନ୍ନ କୁମାର ପାଣି, ବିନୋଦ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ ଧନ୍ୟବାଦ ଦେଇଥିଲେ।

**ଆଇନସେବା ଷ୍ଟଲରେ ଯୋଗ ଦେଲେ ବିଚାରପତି**

ପାରାଦୀପ, (ଶରତ ରାଉତ) : କଳିଙ୍ଗ ବାଲିଯାତ୍ରାରେ ଗୋଟିଏ ଆଇନସେବା ସଚେତନତା ଷ୍ଟଲ ଖୋଲିଥିଲା। ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଉକ୍ତ ଷ୍ଟଲରେ ବିଚାରପତି ଏଡିଜେ ପାର୍ଥସାରଥି ପଟ୍ଟନାୟକ ଓ ଜେଏମ୍ଏଫସି ବିଶ୍ୱଭୂଷଣ ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ବାର ଆସୋସିଏଶନ ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ବରିଷ୍ଠ ସଭ୍ୟ ଏଏନ୍‌ଡି ଯାଦବ, ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପଲିଥିନମ୍ୟାନ ଭାବେ ସଚେତନତା




ପାରାଦୀପ,୪।୧୨(ଶରତ ରାଉତ)

ସମୁଦ୍ର ବେଳାଭୂମି ବାଲିଯାତ୍ରା ମହୋତ୍ସବ ଯୋଗୁ ଆବର୍ଜନା ହୋଇଛି। ସେଠାରେ ଆରମ୍ଭରୁ ସବୁଦିନ ଆଦର୍ଶପ୍ରୟାସ ନାମକ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟମାନେ ସଫା କରୁଥିଲେ। ତା'ମଧ୍ୟରେ ଜଣେ ସଦସ୍ୟ ପ୍ଲାଷ୍ଟିକ ଆବଦ୍ଧ ହୋଇ ପ୍ଲାଷ୍ଟିକ ମ୍ୟାନ ଭାବେ ଲୋକଙ୍କୁ ସଚେତନ କରୁଥିଲେ। ଏନେଇ ଅଧିକାଂଶ ଲୋକ ତାଙ୍କର ଫଟୋ ଉଠାଉଥିଲେ। ସଙ୍ଗଠନର ସଦସ୍ୟ ଅମୀୟ ଦାସ, ଦେବୀପ୍ରସାଦ ସାହୁ, ଭଞ୍ଜ କିଶୋର ମଲ୍ଲିକ, ବିଷ୍ଣୁ ଚରଣ ମୁଦୁଲି ପ୍ରମୁଖ ଏଥିରେ ସହଯୋଗ କରୁଥିଲେ।

### ଭୋଟର ତାଲିକା ସଂଶୋଧନ

ରଘୁନାଥପୁର,୪।୧୨(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ପଞ୍ଚାୟତ ସମିତି ସଭାଗୃହରେ ବିଡିଓ ନମିତା ବାରିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ୫୧ ଜଣ ବିଏଲଓ ଏବଂ ସୁପରଭାଇଜରମାନେ ସାମିଲ ହୋଇଥିଲେ। ନୂଆ ଯୋଗ ପାଇଁ ୬ନଂ, ବାଦ୍ ପାଇଁ ୭ନଂ ଓ ସଂଶୋଧନ ପାଇଁ ୮ନଂ ଫର୍ମ ବ୍ୟବହାର କରାଯିବ ଏବଂ ଏହା ୱାଇଏଚ୍ଏ ଓ ବିଏଲଓ ଆପ ମାଧ୍ୟମରେ ହୋଇପାରିବ ବୋଲି ବିଡିଓ ବାରିକ ଉପସ୍ଥିତ ବିଏଲ୍ଓ ଏବଂ ସୁପରଭାଇଜରମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଜିପିଓ ସ୍ମାରକ ରଞ୍ଜନ ମହାନ୍ତି ଯୋଗଦେଇ ସହଯୋଗ କରିଥିଲେ। ଏଥିସହ ଭୋଟର ତାଲିକା ଯୋଗ, ବାଦ ଓ ସଂଶୋଧନ କାର୍ଯ୍ୟର ଶେଷ ତାରିଖ ଡିସେମ୍ବର ୯ ତାରିଖ ବୋଲି ସେ ପ୍ରକାଶ କରିଥିଲେ।

### ଚିକିଣିଆ ସରପଞ୍ଚଙ୍କ ସ୍ତ୍ରୀ ବିୟୋଗ

ରଘୁନାଥପୁର,୪।୧୨(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଚିକିଣିଆ ପଞ୍ଚାୟତ ସରପଞ୍ଚ ବିଷ୍ଣୁ ଚରଣ ସେଠୀଙ୍କ ସ୍ତ୍ରୀ ପ୍ରେମଲତା ସେଠୀ(୭୨)ଙ୍କ ସୋମବାର ପରଲୋକ ଘଟିଛି। ସେ ଯକୃତଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଗତ ୧୨ ଦିନ ହେବ ଚିକିତ୍ସିତ ହେଉଥିଲେ। ସେ ଅତ୍ୟନ୍ତ ଶାନ୍ତ ସରଳ ଓ ଆମାୟିକ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସନ୍ଧ୍ୟା ରେ ପ୍ରେମଲତାଙ୍କ ମୃତଦେହ ବାସଭବନରେ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁତ୍ର ଉପେନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ମନମୁଖି ପିଜି କୋର୍ସ ଫି ଆଦାୟ ନେଇ ଅସନ୍ତୋଷ

**ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ**

- ୪ ସେମିଷ୍ଟର ପାଇଁ ୧୦ ହଜାର ପରିବର୍ତ୍ତେ ୪୦ ହଜାର ଆଦାୟ ପାଇଁ ସ୍ଥିର
- ପ୍ରାଥମିକ ଭାବେ ୭,୫୦୦ ଆଦାୟ ପାଇଁ ନୋଟିସ
- ତ୍ରୁଟି ମାନିଲେ ଅଧ୍ୟକ୍ଷ

ଜଗତ୍‌ସିଂହପୁର, ୪।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପିଜି (ପୋଷ୍ଟ ଗ୍ରାଜୁଏଟ୍) କୋର୍ସ ଫି ଆଦାୟ ନୋଟିସ୍‌କୁ ନେଇ ଚାପା ଅସନ୍ତୋଷ ପ୍ରକାଶ ପାଇଛି। ସାମ୍ସ (ଷ୍ଟୁଡେଣ୍ଟ ଏକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ) ପୋର୍ଟାଲରେ ଏହି ମହାବିଦ୍ୟାଳୟ ପିଜି ଛାତ୍ରୀଛାତ୍ରଙ୍କୁ ୨ ବର୍ଷରେ (୪ ସେମିଷ୍ଟର) କୋର୍ସ ଫି ବାବଦରେ ୧୦ ହଜାର ଟଙ୍କା ଦେବା କଥା ସ୍ପଷ୍ଟ ଉଲ୍ଲେଖ ରହିଛି । କିନ୍ତୁ ଗତ ୧ ତାରିଖରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନୋଟିସ୍‌ରେ ଯାହା ଉଲ୍ଲେଖ ରହିଛି ତାହା ଛାତ୍ରୀଛାତ୍ରଙ୍କୁ ଚିନ୍ତାରେ ପକାଇ ଦେଇଛି। ନୋଟିସ ନମ୍ବର ୩୬୦୨ରେ ଉଲ୍ଲେଖ ଅଛି ପିଜି ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ପ୍ରଥମ ସେମିଷ୍ଟର ପରୀକ୍ଷା ଦେବା ପୂର୍ବରୁ କୋର୍ସ ଫି ସାଙ୍ଗକୁ ଅନ୍ୟ କାଗଜାତ ଦାଖଲ କରିବା ଜରୁରୀ। ଅର୍ଥାତ୍ ଅର୍ଥ ଆକାରରେ ମାଇଗ୍ରେଶନ୍ ଫି ୨୩୦ ଟଙ୍କା ସହ କୋର୍ସ ଫି ବାବଦରେ ୭,୫୦୦ ଟଙ୍କା ଦାଖଲ କରିବାକୁ ପଡ଼ିବ। ବାସ୍ତବରେ ୨ ବର୍ଷରେ ୪ଟି ସେମିଷ୍ଟର ପରୀକ୍ଷା ହେବା ବ୍ୟବସ୍ଥା ରହିଛି । ସାମ୍ସ ପୋର୍ଟାଲ ସୂଚନା ଅନୁଯାୟୀ ୪ଟି ସେମିଷ୍ଟର ପରୀକ୍ଷା ପାଇଁ କୋର୍ସ ଫି ବାବଦରେ ୧୦ ହଜାର ଟଙ୍କା ଥିବାରୁ ସେମିଷ୍ଟର ପିଛା ୨,୫୦୦ ଟଙ୍କା ଆଦାୟ ହେବା କଥା । କିନ୍ତୁ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସ୍ୱାକ୍ଷରରେ ଜାରି ନୋଟିସ୍‌ରେ ପ୍ରଥମ ସେମିଷ୍ଟର ପରୀକ୍ଷା ପୂର୍ବରୁ କୋର୍ସ ଫି ବାବଦରେ ୭,୫୦୦ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ କେତେଜଣ ଛାତ୍ର ନାମ ଗୋପନ ରଖି କହିଛନ୍ତି ସାମ୍ସ ପୋର୍ଟାଲରେ ଯାହା ଉଲ୍ଲେଖ ଥାଏ ତାହା ଚୂଡ଼ାନ୍ତ । ଏହି ପୋର୍ଟାଲ ଦେଖି ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ଚୟନ କରିଥାନ୍ତି । ସେମାନେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ସ ପୋର୍ଟାଲରେ ଉଲ୍ଲେଖ ଥିବା କୋର୍ସ ଫି ଓ ଆଡମିଶନ ଫି ଅର୍ଥରାଶି ଦେଖି ନାମ ଲେଖାଇଥିଲେ। ଏବେ କିନ୍ତୁ ମହାବିଦ୍ୟାଳୟ ପକ୍ଷରୁ କୋର୍ସ ଫି ବାବଦରେ ଜବରଦସ୍ତ ଅଧିକ ୫ ହଜାର ଟଙ୍କା ଆଦାୟ ପାଇଁ ନୋଟିସ୍ ହେବା ସେମାନଙ୍କୁ ଯନ୍ତ୍ରଣା ଦେଉଛି। ପୂର୍ବରୁ ନାମଲେଖା ଫି ବାବଦରେ ୭ ହଜାର ଟଙ୍କା ଦେଇଥିଲେ। ଏବେ ପୁଣି କୋର୍ସ ଫି ବାବଦରେ ୭,୫୦୦ ଟଙ୍କା ଦେବା କଷ୍ଟକର ହେଉଛି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ କହିବା ସତ୍ତ୍ୱେ କିଛି ପ୍ରତିକାର ହେଉନି। ବଡ କଥା ହେଲା ୨ ବର୍ଷରେ ୧୦ ହଜାର ପରିବର୍ତ୍ତେ ୪୦ ହଜାର ଟଙ୍କା ଆଦାୟ ପାଇଁ କୁହାଯାଇ ପ୍ରଥମ ସେମିଷ୍ଟର ପାଇଁ ୭୫୦୦ ଟଙ୍କା ଦାଖଲ ପାଇଁ ନୋଟିସ କରାଯାଇଛି। ଏହାଦ୍ୱାରା ସେମାନଙ୍କ ପରିବାର ଉପରେ ଜାଣିଶୁଣି ଆର୍ଥିକ ବୋଝ ଲଦି ଦିଆଯିବାକୁ ମସୁଧା ହେଉଛି । ଏଭଳି ହେବ ବୋଲି ଆଗରୁ ଜାଣିଥିଲେ ହୁଏତ ମହାବିଦ୍ୟାଳୟରେ ନାମ ଲେଖାଇବା ନେଇ ବିକଳ୍ପ ଚିନ୍ତା କରିଥାନ୍ତେ ବୋଲି ସମ୍ପୃକ୍ତ ଛାତ୍ରମାନେ କହିଛନ୍ତି। ସୂଚନାଯୋଗ୍ୟ ଯେ, ମହାବିଦ୍ୟାଳୟରେ ୯ଟି ବିଭାଗରେ ପିଜି ପାଠ୍ୟକ୍ରମ ଚାଲିଛି। ପ୍ରଥମ ବର୍ଷ ଇକୋନୋମିକ୍ସରେ ୨, ଇଂଲିଶ୍ ୧୦, ଇତିହାସ ୧୩, ଜର୍ନାଲିଜିମ୍ ଆଣ୍ଡ ମାସ କମ୍ୟୁନିକେଶନ୍ ୧, ମାଷ୍ଟର ଇନ ଫାଇନାନ୍ସ ଆଣ୍ଡ କଣ୍ଟ୍ରୋଲ ୨, ଓଡ଼ିଆ ୧୬, ଫିଲୋଶିପି ୫, ପଲିଟିକାଲ ସାଇନ୍ସ ୧୬ ଏବଂ ସଂସ୍କୃତରେ ୧୧ ଏହିପରି ମୋଟ ୭୬ ଜଣ ନାମ ଲେଖାଇଥିଲେ। କିନ୍ତୁ କୌଣସି କାରଣରୁ ଓଡ଼ିଆର ୨ ଜଣ ମହାବିଦ୍ୟାଳୟରୁ ଟିସି ନେଇ ଗଲେଣି। ଅବଶିଷ୍ଟ ୭୪ ଜଣ ଶିକ୍ଷାଲାଭ କରୁଥିଲେ ସୁଦ୍ଧା କେତେଜଣ ଟିସି ନେବା ପାଇଁ ଯୋଜନା କରୁଛନ୍ତି । ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ତ୍ରୁଟି ସ୍ୱୀକାର କରିଛନ୍ତି । ସେ କହିଛନ୍ତି ବାସ୍ତବରେ ସାମ୍ସ ପୋର୍ଟାଲରେ ୨ ବର୍ଷରେ କୋର୍ସ ଫି ବାବଦରେ ପିଲାଙ୍କ ପିଛା ୪୦ ହଜାର ଟଙ୍କା ପରିବର୍ତ୍ତେ ୧୦ ହଜାର ଟଙ୍କା ଉଲ୍ଲେଖ ହୋଇଯାଇଛି । ତାହା ସଂଶୋଧନ ପାଇଁ ଚେଷ୍ଟା ଚାଲିଥିବା କହିଛନ୍ତି। ହେଲେ ସାମ୍ସ ପୋର୍ଟାଲରେ ସଂଶୋଧନ ହୋଇ ନ ଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ କେଉଁ ଆଧାରରେ ଅଧିକ ଟଙ୍କା କୋର୍ସ ଫି ଆଦାୟ ପାଇଁ ନିଷ୍ପତ୍ତି ନେଲେ ଉକ୍ତ ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।



Note:
* Underneath Fees displayed is the total course fees being collected from the student during the entire two year course period. Student will not pay more beyond the amount mentioned below.

| SL# | SUBJECT NAME | GENERAL-BOYS | GENERAL-GIRLS |
|---|---|---|---|
| 1 | Economics | 10000.00 | 10000.0 |
| 2 | English | 10000.00 | 10000.0 |
| 3 | History | 10000.00 | 10000.0 |
| 4 | Journalism and Mass Communication | 10000.00 | 10000.0 |
| 5 | MFC (Master in Finance and Control) | 10000.00 | 10000.0 |
| 6 | Odia | 10000.00 | 10000.0 |
| 7 | Philosophy | 10000.00 | 10000.0 |
| 8 | Political Science | 10000.00 | 10000.0 |



OFFICE OF THE PRINCIPAL, S.V.M. AUTONOMOUS COLLEGE, JAGATSINGHPUR
FORM FILL UP NOTICE

No- [illegible] Date-01.12.2023

1st Year P.G. students are hereby directed to fill up their forms for 1st Semester Exam. 2023 as per following programme on payment of requisite fees and submission of required documents.

Fees to be Paid
P.G. 1st Year Form Fill up.
1st Semester Without fine:-

P.G 1st Year = Course fees Rs 7500+Migration fees Rs 230=Rs 7730

DOCUMENT REQUIRED
For 1st Sem - Photo copy of the High school Certificate
Photocopy of U.G Pass Certificate
Photocopy of Admission Receipt
Two recent Passport size Photograph
Photocopy of Registration No.
Photocopy of Money Receipt

PROGRAMME

| Class | Roll No | Date of filling up forms without fine | Date of filling up forms with fine of Rs 100/- | Hall No | Time | Name of the scrutinizing Officials |
|---|---|---|---|---|---|---|
| P.G. 1st Year | All Students | 06.12.2023 To 07.12.2023 | 09.12.2023 | 114 | 11a.m. to 2 p.m. | Prem Raj Tani, Suman Dash, Prasanta Ku. Barik, Anita Muduli, Nalini Prava Satapathy |

N.B- The candidates are advised to write their Odia name correctly in the form fill up forms.

Fees Collection Hall No-114

Principal
S.V.M. (AUTO.) COLLEGE
JAGATSINGHPUR

Memo No- [illegible]
Copy to scrutinizing officials / Accountant / Sri R.C Bhoi for information and necessary action.

[illegible] Controller Examination
CONTROLLER OF EXAMINATION
S.V.M. AUTONOMOUS COLLEGE
JAGATSINGHPUR

Principal
S.V.M. (AUTO.) COLLEGE
JAGATSINGHPUR

ସାମ୍ସ ପୋର୍ଟାଲରେ ଉଲ୍ଲେଖ ଥିବା କୋର୍ସ ଫି ଏବଂ ଏସ୍‌ଭିଏମ୍ କଲେଜ ପକ୍ଷରୁ ଜାରି ନୋଟିସ୍।

### ଯୁଗ୍ମ ଜନଶୁଣାଣି: ୪୬ ଅଭିଯୋଗରୁ ୯ ତତ୍କାଳ ସମାଧାନ

ବାଲିକୁଦା,୪।୧୨(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ୪୬ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ଜିଲାପାଳ ପଟାଓ୍ୱାରି ଯୋଗଦେଇ ୯ ଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଶିବିରରେ ଏସ୍‌ପି ରାହୁଲ ପି.ଆର, ଜିଲା ପରିଷଦ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଦୀପ ସାହୁ, ଉପ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ବିଡିଓ ବିକାଶ ମହାନ୍ତି ତହସିଲଦାର ଅଂଶୁମାନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ଏହାର ସମାଧାନ କରାଯିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାଲିକୁଦା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ହିମାଂଶୁ ଶେଖର ସାହୁ, ଏବିଡିଓ ସଞ୍ଜୟ ଦାସ, ନିର୍ବାହୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ, ବ୍ଲକ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନାଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ୯ ଗୋଷ୍ଠୀଗତ ଓ ୩୭ ବ୍ୟକ୍ତିଗତ ଅଭିଯୋଗ ସ୍ଥାନ ପାଇଥିଲା । ସେଗୁଡ଼ିକ ମଧ୍ୟରେ ଆବାସ ଯୋଜନା ସମ୍ପର୍କିତ ୨, ଖାଉଟି ସାମଗ୍ରୀ ପାଇଁ ୫, ଜମିଜମା ସଂକ୍ରାନ୍ତୀୟ ୭, ଭତ୍ତା ସଂକ୍ରାନ୍ତୀୟ ୨ ଏବଂ ୧୨ ଅନ୍ୟାନ୍ୟ ଅଭିଯୋଗ ଦାଖଲ ହୋଇଥିଲା।

# ନୃତ୍ୟ, ଗୀତ, ପଥପ୍ରାନ୍ତ ସଭା ଜରିଆରେ ସଚେତନତା

**ରେଢୁଆ ବିସି କଲେଜ**

ରଘୁନାଥପୁର,୪।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ରାଜ୍ୟ ସରକାରଙ୍କ ମୋ ଓଡିଶା ନବୀନ ଓଡ଼ିଶାର ଏକ ଅଂଶବିଶେଷ ଭାବେ ନୂତନ ଉନ୍ନତି ଅଭିଳାଷ (ନୂଆ-ଓ) ଜରିଆରେ ମହାବିଦ୍ୟାଳୟସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ଏହି କ୍ରମରେ ରଘୁନାଥପୁର ବ୍ଲକ ରେଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରମାନେ କଲେଜ ପରିସରରୁ ଏକ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରି ନୃତ୍ୟଗୀତ ଓ ପଥପ୍ରାନ୍ତ ସଭା ଜରିଆରେ ସାଧାରଣ ଜନତାଙ୍କୁ ସାମାଜିକ ସଚେତନତା କରିଛନ୍ତି। ବିଶେଷକରି ନିଶା ନିବାରଣ, ନାରୀ ସୁରକ୍ଷା, ଯୌତୁକ ନିର୍ଯାତନା, କନ୍ୟାଭ୍ରୂଣ ହତ୍ୟା, ଅନ୍ଧବିଶ୍ୱାସ, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ଭାରତ ଓ ଯୁବ ପ୍ରତିଭାର ବିକାଶ ସମ୍ପର୍କରେ ଲୋକଙ୍କ ନିକଟରେ ବାର୍ତ୍ତା ପହଞ୍ଚାଇଛନ୍ତି।

ପୂର୍ବାହ୍ନରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଯୁକ୍ତ ୨ କଲେଜର ନୋଡାଲ ଅଫିସର ପ୍ରତାପ କୁମାର ଲେଙ୍କା ଓ ଯୁକ୍ତ ୩ କଲେଜର ନୋଡାଲ ଅଫିସର ସ୍ମିତାରାଣୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସଚେତନତା ସୃଷ୍ଟି କରିଥିଲେ। ଏହା ମଧ୍ୟରେ ଛକ ବଜାରରେ ପଥପ୍ରାନ୍ତ ସଭା ଓ ନୃତ୍ୟଗୀତ ଜରିଆରେ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚାଇ ଥିଲେ। ଅଧ୍ୟାପକ କେଦାର ମୁଦୁଲି ଓ ରଞ୍ଜନ କୁମାର ମହାନ୍ତି, ବଳରାମ ପାଲ, ସୁଜାତା ଦାସ, ସୌମ୍ୟାଶ୍ରୀ ମହାନ୍ତି, ସ୍ୱାଗତିକା ଦାସ, ସରୋଜକାନ୍ତ ମିଶ୍ର, ଗଦାଧର ପାଣି, ସମରେନ୍ଦ୍ର ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। କଲେଜର ବହୁ ପୁରାତନ ଛାତ୍ରୀଛାତ୍ରମାନେ ଏହି ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଛାତ୍ରୀମାନେ ନୃତ୍ୟ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ

ବାଲିକୁଦା,୪।୧୨(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତ ଶୋଭାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ବକ୍ତାଭାବେ ବିଦ୍ୟୁତ୍ ପରିଷଦ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପରିଚାଳନା ସମିତି ସଭାପତି ଅପର୍ତ୍ତି ଚରଣ ମହାନ୍ତି, ଭାରତୀ ପରିଡା, ତପସ୍ୱିନୀ ମୁଦୁଲି, ସମ୍ପାଦକ ବାସୁଦେବ ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ପ୍ରତିଷ୍ଠାତା ଭୀମସେନ ମହାରଣାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆଚାର୍ଯ୍ୟ ସୁଶାନ୍ତ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆଚାର୍ଯ୍ୟ ଅଭିମନ୍ୟୁ ପାଳ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଆଚାର୍ଯ୍ୟ ସରୋଜ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

### ଭାଜପାର ଜନ ସମ୍ପର୍କ ପଦଯାତ୍ରା



ଏରସମା,୪।୧୨(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ନୂଆଡ଼ିହି ପଞ୍ଚାୟତରେ ଭାଜପା ପକ୍ଷରୁ ସୋମବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ଭାଜପା ଯୁବ ନେତା ସତ୍ୟ ସାରଥି ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରା ହନୁମାନ ମନ୍ଦିର ନିକଟରୁ ବାହାରି ଧଳିପଙ୍ଗ, ନୂଆଡ଼ିହି, ମଲ୍ଲୀପୁର, ମହିମାଦେଇପୁର ଆଦି ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିଥିଲା । ଏହି ଅବସରରେ ଯୁବନେତା ମହାନ୍ତି ଉପସ୍ଥିତ ହୋଇ ପଞ୍ଚାୟତବାସୀଙ୍କୁ କହିଥିଲେ, ମୋଦି ସରକାର ସର୍ବଦା ଜନସାଧାରଣଙ୍କ ହିତସାଧନ ପାଇଁ ତତ୍ପର। ମାତ୍ର ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଖାଉଟି କଲ୍ୟାଣ ଯୋଜନା ଇତ୍ୟାଦିକୁ ରାଜ୍ୟ ସରକାର ନିଜ ନାମରେ ଅପପ୍ରଚାର କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଏଥିରେ ଭାଜପା ଜିଲା ଉପସଭାପତି ମୋହିତ ମହାନ୍ତି, ଜିଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, ଭାଜପା ଓବିସି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଅମରେନ୍ଦ୍ର ଦଳାଇ, ବାଲିକୁଦା ମଣ୍ଡଳ ସଭାପତି ଦିର୍ଲ୍ଲୀପ୍ତ ଜେନା, ଜନାର୍ଦ୍ଦନ ମହାନ୍ତି, ଟୁକୁନା ରାଉତ, କ୍ଷେତ୍ରମୋହନ ସାହୁ, ରାଜଶ୍ରୀ ପଟ୍ଟନାୟକ, ଶିବ କୁମାର ଭୋଳ, ପ୍ରାଣକୃଷ୍ଣ ନାୟକ, ଜଗବନ୍ଧୁ ବିଶ୍ୱାଳ, ଶୁକଦେବ ରାଉତ ପ୍ରମୁଖ ଉପସ୍ଥିତ ହୋଇ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଉପରେ ବୁଝାଇଥିଲେ। ଏହି ପଦଯାତ୍ରାରେ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ପଞ୍ଚାୟତ ସମିତି ଅଂଶଧନ ଅର୍ଥ ବିନିଯୋଗ ହେଉ ନ ଥିବା ଅଭିଯୋଗ

- ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନାହିଁ
- ୧୫ରୁ ଆମରଣ ଅନଶନରେ କରିବାକୁ ସମିତିସଭ୍ୟଙ୍କ ଚେତାବନୀ

ବାଲିକୁଦା,୪।୧୨(ତାପସ ସ୍ୱାଇଁ)

ଜିଲାପାଳଙ୍କ ଜନଶୁଣାଣି ଅଭିଯୋଗକୁ ଇତିମଧ୍ୟରେ ଅଢ଼େଇ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ କ୍ଷୋଭ ପ୍ରକାଶ କରିଛନ୍ତି। ଡିସେମ୍ବର ୧୫ ସୁଦ୍ଧା ଦାବି ପୂରଣ ନ ହେଲେ ବ୍ଲକ କାର୍ଯ୍ୟାଳୟ ପ୍ରବେଶ ପଥରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଆମରଣ ଅନଶନରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ, ବିଭାଗୀୟ ସଚିବ, ବାଲିକୁଦା-ଏରସମା ବିଧାୟକ, ଜିଲାପାଳ, ପିଡି, ଏସପି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ବାଲିକୁଦା ବିଡିଓ, ବାଲିକୁଦା ଗୋଷ୍ଠୀ ଚିକିତ୍ସାଧିକାରୀ ଓ ବାଲିକୁଦା ଥାନା ଅଧିକାରୀଙ୍କୁ ଲିଖିତଭାବେ ଅବଗତ କରାଇଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ସମିତି ଅଂଶଧନ (ପିଏସ ଶେୟାର) ବାବଦ ଅର୍ଥ ୪ ଲକ୍ଷ ୪ ହଜାର ଟଙ୍କା ସରକାର ଯୋଗାଇ ଦେଇଥିଲେ । ଉକ୍ତ ଅର୍ଥ ସବୁ ପଞ୍ଚାୟତରେ ଆବଶ୍ୟକ ମୁତାବକ ଖର୍ଚ୍ଚ କରାଯାଇ ନଥିବା ବେଳେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପରେ ବିନିଯୋଗ କରାଯାଇ ନାହିଁ। ଏ ସମ୍ପର୍କରେ ଶତପଥୀ ୨୦୨୩ ସେପ୍ଟେମ୍ବର ୨୫ରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅନଶନ କରିବାକୁ ସ୍ଥିର କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ କହିଛନ୍ତି, ବ୍ଲକକୁ ଆସିଥିବା ସମସ୍ତ ଅର୍ଥ ପ୍ରତ୍ୟେକ ପଞ୍ଚାୟତକୁ ସମାନ ଭାବେ ଦିଆଯାଇଛି। ଯେଉଁ ବଳକା ଅର୍ଥ ରହିଛି ସେସବୁ ପଞ୍ଚାୟତ ସମିତିର ୩ ଉନ୍ନୟନମୂଳକ କାମରେ ଖର୍ଚ୍ଚ ହୋଇଛି।

# 'ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଶିକ୍ଷା ସହ କ୍ରୀଡ଼ା, ସଂସ୍କୃତି ଜରୁରୀ'

**ଅଳକା ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ**

ବିରିଡ଼ି, ୪।୧୨(ପ୍ରଶାନ୍ତ କୁମାର ରାଉତ)

ଶିକ୍ଷା ମଣିଷର ମାନସିକସ୍ତରକୁ ବୃଦ୍ଧି କରିବା ସହ କ୍ରୀଡ଼ା ମଣିଷର ଶାରୀରିକ କ୍ଷମତାକୁ ବଢ଼ାଇଥାଏ । ସଂସ୍କୃତି ଆମକୁ ସୁସଂଯତ କରିବା ସହ ଶାନ୍ତି ପ୍ରଦାନ କରିଥାଏ । ତେଣୁ ମଣିଷ ତଥା ସମାଜର ସାମଗ୍ରିକ ବିକାଶ ପାଇଁ ଶିକ୍ଷା, କ୍ରୀଡ଼ା, ସଂସ୍କୃତି ଓ ସାମାଜିକ ସେବା ଗୁରୁତ୍ୱପୂର୍ଣ୍ଣ ବୋଲି ସୋମବାର ବିରିଡି ବ୍ଲକ ଅଳକା ମହାବିଦ୍ୟାଳୟରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ବକ୍ତାମାନେ ମତପୋଷଣ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ରନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଅନ୍ୟତମ ଅତିଥିଭାବେ ଜଗତ୍‌ସିଂହପୁର ଜିଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଜିଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ମୋ'କଲେଜର ଉପଦେଷ୍ଟା ନୃସିଂହ କୁମାର ଦାଶ, ଆଲୁମ୍ନି କମିଟି ସଭାପତି ପ୍ରଦୀପ୍ତ ଭୂୟାଁ, ପରିଚାଳନା କମିଟି ସଭାପତି ବିରଞ୍ଚିନାରାୟଣ ମହାନ୍ତି, ଉପଦେଷ୍ଟା ଦେବୀପ୍ରସାଦ ତ୍ରିପାଠୀ, ସରପଞ୍ଚ ତପତି ତପସ୍ୱିନୀ ଭୂୟାଁ ପ୍ରମୁଖ ଯୋଗଦେଇ ଥିଲେ । ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ. ରୁଦ୍ରନାରାୟଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଡ. ଜ୍ୟୋତି ପ୍ରକାଶ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।




ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# କଳିଙ୍ଗ ବାଲିଯାତ୍ରା ଉଦ୍‌ଯାପନୀ ପରେ ଏକାଧିକ ଗଣ୍ଡଗୋଳ

- ୨ ଗୋଷ୍ଠୀ ମଧ୍ୟରେ ଖଣ୍ଡଯୁଦ୍ଧ
- ଥାନାରେ ଅଭିଯୋଗ ନାହିଁ
- ସୋସିଆଲ ମିଡିଆରେ ଘୂରିବୁଲୁଛି ଫଟୋ

ପାରାଦୀପ,୪।୧୨(ଶରତ ରାଉତ)

ପାରାଦୀପ ସମୁଦ୍ର ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବରେ ଚଳିତବର୍ଷ ଅନେକ ବିଶୃଙ୍ଖଳା ଦେଖିବାକୁ ମିଳିଛି। ଏପରିକି ଉଦ୍‌ଯାପନୀ ସଭା ରାତି ୧୧ ଟାରେ ସରିବା ପରେ ସେଠାରେ ୨ ଥର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଉକ୍ତ ଘଟଣାର ଫଟୋ ଭିଡିଓ ସୋମବାର ଅନେକ ଲୋକ ସୋସିଆଲ ମିଡିଆରେ ଦେଖିଛନ୍ତି। କିନ୍ତୁ ଏ ନେଇ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଅଭିଯୋଗ ସ୍ଥାନୀୟ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ହୋଇନାହିଁ ବୋଲି ଥାନାଧିକାରିଣୀ ସୁଜାତା ବେହେରା କହିଛନ୍ତି। ଏହି ଗଣ୍ଡଗୋଳ ଜୁଆ ଖେଳ ଓ ବାଇକ୍ ଷ୍ଟାଣ୍ଡକୁ ନେଇ ହୋଇଥିବା ଆଲୋଚନା ହେଉଛି। କିନ୍ତୁ ଅଭିଯୋଗ ହୋଇ ନ ଥିବାରୁ କାରଣ ଅସ୍ପଷ୍ଟ ରହିଛି। ବାଲିଯାତ୍ରା ୮ ଦିନ ଯାକ ପ୍ରତି ସନ୍ଧ୍ୟାରେ ଏକାଧିକ ସ୍ଥାନରେ ଗଣ୍ଡଗୋଳ ହୋଇଛି। କାରଣ ଚଳିତବର୍ଷ ବାଇକ ଷ୍ଟାଣ୍ଡ ଟେଣ୍ଡର ନେଇଥିବା ସଂସ୍ଥାଗୁଡିକ ଧାର୍ଯ୍ୟ ଜାଗା ବ୍ୟତୀତ ଅନ୍ୟ କଲୋନୀ, ଯାତାୟାତ ରାସ୍ତା, ଆଦି ଅଞ୍ଚଳରେ ରଶି ବାନ୍ଧି ସେଠାରେ ପାର୍କିଂ କରାଇ ଅର୍ଥ ଆଦାୟ କରିଥିଲେ। ସେଠାରେ କୌଣସି ପୋଲିସ ଉପସ୍ଥିତ ନ ଥିଲେ। ଏ ନେଇ କଲୋନୀ ବାସିନ୍ଦା ଓ ଷ୍ଟାଣ୍ଡ ନେଇଥିବା ଯୁବ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିବା କୁହାଯାଇଛି। ଅନ୍ୟ ଖବର ମଧ୍ୟରେ ଷ୍ଟଲ ଆବଣ୍ଟନ, ବିଦ୍ୟୁତ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଚୟନ, ଆୟୋଜକ ନିଜେ ଅତିଥି ଭାବେ ମଞ୍ଚରେ ବସିବା ଭଳି ଘଟଣାକୁ ନେଇ ବାଲିଯାତ୍ରା କମିଟି ମଧ୍ୟରେ ଆରୋପ ପ୍ରତ୍ୟାରୋପ ହୋଇଥିବା ଚର୍ଚ୍ଚା ହୋଇଛି।




ଭାଇରାଲ ହୋଇଥିବା ଗଣ୍ଡଗୋଳର ଦୃଶ୍ୟ।

## ପାହାଡ଼ରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ହିଞ୍ଜିଳିକାଟୁ, ୪।୧୨(ଦ୍ୱିତୀକୃଷ୍ଣ ପଣ୍ଡା): ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ପୌରାଞ୍ଚଳ ନୂଆଗଡ ଗ୍ରାମର ମେଣ୍ଢାଖାଇ ପାହାଡ଼ ଉପରେ ସୋମବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ହିଞ୍ଜିଳି ପୋଲିସ। ମହିଳା ଜଣଙ୍କ ପିନ୍ଧିଥିବା ଲୁଗା କାନିରେ ଏକ ଗଛରେ ଝୁଲୁଥିଲେ। ସୋମବାର ପାହାଡ଼ ଉପରକୁ ଯାଇଥିବା କିଛି ବ୍ୟକ୍ତି ଏକ ଗଛରେ ଝୁଲୁଥିବା ଅବସ୍ଥାରେ ମହିଳାଙ୍କ ମୃତଦେହ ଦେଖିଥିଲେ। ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କାଉଖତ ଗାଁର ସୁବାସିନୀ ବିଷୋୟୀ (୩୫) ବୋଲି ଚିହ୍ନଟ ହୋଇଥିବା ପୋଲିସ କହିଛି। ଗତ ୩ ଦିନ ତଳେ ସେ ନିଖୋଜ ଥିବା ତାଙ୍କ ବାପା କିଶୋର ସ୍ୱାଇଁ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ହିଞ୍ଜିଳି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଟ୍ରକ ଚାପାରେ ଜଣେ ମୃତ

ପାରଳାଖେମୁଣ୍ଡି,୪।୧୨(ଗିରିଧାରୀ ପରିଛା): ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଉପଲଡା ଗ୍ରାମ ହାଟ ରାସ୍ତା ନିକଟରେ ଟ୍ରକ ଚାପାରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ସାତମାଇଲ ଗ୍ରାମ ନିକଟସ୍ଥ କୁଡୁଡା ଗ୍ରାମର ଏସ.ସୁଧାକର ବୋଲି ଜଣାପଡିଛି। ପ୍ରକାଶ ଯେ, ଉପଲଡା ଗ୍ରାମ ହାଟ ନିକଟରେ ଥିବା ଏକ ଖାଲି ପଡିଆ ଠାରେ ଦୈନନ୍ଦିନ ଟିପ୍ପର ଓ ଟ୍ରକ ପାର୍କିଂ ହୋଇଥାଏ। ମୃତକ ଜଣକ ସେହି ପାର୍କିଂ ସ୍ଥଳକୁ ଯାଇ ଟ୍ରକ ନିକଟରେ ଶୋଇ ପଡିଥିବା ଏବଂ ଭୋରୁ ଟ୍ରକ ଡ୍ରାଇଭର ଜଣକ ଟ୍ରକ ବାହାର କରିବା ବେଳେ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

# ପାଲାର ପ୍ରସାର ପାଇଁ ହେଉ ସ୍ୱତନ୍ତ୍ର ବ୍ୟବସ୍ଥା

- ପାଲା ଗାୟକ ପରିଷଦର ବାର୍ଷିକ ସମ୍ମିଳନୀ
- ବୃଦ୍ଧ ପାଲା କଳାକାରଙ୍କ ଭତ୍ତା ରାଶି
- ସଂଘ ପାଇଁ ଜିଲା ଓ ବ୍ଲକ ସଦର ମହକୁମାରେ ଯୋଗାଯାଉ ଜମି

ନୟାଗଡ଼,୪।୧୨(ଲୋକନାଥ ମିଶ୍ର)

ନୟାଗଡ ବ୍ଲକର ଶଙ୍ଖେଇ ଗାଁରେ ଶ୍ରୀ ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ଉପଶାଖା ମା' ଦକ୍ଷିଣକାଳୀ ଚନ୍ଦ୍ରଶେଖର ପାଲାଗାୟକ ମଣ୍ଡଳର ୪୯ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦର ଉପସଭାପତି ଗାୟକ କଳାନିଧି ମନୋଜ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ପାଲା ଗାୟକ ଟ୍ରଷ୍ଟ ବୋର୍ଡର ସମ୍ପାଦକ ସୁଦର୍ଶନ ମହାପାତ୍ର, ମୁଖ୍ୟବକ୍ତା ଭାବେ ନୟାଗଡ଼ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍ଖେଇ ଗ୍ରାମ୍ୟ ସଭାପତି ସଦାଶିବ ନାୟକ ଓ ସମ୍ପାଦକ ରତ୍ନାକର ସାହୁ, ଖବରଦାତା ସୁବାସ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ଦଳେଇ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ମା' ଦକ୍ଷିଣକାଳୀ ପାଲା ମଣ୍ଡଳର



ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

ନୟାଗଡ଼ ଜିଲା ସଭାପତି ପାଲା ଗାୟକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପାଲା କଳାକାରଙ୍କ ଅଭାବ, ଅସୁବିଧା ଓ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସାଙ୍ଗଠନିକ ଆଲୋଚନାରେ ଗାୟକ ଯୋଗୀନାଥ ପତି, ଫକୀର ଚମ୍ପତି, ତ୍ରିନାଥ ପଣ୍ଡା, ରାଜ କିଶୋର ପ୍ରଧାନ, ପଞ୍ଚାନନ ମହାପାତ୍ର, ବାୟକ ରଙ୍କନିଧି ବାରିକ, ପାଳିଆ ଫକୀର ମୋହନ ସେନାପତି, ଲକ୍ଷ୍ମଣ ପରିଡା, ମନମୋହନ ବିଶ୍ୱାଳ ପ୍ରମୁଖ ଭାବେ ଅଂଶ ଗ୍ରହଣ କରିଥିଲେ। ଜିଲାର କୋଣ ଅନୁକୋଣରୁ ୨୦୦ରୁ ଉର୍ଦ୍ଧ୍ୱ ଗାୟକ, ବାୟକ ଓ ପାଳିଆ ଯୋଗଦେଇଥିଲେ। ଶଙ୍ଖେଇ ଗ୍ରାମର ବିଶିଷ୍ଟ କବି ସ୍ୱର୍ଗତ ବିଶ୍ୱନାଥ ଚମ୍ପତିଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରାଯାଇଥିଲା। ବକ୍ତାମାନେ ନିଜ ଭାଷଣରେ କହିଥିଲେ, ପାଲା ଏକ ସାତ୍ତ୍ୱିକ କଳା। ଯାହାକି ମରୁ ମରୁ ବଞ୍ଚି ରହିଛି। ଏହି କଳା ଉପରେ ସରକାରଙ୍କ ନଜର ପଡ଼ିଲେ ଏହାର ପୁନରୁଦ୍ଧାର ହୋଇଯିବ। ସରକାର ପାଲା ଗାୟକ, ବାୟକ ଓ ପାଳିଆଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ସାମିଲ କରିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ତେବେ ବହୁ କଳାକାର ଏଥିରେ ସାମିଲ ହୋଇ ନ ପାରି ଅଭିଶପ୍ତ ଜୀବନଯାପନ କରୁଛନ୍ତି। ପୁଣି ଭତ୍ତା ରାଶି ୧୨୦୦ ଟଙ୍କାରୁ ବୃଦ୍ଧି ହେଉନାହିଁ। ଭତ୍ତା ରାଶି ୩ ହଜାର ଟଙ୍କାକୁ ବୃଦ୍ଧି କରାଯିବା ଦରକାର। ପାଲା ଆସୋସିଏଶନ ପାଇଁ ଜିଲା ସଦର ମହକୁମା ଓ ବ୍ଲକ ସଦର ମହକୁମାରେ ସରକାରୀ ଜମି ଯୋଗାଇ ଦେବା ପାଇଁ ଦାବି କରାଯାଇଛି। ସ୍ୱାଗତ ଭାଷଣ ପାଲାଗାୟକ ରମେଶ ଚନ୍ଦ୍ର ଜ୍ଞାନ ଭୂଷଣ, ବେଦପାଠ ନାରାୟଣ ଶୁକ୍ଳ, ମଙ୍ଗଳାଚରଣ ଲଡୁ କିଶୋର ଶୁକ୍ଳ, ସମ୍ପାଦକୀୟ ବିବରଣୀ ପଠନ ମଣ୍ଡଳ ସମ୍ପାଦକ ଅକ୍ରୁର ବାରିକ ଦେଇଥିବାବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ବାୟକ ଦୀନବନ୍ଧୁ ପୃଷ୍ଟି। ପାଲାର ଗୁରୁତ୍ୱ ବଢ଼ାଇବା ପାଇଁ ଗ୍ରାମ ପକ୍ଷରୁ ପ୍ରତି ଘର ସମ୍ମୁଖରେ କଳସ ଓ ଦୀପ ସ୍ଥାପନ କରି ସ୍ୱାଗତ କରାଯାଇଥିଲା। ଅପରପକ୍ଷେ ନୀଳକଣ୍ଠ ଦେବ ସ୍ମୃତି ସମ୍ମାନ ଗାୟକ ଫକୀର ମୋହନ ଚମ୍ପତି, ଖବରଦାତା ସୁବାସ ଚନ୍ଦ୍ର ମହାପାତ୍ରଙ୍କୁ ବିଶ୍ୱନାଥ ଚମ୍ପତି ସ୍ମୃତି ସମ୍ମାନ, ପାଳିଆ ପଦ୍ମଲୋଚନ ମଲ୍ଲ, କିଛି ବାୟକ ଓ ଗାୟକଙ୍କୁ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପାଲାଗାୟକ ସୁଦର୍ଶନ ମହାପାତ୍ର, ରମେଶ ଚନ୍ଦ୍ର ଜ୍ଞାନ ଭୂଷଣ, ମନୋଜ କୁମାର ମିଶ୍ର ପ୍ରମୁଖ ପାଲା ପରିବେଷଣ କରିଥିଲେ।

## ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ଗଣିଆ,୪।୧୨(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ମଣିଭଦ୍ରା ପାଦଦେଶରେ ମା' କଳାପାଟ ପୀଠରେ ଡିସେମ୍ବର ୧୬ରୁ ୧୮ ତାରିଖ ବିଶ୍ୱଶାନ୍ତ ମହାଯଜ୍ଞ, ସାଧୁମେଳା, ଅଖଣ୍ଡ ନାମସଂକୀର୍ତ୍ତନ, ଭାଗବତ ପାଠ ପରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ। ସ୍ୱର୍ଗତଃ ସିଦ୍ଧ ଯୋଗୀ ବାବା ରାମଦାସଙ୍କ ଜୟନ୍ତୀ ଉପଲକ୍ଷେ ୩୦ବର୍ଷ ଧରି ପ୍ରତିବର୍ଷ ଓଢଣ ଷଷ୍ଠୀ ଅବସରରେ ଏହି ମହାଯଜ୍ଞର ପୂର୍ଣ୍ଣାହୂତି ଆୟୋଜନ କରାଯାଇଥାଏ। କିଛିଦିନ ତଳେ ଏହି ମହାଯଜ୍ଞର ପ୍ରାରମ୍ଭିକ ପର୍ବ ନେତବନ୍ଧା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୀ ଶ୍ରୀମନ୍ଦିର ମହାପ୍ରଭୁଙ୍କ ନିକଟରୁ ଆସିଥିବା ଆଜ୍ଞାମାଳ ଓ ଶ୍ରୀମନ୍ଦିର ନେତକୁ ମା' କଳାପଟ ଠାକୁରାଣୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା ପରେ ଯଜ୍ଞ ମଣ୍ଡପରେ ବନ୍ଧା ଯାଇଥିଲା। ଶାନ୍ତିଶୃଙ୍ଖଳା ସହ ମହାଯଜ୍ଞ ପରିଚାଳନା ପାଇଁ ସୋମବାର ମା' କଳାପାଟ ଠାକୁରାଣୀଙ୍କ ମଣ୍ଡପ ପରିସରରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ମହାଯଜ୍ଞର ଆୟୋଜକ ଭୁବନେଶ୍ୱର ଧଉଳିସ୍ଥିତ ଓଁ ମା' ସତ୍ୟଶାନ୍ତ ସେବା ଟ୍ରଷ୍ଟର ଉପଦେଷ୍ଟା ନିର୍ମଳ ପଟ୍ଟନାୟକ, ସଭାପତି ଅଜୟ ପଟ୍ଟନାୟକ, ପ୍ରବକ୍ତା ପାର୍ଥସାରଥୀ ମହାନ୍ତି, ଉଦ୍ୟନାଥ ରାୟ, ବାବାଙ୍କ ଶିଷ୍ୟ ସେବକ ଲଳିତ ଦାସ ପ୍ରମୁଖ ସଭ୍ୟମାନଙ୍କ ସହ ଗଣିଆ ବିଡିଓ ଡମ୍ବରୁଧର ମଲ୍ଲିକ, ତହସିଲଦାର ପ୍ରିତୀବାଳା ରଣା, ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା, ରାସଙ୍ଗ ସରପଞ୍ଚ ମାନସ ମହାଖୁଡ, ଛାମୁଣ୍ଡିଆ ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ସାମଲ ଓ ମାଳତିପୁଟ ଗ୍ରାମବାସୀଙ୍କ ସମେତ ପାନୀୟଜଳ ଓ ପରିମଳ, ସ୍ୱାସ୍ଥ୍ୟ, ଅଗ୍ନିଶମ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ମହାଯଜ୍ଞ ସମୟରେ ଶାନ୍ତିଶୃଙ୍ଖଳା, ପାନୀୟ ଜଳ, ପରିମଳ, ଟ୍ରାଫିକ ସମସ୍ୟା, ଦୋକାନ ବଜାର ପାଇଁ ସ୍ଥାନ ନିରୂପଣ ସହ ଦୋକାନୀମାନଙ୍କୁ ଆମିଷ ଓ ମାଦକ ଦ୍ରବ୍ୟ ବିକ୍ରୟକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି କଟକ ଜିଲା ନରସିଂହପୁର ଅଞ୍ଚଳରୁ ମହାନଦୀର ଚକ୍ରଗଡ ଫେରିଘାଟରେ ଲୋକଙ୍କୁ ସୁବିଧାରେ ଡଙ୍ଗା ପାର ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ବୈଠକରେ ଉପସ୍ଥିତ ଅଧିକାରୀ ଓ ଆୟୋଜକ ଟ୍ରଷ୍ଟି ସଭ୍ୟମାନେ ଯଜ୍ଞସ୍ଥଳ ଓ ଯାତ୍ରାପଡିଆ ପରିଦର୍ଶନ କରିଥିଲେ।



ବୈଠକରେ ପ୍ରଶାସନିକ ଅଧିକାରୀ ଓ ଯଜ୍ଞ କମିଟିର ସଦସ୍ୟମାନେ।

## ଆମ ପୋଲିସ ସମିତି କାର୍ଯ୍ୟକ୍ରମ

ନୂଆଗାଁ ୪।୧୨ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ଥାନା ପକ୍ଷରୁ ସମ୍ପଡାସ୍ଥିତ ମାଇଛେଳି ପଞ୍ଚାୟତ ସଭାଗୃହରେ ସୋମବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂଆଗାଁ ଥାନାଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କା, ଏଏସ୍‌ଆଇ ପୁରୁଷୋତ୍ତମ ପ୍ରଧାନ, ମହୀପୁର ଫାଣ୍ଡି ଏଏସ୍‌ଆଇ ସନ୍ତୋଷ କୁମାର ସୁବୁଦ୍ଧି, ଏଏସ୍‌ଆଇ ମନୋରଞ୍ଜନ ଦେହୁରୀଙ୍କ ମହିପୁର ଫାଣ୍ଡି ଓ ନୂଆଗାଁ ଥାନା କର୍ମଚାରୀଙ୍କ ସମେତ ମାଇଛେଳି ପଞ୍ଚାୟତ ବୁଦ୍ଧିଜୀବି, ବରିଷ୍ଠ ନାଗରିକ ଓ ଜନସାଧାରଣ ଉପସ୍ଥିତ ଥିଲେ। ପୋଲିସ ଲୋକଙ୍କ ନିକଟତର ହେବା ସହ ସୁସମ୍ପର୍କ ରଖି ଆପୋଷ ବୁଝାମଣା ମଧ୍ୟରେ ଲୋକଙ୍କ ସମସ୍ୟା ସମାଧାନ କରିବାର ଚେଷ୍ଟାକୁ ମାଇଛେଳି ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିଲେ। ବିପଦ ସମୟରେ ପୋଲିସ ଲୋକଙ୍କ ନିକଟରେ ପହଞ୍ଚୁଥିବାରୁ ପୋଲିସ ଜନସାଧାରଣଙ୍କ ପ୍ରକୃତ ବନ୍ଧୁ। ତେଣୁ ପୋଲିସକୁ ଭୟ ନ କରି ପ୍ରତ୍ୟେକ ସୂଚନା ପହଞ୍ଚାଇ ବାକୁ ସଭାର ସଭାପତି ସ୍ୱାଇଁ କହିଥିଲେ। ଅଞ୍ଚଳର ସମସ୍ୟା ବାବଦରେ ଜାଣିବା ପାଇଁ ଥାନାଧିକାରୀ ଲେଙ୍କା ଉପସ୍ଥିତ ଲୋକଙ୍କ ମତ ଲୋଡିଥିଲେ। ତେବେ ମାଇଛେଳି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରିବା ପାଇଁ ମସ୍କାବାରୀ ସଭାପତି ରଞ୍ଜନ କୁମାର ନାୟକ କହିଥିଲେ। ଗ୍ରାମାଞ୍ଚଳରେ ପ୍ରଥମେ ମଦ ଓ ଅନ୍ୟ ନିଶା ଦ୍ରବ୍ୟ ବିକ୍ରିକୁ ରୋକିବା ପାଇଁ ସବିତା ସାହୁ ପ୍ରସ୍ତାବ ଦେଇଥିଲେ। ତେବେ ଏସବୁର ସମାଧାନ ପାଇଁ ପ୍ରଥମେ ପଞ୍ଚାୟତରେ ଶାନ୍ତି କମିଟି ଗଠନ କରାଯିବ ବୋଲି ଥାନାଧିକାରୀ ଲେଙ୍କା କହିଥିଲେ। ଆଗକୁ ନିର୍ବାଚନ ଆସୁଥିବାରୁ ଶାନ୍ତି କମିଟି ଗଠନ କରାଗଲେ ଭଲ ହେବ ବୋଲି ରଘୁନାଥ ଡାକୁଆ କହିଥିଲେ। ପୂର୍ବରୁ ବରିଷ୍ଠ ନାଗରିକ କମିଟି ଗଠନ କରି ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବା ବେଳେ ତାହା ବର୍ତ୍ତମାନ ବନ୍ଦ ହୋଇ ଯାଇଥିବା ନେଇ ବରିଷ୍ଠ ନାଗରିକ ସୂର୍ଯ୍ୟମଣୀ ମାର୍ଥା କହିଥିଲେ। ଏହାର ଦାୟିତ୍ୱ ତୁଲାଉ ଥିବା ବ୍ୟକ୍ତି ଅସୁସ୍ଥ ଥିବାରୁ ତାହା ବନ୍ଦ ରହିଥିଲା। ତେବେ ତାହାକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ଆଇଆଇସି କହିଥିଲେ। କୌଣସି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କଲେ ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ ପୁରସ୍କୃତ କରାଯାଉଥିବା ସମ୍ପର୍କରେ ଥାନା ରାଇଟର ସନ୍ତୋଷ କୁମାର ବେହେରା ସୂଚନା ଦେଇଥିଲେ।





କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଓ ଅନ୍ୟମାନେ।

## ୧୨ କୁଇଣ୍ଟାଲ ଭାଙ୍ଗ, ଗଞ୍ଜେଇ ସହ ଗାଡ଼ି ଜବତ

### ୨ ଗିରଫ

ଓଡ଼ଗାଁ,୪।୧୨ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ପୋଲିସ ଭାଙ୍ଗ, ଗଞ୍ଜେଇ ଚାଲାଣ ଅଭିଯୋଗରେ ସୋମବାର ୨ ଜଣଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କଠାରୁ ୧୨ କୁଇଣ୍ଟାଲ ଭାଙ୍ଗ ସମେତ ୩ କେଜି ଗଞ୍ଜେଇ ଓ ଚାଲାଣରେ ବ୍ୟବହୃତ ପିକ୍‌ଅପ୍ ଭ୍ୟାନ ନଂ. ଓଡ଼ି ୦୨ ସିବି ୬୨୮୧ କୁ ଜବତ କରିଛି। ଗିରଫ ଅଭିଯୁକ୍ତ ଦୁଇଜଣ କନ୍ଧମାଳ ଜିଲା ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ଦାମୀଗୁଡା ଗାଁର ଶ୍ୟାମସୁନ୍ଦର ନାଇକ (୩୫) ଓ ସୁଶୀଳ ଦେହୁରୀ (୨୩)। ସୂଚନା ଅନୁଯାୟୀ, ସୋମବାର ସକାଳେ ତପ୍ତପାଣି ଜଙ୍ଗଲ ମଧ୍ୟରୁ ଖୋର୍ଦ୍ଧା ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଆଇଆଇସି ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏସ୍‌ଆଇ ଚକ୍ରଧର ସିଂ, ସ୍ୱାଗତ ଦାସ, ଏସ୍‌ଆଇ ମନୋଜ ପାତ୍ର ଓ ଟିମ୍ ଭୁବନେଶ୍ୱର-ଭଞ୍ଜନଗର ୨୧ ନଂ. ରାଜ୍ୟ ରାଜପଥ ଓଡ଼ଗାଁ- ରଙ୍ଗଣୀପାଟଣା ରାସ୍ତା ହୋଣ୍ଡା ଶୋ ରୁମ ନିକଟରେ ବିଭିନ୍ନ ଗାଡ଼ିକୁ ଯାଞ୍ଚ କରିଥିଲେ। ହେଲେ ଯାଞ୍ଚ ବେଳେ ଜବତ ଗାଡ଼ିକୁ ଧରିବାରେ ପୋଲିସ ସେଠାରୁ ୨ ଅଭିଯୁକ୍ତଙ୍କ ସମେତ ବହୁ ପରିମାଣର ଭାଙ୍ଗ ଜବତ କରିବାରେ ସଫଳ ହୋଇଥିଲା। ଜବତ ଭାଙ୍ଗର ଆନୁମାନିକ ମୂଲ୍ୟ ୭ ଲକ୍ଷ ୫୦ ହଜାର ହୋଇଥିବାବେଳେ ଗଞ୍ଜେଇର ମୂଲ୍ୟ ୩୦ ହଜାର ହେବ ବୋଲି ଜଣାପଡିଛି। ପୋଲିସ ନଂ.୨୮୦/୨୩ରେ ଏକ ମାମଲା ରୁଜୁ କରିବା ସହ ଜବତ ଗାଡିର ମାଲିକ ଓ ଗଞ୍ଜେଇ ଚାଲାଣ ହେଉଥିବା ପ୍ରକୃତ ସ୍ଥାନକୁ ଠାବ କରିବାକୁ ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି।



ଜବତ ହୋଇଥିବା ଭାଙ୍ଗ ସହ ୨ ଅଭିଯୁକ୍ତ।

## ୩ୟ, ୫ମ ଶ୍ରେଣୀ ଗରିବ ମେଧାବୃତ୍ତି ଫଳ ପ୍ରକାଶିତ

ଖଣ୍ଡପଡା,୪।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ବିଦ୍ୟାଳୟ (୩ୟ ଓ ୫ମ ଶ୍ରେଣୀ) ମେଧା ବୃତ୍ତି ଓ ଗରିବ ମେଧାବୃତ୍ତି ପରୀକ୍ଷା ୨୦୨୩ର ଫଳ ଇତି ମଧ୍ୟରେ ପ୍ରକାଶିତ ହୋଇଯାଇଛି। ଏଥିରେ ଉଭୟ ଶ୍ରେଣୀର ୭ ଜଣ ଲେଖାଏ ମେଧା ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏହି ପରିପ୍ରେକ୍ଷୀରେ ୩ୟ ଶ୍ରେଣୀ ଗରିବ ମେଧାବୃତ୍ତି ପରୀକ୍ଷାରେ କଇଁଥପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅଙ୍କିତା ପଣ୍ଡା ପ୍ରଥମ ହୋଇଥିବା ବେଳେ, ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖଣ୍ଡପଡ଼ାର ଛାତ୍ରୀ ସାଇସ୍ମିତା ପ୍ରିୟଦର୍ଶିନୀ ସାହୁ, କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାରଣା, ଗିରିଡିପଲ୍ଲୀ ପିୟୁପିଏସ୍‌ର ଅମିତ ବେହେରା, କିଆଝର ୟୁଜିଏମ୍‌ଇ ବିଦ୍ୟାଳୟର ଓମ ସ୍ୱାଗତିକା ସାହୁ, ବୋଦସା ୟୁଜିଏମଇର ରୁପାଲୀ ବରାଡ ଓ ସରକାରୀ ୟୁଜିଏମଇ ଶାଳଝରିଆର ଛାତ୍ର ଶୁଭଙ୍କର ବେହେରା ବିବେଚିତ ହୋଇଛନ୍ତି। ସେହିପରି ୫ମ ଶ୍ରେଣୀ ଗରିବ ମେଧାବୃତ୍ତି ପରୀକ୍ଷାରେ କୋସକା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ନାୟକ ପ୍ରଥମ ହୋଇଥିବା ବେଳେ ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ପୁଆଣିଆ ପିୟୁପିଏସ୍‌ର ଛାତ୍ରୀ ପ୍ରିତିରାଣୀ ପରିଡା, ସରକାରୀ ୟୁଜିଏଚଏସ୍ ଶାଳଝରିଆର ସତ୍ୟଜିତ ଦଳବେହେରା, ସାମନ୍ତ ଚନ୍ଦ୍ର ଶେଖର ସ୍କୁଲ ଖଣ୍ଡପଡାର ମାନସ କୁମାର ଦାସ, ଆରସି ୟୁଜିଏମଇ କୁମ୍ଭାରପଡାର ତ୍ରିଦିପ ରଞ୍ଜନ ମହାପାତ୍ର, ବନମାଳୀପୁର ହାଇସ୍କୁଲର ଆଶିର୍ବାଦ ପରିଡା ଓ ଭିଏସ୍‌କେ ଢୋଲମରାର ଓମ ସାଇ କ୍ରିଷ୍ଣା ସାହୁ ବିବେଚିତ ହୋଇଥିବା ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଏଏନ୍‌ଏମ୍ ପାଇଁ ଓପିଏସ୍‌ସି ପରୀକ୍ଷା
## ଛାତ୍ରୀଙ୍କୁ ଡାକିନେଇ ଉତ୍ତର ବତାଇଲେ

ନୟାଗଡ଼,୪।୧୨(ଲୋକନାଥ ମିଶ୍ର)

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ରବିବାର ଅନୁଷ୍ଠିତ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସସି) ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ପରୀକ୍ଷା ଅକ୍‌ଜିଲାରୀ ନର୍ସ ଆଣ୍ଡ ମି ଡୱାଇଫ(ଏଏନ୍‌ଏମ୍)ମାନେ ଦେଉଥିଲେ। ଅଭିଯୋଗ ଅନୁସାରେ, ପରୀକ୍ଷା ଚାଲୁଥିବାବେଳେ ୬୧ ନଂ. ରୁମରେ ଜଣେ ଅଧ୍ୟାପକ ପହଞ୍ଚି ଏକ ନିର୍ଦ୍ଦିଷ୍ଟ ରୋଲ ନମ୍ବରକୁ ଡାକି ଥିଲେ। ପରୀକ୍ଷାର୍ଥୀ ଉଠିବା ପରେ ଅଧ୍ୟାପକ ତାଙ୍କୁ ଡାକି ଉତ୍ତର ଖାତା ଧରି ପଛରେ ଆସିବାକୁ କହିଥିଲେ। ପରେ ଏକ ନିର୍ଦ୍ଦିଷ୍ଟ ରୁମ୍‌ରେ ବସାଇ ଉତ୍ତର ବତାଇ ଥିଲେ। ଘଟଣା ସତ୍ୟାସତ୍ୟ ଜାଣିବା ପାଇଁ ୬୩ ନଂ. ପରୀକ୍ଷା କେନ୍ଦ୍ରର ସିସିଟିଭି କ୍ୟାମେରାକୁ ଯାଞ୍ଚ କରାଯିବାକୁ ଦାବି ରହିଛି। ପ୍ରଶ୍ନ ଉଠୁଛି ଜଣେ ପରୀକ୍ଷାର୍ଥୀଙ୍କୁ ଅନୁକମ୍ପା ଦେଖାଇ ସ୍ୱତନ୍ତ୍ର ସୁବିଧା ଦେଇ ତାଙ୍କୁ କାହିଁକି ଉତ୍ତର ବତାଗଲା। କେଉଁ ଅଧ୍ୟାପକ କାହିଁକି ପରୀକ୍ଷାର୍ଥୀଙ୍କୁ ଡାକି ନେଇ ଉତ୍ତର ବତାଇ ଥିଲେ। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଏ ନେଇ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ ନାୟକ କୁହନ୍ତି, ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇନାହିଁ। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୪୫୬ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଥିଲା। ଏଥିରୁ ୨୪ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷେ ଭିନ୍ନକ୍ଷମଙ୍କ ପାଇଁ ସମୟ ଅଧିକ ଥିବାରୁ ୧୨ ପରୀକ୍ଷାର୍ଥୀଙ୍କୁ ସବୁ ରୁମ୍‌ରୁ ସ୍ୱତନ୍ତ୍ର ଭାବେ ଡକାଯାଇ ଗୋଟିଏ ରୁମରେ ପରୀକ୍ଷା ପାଇଁ ବ୍ୟବସ୍ଥା କରାଗଲା। ଜଣେ ଅନୁପସ୍ଥିତ ଥିବାରୁ ୧୧ ଜଣ ପରୀକ୍ଷା ଦେଇଛନ୍ତି। କାହାରିକୁ ଉତ୍ତର ବତା ଯାଇନି। ପରୀକ୍ଷା ସିସିଟିଭି ଲାଗିଥିବା ରୁମ୍‌ରେ ହୋଇଛି। ଯଦି କିଛି ଅନିୟମିତତା ହୋଇଛି ବୋଲି କୁହାଯାଉଛି ସିସିଟିଭିରୁ ଯାଞ୍ଚ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।

## ୨ଭାଇଙ୍କୁ ଆକ୍ରମଣ ଘଟଣା: ୬ଜଣଙ୍କୁ ୨ବର୍ଷ ଜେଲ

ଖଣ୍ଡପଡ଼ା,୪।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଧୀନ ରାଣୀପଡା ଗ୍ରାମର ୨ ଭାଇ ଗୋପାଳକୃଷ୍ଣ ଜେନା ଓ ପ୍ରଶାନ୍ତ କୁମାର ଜେନାଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨୦୧୫ ଅକ୍ଟୋବର ୧୪ ଘଟଣାର ବିଚାର କରି ଖଣ୍ଡପଡ଼ା ସହକାରୀ ଦୌରାଜଜ୍ ବିଭୂତି ଭୂଷଣ ନାୟକ ଦଣ୍ଡାଦେଶ ୨ ତାରିଖରେ ଶୁଣାଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ରାଣୀପଡ଼ା ଗ୍ରାମର ୬ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୩ ହଜାର ଟଙ୍କା ଲେଖାଏ ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ନିର୍ଦ୍ଦେଶନାମା ପତ୍ରରୁ ଜଣାପଡିଛି। ସୂଚନା ଯୋଗ୍ୟ, ରାଣୀପଡ଼ା ଗ୍ରାମର ସନାତନ ବାରିକ, ରମେଶ ବାରିକ, ସାଧୁ ବାରିକ, ବାସନ୍ତୀ ବାରିକ, ପ୍ରତିମା ବାରିକ ଓ ମିନାକ୍ଷୀ ବାରିକ ପ୍ରମୁଖ ୬ଜଣ ମିଳିତ ଭାବେ ଗ୍ରାମ ଦାଣ୍ଡରେ ଉକ୍ତ ୨ ଭାଇଙ୍କୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଗୋପାଳ କୃଷ୍ଣଙ୍କ ପତ୍ନୀ ଗୀତାଞ୍ଜଳି ଜେନା ଲିଖିତ ଭାବେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିବା ସହ ଏ ସମ୍ପର୍କିତ ଆବଶ୍ୟକ କାଗଜାତ କୋର୍ଟରେ ଦାଖଲ କରିଥିଲେ। ଉକ୍ତ ମାମଲାର ବିଚାର କରି ସହକାରୀ ଦୌରାଜଜ୍ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାଟିକୁ ସରକାରୀ ଓକିଲ ତଥା ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ଓ ମନୋଜ କୁମାର ମିଶ୍ର ପରିଚାଳନା କରିଥିଲେ।

## ଜିଲାପାଳଙ୍କ ଜନଶୁଣାଣି : ୧୬୫ ମାମଲାର ଫଇସଲା

ନୟାଗଡ଼,୪।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଚାରୁ କୁମାର ବଳ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପଜିଲାପାଳ ଶକ୍ତିକାନ୍ତ ରାୟ ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣିରେ ସହଯୋଗ କରିଥିଲେ। ଜିଲାସ୍ତରୀୟ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ। ଜନଶୁଣାଣିକୁ ୨୫୬ ଅଭିଯୋଗ ଆସିଥିବାବେଳେ ୧୧୯ଟି ବ୍ୟକ୍ତିଗତ, ୪ଟି ଗୋଷ୍ଠୀଗତ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୨୫ ଜଣଙ୍କୁ ଓ ରେଡକ୍ରସରୁ ୮ଜଣଙ୍କୁ ସହାୟତା ଦିଆଯାଇଥିଲା। ତେବେ ୧୬୫ ମାମଲାର ସମାଧାନ ହୋଇଥିବା ଜଣାପଡିଛି।



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ପକ୍ଷାଘାତ ମାନସଙ୍କ ସ୍ୱାସ୍ଥ୍ୟ ବିଭାଗର ଅଣଦେଖା

### ଆଶ୍ୱାସନା ଦେଇ ଦୃଷ୍ଟି ଦେଲାନି ବିଭାଗ

ଖଣ୍ଡପଡ଼ା,୪।୧୨ (ଅଜୟ କୁମାର ମହାରଣା)

୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ମାନସ ନାଏକ(୨୪) ପକ୍ଷାଘାତରେ ଆକ୍ରାନ୍ତ ହୋଇ ଅର୍ଥାଭାବରୁ ଆବଶ୍ୟକ ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇ ଶଯ୍ୟାରେ ପଡ଼ି ରହିଛନ୍ତି। ଖଣ୍ଡପଡ଼ା ବ୍ଲକର ଶିଖରପୁର ପଞ୍ଚାୟତର ଉଜୁଳାଙ୍ଗ ଗ୍ରାମର ନୟା ନାଏକଙ୍କ ପୁଅ ମାନସ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି ସହାୟତା ରାଶି ମିଳି ନ ଥିବା ବେଳେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ମାନସଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଦାବି ହେଉଛି। ଏ ସମ୍ପର୍କ 'ସରକାରୀ ସହାୟତା ଅପେକ୍ଷାରେ ପକ୍ଷାଘାତ ରୋଗୀ' ଶିର୍ଷକ ଏକ ଖବର ଅଗଷ୍ଟ ୪ ତାରିଖ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ସେହି ମାସ ୧୦ ତାରିଖରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ଓ ନୟାଗଡ଼ରୁ ଏକ ଡ଼ାକ୍ତରୀ ଦଳ ଉଜୁଳାଙ୍ଗ ଗ୍ରାମକୁ ଯାଇ ରୋଗାକ୍ରାନ୍ତ ଯୁବକଙ୍କୁ ଭେଟି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଖୁବ୍ ଶୀଘ୍ର ରୋଗାକ୍ରାନ୍ତ ମାନସଙ୍କୁ ପ୍ରଶାସନ ସହାୟତାରେ ଡ଼ାକ୍ତରଖାନାରେ ଚିକିତ୍ସିତ କରାଯିବ ବୋଲି ସମ୍ପୃକ୍ତ ଟିମ୍ ଆଶ୍ୱାସନା ଦେଇଥିଲେ। ଦୀର୍ଘବର୍ଷର ବ୍ୟବଧାନ ପରେ ରୋଗାକ୍ରାନ୍ତ ମାନସଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେବ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହୋଇଥିଲା। ପରିବାର ଲୋକେ ଆଶ୍ୱସ୍ତି ଅନୁଭବ କରିଥିଲେ। ମାତ୍ର ଦୀର୍ଘ ମାସ ଅତିବାହିତ ହୋଇଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ରୋଗ ଉପଶମ ନିମନ୍ତେ ପରିବାରବର୍ଗ କିଛିଟା ଆର୍ଥିକ ସହାୟତା ରାଶି ପାଇବା ଆଶାରେ ବହୁବାର ନୟାଗଡ଼ ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ଜଣାପଡିଛି।



ମାନସ ନାଏକ।

## ସଂକ୍ଷେପରେ

### ୩ ବାଲି ବୋଝେଇ ହାଇୱା ଅଟକ



ଯାଜପୁର ସଦର,୪।୧୨( ସମର ବିଜୟ ଶରଣ )

ଯାଜପୁର ସଦର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀର ରାଜଘାଟଠାରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ବିନା କାଗଜ ପତ୍ରରେ ଜିଲା ବାହାରକୁ ଚାଲାଣ ହେଉଛି। ଏହି ଘଟଣାରେ ୩ ବାଲି ବୋଝେଇ ହାଇୱାକୁ ଖଣି ବିଭାଗର ଅଧିକାରୀମାନେ ଅଟକ ରଖିଛନ୍ତି । ଯାଜପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ନଦୀର ରାଜଘାଟ ପୋଲ ତଳୁ ବେଆଇନ ଭାବେ ବାଲି ଉତ୍ତୋଳନ ଚାଲିଛି । ଏ ସଂକ୍ରାନ୍ତରେ ଖବର ପାଇବା ପରେ ଯାଜପୁର ରୋଡ ଖଣି ବିଭାଗର ଅଧିକାରୀମାନେ ସୋମବାର ସନ୍ଧ୍ୟାରେ ବାଲିଘାଟରେ ଅଚାନକ ଚଢ଼ାଉ କରିଥିଲେ। ଖଣି ବିଭାଗର ଅଧିକାରୀମାନଙ୍କୁ ଦେଖି ବାଲିଘାଟରେ ଥିବା ଚୋରା ଚାଲାଣକାରୀ ଦୌଡ଼ି ପଳାଇଥିଲେ। ହେଲେ ଘଟଣାସ୍ଥଳରୁ ୩ ବାଲି ବୋଝେଇ ହାଇୱା(ନଂ. ଓଡ଼ି ୨୨ଜେ.୪୦୧୭,ଓଡି ୨୨କ୍ୟୁ.୭୮୬୧, ଓଡ଼ି ୨୨ଟି. ୦୫୦୮) ଅଟକ ରଖାଯାଇଛି।

### ଗ୍ୟାସ୍ ଟାଙ୍କି ଫାଟି ଦୋକାନଘର ଜଳିଗଲା

ଯାଜପୁର,୪।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ଜଳଖିଆ ଦୋକାନରେ ସୋମବାର ପୂର୍ବାହ୍ନ ୧୧.୩୦ ମିନିଟ ସମୟରେ ଗ୍ୟାସ୍ ଟାଙ୍କି ଫାଟି ଦୋକାନ ଘର ଜଳିଯାଇଛି। ଦୋକାନର ମାଲିକ ଅଭିରାମ ସାହୁ ଏବଂ ଅନ୍ୟ ଜଣେ କର୍ମଚାରୀ ନିଆଁ ଲାଗିବା ଦେଖି ବାହାରକୁ ଚାଲି ଆସିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏଥିରେ ଦୋକାନ ଘରଟି ସମ୍ପୂର୍ଣ୍ଣ ଜଳିଯିବା ସହିତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ନଷ୍ଟ ହୋଇଯାଇଛି। ଖବର ପାଇ ଦଶରଥପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

### ନାଗସାପକୁ ଜଙ୍ଗଲରେ ଛଡ଼ାଗଲା



ପାଣିକୋଇଲି,୪।୧୨(ବିକାଶ କୁମାର ମଲିକ)

ଯାଜପୁର ବ୍ଲକ୍ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ନମଟିକିରି ଗ୍ରାମରୁ ଏକ ନାଗ ସାପ ଉଦ୍ଧାର କରାଯାଇଛି । ନମଟିକିରି ଗ୍ରାମର ପୂର୍ଣ୍ଣାନନ୍ଦ କବିଙ୍କ ବାଡ଼ିରେ ଏକ ନାଗ ସାପ ଥିବା ଦେଖି ପରିବାର ଲୋକ ଭୟଭୀତ ହୋଇ ପାଣିକୋଇଲି ଥାନାକୁ ଖବର ଦେଇଥିଲେ। ପାଣିକୋଇଲି ଥାନା କନ୍‌ଷ୍ଟେବଳ ମନମୋହନ ବାରିକ ନାଗ ସାପକୁ ଧରି ଜଙ୍ଗଲରେ ଛାଡି ଦେଇଥିଲେ ।

### ଧାନ ବିଲ ଭିତରକୁ ପଶିଗଲା ଟ୍ରକ୍

ପାଟଣା, ୪।୧୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ପୃଥକ୍ ସ୍ଥାନରେ ୨ ଦୁର୍ଘଟଣା ଘଟିଛି। ଚେମେଣା ନିକଟରେ ଭୋର ସମୟରେ ଏକ ଅଟୋ ରାଜପଥ କଡ଼ରେ ଓଲଟି ପଡ଼ିଥିଲା। ଫଳରେ ଅଟୋରେ ଥିବା ୫ ଜଣଙ୍କ ମଧ୍ୟରୁ ୩ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ୨ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡୁରୁମୁଙ୍ଗା ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିଛି। ଅପରାହ୍ନରେ ଡାବରଚୁଆ ନିକଟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ରାଜପଥ ପାର୍ଶ୍ୱ ଧାନ ବିଲ ଭିତରକୁ ପଶିଯାଇଥିଲା। ଡ୍ରାଇଭର ଓ ହେଲ୍‌ପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏକ ସ୍କୁଟି ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଟ୍ରକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଡୁରୁମୁଙ୍ଗା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

# ଜାଲ୍ ତଥ୍ୟ ଦେଇ ଆବାସ ହାତେଇଥିଲେ ନାଏବ ସରପଞ୍ଚ

## ବାହାଦଲାପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

ରସୁଲପୁର,୪।୧୨(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ପଞ୍ଚାୟତର ନାଏବ ସରପଞ୍ଚ ତିଳୋତ୍ତମା ନାୟକ ଜାଲ ତଥ୍ୟ ପ୍ରଦାନ କରି ଆବାସ ହାତେଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ହିତାଧିକାରୀ ଶ୍ରୀମତୀ ନାୟକ ଏହି ପଞ୍ଚାୟତରେ କୁଆଖିଆ ବଜାର ୱାର୍ଡର ଜଣେ ବାସିନ୍ଦା ବୋଲି ଦର୍ଶାଇ ଜାଲ୍‌ପଟା ଦେଇ ଆବାସ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ତାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଘର ନିର୍ମାଣ ପାଇଁ ପ୍ରଥମକିସ୍ତି ବାବଦକୁ ୪୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଉକ୍ତ ଅର୍ଥକୁ ବିନିଯୋଗକରି ସେ ମୁଗୁପାଳ ପଞ୍ଚାୟତର ସାରଙ୍ଗପୁର ଗ୍ରାମରେ ହିତାଧିକାରୀ ଘର ନିର୍ମାଣ କରିଥିଲେ । ଏ ନେଇ ବାହାଦଲାପରୁ ପଞ୍ଚାୟତର ପଦ୍ମଲୋଚନ ନାୟକ ଯାଜପୁର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ରସୁଲପୁର ବିଡିଓ ଅବନୀକାନ୍ତ ସାହୁଙ୍କ ପକ୍ଷରୁ ଅଭିଯୋଗର ତଦନ୍ତ କରାଯାଇଥିଲା । ଏ ନେଇ ବ୍ଲକ ପକ୍ଷରୁ ଗଠନ କରାଯାଇ ଥିବା ତଦନ୍ତକାରୀ ଦଳ ବିଭିନ୍ନ ସ୍ଥାନକୁ ଯାଇ ତଦନ୍ତ କରିଥିଲେ । ଘର ହାତେଇବା ପାଇଁ ହିତାଧିକାରୀ ତଥା ନାଏବ ସରପଂଚ ଶ୍ରୀମତୀ ନାୟକ ଅସାଧୁ ଉପାୟ ଅବଲମ୍ବନ କରିଥିବା ଧରାପଡିଛି। ଏ ନେଇ ବ୍ଲକ ପକ୍ଷରୁ ଯାଜପୁର ଜିଲାପାଳଙ୍କ ନିକଟକୁ ପତ୍ର ଜରିଆରେ ଅବଗତ କରାଯିବା ସହ ପରବର୍ତ୍ତୀ ପଦକ୍ଷେପ ପାଇଁ ଅନୁମତି ଲୋଡା ଯାଇଛି। ତଦନ୍ତ ଚାଲିଥିବା ବେଳେ ଘର କାର୍ଯ୍ୟର ଅଗ୍ରଗତି ନ ଘଟାଇବା ପାଇଁ ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ବାରଣ କରାଯାଇଛି। ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ନିକୁଞ୍ଜ ବିହାରୀ ରାଉତଙ୍କ ସୂତ୍ରରୁ ଜଣାପଡିଛି। ହିତାଧିକାରୀଙ୍କୁ ନୋଟିସ ଜାରି କରାଯାଇ ତାଙ୍କ ଠାରୁ ପ୍ରଥମକିସ୍ତି ଅର୍ଥକୁ ଫେରାଇ ଆଣିବାକୁ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି।

ଘଟଣାରୁ ପ୍ରକାଶ ଯେ ହିତାଧିକାରୀ ତିଳୋତ୍ତମା ନାୟକ ଏହି ବ୍ଲକର ଭୋଟକା ପଞ୍ଚାୟତ ଅରଡା ଗ୍ରାମର ମୂଳ ବାସିନ୍ଦା ଅଟନ୍ତି । ଏହି ପଞ୍ଚାୟତର ଭୋଟର ତାଲିକାରେ ତାଙ୍କର ନାମ ରହିଛି । ୧୫ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ମୁଗୁପାଳ ପଞ୍ଚାୟତର ସାରଙ୍ଗପୁର ଗ୍ରାମରେ ସ୍ଥାୟୀ ଭାବେ ରହି ଆସୁଛନ୍ତି । ସେଠାରେ ତାଙ୍କ ନାମରେ ଘରବାଡି ଜମି ରହିଛି । ସେ ଘର ହାତେଇ ଥିବା କୁଆଖିଆ ୱାର୍ଡରେ ତାଙ୍କ ନାମରେ ଘରବାଡି ଜମି ନାହିଁ । ଏହାଛଡା ହିତାଧିକାରୀ ସାରଙ୍ଗପୁର ଗ୍ରାମର ସ୍ଥାୟୀ ବାସିନ୍ଦା ବୋଲି ଜନଗଣନା ସର୍ଭେ ତାଲିକାରୁ ସ୍ପଷ୍ଟ ହୋଇଛି । ସେ ଚଞ୍ଚକତା କରି କୁଆଖିଆ ୱାର୍ଡରେ ଜାଲ ଆଧାର, ଭୋଟର ପରିଚୟପତ୍ର ଓ ଘରବାଡି ପଟା ପ୍ରଦାନ କରିଥିଲେ । ଆବାସ ପାଇଁ ଯୋଗ୍ୟ ହିତାଧିକାରୀ ଚୟନ କରିବା ପାଇଁ ଗଠିତ ୩ଜଣିଆ କମିଟିଙ୍କୁ ହିତାଧିକାରୀଙ୍କ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କମିଟିକୁ ହସ୍ତଗତ ହୋଇଥିବା ଘରବାଡି ପଟ୍ଟା, ଆଧାରକାର୍ଡ, ବ୍ୟାଙ୍କଜମାଖାତାକୁ ସଠିକ୍ ଭାବରେ ଯାଂଚ କରାନଯାଇ ହିତାଧିକାରୀଙ୍କୁ ଯୋଗ୍ୟ କରିଦିଆଯାଇ ଥିଲା । ଏ ଦିଗରେ ଅଭିଯୋଗ ହେବାପରେ ବ୍ଲକ ତରଫରୁ ୫ଜଣିଆ ତଦନ୍ତକାରୀ ଦଳ ଗଠନ କରାଯାଇ ତଦନ୍ତ କରାଯାଇଥିଲା । ତଦନ୍ତରେ ଜାଲିଆତି ଧରାପଡିବା ପରେ ହିତାଧିକାରୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି ।

ଏ ସମ୍ପର୍କରେ ହିତାଧିକାରୀ ଶ୍ରୀମତୀ ନାୟକଙ୍କୁ ପଚାରିବାରୁ ସେ ପ୍ରଧାନମନ୍ତ୍ରୀ ଆବାସ ଘର ପାଇଛନ୍ତି । ପ୍ରଥମକିସ୍ତି ବାବଦକୁ ୪୦ହଜାର ଟଙ୍କା ତାଙ୍କ ଜମାଖାତାକୁ ଆସିଛି ବୋଲି ସ୍ୱୀକାର କରିଛନ୍ତି । ଏ ନେଇ ଅଭିଯୋଗ ହୋଇଛି ବୋଲି ସେ ଜାଣିବାକୁ ପାଇଛନ୍ତି । ମାତ୍ର ତାଙ୍କୁ ଏଯାଏଁ ବ୍ଲକ ପ୍ରଶାସନ ତରଫରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ନିର୍ବାହୀ ଅଧିକାରୀ ରାଉତଙ୍କ ମତରେ ସେ ସରକାରୀ ଘର ହାତେଇବା ପାଇଁ ଯେଉଁ ପ୍ରମାଣପତ୍ର ଦେଇଥିଲେ ତାକୁ ଆଧାରକରି ଘର ଆବଣ୍ଟନ କରାଯାଇ କାର୍ଯ୍ୟାଦେଶ ଓ ପ୍ରଥମକିସ୍ତି ପ୍ରଦାନ କରାଯାଇଛି । ଅଭିଯୋଗ ଆସିବା ପରେ ତାଙ୍କୁ ଦ୍ୱିତୀୟକିସ୍ତି ପ୍ରଦାନ କରାଯାଇ ନାହିଁ ବୋଲି ମତ ରଖିଛନ୍ତି । ଏହାଛଡା ଶ୍ରୀମତୀ ନାୟକ ବାହାଦଲାପୁର ପଂଚାୟତର ସ୍ଥାୟୀ ବାସିନ୍ଦା ନୁହଁନ୍ତି । ସେ ଭୋଟର ତାଲିକାରେ ତାଙ୍କ ନାମକୁ ଚଞ୍ଚକତା କରି ନାମ ପଞ୍ଜିକରଣ କରିଛନ୍ତି । ସେ କୁଆଖିଆ ୱାର୍ଡରୁ ୱାର୍ଡ ମେମ୍ବର ହୋଇ ନାଏବ ସରପଞ୍ଚ ହୋଇଛନ୍ତି , ଯାହାକି ସମ୍ପୂର୍ଣ୍ଣ ବେଆଇନ ଅଟେ । ତାଙ୍କର ନାଏବ ସରପଂଚ ପଦବୀକୁ ରଦ୍ଦ କରାଯାଇ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ପଦ୍ମଲୋଚନ ନାୟକ ଦାବି କରିଛନ୍ତି ।

# ଚୋରି ସାମଗ୍ରୀ ଜବତ, ୨ କୋର୍ଟ ଚାଲାଣ

ଯାଜପୁରରୋଡ଼,୪।୧୨(ପବିତ୍ର ରଞ୍ଜନ ମହାନ୍ତି)



■ ପରିବାର ଲୋକେ କାଳୀପୂଜା ମେଳଣ ଦେଖିବାକୁ ଯାଇଥିଲେ

■ ଘରେ କଳାକନା ବୁଲାଇ ଥିଲେ ଅଭିଯୁକ୍ତ

ସୋମବାର ଯାଜପୁରରୋଡ଼ ପୋଲିସ ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ସୂଚନା ଅନୁଯାୟୀ ଚୋରି ସାମଗ୍ରୀ ଜବତ କରାଯାଇଛି । ଗିରଫ ୨ ଯୁବକ ହେଲେ ଚମକା ଥାନା ଅନ୍ତର୍ଗତ ଚିତ୍ରୀ ନୁଆସାହି ଗ୍ରାମର ଚିନ୍ମୟ ନାୟକ (୨୪) ଓ ଯାଜପୁରରୋଡ଼ ଥାନା ବ୍ୟାସନଗର ପୌରାଞ୍ଚଳ ସାପଗାଡ଼ିଆ ଅଞ୍ଚଳର ବାବୁ ଦାସ(୨୦)।

ଗତମାସ ୨୨ ତାରିଖରେ ପୌରାଞ୍ଚଳ ସାପଗାଡ଼ିଆ ଗାୟତ୍ରୀ ବିହାରର ଶଙ୍କର୍ଷଣ ଦାସଙ୍କ ଘରୁ ସନ୍ଧ୍ୟା ସମୟରେ ଘରର ତାଲା ଭାଙ୍ଗି ବହୁ ସାମଗ୍ରୀ ଚୋରି ହୋଇଥିଲା । ଅଭିଯୁକ୍ତମାନେ ଏକ ବାଇକ (ନଂ.ଓଡି୦୪-ଏ-୯୦୫୩), ୨ଟି ସୁନାଗୁଡ଼, ୨ଟି ଗ୍ୟାସ ସିଲିଣ୍ଡର, ଗୋଟିଏ ସାଇକେଲ,ଗୋଟିଏ ଗ୍ରାଇଣ୍ଡର ଓ ଟେବୁଲ ଫ୍ୟାନ୍ ନେଇ ଯାଇଥିଲେ । ଘଟଣାଦିନ ସହରରେ କାଳୀପୂଜା ମେଳଣ ଚାଲିଥିବାରୁ ପରିବାର ଲୋକେ ମେଳଣ ଦେଖିବାକୁ ଯାଇଥିଲେ । ଯାହାର ସୁଯୋଗ ନେଇଥିଲେ ୨ ଅଭିଯୁକ୍ତ । ଏନେଇ ୨୩ ତାରିଖରେ ଘର ମାଲିକ ଯାଜପୁରରୋଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୫୮୨/୨୩) ରୁଜୁ ହୋଇଥିଲା ।

# ଏସ୍‌ବିଡି ସ୍କୁଲରେ ବିଜ୍ଞାନ ମେଳା



କଳିଙ୍ଗନଗର,୪।୧୨(ଶୁଭାଶିଷ ରାଉତ)

ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ପ୍ରଦର୍ଶନୀ ଉତ୍ସବ ରବିବାର ଶେଷ ହୋଇଛି। ଏଥିରେ ବିଜ୍ଞାନ, ଗଣିତ, ଇଂଲିଶ, ହିନ୍ଦୀ, ଓଡିଆ, ସାମାଜିକ ବିଜ୍ଞାନ, କ୍ରୀଡା, କଳା ଓ ହସ୍ତଶିଳ୍ପ ଆଦି ବିଷୟ ଉପରେ ଛାତ୍ରୀଛାତ୍ରଙ୍କ ଜ୍ଞାନକୌଶଳ ଓ କଳାତ୍ମକ କ୍ଷମତାକୁ ପ୍ରଦର୍ଶିତ କରାଯାଇଥିଲା । ସ୍କୁଲର ଅଧକ୍ଷ ଦେବେନ୍ଦ୍ର କୁମାର ଶତପଥୀଙ୍କ ଅଧକ୍ଷତାରେ ପାଣିକୋଇଲି ଜେଏନଭି ଅଧକ୍ଷା ଦିକ୍ଷାଜ୍ୟୋତି ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ୪ଶହରୁ ଅଧିକ ପ୍ରକଳ୍ପ, ଖାଦ୍ୟ ଷ୍ଟଲ, ପିଲାମାନଙ୍କ ପାଇଁ ମନୋରଞ୍ଜନ ବ୍ୟବସ୍ଥା ଆଦି ହୋଇଥିଲା। କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ୟୁନିଟ ମୁଖ୍ୟ ଦୀପକ ଅଗ୍ରୱାଲ ଏବଂ ବରିଷ୍ଠ ଉପସଭାପତି ଏ. କେ. ସିଂହ ଉଦ୍‌ଯାପନୀ ଉତ୍ସବରେ ପ୍ରଦର୍ଶନୀ ବୁଲି ଦେଖିବା ସହ ପ୍ରକଳ୍ପଗୁଡିକ ଉପରେ ପ୍ରଶଂସା କରିଥିଲେ। ସ୍କୁଲର ନିର୍ଦ୍ଦେଶକ ଯୁଧିଷ୍ଠିର ଦେବତା ମଧ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

# ଉଦୟଭାନୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଅତିଥିମାନେ ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି।

ସିଂହପୁର, ୪।୧୨(ଅନଙ୍ଗ ଉଦୟ ବେଉରିଆ)

ବିଂଝାରପୁର ବ୍ଲକ ଅନ୍ତର୍ଗତ ରାହାସ ଗୁହାଳି ଗ୍ରାମର ଭାଗବତ ଜୀଉଙ୍କ ପ୍ରାଗଣରେ ଉଦୟ ଭାନୁ ସାହିତ୍ୟ ସଂସଦର ଦ୍ୱିତୀୟ ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ବ୍ରଜକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଧ୍ୟାପକ ଡ.ଦେବପ୍ରସାଦ ସାମଲ , ମୁଖ୍ୟବକ୍ତା ବରୁଣେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ସମ୍ମାନିତ ଅତିଥି ଡ.ଶ୍ରୀହରି ଧଳ , ପ୍ରଧ୍ୟାପକ ଅଜୟ ଓଝା , ପଣ୍ଡିତ ମହେଶ୍ୱର ନନ୍ଦ, ଶିକ୍ଷାବିତ୍ କାଳିପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳ ଲୁକାୟିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବାର ପ୍ରୟାସକୁ ପ୍ରଶଂସା କରିଥିଲେ । ବିଷ୍ଣୁ ଚରଣ ମଲିକ ଓ ସାଥିଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା । ବୀରେନ୍ଦ୍ର କୁମାର ସାମଲ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ସୁରେନ୍ଦ୍ର ପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଂସଦର ମୁଖପାତ୍ର ଉଦୟାର୍କକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପତ୍ରିକାର ସମ୍ପାଦକ ସରୋଜ କୁମାର ମଲିକ ପତ୍ରିକା ସମ୍ପର୍କରେ ସାମ୍ୟକ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଡ. ସୁବାସ ଚନ୍ଦ୍ର ସାମଲ , ସାହିତ୍ୟିକ ରମାକାନ୍ତ ଜେନା, ପଣ୍ଡିତ ମହେଶ୍ୱର ନନ୍ଦ, ଶିକ୍ଷାବିତ୍ ନରହରି ପାତ୍ର, ନେତ୍ରାନନ୍ଦ ଦାସ, ବଟକୃଷ୍ଣ ମଲିକ୍, ଜଗନ୍ନାଥ ଧଳ , ଅମ୍ବିକା ପ୍ରସାଦ ସାମଲ , ବିକାଶ ପଣ୍ଡା, ଅମରେନ୍ଦ୍ର ବେହେରା, ସୁରେନ୍ଦ୍ର ଧଳଙ୍କୁ ମଞ୍ଜୁଳା ଗୋବିନ୍ଦ ସ୍ମୃତି ସମ୍ମାନ ଓ ପୂର୍ଣ୍ଣବାଳା ଧରଣୀଧର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର କୃତି ଛାତ୍ରୀଛାତ୍ରମାନଙ୍କୁ ରମାମଣୀ ଦିବାକର ମେଧା ଓ ସାଧାରଣ ପରୀକ୍ଷାରେ ୧୦ଜଣ ଛାତ୍ରୀଛାତ୍ରଙ୍କୁ ଭାବିଲତା ପରୀକ୍ଷିତ ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଟିଙ୍କିଲତା ବେହେରାଙ୍କ 'କବିଟିଏ ପରି କବିଟିଏ' ଓ ନିରଞ୍ଜନ ପାତ୍ରଙ୍କ 'ମହତବାଣୀ' ପୁସ୍ତକ ଉନ୍ମୋଚନ ହୋଇଥିଲା । ପ୍ରଥମ ଅଧିବେଶନରେ କବିତା ପାଠ ଉତ୍ସବରେ ପ୍ରଫୁଲ୍ଲ ବେହେରାଙ୍କ ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରମୋଦ ସାମଲ ଯୋଗ ଦେଇଥିଲେ। ରଶ୍ମିତା ସେନାପତି, ଜିତେନ୍ଦ୍ର ବେହେରା, ଶୈଳଜା ଶଙ୍କର ସାମଲ କବିତା ସଂଯୋଜନା କରିଥିଲେ । ୪୦ ଜଣ କବି ଏହି ଉତ୍ସବରେ ଉପସ୍ଥିତ ଥିଲେ ।

# ଏତଲାର ୪ଦିନ ପରେ ବି ଚୁପ ବସିଛି ପୋଲିସ

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

କୋରେଇ,୪।୧୨( ଚନ୍ଦ୍ରକାନ୍ତ ପତି )

କୋରେଇ ଥାନା ଅଞ୍ଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଗତ ୩୦ ତାରିଖରେ ଏହି ଥାନା ଅନ୍ତର୍ଗତ ପରମାନନ୍ଦପୁର ଗ୍ରାମରେ ୨ ପରିବାର ସଦସ୍ୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଗ୍ରାମର କାଳିଆ ପରିଡ଼ାଙ୍କ ପରିବାର ସଦସ୍ୟମାନେ ଧାରୁଆ ଅସ୍ତ୍ରରେ ମଗୁଲି ଚରଣ ରାଉତଙ୍କ ପରିବାର ସଦସ୍ୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ମଗୁଲି ରାଉତଙ୍କ ସ୍ତ୍ରୀ ମାତା ରାଉତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ତାଙ୍କ ସ୍ୱାମୀ ମଗୁଲି ଚରଣ ରାଉତ ନ୍ୟାୟ ପାଇଁ କୋରେଇ ଥାନାର ଦ୍ୱାରସ୍ଥ ହୋଇଥିଲେ । କୋରେଇ ପୋଲିସ ୩୭୬/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କ ବିରୋଧରେ ତଦନ୍ତ ଚଳାଇଛି ବୋଲି ତଦନ୍ତକାରୀ ଅଧିକାରୀ ଚୁନୁରାମ ହାଂସଦା କହିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଏହି ଘଟଣାକୁ ଇତିମଧ୍ୟରେ ୪ଦିନ ବିତିଯାଇଥିଲେ ଅଭିଯୁକ୍ତମାନଙ୍କ ବିରୋଧରେ କୋରେଇ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଅଭିଯୋଗ ହୋଇଛି । ତଦନ୍ତ କରୁଥିବା ଚୁନୁରାମ ହାଂସଦାଙ୍କୁ ପଚାରିବାରେ ଥାନାଅଧିକାରୀଣିଙ୍କ ସହ ଏହି ଘଟଣା ବିଷୟରେ କୌଣସି ଆଲୋଚନା ହୋଇନାହିଁ। ତାଙ୍କ ସହିତ ଆଲୋଚନ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

# ୧୧୪ ଅଭିଯୋଗର ତତ୍କାଳ ସମାଧାନ



ଜନଶୁଣାଣି ଶିବିରରେ ଜିଲାପାଳ ଏବଂ ଅନ୍ୟମାନେ।

## ମିଳିତ ଜନ ଅଭିଯୋଗ ଶୁଣାଣି

ଯାଜପୁର ଟାଉନ,୪।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଭିଯୋଗ ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ । ଶିବିରରେ ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ନବକୃଷ୍ଣ ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ-ଜିଲାପାଳ ଗୋପୀନାଥ କୁଅଁରଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ମଞ୍ଚାସୀନ ଥିଲେ । ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୮୧ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୬୫ ବ୍ୟକ୍ତିଗତ ଅଭିଯୋଗ ଏବଂ ୫ ସମୂହ ଅଭିଯୋଗ ଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୪୦ଟି ଅଭିଯୋଗ ଆସିଥିବା ବେଳେ ଜିଲା ରେଡ଼କ୍ରସ ପାଣ୍ଠିରୁ ଚିକିତ୍ସା ସହାୟତା ନିମନ୍ତେ ୬୪ ଅଭିଯୋଗ ଥିଲା । ଶିବିରରେ ଜିଲାପାଳ ରାଠୋର ୧୧୪ ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ ।

# ଚୋରା ମାଙ୍ଗାନିଜ ବୋଝେଇ ଗାଡ଼ି ଜବତ

ଯୋଡ଼ା,୪।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କାରଣ ସାହିଠାରେ ପୋଲିସ ଏକ ଚୋରା ମାଙ୍ଗାନିଜ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ରବିବାର ରାତି ପ୍ରାୟ ୯ଟା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଜେଏଚ୍ ୦୫ଡିଇ ୭୬୮୨)ରେ କାରଣ ସାହି ବିମଳ ଦୀପ କ୍ରଶର ରାସ୍ତା ଦେଇ ଝାଡ଼ଖଣ୍ଡ ଅଭିମୁଖେ ମାଙ୍ଗାନିଜ ଚୋରା ଚାଲାଣ ହେଉଥିବା ବେଳେ ଭ୍ୟାନ୍‌ର ଚକ ଫାଟି ଯାଇଥିଲା। ପୋଲିସ ଉକ୍ତ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ସେଠାରେ ପହଞ୍ଚି ଥିଲା। ପୋଲିସକୁ ଦେଖି ଚୋରାଚାଲାଣକାରୀମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ଉକ୍ତ ଭ୍ୟାନ୍‌ରେ ଉନ୍ନତ ମାନର ଚୋରା ମାଙ୍ଗାନିଜ ବୋଝେଇ ହୋଇଥିବା ପୋଲିସ ଜାଣିବାକୁ ପାଇ ତାହାକୁ ଜବତ କରିଥିଲା। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୦୨୦ରେ ଖଣି ନିଲାମ ହେବା ପରେ ଖଣିଜ ସମ୍ପଦର ମୂଲ୍ୟ ବୃଦ୍ଧି ହେଲା। ତେଣେ କିଛି ଖଣି ନିଜ ଶିଳ୍ପ ଅନୁଷ୍ଠାନରେ ବ୍ୟବହାର ପାଇଁ ନିଜସ୍ୱ ଖଣିରୁ କଞ୍ଚା ମାଲ ନେବାରୁ ବଜାରରେ ଘରୋଇ ଶିଳ୍ପ ପାଇଁ କଞ୍ଚାମାଲର ଅଭାବ ରହୁଛି।

# ବାଚସ୍ପତିଙ୍କ ଦ୍ୱାରା ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



ବାଚସ୍ପତି ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରୁଛନ୍ତି।

ପ୍ରୀତିପୁର,୪।୧୨(ସୁଶାନ୍ତ ବେହୁରିଆ)

ବିଞ୍ଝାରପୁର ବ୍ଲକ ଅଧୀନ ବାଛୋଳ ପଞ୍ଚାୟତରେ ରବିବାର ବାଚସ୍ପତି ପ୍ରମିଳା ମଲିକ ମଧୁବାବୁ ପେନସନ ଯୋଜନାରେ ସାମିଲ ୧୭୫ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି । ଏହି ଅବସରରେ ସେ ବାଛୋଳ ପଞ୍ଚାୟତରେ ନୂତନ ଭାବେ ନିର୍ମିତ ମିଶନଶକ୍ତି ଗୃହ,ଯୁବକ ସଂଘ ଗୃହ, ମାର୍କେଟ କମ୍ପ୍ଲେକ୍ସ ଓ ପଞ୍ଚାୟତ ସୁବିଧା କେନ୍ଦ୍ର ଉଦ୍‌ଘାଟନ କରିଥିଲେ । ଆୟୋଜିତ ସଭା ସର୍ବେଶ୍ୱର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବାଚସ୍ପତି ମଲିକଙ୍କ ସମେତ ବିଂଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବାଛୋଳ ପଞ୍ଚାୟତ ସରପଞ୍ଚ କଳ୍ପନା ବେହେରା, ସମିତି ସଭ୍ୟା ପଦ୍ମିନୀ ବେହେରା, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଖଗେଶ୍ୱର ମହାନ୍ତି ଓ ସାମାଜିକ କର୍ମୀ ଅମର କୁମାର ବେହେରା, ଭଗବାନ ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ହରିପୁର ହାଟରେ ଟ୍ରାଫିକ ଜାମ୍

ଯାଜପୁର ସଦର, ୪।୧୨ (ସମର ବିଜୟ ଶରଣ)




ଟ୍ରାଫିକ୍ ଜାମ୍‌ରେ ଅଟକି ରହିଥିବା ଆମ୍ବୁଲାନ୍ସ।

ଯାଜପୁର ଜିଲାର ବ୍ୟସ୍ତବହୁଳ ବଜାର ହରିପୁର ହାଟର ସ୍ୱତନ୍ତ୍ର ପରିଚୟ ରହିଛି । ବିଶେଷ କରି କାର୍ତ୍ତିକ ମାସର ପଞ୍ଚୁକଠାରୁ ପ୍ରଥମାଷ୍ଟମୀ ପର୍ଯ୍ୟନ୍ତ ଜିଲା ତଥା ଜିଲା ବାହାରୁ ପ୍ରତିଦିନ ବହୁ ଲୋକ ରାହାସ କୁଞ୍ଜ ଦେଖିବା ପାଇଁ ଆସିଥାଆନ୍ତି। ଏଥିପାଇଁ ହରିପୁର ହାଟଠାରୁ ମହେଶ୍ୱରପୁର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ବାଇକ, କାର, ଅଟୋରିକ୍ସା ପାର୍କିଂ କରିଥାଆନ୍ତି । ଏଥିପାଇଁ ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇଥାଏ । ଏମିତିକି ଜରୁରୀ ସେବାରେ ନିୟୋଜିତ ଥିବା ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଭିଡ଼ ଭିତରେ ଫସି ଘଣ୍ଟା ଘଣ୍ଟା ଧରି ଅଟକି ରହୁଥିବା ଦେଖିବାକୁ ମିଳିଥାଏ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ହରିପୁର ଶାନ୍ତି କମିଟିର ସଦସ୍ୟ ଓ କୁଆଖିଆ ଥାନା ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ରାସ୍ତାରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ସ୍ଥିର କରାଯାଇଥିଲା। କିନ୍ତୁ ଏହି ନିୟମକୁ ଉଲ୍ଲଂଘନ କରି ଭାରିଯାନ ଚଳାଚଳ କରୁଛି । ଏହା ଉପରେ କୌଣସି କଟକଣା ନାହିଁ । ଅନ୍ୟପକ୍ଷେ ସେଠାରେ ଭିଡ଼ ଜମିଥିଲେ ବି ପୋଲିସ ମୁତୟନ ହୋଇ ନ ଥିଲେ ।

## କଳଦିଆରେ ଅଗ୍ନିକାଣ୍ଡ

ଆଳି,(ବନମାଳୀ ସେନାପତି) :ଆଳି ଥାନା ଅନ୍ତର୍ଗତ କଳଦିଆ ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡରେ ବିକାଶ ଦାସଙ୍କ ଘର ଜଳିଯାଇଛି। ସୂଚନା ମୁତାବକ, ବିକାଶ ଦାସଙ୍କ ପରିବାର ଲୋକ ରବିବାର କେନ୍ଦ୍ରାପଡ଼ା ଯାଇଥିବା ବେଳେ ରାତିରେ ଘରେ କେହି ନ ଥିଲେ। ରାତି ପ୍ରାୟ ୧୧ଟା ସମୟରେ ବିକାଶଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ପରେ ଗ୍ରାମବାସୀ ଏହାକୁ ପାଣି ଢାଳି ଲିଭାଇବା ସହିତ ଦମକଳକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଦମକଳ ପହଞ୍ଚି ଗ୍ରାମବାସୀଙ୍କ ସହ ନିଆଁ ଲିଭାଇବାରେ ସହଯୋଗ କରିଥିଲା। ଏହି ଅଗ୍ନିକାଣ୍ଡରେ ଘରର କିଛି ଆସବାବପତ୍ର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ କିଛି ଜଣାପଡ଼ିନି।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ରାଜନଗର, ୪।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଗୋବର୍ଦ୍ଧନପୁର ଗାଁର ପପୁନି ଦାସଙ୍କ ଘର ସୋମବାର ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ପପୁନିଙ୍କ ୨ ବଖରାରେ ଥିବା ସମସ୍ତ ଆସବାବପତ୍ର ସମେତ ଧାନ, ଚାଉଳ, ଟଙ୍କା ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନ, ସମିତିସଭ୍ୟ ରବିନ ମଲିକ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ପଞ୍ଚାୟତ ପକ୍ଷରୁ ୭ ଦିନର ରନ୍ଧାଖାଦ୍ୟ ବ୍ୟବସ୍ଥା କରିଛନ୍ତି। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ପ୍ରମୋଦ କୁମାର ପ୍ରଧାନ ଓ ଗ୍ରାମବାସୀ ଦାବି କରିଛନ୍ତି।

# ଗାଁରେ ସର୍ପକୁ ଦେବୀ ରୂପେ ପୂଜା କରାଯାଏ

ମହାକାଳପଡ଼ା, ୪।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ମହାନଦୀ କୂଳରେ ମା' ମନସା ଦେବୀ ପୂଜା
- ୮୦ରୁ ଅଧିକ ମୃଣ୍ମୟୀ ପ୍ରତିମା ପୂଜିତ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମହାନଦୀ କୂଳରେ ପିତାପାଟ ଗ୍ରାମରେ ୨୭ତମ ଅକାଳ ବୋଧନ ମା' ମନସା ଦେବୀଙ୍କ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ଏହା ଗୁରୁବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ଗ୍ରାମରେ ସର୍ପଦେବୀ ମା' ମନସାଙ୍କୁ ପୂଜା କରିବାର କିଛି କିମ୍ବଦନ୍ତୀ ରହିଛି ବୋଲି ସଦସ୍ୟମାନେ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଏହି ଗ୍ରାମରେ ୧୯୯୭ ନଭେମ୍ବର ୧୭ରେ ଏକ ଅଘଟଣ ଘଟିଥିଲା, ଯାହା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ପରେ ଗ୍ରାମର ବସନ୍ତ ପୋଦ୍ଦାରଙ୍କ ବୋହୂ ଊର୍ମିଳା ଓ ତାଙ୍କ ଶିଶୁପୁତ୍ରକୁ ଏକ ବିଷଧର ସାପ ଦଂଶନ କରିଥିଲା। ପରେ ଏମାନଙ୍କ ଶୁଦ୍ଧିକ୍ରିୟାର ଶେଷଦିନରେ ଉକ୍ତ ଗ୍ରାମରେ ସର୍ପ ଦଂଶନରେ ଆଉ ୩ ଜଣଙ୍କ ଜୀବନ ଯାଇଥିଲା। ଏପରି ଅଭାବନୀୟ ଘଟଣା ଘଟିବା ପରେ ଗ୍ରାମ ଓ ଅଞ୍ଚଳରେ କୋକୁଆଭୟ ସୃଷ୍ଟି ହୋଇଥିଲା। ଅଞ୍ଚଳର ଲୋକମାନେ ଏହି ଗାଁରେ ପହଞ୍ଚି ଦେଖିଥିଲେ ଜନଶୂନ୍ୟ। ଖରାବେଳେ ସମସ୍ତଙ୍କ ଘରେ ତାଟିକବାଟ ପଡ଼ିଛି। ଅଞ୍ଚଳର କେତେଜଣ ମୁରବି ବୁଦ୍ଧିଜୀବୀ, ଗ୍ରାମର ଲୋକେ ପଣ୍ଡିତଙ୍କ ପରାମର୍ଶ ଲୋଡ଼ିଥିଲେ। ପରେ ପଣ୍ଡିତଙ୍କ ପରାମର୍ଶକ୍ରମେ ଗାଁରେ କ'ଣ ପାଇଁ ନାଗମାତାଙ୍କ କୋପଦୃଷ୍ଟି ପଡ଼ିଲା। ପରେ ସର୍ପ ଦଂଶନରେ ପ୍ରାଣ ହରାଇଥିବା ମୃତଦେହକୁ ପବିତ୍ର ମହାନଦୀରେ କଦଳୀ ଭେଳାରେ ଭସାଇ ଦିଆଯାଇଥିଲା। ପଣ୍ଡିତଙ୍କ ପରାମର୍ଶକ୍ରମେ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଅକାଳ ବୋଧନ ସର୍ପଦେବୀ ମା' ମନସା ଦେବୀଙ୍କୁ ବିଧି ଅନୁସାରେ ପ୍ରତିବର୍ଷ ପୂଜା କରାଯାଉଛି ବୋଲି କହିଛନ୍ତି ସ୍ଥାନୀୟ ଲୋକେ। ସେହିପରି ମା'ଙ୍କ ନୂଆ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୂଜାମଣ୍ଡପରେ ଶ୍ରଦ୍ଧାଳୁମାନେ ମା'ଙ୍କ ଗଳାରେ ଟଙ୍କା ହାର ସମର୍ପଣ କରିଥା'ନ୍ତି। ଉକ୍ତ ମଣ୍ଡପରେ ୮୦ରୁ ଅଧିକ ମୃଣ୍ମୟୀ ପ୍ରତିମା ନିର୍ମାଣ କରାଯାଇ ପୂଜା କରାଯାଉଅଛି ବୋଲି ଦେଖିବାକୁ ମିଳିଛି। ଏହି ଦିନରେ ଗ୍ରାମର ୩ଶହ ପରିବାରର ଲୋକେ ନୂତନ ବସ୍ତ୍ର ପରିଧାନ ସହ ପିଠାପଣା ପ୍ରସ୍ତୁତ କରି ମା'ଙ୍କୁ ଅର୍ପଣ କରିବା ବିଶ୍ୱାସ ରହିଛି। ମା'ଙ୍କ ମୁଖ୍ୟ ଭୋଗ ଚିନିରେ ପ୍ରସ୍ତୁତ ବାତଶା ଅର୍ପଣ କରାଯାଏ। ମାନସିକ ପୂରଣ କରିବାକୁ ମା'ଙ୍କ ମଣ୍ଡପରେ ଶିଶୁ ଓଜନ ଅନୁସାରେ ଓ ଜଗତର କଲ୍ୟାଣ ପାଇଁ ଧର୍ମ ନିକିତିରେ ଅନ୍ୟାନ୍ୟ ଭୋଗ ସାମଗ୍ରୀ ସମାନ ପରିମାଣରେ ସମର୍ପଣ କରାଯାଇଥାଏ। ଏହି ପୂଜା ମଣ୍ଡପରେ କୋଲକାତା, ପଶ୍ଚିମବଙ୍ଗ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, କୁଜଙ୍ଗ, ପାରାଦୀପ, କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ଆଶିଷ ଭିକ୍ଷା କରିଥାନ୍ତି ବୋଲି ଆୟୋଜନ କମିଟି ସଦସ୍ୟ କହିଛନ୍ତି। ଏହି ପୂଜା ଗ୍ରାମର ସମସ୍ତ ଲୋକଙ୍କ ସହଯୋଗରେ ହୋଇଥାଏ। ପୂଜାମଣ୍ଡପ ନିକଟରେ ବିଭିନ୍ନ ଦୋକାନ ବଜାର ଖୋଲିଥାଏ।



ସ୍ଥାନୀୟ ପିତାପାଟ ଗାଁର ମହାନଦୀ କୂଳରେ ମା' ମନସା ଦେବୀଙ୍କ ପୂଜାର୍ଚ୍ଚନା। ବିଭିନ୍ନ ରୂପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି। କୁରୁସଭାରେ ଦ୍ରୌପଦୀଙ୍କ ବସ୍ତ୍ରହରଣ।

## ରାସ୍ତା ତଳକୁ ଖସିଲା ଧାନ ବୋଝେଇ ଟ୍ରାକ୍ଟର

ଆଳି, ୪।୧୨ (ବନମାଳୀ ସେନାପତି)

ଆଳି ବ୍ଲକ ବାଳକାଟି ପଞ୍ଚାୟତ ବଡ଼ଆଙ୍କୋ ଗାଁରେ ଥିବା ଏକ ଯୋରରେ ଧାନ ବୋଝେଇ ଟ୍ରାକ୍ଟର ଶନିବାର ଅପରାହ୍ନରେ ଖସି ପଡ଼ିଥିଲା। ବଡ଼ଆଙ୍କୋ ଗ୍ରାମର ବିପିନ ବିହାରୀ ବେହୁରା ତାଙ୍କ ଧାନ ଜମିରୁ ମେଶିନ ଲଗାଇ ଧାନ କଟାଇବା ପରେ ଏକ ଟ୍ରାକ୍ଟର ଯୋଗେ ପ୍ରାୟ ୧୨ କୁଇଣ୍ଟାଲ ଧାନ ଘରକୁ ପଠାଉ ଥିଲେ। ରାସ୍ତା ଖରାପ ଥିବାରୁ ଧାନ ବୋଝେଇ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ତଳକୁ ଏକ ଯୋର ମଧ୍ୟକୁ ଖସି ପଡ଼ିଥିଲା। ଟ୍ରାକ୍ଟରଟି ଯୋର ମଧ୍ୟକୁ ଖସି ପଡ଼ିବାରୁ ଟ୍ରାକ୍ଟର ଚାଳକ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର ହୋଇଥିବା ବେଳେ ଧାନ ନଷ୍ଟ ହୋଇ ଯାଇଥିବା ଜଣାପଡ଼ିଛି। ଟ୍ରାକ୍ଟରଟିକୁ ଜେସିବି ସହାୟତାରେ ଉଠାଯାଇଛି।

## ମେଗା ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଶିବିର




ରାଜକନିକା, ୪।୧୨ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ପୂର୍ବ କନିକା ଅଞ୍ଚଳର ଜୟନଗର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂଗଠନ ତଥା ସୁବର୍ଣ୍ଣ ଜୟନ୍ତୀ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିରରେ ସଂଗଠନର ସଭାପତି ହରେଗୋବିନ୍ଦ ମଡୁଆଳଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜକନିକା ଥାନା ଅଧିକାରୀ ଦିଲୀପ କୁମାର ଧଳ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅସ୍ଥିଶଲ୍ୟ ଓ ମେରୁଦଣ୍ଡ ବିଭାଗ ବିଶେଷଜ୍ଞ ଡା. ଜିତେନ୍ଦ୍ର କୁମାର ରାଉତ ଓ ଡା. ବିଘ୍ନେଶ ବରନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡା. ଅଭିମନ୍ୟୁ ମଡୁଆଳ, କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ମେଡିସିନ ବିଭାଗ ବିଶେଷଜ୍ଞ ଡା. ତୁଷାରକାନ୍ତ ବେହେରା, ପାଥୋଲୋଜି ବିଭାଗ ବିଶେଷଜ୍ଞ ଡା. ସୁବାସିନୀ ନାୟକ, ମିତା ନାୟକ, ଶୋଭନା ନାୟକ ଓ ଦେବରାଜ ବେହେରା, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର ସାଧାରଣ ସମ୍ପାଦକ ଡା. ଫକୀର ଚରଣ ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଯୁଗ୍ମ ସମ୍ପାଦକ ସଞ୍ଜୟ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଯୁଗ୍ମ ସମ୍ପାଦକ ଖଗେଶ୍ୱର ପଡ଼ିହାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରତିକାନ୍ତ ରାଉତ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଥିଲେ। ବିଶେଷଜ୍ଞମାନେ ୧ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ରକ୍ତ ପରୀକ୍ଷା, ରୋଗ ନିରୂପଣ, ସ୍ୱରୂପ ପରାମର୍ଶ ପ୍ରଦାନ କରି ଔଷଧ ଦିଆଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ସଂଗଠନର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତ, ଉପସଭାପତି ବସନ୍ତ ଦାସ, ସାମାଜିକ କର୍ମୀ ପ୍ରଦୀପ୍ତ ପଲାଇ ଓ ଅଶୋକ ରାଉତ ପ୍ରମୁଖଙ୍କ ସମେତ ଅଞ୍ଚଳର ପୁରାତନ ଛାତ୍ରୀଛାତ୍ର ତଥା ବିଦ୍ୟାଳୟର ଅଧ୍ୟୟନରତ ଜୁନିୟର ରେଡ୍‌କ୍ରସର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ, ୪।୧୨ (କଳ୍ପତରୁ ନାୟକ)

ଲୋକଙ୍କ ହାତପାଆନ୍ତାରେ ଉଚ୍ଚ ଗୁଣବତ୍ତାସମ୍ପନ୍ନ ଏବଂ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୧୩ ନଂ. ୱାର୍ଡସ୍ଥିତ ପୋଖରିଆପଡ଼ାଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ, ଏଡିଏମ୍ ଡା. ସଚ୍ଚିଦାନନ୍ଦ ମିଶ୍ର, ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ନିରାକାର ପରିଡ଼ା, ପୌରାଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ୧୩ ନଂ. କାଉନସିଲର ଲାସ୍ୟମୟୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭାବସ୍ଥା ଓ ପ୍ରସବ ସମୟରେ ଯତ୍ନ, ନବଜାତ ଶିଶୁ ସ୍ୱାସ୍ଥ୍ୟସେବା, କର୍ଣ୍ଣ, ନାସା, ଗଳା, ଚକ୍ଷୁରୋଗ ସମ୍ବନ୍ଧୀୟ ସେବାଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ଚିକିତ୍ସାସେବା ଯୋଗାଇ ଦିଆଯିବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏଠାରେ ସର୍ବସାଧାରଣଙ୍କ ପାଇଁ କ୍ଲିନିକାଲ୍ ଯତ୍ନ, ପ୍ରାଥମିକ ଚିକିତ୍ସା, ଔଷଧ, ନିଦାନ ଏବଂ ଜରୁରିକାଳୀନ ସେବା ଇତ୍ୟାଦି ବିନାମୂଲ୍ୟରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଉପଲବ୍ଧ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଏକୀକରଣ ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି ସହ ସ୍ୱାସ୍ଥ୍ୟ ପ୍ରଣାଳୀର ମଜଭୁତ କରଣରେ ଏହା ଯୋଗଦାନ କରିବାର ଲକ୍ଷ୍ୟ ରହିଛି। ଏଥିସହ ଯୋଗ, ବ୍ୟାୟାମ ଇତ୍ୟାଦି ସ୍ୱାସ୍ଥ୍ୟ ପ୍ରୋତ୍ସାହନ କାର୍ଯ୍ୟକଳାପ କରାଯିବା ପାଇଁ ବ୍ୟବସ୍ଥା ରହିବ। ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଦୈନନ୍ଦିନ ପରିଚାଳନା, ଉପଭୋକ୍ତା ସନ୍ତୋଷ ଏବଂ ସ୍ଥାୟୀ କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ଲୋକପ୍ରତିନିଧି, ହିତାଧିକାରୀଙ୍କୁ ନେଇ 'ଜନ ଆରୋଗ୍ୟ ସମିତି' ଗଠନ କରାଯାଇ ଏହି କେନ୍ଦ୍ରର ମାଲିକାନା ଓ ପରିଚାଳନା ଦାୟିତ୍ୱ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ଡିପିଏମ୍ ଗୀତାଞ୍ଜଳି ଦାସ, ଏପିଏମ୍ ଦୀପକ ନାୟକ, ସ୍ୱାସ୍ଥ୍ୟ ପରିଦର୍ଶକ ନୃସିଂହ ଦାସ, ଜୁନିୟର ହସ୍ପିଟାଲ ମ୍ୟାନେଜର ଚିତ୍ତରଞ୍ଜନ ଚାନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି, ସାଧାରଣ ଜନତା ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ଉଦ୍‌ଘାଟନ ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

## କେନାଲ୍‌ରେ ଲେବୁଲ୍‌ବେଳେ ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ଡେରାବିଶ, ୪।୧୨ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ତ୍ରିପୁରାରୀପୁର (ଘଣ୍ଟପଦା) ଦେଇ ଯାଇଥିବା ପଟ୍ଟାମୁଣ୍ଡାଇ କେନାଲରେ ଲେବୁଲ୍ ଯନ୍ତ୍ର (ଷ୍ଟାଫ) ଧରି ଲେବୁଲ୍ ନେଉଥିବା ବେଳେ କେନାଲ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଅଞ୍ଚଳର ରଘୁନାଥ ମଲିକ (୬୫)। ବିଦ୍ୟୁତ୍ ସଂସ୍ପର୍ଶରେ ରଘୁନାଥ ଆସି କେନାଲ ଭିତରେ ପଡ଼ିଯିବା ବେଳେ ସେଠାରେ ଉପସ୍ଥିତ ଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ରଘୁନାଥଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନିକିରେଇ ଥାନା ପୋଲିସ ରଘୁନାଥଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରଘୁନାଥ ଜଳସମ୍ପଦ ବିଭାଗର ଜଣେ ଅବସରପ୍ରାପ୍ତ ଖଲାସୀ। ଦୀର୍ଘ ୫ବର୍ଷ ହେବ ସେ ଅବସର ନେଇଥିବା ବେଳେ ବିଭାଗୀୟ କାର୍ଯ୍ୟରେ ତାଙ୍କୁ ଲେବୁଲ କାର୍ଯ୍ୟ କରିବାକୁ ଜଣେ ଶ୍ରମିକ ଭାବେ ଡକାଯାଇଥାଏ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ରାୟ ସୂଚନା ଦେଇଛନ୍ତି। କେନାଲ ନିକଟରେ ଯାଇଥିବା ବିରୂପା ନଦୀର ଶାଗୁଣା ଘାଇଠାରେ ଥିବା ନଦୀପଠାରେ ୩ଦିନ ହେବ ଫାଟ ସୃଷ୍ଟି ହେଉଥିବା ନେଇ ନଦୀକୂଳିଆ ଅଧିବାସୀ ଆତଙ୍କିତ ଅବସ୍ଥାରେ ରହିଥିବାରୁ ଏହାକୁ ପରିଦର୍ଶନ କରିବାକୁ ସୋମବାର ଜଳସମ୍ପଦ ବିଭାଗର ମହାନଦୀ, ବ୍ରାହ୍ମଣୀ, ବିରୂପା ଓ ବୈତରଣୀ ସର୍କଲର ମୁଖ୍ୟଯନ୍ତ୍ରୀ ରୋହିତ କୁମାର ସେଠୀ, ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ପ୍ରମୁଖ ପରିଦର୍ଶନ କରି ଫେରିଯାଇଥିଲେ। ମୁଖ୍ୟଯନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ କେଉଁ କାରଣ ପାଇଁ ଏଠାରେ ଫାଟ ସୃଷ୍ଟି ହୋଇଛି ତାହାର ପରୀକ୍ଷା ପାଇଁ ନଦୀ ନିକଟରେ ବହିଯାଇଥିବା ପଟ୍ଟମୁଣ୍ଡାଇ କେନାଲର ଲେବୁଲକୁ ପରୀକ୍ଷା କରାଯାଇଥିଲା। କେନାଲ ଭିତରେ ରହି ରଘୁନାଥ ଲେବୁଲ ଯନ୍ତ୍ର ଧରି ଲେବୁଲ ନେଉଥିବା ବେଳେ ଅସାବଧାନତା ବଶତଃ ଲେବୁଲ୍ ଯନ୍ତ୍ରଟି ୧୧ କେଭି ତାରରେ ଲାଗିଯାଇଥିଲା। ଲେବୁଲ୍ ଯନ୍ତ୍ରଟି ୫ରୁ ୬ ମିଟର ବୋଲି ଯନ୍ତ୍ରୀ ରାୟଙ୍କଠାରୁ ପ୍ରକାଶ। ତେବେ ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସହ ଶୋକର ଛାୟା ଖେଳିଯାଇଛି। ଆର୍ଥିକ ଦୁରାବସ୍ଥାରେ ଥିବା ରଘୁନାଥଙ୍କ ପରିବାରକୁ ସହାୟତା ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଛି।

## ପଟ୍ଟାମୁଣ୍ଡାଇ କଲେଜରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୪।୧୨ (ଅକ୍ଷୟ ବିଶ୍ୱାଳ/ କଳ୍ପତରୁ ନାୟକ)

ରାଜ୍ୟ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ କଲେଜରେ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ଯୁବଶକ୍ତି ପ୍ରକୃତ ଶକ୍ତି ହୋଇଥିବାରୁ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ନୂଆ ଓଡ଼ିଶା ଗଠନ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ରାଜ୍ୟର ପ୍ରଶିକ୍ଷିତ ଯୁବଶକ୍ତିଙ୍କୁ ଚିହ୍ନଟ କରିବା ପାଇଁ ୩୮୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ସୂଚନା ଦେଇଥିଲେ। ପଟ୍ଟାମୁଣ୍ଡାଇ କଲେଜର ଯୁବଛାତ୍ରଙ୍କ ପ୍ରତିଭା ବିକାଶ ପାଇଁ ଉପଯୁକ୍ତ ଭାବେ ପ୍ରଶିକ୍ଷିତ କରିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ନୂତନ ସଶକ୍ତ ଓଡ଼ିଶା ଗଠନର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି କହିଥିଲେ। ଉତ୍ସବରେ କଲେଜ ନୋଡାଲ ଅଫିସର ପ୍ରାଧ୍ୟାପକ ଡ. ରମେଶ କୁମାର ସାହୁ, ସାଂସ୍କୃତିକ କମିଟି ନୋଡାଲ ଅଫିସର ପ୍ରାଧ୍ୟାପକ ରଞ୍ଜିତ ସେନାପତି, କ୍ରୀଡ଼ା କମିଟିର ନୋଡାଲ ଅଫିସର କ୍ୟାପଟେନ ମନୋଜ ପରିଡ଼ା ଓ ସାମାଜିକ ସେବା ପ୍ରାଧ୍ୟାପକ ବୈକୁଣ୍ଠ ନାଥ ରାଉଳ ଯୋଗ ଦେଇଥିଲେ। ଅଧ୍ୟାପକ ଆଲୋକ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ କଲେଜ ଅଧ୍ୟକ୍ଷ ଭୂୟାଁ ସ୍ୱାଗତଭାଷଣ ଓ ପ୍ରାଧ୍ୟାପିକା ଡ. ଅଳି ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସଂସ୍କୃତି, କ୍ରୀଡ଼ା, ସାମାଜିକ ସେବା ଦାୟିତ୍ୱରେ ଥିବା ପ୍ରାଧ୍ୟାପକ ଡ. ଦୁଃଶାସନ ପରିଡ଼ା, ଡ. ସୁନୀଲ ପ୍ରଧାନ, ପ୍ରମୋଦ ସ୍ୱାଇଁ, ଅମୀୟ ଦାସ, ଡ. ଫକୀର ପ୍ରଧାନ, ଅଧ୍ୟାପିକା ମଧୁସ୍ମିତା ପରିଡ଼ା, ସୀମାଙ୍ଗିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ନିବେଦିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ୧୩ତମ ବାର୍ଷିକୋତ୍ସବ

ରାଜନଗର, ୪।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ମା' ମାଟିଆ ମଙ୍ଗଳା ମନ୍ଦିର ପରିସରରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ୧୩ତମ ବାର୍ଷିକ ଉତ୍ସବ ଓ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରଙ୍ଗାଧର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଆଦିତ୍ୟ ନାରାୟଣ ପ୍ରଧାନ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ବାର୍ ଆସୋସିଏଶନର କୋଷାଧ୍ୟକ୍ଷ ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି, ଡିଭାଇନ୍ ଲାଇଫ୍‌ର ସକ୍ରିୟ ସଦସ୍ୟ ଦର୍ପନାରାୟଣ ମାହାନ୍ତ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଆଲୋକ ରାୟ, ସମ୍ମାନ୍‌ନୀୟ ଅତିଥି ଭାବେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା, ଆଇନଜୀବୀ ଦେବଦତ୍ତ ରାଉଳ, ଚନ୍ଦ୍ର ଚନ୍ଦନ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ସାହିତ୍ୟ ସଂସଦର ପ୍ରତିଷ୍ଠାତା ସୁଶ୍ରୀକାନ୍ତ ପରିଡ଼ା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।

## ଭିନ୍ନକ୍ଷମ ସଶକ୍ତୀକରଣ ପାଇଁ କେନ୍ଦ୍ରାପଡ଼ା ପୁରସ୍କୃତ

କେନ୍ଦ୍ରାପଡ଼ା, ୪।୧୨ (ଜଗନ୍ନାଥ ଧଳ)




ଭିନ୍ନକ୍ଷମ ସଶକ୍ତୀକରଣରେ ପ୍ରଭାବ ବିସ୍ତାର କରିଥିବା କେନ୍ଦ୍ରାପଡ଼ା ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛି। ରାଜ୍ୟସ୍ତରର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ରବିବାର ପାଳନ ହୋଇଥିଲା। ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ, ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢ଼ୀଙ୍କଠାରୁ ଏହି ପୁରସ୍କାର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଗ୍ରହଣ କରିଛନ୍ତି। ସଭାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଭାଗୀୟ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ମେୟର ସୁଲୋଚନା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାସ କହିଛନ୍ତି, ସଫଳତା ହାସଲ ପାଇଁ ଜିଲା ପ୍ରଶାସନ ଓ ହିତାଧିକାରୀଙ୍କ ସହଯୋଗ ମିଳିଛି। ଜିଲାରେ ୨୦୧୧ ଜନଗଣନା ଅନୁଯାୟୀ ମୋଟ୍ ଭିନ୍ନକ୍ଷମଙ୍କ ସଂଖ୍ୟା ୪୦,୧୧୦। ତତ୍କାଳୀନ ସମୟରେ ୭ ପ୍ରକାର ଭିନ୍ନକ୍ଷମ ସାମିଲ ହେଉଥିବା ବେଳେ ୨୦୧୬ରୁ ୨୧ ପ୍ରକାର ଭିନ୍ନକ୍ଷମଙ୍କୁ ସାମିଲ କରାଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାର ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ପାଇଁ ବହୁ ଯୋଜନା ପ୍ରଣୟନ କରିଛନ୍ତି। ଭିନ୍ନକ୍ଷମ ଭତ୍ତା, ଥଇଥାନ କେନ୍ଦ୍ର, କୃତ୍ରିମ ହାତଠାରୁ କମ୍ପ୍ୟୁଟର, ସ୍କୁଟି ପର୍ଯ୍ୟନ୍ତ ଥିବା ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି। ସେହିପରି ରାଜ୍ୟପାଳଙ୍କ ସହାୟତାରେ ଭିନ୍ନକ୍ଷମଙ୍କୁ ଚକ୍ଷୁ ଚିକିତ୍ସା, ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗ ମିଳିଛି। ଛାତ୍ରୀଛାତ୍ରଙ୍କୁ ସହାୟତା, କିନ୍ନରଙ୍କୁ ପରିଚୟପତ୍ର ଓ କର୍ମ ନିଯୁକ୍ତି ପାଇଁ ହୋଇଥିବା ଚେଷ୍ଟା ସଫଳ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି କାର୍ଯ୍ୟକୁ ସମୀକ୍ଷା କରାଯାଇ ରାଜ୍ୟସ୍ତରରେ କେନ୍ଦ୍ରାପଡ଼ା ଜିଲାକୁ ସ୍ୱତନ୍ତ୍ର ପରିଚୟ ମିଳିଛି, ଯାହା ଆଗାମୀ ଦିନରେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଅଧିକ ସେବା ଯୋଗାଇବାରେ ପ୍ରେରଣା ମିଳିବ ବୋଲି ସେ ସୂଚନା ଦେଇଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ଏଣ୍ଡର ସରପଞ୍ଚଙ୍କ ମନୋମୁଖୀ କାର୍ଯ୍ୟର ପ୍ରତିବାଦ

ଡେରାବିଶ, ୪।୧୨ (ବେବର୍ତ୍ତା ଅଜୟ ଦାସ)



ଧାରଣାରତ ସମିତିସଭ୍ୟ ଓ ୱାର୍ଡ ସଭ୍ୟମାନେ।

ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ସରପଞ୍ଚଙ୍କ ମନୋମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସମିତିସଭ୍ୟଙ୍କ ସମେତ ୧୨ ଜଣ ୱାର୍ଡ଼ ସଭ୍ୟ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ପୂର୍ବରୁ ବିଡିଓଙ୍କୁ ପଞ୍ଚାୟତର ୱାର୍ଡ଼ସଭ୍ୟମାନେ ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାରେ ହେଉଥିବା ଅନିୟମିତତା, ପଞ୍ଚାୟତ ବୈଠକ ପାଇଁ ଗତ ୬ ମାସ ହେବ କୌଣସି ୱାର୍ଡ଼ସଭ୍ୟଙ୍କୁ ଯୋଗଦେବା ପାଇଁ ନୋଟିସ୍ ନ ଦେବା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକରେ ୱାର୍ଡ଼ ସଭ୍ୟାସଭ୍ୟମାନଙ୍କୁ ଅବମାନନା କରି ଉଠାଇ ଦେବା ଇତ୍ୟାଦି କାର୍ଯ୍ୟର ପ୍ରତିବାଦ କରିଧାରଣା ଦିଆଯାଇଛିବୋଲିସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ ସୂଚନା ଦେଇଛନ୍ତି। ଏଥିସହ ବୈଠକରେ ଗୃହିତ ହୋଇ ନ ଥିବା କିଛି କାର୍ଯ୍ୟକୁ ଚଞ୍ଚକତା କରି ସଭା ବହିରେ ସ୍ଥାନିତ କରାଯାଇ ବାହାର ଜିଲା ଅଞ୍ଚଳରେ ରାସ୍ତା କାମ କରାଯାଉଥିବା ନେଇ ବିଡିଓଙ୍କୁ ଦିଆଯାଇଥିବା ଅଭିଯୋଗ ଦର୍ଶାଯାଇଛି। ଏହି ଅନିୟମିତତା କାର୍ଯ୍ୟରେ ସରପଞ୍ଚ ଦୁର୍ଯ୍ୟୋଧନ ମଲିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଚଞ୍ଚକତା କରି ବେନିୟମ କାର୍ଯ୍ୟ କରୁଥିବା ଅଭିଯୋଗରେ ଦର୍ଶାଯାଇଥିବା ବେଳେ ସରପଞ୍ଚଙ୍କ ପୁଅ ପଞ୍ଚାୟତର ପ୍ରକ୍ସି ସରପଞ୍ଚ ଭାବେ ମନୋମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ସରପଞ୍ଚଙ୍କ ପୁଅ ୱାର୍ଡ଼ ସଭ୍ୟାସଭ୍ୟମାନଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଗୁଣ୍ଡା ଲଗାଇ ଧମକ ଦେବା ବିରୋଧରେ ପୂର୍ବରୁ ପଞ୍ଚାୟତର ବହୁ ସଭ୍ୟାସଭ୍ୟମାନେ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ଯାଏ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପ୍ରତିବାଦରେ ସଭ୍ୟାସଭ୍ୟମାନେ ଧାରଣାରେ ବସିବା ପାଇଁ ନିଷ୍ପତ୍ତି ନେଇଥିବା ସମିତିସଭ୍ୟ ସେଠୀ ସୂଚନା ଦେଇଥିଲେ। ଧାରଣାସ୍ଥଳକୁ ଏବିଡିଓ ଭଞ୍ଜ କିଶୋର ନାୟକ ଅପରାହ୍ନ ୧ଟାରେ ଆସି ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପଞ୍ଚାୟତ ଅଧିକାରୀ ଓ ବିଡିଓ ଖୁବ୍‌ଶୀଘ୍ର ପଞ୍ଚାୟତକୁ ଆସି ସରପଞ୍ଚ, ସମିତିସଭ୍ୟଙ୍କ ସମେତ ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟମାନଙ୍କୁ ଡାକି ଆଲୋଚନା ସହ କାର୍ଯ୍ୟକାରୀ ହୋଇଥିବା ସମସ୍ତ ଉନ୍ନୟନ କାର୍ଯ୍ୟର କାଗଜପତ୍ର ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ସମିତିସଭ୍ୟ ସେଠୀଙ୍କ ସମେତ ୱାର୍ଡ଼ସଭ୍ୟ ସ୍ୱର୍ଣ୍ଣଲତା ମଲିକ, ମଥୁରାନନ୍ଦ ସାମଲ, ପୁଷ୍ପଲତା ବେହେରା, ଜୟନ୍ତୀ ଲେଙ୍କା ପ୍ରମୁଖ ୧୨ ଜଣ ୱାର୍ଡ଼ ସଭ୍ୟ ସାମିଲ ହୋଇଥିଲେ। ଏ ସମ୍ପର୍କରେ ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକଙ୍କୁ ପଚାରିବାରେ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠିକ୍‌ଠାକ ଚାଲିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ପୋଲସରା,୪।୧୨(ସୁବ୍ରତ ବେହେରା)

ପୋଲସରା ଋଷିକୁଲ୍ୟା ମହାସଭା ପକ୍ଷରୁ ପୋଲସରା ତହସିଲଦାର ରୁବି ବେହେରା, ବିଡିଓ କୁରେଶ ଚନ୍ଦ୍ର ଜାନି, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀଙ୍କୁ ସାକ୍ଷାତ କରି ଋଷିକୁଲ୍ୟା ରୟତ ମହାସଭାର ସଦସ୍ୟ ଶ୍ୟାମସୁନ୍ଦର ଦ୍ୱାରା ଲିଖିତ କବି ମାଧ୍ୟମରେ ଏକ ମାନପତ୍ର ସହିତ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସହିତ ଅଞ୍ଚଳର କୃଷକମାନଙ୍କ ବିଭିନ୍ନ ସମସ୍ୟା ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସେହି ସମୟରେ ସଂଘର ସଭାପତି ସତ୍ୟବାନ ପ୍ରଧାନଙ୍କ ନେତୃତ୍ୱରେ ବରିଷ୍ଠ କାର୍ଯ୍ୟକର୍ତ୍ତା ମୁଖ୍ୟ ଉପଦେଷ୍ଟା ବନମାଳୀ ସାହୁ, ଉପଦେଷ୍ଟା ରଘୁନାଥ ପଣ୍ଡା, ମିଡ଼ିଆ ଉପଦେଷ୍ଟା ଖବରଦାତା ସୁବ୍ରତ ବେହେରା, ସଂପାଦକ ଜ୍ୟୋତିର୍ମୟୀ ଦାଶ, ବିପିନି ବିହାରୀ ପ୍ରଧାନ, ହୀନ ସ୍ୱାଇଁ, ପ୍ରଫୁଲ୍ଲ ଚୌଧୁରୀ, ଦୁଃଖୀଶ୍ୟାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ହୁଣ୍ଡି ଚୋରି ଅଭିଯୋଗ, ଯୁବକ ଗିରଫ

ପାତ୍ରପୁର,୪।୧୨(ଉମା ଚରଣ ନେପାକ)

ଜରଡା ଥାନା ତୁରୁବୁଡି ପଞ୍ଚାୟତ ନୂଆଗଡ ଗ୍ରାମର ବାଲୁଙ୍କେଶ୍ୱର ମହାଦେବ ମନ୍ଦିରର ହୁଣ୍ଡି ଭାଙ୍ଗି ଚୋରି କରିଥିବା ଜଣେ ଯୁବକଙ୍କୁ ରବିବାର ଗ୍ରାମବାସୀ ଧରି ପୋଲିସ ଜିମା ଦେଇଥିଲେ। ସୋମବାର ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ତୁରୁବୁଡ଼ି ଗ୍ରାମର ଆକାଶ ସାହୁ। ରବିବାର ସକାଳେ ପୂଜକ କୁରା ରଣା ପୂଜା କରିବା ପାଇଁ ମନ୍ଦିର ଖୋଲିବା ବେଳେ ହୁଣ୍ଡି ଭାଙ୍ଗିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାର କିଛି ସମୟ ପରେ ଆକାଶ ଗୁଡ଼ାଏ ଟଙ୍କା ଧରି ବୁଲୁଥିବା ଖବର ମିଳିଥିଲା। କେତେଜଣ ଯୁବକ ଯାଇ ତାଙ୍କୁ ସନ୍ଦେହରେ ପଚରା ଉଚରା କରିବା ବେଳେ ସେ ମନ୍ଦିରରୁ ଚୋରି କରିଥିବା ଜଣାପଡ଼ିଥିଲା। ପରେ ତାଙ୍କୁ ନୂଆଗଡ ଗ୍ରାମକୁ ଆଣି ବୁଲାଇବା ସହିତ ତାଙ୍କ ପାଖରୁ ୫୦ ହଜାର ୪୫ଟଙ୍କା ଜବତ କରି ଖାରିଆଗୁଡ଼ା ପୋଲିସ ଜିମା ଦିଆଯାଇଥିଲା।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୪।୧୨ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ସଦରମହକୁମା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦର ସମେତ କେରାଣ୍ଡି, କତଳକଇଠା, ବାଘଶାଳ, ରାଣୀପେଣ୍ଠ ଓ ସିଧମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ୬୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୫୫ଟି, ଗ୍ରାମଭିତ୍ତିକ ସମସ୍ୟା ୧୨ଟି ଓ ୩ଟି ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମୋ ଘର ଯୋଜନା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ଆଦି ସମସ୍ୟା ନେଇ ଅଭିଯୋଗ ଆସିଥିଲା।

### ଟ୍ରକ ଚୋରି ଘଟଣାରେ ଯୁବକ ଗିରଫ

ଛତ୍ରପୁର, ୪।୧୨ (ଦିଲ୍ଲୀପ ସାମଲ)

ଏକ ଟ୍ରକ ଚୋରି କରି ନେଉଥିବା ଅଭିଯୋଗରେ ଚମାଖଣ୍ଡି ପୁଲିସ ଜଣକୁ ଗିରଫ କରିଛି । ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗର ଆସ୍ତାକିମ ଶେଖ। ସେ ବ୍ରହ୍ମପୁର ଅଞ୍ଚଳରେ ରହି ଠିକାଭାବେ ଘରକାମ କରିଆସୁଥିଲେ । ପ୍ରକାଶ ଯେ, ଜଗନ୍ନାଥପୁର ରେଳଫାଟକ ନିକଟ ଭାରତୀୟ ଖାଦ୍ୟ ନିଗମ କାର୍ଯ୍ୟାଳୟ ନିକଟରେ ଛିଡା ହୋଇଥିବା ଏକ ଟ୍ରକ (ଓଆର୦୭ଏଚ୭୬୪୧)କୁ ଜଣେ ବ୍ୟକ୍ତି ଚୋରି କରି ନେଇଯାଉଥିଲେ । ଗାଡିରେ ଜିପିଏସ ଲାଗିଥିବାରୁ ଗାଡିର ମାଲିକ ମିଲନ ପଟ୍ଟନାୟକ ଗାଡି ଚୋରି କରାଯାଉଥିବା ଜାଣି ପାରିଥିଲେ । ସେ ତୁରନ୍ତ କିଛି ବ୍ୟକ୍ତିଙ୍କୁ ଘଟଣା ସଂପର୍କରେ କହିଥିଲେ । ପରେ କିଛି ବ୍ୟକ୍ତି ଗାଡିକୁ ପିଛା କରିଥିଲେ । ପରେ ଚୋରି ହେଉଥିବା ଗାଡିଟି ଛତ୍ରପୁର ଠାରେ ଧରାପଡିଥିଲା । ଚମାଖଣ୍ଡି ପୁଲିସ ଘଟଣା ସ୍ଥଳରେ ପହଂଚି ଗାଡି ଓ ଚୋରକୁ ଥାନାକୁ ନେଇଥିଲେ। ଏସଂକ୍ରାନ୍ତରେ ଥାନାରେ ମିଲନ ପନାୟକ ଅଭିଯୋଗ କ୍ରମେ ୪୩୯/୨୩ ମାମଲା ରୁଜୁ ହୋଇ ଚୋରକୁ ଗରିଫ କରାଯାଇଥିବା ଚମାଖଣ୍ଡି ପୁଲିସ ପକ୍ଷରୁ କୁହାଯାଇଛି । ପୂର୍ବରୁ ମଧ୍ୟ ଉକ୍ତ ସ୍ଥାନରୁ ଗାଡି ଚୋରି ହୋଇଥିବା ନଜିର ରହିଛି ।

# ବାତ୍ୟା ଆଶଙ୍କା, ଚାଷୀ ଆତଙ୍କିତ

ପାରଳାଖେମୁଣ୍ଡି, ୪।୧୨(ଗିରିଧାରୀ ପରିଚ୍ଛା):

ଗଜପତି ଜିଲାକୁ ସମ୍ଭାବ୍ୟ ବାତ୍ୟା 'ମିଗୋଜମ' ପ୍ରଭାବରେ ପ୍ରବଳ ବର୍ଷା ହେବାର ସୂଚନା ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ବେଳେ ଏହାକୁ ନେଇ ଧାନ ଓ କପା ଚାଷୀମାନେ ଆତଙ୍କିତ ହୋଇପଡ଼ଛନ୍ତି। ଏହି ବାତ୍ୟା ବଙ୍ଗୋପସାଗରରେ ଘନୀଭୂତ ହୋଇ ୫ ତାରିଖରେ ସୀମାନ୍ତ ଆନ୍ଧ୍ରର ମଛଲୀପଟନାମ ନିକଟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଯଦି ଏପରି ହୁଏ ଓଡିଶାର ଅନ୍ୟ କିଛି ଜିଲା ବ୍ୟତୀତ



ଗଜପତି ଜିଲାରେ ପ୍ରବଳ ବର୍ଷା ହେବାର ସୂଚନା ମିଳିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଅମଳକ୍ଷମ ଧାନ ଏବଂ କପାକୁ ସୁରକ୍ଷିତ ଭାବେ ରଖିବା ପାଇଁ ସଚେତନ କରାଯାଉଛି। କିଛି ଚାଷୀ ତରବରିଆ ଭାବେ ଧାନ ଅମଳ କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରୁଥିବା ପ୍ରକାଶ କରିଛନ୍ତି। ପୂର୍ବରୁ ତିତିଲି, ଫାଇଲିନ ଓ ହୁଡ୍‌ହୁଡ୍ ପରି ବାତ୍ୟା ଗଜପତି ଜିଲାର ଚାଷୀମାନଙ୍କୁ ଅନେକ ପ୍ରଭାବିତ କରିଥିବାରୁ ଏପରି ଏକ ସମ୍ଭାବ୍ୟ ବାତ୍ୟା ସୂଚନାକୁ ନେଇ ଜିଲାର ଚାଷୀମହଲରେ ଆତଙ୍କ ଖେଳିଯାଇଛି। ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ସହ ୭ଟି ବ୍ଲକରେ ସୋମବାର ପାଗ ସମ୍ପୂର୍ଣ୍ଣ ମେଘୁଆ ରହିଥିବା ବେଳେ ସାମାନ୍ୟ ବର୍ଷା ମଧ୍ୟ ଦେଖିବାକୁ ମିଳିଛି।

# ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ବିରୋଧରେ ଆନ୍ଦୋଳନ ନିଷ୍ପତ୍ତି

ଭାପୁର, ୪।୧୨ (ଭରତ କୁମାର ବେହେରା)

ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସବୁଠାରୁ ପୁରାତନ ହୋଇଥିବା ବେଳେ ବ୍ୟାପକ ଅବ୍ୟବସ୍ଥା ରହିଛି। ଫଳରେ ଲକ୍ଷାଧିକ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମୁଳି ନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ଶିଶୁ ରୋଗ ବିଶେଷଜ୍ଞ, ଅସ୍ଥିଶଲ୍ୟ, ଚକ୍ଷୁ ବିଶେଷଜ୍ଞଙ୍କ ସମେତ ମେଡିକାଲରେ ଶବ ବ୍ୟବଚ୍ଛେଦ ଗୃହ, ୨୪ ଘଣ୍ଟିଆ ଆମ୍ବୁଲାନ୍ସ ଯୋଗାଣ, ଆହର କେନ୍ଦ୍ର ଖୋଲିବା ନେଇ ବାରମ୍ବାର ଅଭିଯୋଗ ହେଉଥିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଏ ନେଇ ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ବୈଠକ ଭାପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ମାସ ପ୍ରଥମ ସପ୍ତାହରେ ଦାବିପୂରଣ ନ ହେଲେ ପ୍ରଶାସନର ଯୋଜନାବଦ୍ଧ ଅବହେଳା ବିରୋଧରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଦାବି ହାସଲ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ। ଏ ସମ୍ପର୍କରେ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ସିଡିଏମ୍‌ଙ୍କୁ ଲିଖିତ ଭାବେ ଅବଗତ କରାଯିବା ସହ ଗଣଧାରଣା ପାଇଁ ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତିର ସମସ୍ତ ଜନପ୍ରତିନିଧି ଓ ଖବରଦାତାଙ୍କ ସହଯୋଗ ଲୋଡ଼ାଯାଇଥିବା କ୍ରିୟାନୁଷ୍ଠାନ କମିଟିର ସଭାପତି ପଟ୍ଟନାୟକ ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ପ୍ରଭାକର ସାହୁ, ବରିଷ୍ଠ ନାଗରିକ ସଂଘର ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ପଦ୍ମଚରଣ ବେହେରା, ଗଙ୍ଗାଧର ବାରିକ, ମୁକୁନ୍ଦ ସାହୁ, ହାଡିବନ୍ଧୁ ଦାଶ, ରାଜକିଶୋର ପଣ୍ଡା, ଭଗବାନ ବରାଡ଼, ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ଲକ୍ଷ୍ମୀଧର ମହାପାତ୍ର ସମେତ ବହୁ ସଦସ୍ୟ ଯୋଗଦାନ କରିଥିଲେ।



ଭାପୁର କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ବୈଠକରେ ସାମିଲ ହୋଇଛନ୍ତି।

### କ୍ଷୁଦ୍ର ମତ୍ସ୍ୟ ଖାଦ୍ୟ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

ଫୁଲବାଣୀ, ୪।୧୨(ରାକେଶ କୁମାର ରାଉତ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ସମନ୍ୱିତ କୃଷି ଯୋଜନା ସହଯୋଗରେ ଏକ କ୍ଷୁଦ୍ର ମତ୍ସ୍ୟ ଖାଦ୍ୟ ଉତ୍ପାଦନ କେନ୍ଦ୍ର ଗୁମାମାହା ପଞ୍ଚାୟତ ପାଙ୍ଗାନାଜୁ ଗ୍ରାମରେ ଉଦ୍‌ଘାଟିତ ହୋଇଯାଇଛି । ହିତାଧିକାରୀ ବୀରେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ଏହି କେନ୍ଦ୍ରକୁ ଏସ୍.ପି.ପି.ଆଇ.ଏଫ୍. ପ୍ରକଳ୍ପ ତରଫରୁ ସହାୟତା ଯୋଗାଇ ଦିଆଯାଇଛି। ଏହାକୁ ସଠିକ୍ ଭାବରେ ଚଳାଇବା ପାଇଁ ଆବଶ୍ୟକ ଜ୍ଞାନକୌଶଳ ପାଇଁ ଏକ ଦିନିକିଆ ତାଲିମ୍ ପ୍ରଦାନ କରାଯାଇଥିଲା । ତାଲିମ୍‌ଦାତା ଭାବେ ଭୁବନେଶ୍ୱର ୱାସନ୍ ତରଫରୁ ଅଭିସିକ୍ତା ମିଶ୍ର ଓ ରାଇକିଆ ସହକାରୀ ମତ୍ସ୍ୟ ଅଧିକାରୀ ରୋଜାଲିନ୍ ଦାଶ ଯୋଗଦେଇ ଉତ୍ପାଦନ କେନ୍ଦ୍ରକୁ ଠିକ୍ ଭାବରେ ଚଳାଇବା ପାଇଁ ଶିକ୍ଷା ପ୍ରଦାନ କରିଥିଲେ। ତାଲିମ୍ ନେବାକୁ ଜିଲାରେ ଚାଲିଥିବା ୪ ଏସ୍.ପି.ପି.ଆଇ.ଏଫ୍ ପ୍ରକଳ୍ପ ଯଥା ନିର୍ମାଣ, ଜନବିକାଶ, ସବୁଜ ବୈଦ୍ୟ ସଙ୍ଗଠନ, ସ୍ୱାତୀରୁ ୪୦ରୁ ଅଧିକ ପ୍ରକଳ୍ପ ସଂଯୋଜକ ଏବଂ ଚାଷୀମାନେ ଭାଗ ନେଇ ତାଲିମ୍ ଗ୍ରହଣ କରିଥିଲେ। ଅନୁଷ୍ଠାନ ତରଫରୁ ସମ୍ପାଦକ ହରି ଶଙ୍କର ରାଉତ ମତ୍ସ୍ୟ ଚାଷକୁ ଅଗ୍ରାଧିକାର ଦେବାକୁ ହେଲେ ମାଛ ଖାଦ୍ୟ ଉତ୍ପାଦନ କେନ୍ଦ୍ରର ଗୁରୁତ୍ୱ ଯଥେଷ୍ଟ ଅଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଗିରିଶ ଚନ୍ଦ୍ର ସାମଲ, ମିନାକ୍ଷୀ ଦାଶ, ଚିତ୍ତରଞ୍ଜନ ମିଶ୍ର, ଆଶିଷ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

### ଯୁବକଙ୍କୁ ହତ୍ୟା ଘଟଣା, ୨ ଅଟକ

ଗୋପାଳପୁର,୪।୧୨(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳରେ ରବିବାର ଏକ ଭଡାଘରୁ ସୋରଡ଼ା ନିର୍ବାଚନ ମଣ୍ଡଳୀ କଂଗ୍ରେସର ପୂର୍ବତନ ଯୁବ ସଭାପତି ଜଗନ୍ନାଥ ନାୟକଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ଏହିଘଟଣାର ୨୪ ଘଣ୍ଟା ଭିତରେ ଗୋପାଳପୁର ପୋଲିସ ୨ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଛି । ସେମାନେ ହେଲେ ଭଡାଘରେ ଜଗନ୍ନାଥଙ୍କ ସହ ରହୁଥିବା ବାରୁଡା ଗ୍ରାମର ରାଜେଶ ପ୍ରଧାନ ଓ ଆସିକାର ମୃତ୍ୟୁଞ୍ଜୟ ପଣ୍ଡା। ଉଭୟଙ୍କୁ କାବୁ କରି ଥାନାରେ ଅଟକ ରଖି ପଚାରଉଚ୍ଚା ଜାରି ରହିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି। ସନ୍ଧ୍ୟାରେ ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ ମଧ୍ୟ ଥାନାରେ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ ପଚାରା ଉଚରା କରିଥିଲେ । ରାଜେଶଙ୍କ ସହ ଜଗନ୍ନାଥଙ୍କ ମତାନ୍ତର ରହିଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ପଥର ଛେଚି ହତ୍ୟା କରିଥିବା ନେଇ ରାଜେଶ ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

# କନ୍ଧମାଳରେ ଧନ୍ଦାମୂଳକ ଶିକ୍ଷା ସମ୍ମିଳନୀ

ଫୁଲବାଣୀ, ୪।୧୨(ରାକେଶ କୁମାର ରାଉତ)

ରାଜ୍ୟରେ ପ୍ରଥମଥର ପାଇଁ କନ୍ଧମାଳ ଜିଲା ସଦରମହକୁମା ଫୁଲବାଣୀ ସଭାଗୃହରେ ଧନ୍ଦାମୂଳକ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଜିଲା ନିଯୋଜନ ଅଧିକାରୀ ପୁରୁଷୋତମ ମହାପାତ୍ର, ଫୁଲବାଣୀ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନର ଅଧ୍ୟକ୍ଷ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, ବ୍ଲକ ଶିକ୍ଷାଧିକାରୀ ରଞ୍ଜନ କୁମାର କହଁର, ଜଗନ୍ନାଥ ସାହାଣୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ନିରୁପମା ଦୋରା ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସ୍ଥିତିରେ ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।




ଜଣେ ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧନ୍ଦାମୂଳକ ଶିକ୍ଷା ପ୍ରଶିକ୍ଷକ ପ୍ରହ୍ଲାଦ ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପ୍ରଶିକ୍ଷକ ସୁଶ୍ରୀ ଦେବସ୍ମିତା ରାଉତ ବିଭିନ୍ନ ଦିଗ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଧନ୍ଦାମୂଳକ ଶିକ୍ଷା ଉପରେ ସଚେତନ ମୂଳକ ନୃତ୍ୟ ପରିବେଶଷ କରାଯାଇଥିଲା। ଅଶୋକ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଶିକ୍ଷକ ଓମ୍ ପ୍ରକାଶ ସାହୁ, ଜିତେନ୍ଦ୍ର କୁମାର ପ୍ରଧାନ, ହରିଚନ୍ଦ୍ର ସିଂ, ସମୀର ପଟନାୟକ, ପବିତ୍ର କୁମାର ଜେନା, ସଂଜୟ ପରିଡ଼ା, ସ୍ୱେତା ସାହୁ, ସଂଗ୍ରାମ ନାୟକ ଓ କୃପା ମୁଖୀ ସହଯୋଗ କରିଥିଲେ।

# ବର୍ଷା ପାଇଁ ସତର୍କ କରାଇଲା କୃଷି ବିଭାଗ



ବୁଗୁଡ଼ା ବ୍ଲକ କୃଷି ବିଭାଗ ପକ୍ଷରୁ ସଚେତନ କରାଯାଉଛି।

ଧରାକୋଟ,୪।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)/ବୁଗୁଡା(କାଳି ଚରଣ ଦାଶ)

ବାତ୍ୟା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ୫ ତାରିଖରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଚାଷୀମାନଙ୍କୁ ଫସଲ ସୁରକ୍ଷା ପାଇଁ ସତର୍କ କରିବାକୁ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ କୃଷି ବିଭାଗ ତରଫରୁ ଗାଁ ଗାଁରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଉଛି। ଜମିରୁ କଟାଧାନକୁ ଡିପ ସ୍ଥାନକୁ ଆଣିବା, ସେଥିରେ ପାଲ ଘୋଡାଇ ରଖିବା, ଜମିରେ ଥିବା ଧାନକୁ ନ କାଟିବା ପାଇଁ ସଚେତନ କରାଯାଉଛି। ପ୍ରଚାର ପରେ ଧରାକୋଟ ବ୍ଲକର ଚାଷୀମାନେ ଧାନ ଫସଲ ସୁରକ୍ଷିତ ଅମଳ ପାଇଁ ତତ୍ପର ହୋଇପଡିଥିବା ଦେଖାଯାଇଛି। ସେହିପରି ବୁଗୁଡ଼ା କୃଷି ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସ୍ଥାନୀୟ ଭାରପ୍ରାପ୍ତ କୃଷି ଅଧିକାରୀ ଦିବ୍ୟ ରଞ୍ଜନ ମାଝିଙ୍କ ତତ୍ତ୍ୱାବଧାନରେ କୃଷି ବିଭାଗ କର୍ମଚାରୀ ମାନେ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ଫସଲ ସୁରକ୍ଷା ସକାଶେ ମାଇକ୍ ଯୋଗେ ପ୍ରଚାର କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସହ କୃଷି ଅଧିକାରୀ ହରପ୍ରିୟା ବେହେରା, ଗ୍ରାମ୍ୟ କୃଷି କର୍ମଚାରୀ ଅଶୋକ କୁମାର ସେଠୀ, ଏଟିଏମ୍ ପ୍ରଶାନ୍ତ କୁମାର ସାହୁଙ୍କ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ବିଧାୟକଙ୍କୁ ଭେଟିଲେ ସମ୍ପାଦକ



ଖଜୁରିପଡ଼ା,୪।୧୨(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ମା' ଇଷ୍ଟ ଦେବୀ ଯୁବ କଳା ପରିଷଦ ଯୁବକ ସଂଘର ସାଧାରଣ ସମ୍ପାଦକ ବିଦୁର ବେହେରା, ସଭ୍ୟ କୁନା ଦିଗାଲ, ବାସୁଦେବ ଗଣ୍ଡ ରବିବାର ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସାହିର ଥିବା ବହୁ ପୁରାତନ ଧର୍ମ ମଣ୍ଡପର ଉନ୍ନତୀକରଣ କରିବା ପାଇଁ ଅନୁରୋଧ କରିଥିଲେ। ସେହିପରି ଇଷ୍ଟ ଦେବୀ ଯୁବ କଳା ପରିଷଦ ସଂଘର ବୈଠକ ପାଇଁ ଅତିରିକ୍ତ କୋଠରିଟିଏ ଆବଶ୍ୟକ ଥିବାରୁ ସେ ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ। କିଛି ଦିନ ମଧ୍ୟରେ ଅର୍ଥ ଆସିଲେ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ସଂଘ ତରଫରୁ ବିଧାୟକଙ୍କୁ ସମ୍ପାଦକ ବିଦୁର ବେହେରା କୃତଜ୍ଞତା ଜଣାଇଛନ୍ତି।

# ଶ୍ରମଜୀବୀ ଏକତା ସଂଗଠନର ଖବରଦାତା ସମ୍ମିଳନୀ

ଚାନ୍ଦିପୁଟ,୪।୧୨(କେ.ପ୍ରମୋଦ କୁମାର ଦୋରା)

ମାଣିକପୁରଠାରେ ଶ୍ରମଜୀବୀ ଏକତା ସଂଗଠନର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଶ୍ରମଜୀବୀ ଏକତା ସଂଗଠନର ଜିଲା ଅଧିକାରି ଆଶିଷ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ସଂଯୋଜକ ବିଭୁତି ଭୁଷଣ ବିନ୍ଧାଣୀ, ବ୍ଲକ କୋଡ଼ିନେଟର ସୁଶାନ୍ତ କୁମାର ପଟ୍ଟନାୟକ ଏବଂ ଅଗ୍ରଣୀ ଚାଷୀ ମନୋଜ ପାଢ଼ୀ, ଉମାକାନ୍ତ ମଲିକ, ନୀଳାମ୍ବର ପରିଚ୍ଛା, ସୁବାସ ମଲ୍ଲିକ, ବିଷ୍ଣୁ ଦଳାଇ, ଅଶୋକ ରଣଜିତ୍ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ଜରିଆରେ ବିହନ ବଣ୍ଟନ ନିର୍ଦ୍ଧାରିତ ସମୟରେ ହେଉନାହିଁ କିମ୍ବା ଗଜପତି ଜିଲାରେ ୧୬୦୦୦ ଚାଷୀ ଚିହ୍ନଟ ହୋଇଥିବା ବେଳେ ମାତ୍ର ୬୦୦୦ ଚାଷୀଙ୍କୁ ବିହନ ବଣ୍ଟନ ହେଉଛି ତାହାବି ନିର୍ଦ୍ଧାରିତ ସମୟରେ ନୁହେଁ। ତେଣୁ ରାଜ୍ୟ ସରକାର ଠିକ୍ ସମୟରେ ମାଗଣା ବିହନ ବଣ୍ଟନ ନିମନ୍ତେ ଶ୍ରମଜୀବୀ ଏକତା ସଂଗଠନ ପକ୍ଷରୁ ଦାବି ହୋଇଛି।

# ଆଇୱାଇଡିପି କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଭଞ୍ଜନଗର, ୩୦।୧୧(ବାବୁଲା ପ୍ରଧାନ): ଭଞ୍ଜନଗର ବ୍ଲକ ଗାଲେରୀ ଦଣ୍ଡପାଣି ମହାରଥା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇୱାଇଡିପି କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୀମାଞ୍ଚଳ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ସୁମିତ୍ରା ଗୌଡ ମୁଖ୍ୟ ଅତିଥି ଏବଂ ଗାଲେରୀ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ମାନସ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୋଡାଲ ଅଫିସର ପ୍ରାଧାପକ ବଂଶୀଧର ପାଢୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧାପିକା ଲତିକା ସିଂ ସଭାକୁ ସଂଯୋଜନା କରିଥିଲେ।

# ନିଶାମୁକ୍ତ ଭାରତ ଗଠନ ସଚେତନତା ଶୋଭାଯାତ୍ରା

ପାଟପୁର,୪।୧୨(ସୀମାଞ୍ଚଳ ସାହୁ)

ପାଟପୁରସ୍ଥିତ ବିଶ୍ୱସରାୟ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୁଲ୍ୟରେ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ସୁଦେଷ୍ଣା ଚୌଧୁରୀଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସ୍ଥାନୀୟ ୬୨ ନଂ.ଜୋନ୍ ଜିଲା ପରିଷଦ ସଦସ୍ୟା ସୁଲତା ରାଣୀ ସ୍ୱାଇଁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା ସମିତିର ସଭାପତି ଡ. ପ୍ରଦୀପ ବ୍ରହ୍ମା, ରାଧାଦେଇପୁର ସରପଞ୍ଚ ଡି. ରାକେଶ ପାତ୍ର ଏବଂ ସମିତିସଭ୍ୟ ନିଳାଞ୍ଚଳ ପ୍ରଧାନ, ପାଟପୁର ସରପଞ୍ଚ ବିଜୟଲକ୍ଷ୍ମୀ ବରାଡ଼ ଏବଂ ସମିତିସଭ୍ୟା ସୁଜାତା ସ୍ୱାଇଁ ଯୋଗ ଦେଇଥିଲେ। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ଓ ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ଏବଂ ଏଡସ୍ ରୋଗ ସମ୍ପର୍କରେ ସଚେତନତା ଶୋଭାଯାତ୍ରା କରିଥିଲେ। ଏଥିସହ ସ୍ୱଚ୍ଛତା କାର୍ଯ୍ୟକ୍ରମରେ କଲେଜଠାରୁ ଜୟନଗର ପର୍ଯ୍ୟନ୍ତ ଅଳିଆ ଆବର୍ଜନା ସଫା କରିଥିଲେ। ଶୁକ୍ରବାର ଛାତ୍ରୀଛାତ୍ରମାନେ ନିଶାସେବନ ବିରୋଧରେ ଏକ ବିଶାଳ ରାଲି କରିଥିଲେ। ଗାନ୍ଧୀ ଛକରେ ଖୋଲା ମଞ୍ଚରେ ସଚେତନତାମୂଳକ ନାଟକ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମହାବିଦ୍ୟାଳୟର ସାମାଜିକ ସମିତିର ସଦସ୍ୟ ସୁଧାଂଶୁ ମୁଖୀ ପାଢ଼ୀ, ତ୍ରିଲୋଚନ ଦାସ ଏବଂ କେଶବ ହାଁସଦା। ଅଧ୍ୟାପକ ସୁରେନ୍ଦ୍ର ଶବର, ପ୍ରଫୁଲ୍ଲ ମହାରଣା, ଶ୍ରୀଜୟ ସାହୁ, ଅଧ୍ୟାପିକା ଡ. ଶାରଦା, ଚନ୍ଦ୍ରମା ପ୍ରଧାନ, ପଦ୍ମାବତୀ ମହାରଣା, ଆଟେଣ୍ଡାଟ୍‌ଶ୍ରୀକାନ୍ତ ସାହୁ, ମାଟ୍ରନ୍ ଗୀତା ଦେବୀ ଏବଂ ଛାତ୍ର ଧନେଶ୍ୱର ଡାକୁଆ, ଛାତ୍ରୀ ନୂତନ ସାହୁ ଏବଂ ଅନ୍ୟ ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ସହଯୋଗ କରିଥିଲେ।

# ସଜେଇ ହେଉଛି ନୂଆ ବସ୍‌ଷ୍ଟାଣ୍ଡ

ଶେରଗଡ, ୪।୧୨(ସୂର୍ଯ୍ୟନାରାୟଣ ଦାଶ):

## ଅନେକ କାମ ବାକି, ଅର୍ଥ ମଞ୍ଜୁର ଦାବି



ଶେରଗଡ ନୂଆ ବସଷ୍ଟାଣ୍ଡ ଧୀରେ ଧୀରେ କାମ ଶେଷ ହୋଇଆସୁଛି। ପ୍ରଥମ ପର୍ଯ୍ୟାୟରେ ୪କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ବସ ରହିବା ସ୍ଥାନ, ଯାତ୍ରୀ ବିଶ୍ରାମାଗାର, ଘୋଷଣା ଗୃହ, ପ୍ରବେଶ ଓ ପ୍ରସ୍ଥାନ ରାସ୍ତା, ଗାର୍ଡ ରୁମ, ଶୌଚାଳୟ, ରାଜ୍ୟ ପରିବହନ ବିଭାଗର ଗାଡି ଚାଳକଙ୍କ ବିଶ୍ରାମ ସ୍ଥାନ, ବସଷ୍ଟାଣ୍ଡ ପରିସର ଦୋକାନ ଗୃହ, ସିଡି, ପାଣି, ଆଲୁଅ, ଅପେକ୍ଷାରତ ହଲ, ପିଇବା ପାଣି, ଟିକଟ କାଉଣ୍ଟର, ଆତିଥ୍ୟ କୋଠରୀ ସହ ଆଉ କିଛି କାର୍ଯ୍ୟ ନିର୍ମାଣ ସରିଛି। ଆଲୋକ ବ୍ୟବସ୍ଥା ସହ ବାହାରେ ଆଲେକୀକରଣ କାର୍ଯ୍ୟ ସରିଛି। ଛୋଟ ମୋଟ କାମ ଶେଷ ପର୍ଯ୍ୟାୟରେ ଚାଲିଛି। ଶେରଗଡର ନୂତନ ବସଷ୍ଟାଣ୍ଡର ୯୦ ଭାଗ କାର୍ଯ୍ୟ ସରିଲାଣି। ପ୍ରବେଶ ଓ ପ୍ରସ୍ଥାନ ରାସ୍ତା କାମ ସରିବା ସହ କେବଳ ରଙ୍ଗ କାର୍ଯ୍ୟ ବାକି ରହିଛି। ଏଥିସହିତ ବସଷ୍ଟାଣ୍ଡ କୋଠାର କାନ୍ଥରେ ସଜା ଚାଲିଛି। ପୂର୍ତ୍ତ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ ପରିଚାଳନା ଦାୟିତ୍ୱ ନିର୍ବାହ କରୁଛି। ତେବେ ପ୍ରଥମ ପର୍ଯ୍ୟାୟ ଅର୍ଥ ଶେଷ ହେବାକୁ ଥିବାବେଳେ ଆହୁରି ଅନେକ କାମ ବାକିଥିବା ଜଣାପଡ଼ିଛି। ପରନ୍ତୁ ଦ୍ୱିତୀୟ କିସ୍ତି ଅର୍ଥ ମଞ୍ଜୁର ହୋଇ ନଥିବା ଜଣାପଡ଼ିଛି। ଏଣୁ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବା ସହ ବସଷ୍ଟାଣ୍ଡର ପୂର୍ଣ୍ଣାଙ୍ଗ ପାଇଁ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ତୁରନ୍ତ ମଞ୍ଜୁର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଶୀତ ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟ ପରିସରରେ ଏକ ବିଶେଷ ମୁହୂର୍ତ୍ତରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଓ କଂଗ୍ରେସ ଏମ୍ପି କେ. ସୁରେଶ।

# ବଢୁଛି ଆଶାୟୀଙ୍କ ଟିକେଟ୍ ଲବି, କଂଗ୍ରେସରୁ ୩ ଆବେଦନ

## ରାୟଗଡ଼ା ନିର୍ବାଚନମଣ୍ଡଳୀ

ରାୟଗଡ଼ା,୪।୧୨(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଧାୟକ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୧୯ ନିର୍ବାଚନରେ ପରାଜିତ ହୋଇଥିବା ବିଧାୟକ ପ୍ରାର୍ଥୀ ପୁଣି ଥରେ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସେହିପରି ଏକାଧିକ ଆଶାୟୀ ପ୍ରାର୍ଥୀ ନିଜ ନିଜ ଦଳରେ ଟିକେଟ ପାଇଁ ଲବି ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି। ରାୟଗଡ଼ା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳରେ ପୂର୍ବରୁ ଆପଲସ୍ୱାମୀ କାଡ୍ରାକା ଜଣେ ବିଧାୟକ ପ୍ରାର୍ଥୀ ଲବିରେ ରହିଥିଲେ। ହେଲେ ଏବେ ଆଉ ୨ଜଣ ଆଶାୟୀ ପ୍ରାର୍ଥୀ ନିଜର ଇଚ୍ଛା ପ୍ରକଟ ପୂର୍ବକ ପ୍ରଦେଶ କଂଗ୍ରେସ କମିଟିକୁ ନିବେଦନପତ୍ର ପଠାଇଥିବା ଜଣାପଡ଼ିଛି। ରାୟଗଡ଼ାରୁ କଂଗ୍ରେସ ଦଳରୁ ପ୍ରାର୍ଥୀ ପାଇଁ ଆପଲସ୍ୱାମୀ କାଡ୍ରାକା ଏବଂ ଲେଲି ମାଝି ପୂର୍ବରୁ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କୁ ଆବେଦନପତ୍ର ଦେଇଥିଲେ। ଅକ୍ଟୋବର ୧ରେ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝି ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟି ଆବେଦନପତ୍ର ଦେଇଥିବା ଜଣାପଡ଼ିଛି। ପୂର୍ଣ୍ଣଙ୍କ ଘର ରାୟଗଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଶୀପୁର ବ୍ଲକରେ ହୋଇଥିବାରୁ ସେ ବିଧାୟକ ପ୍ରାର୍ଥୀ ପାଇଁ ଇଚ୍ଛୁକ ରହିଥିବା ଜଣାପଡ଼ିଛି। ତେବେ ପୂର୍ଣ୍ଣଙ୍କ ଏହି ଆବେଦନ ପଛରେ ଦକ୍ଷିଣ ଓଡ଼ିଶାର ଜଣେ ଟାଣୁଆ କଂଗ୍ରେସ ନେତାଙ୍କ ସମର୍ଥନ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କୁ ପଚାରିବରୁ ଦଳ ସୁପ୍ରିମୋ ଯାହାକୁ ଟିକେଟ ଦେବେ ଦଳ ତାଙ୍କୁ ସମର୍ଥନ କରିବ ବୋଲି କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ସମସ୍ତ ଆଶାୟୀ ପ୍ରାର୍ଥୀଙ୍କ ଆବେଦନପତ୍ର ପିସିସି ସଭାପତିଙ୍କ ନିକଟରେ ଦାଖଲ ହେବା ପରେ ସେସବୁ ଯାଞ୍ଚ କରାଯାଇ ଏଆଇସିସିକୁ ପଠାଯିବ। ଏହାପରେ ଏଆଇସିସିର ଏକ ଗୁପ୍ତ କମିଟି ସମସ୍ତ ନିର୍ବାଚନମଣ୍ଡଳୀ ବୁଲି ପ୍ରାର୍ଥୀମାନଙ୍କ ତଥ୍ୟ ଓ ଲୋକପ୍ରିୟତା ତଥ୍ୟ ସଂଗ୍ରହ କରିବ। ଏହାପରେ ଦଳ ଯୋଗ୍ୟ ପ୍ରାର୍ଥୀଙ୍କୁ ଟିକେଟ ପ୍ରଦାନ କରିବ ବୋଲି ଜଣାପଡ଼ିଛି। ୨୦୧୯ ସାଧାରଣ ନିର୍ବାଚନରେ ସପ୍ତଗିରି ଶଙ୍କର ଉଲାକା କୋରାପୁଟ ଲୋକ ସଭା ଆସନରେ ଓଡ଼ିଶାର ଏକମାତ୍ର କଂଗ୍ରେସ ଏମ୍ପି ଭାବେ ବିଜୟୀ ହୋଇଥିଲେ। ଏହା ପରେ ଜିଲାରେ କଂଗ୍ରେସର ପତିଆରା ବୃଦ୍ଧି ଦେଖି ଦଳରେ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତପ୍ରକାଶ କରିଛନ୍ତି।



ବିଧାୟକ ଆଶାୟୀ ଭାବେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝି ପିସିସି ସଭାପତିଙ୍କୁ ନିବେଦନ ପତ୍ର ପ୍ରଦାନ କରୁଛନ୍ତି।

# ନେହେରୁ ଶତାବ୍ଦୀ ହସ୍ପିଟାଲ ନାମ ପରିବର୍ତ୍ତନରେ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

ଏମ୍‌ସିଏଲ୍ ପକ୍ଷରୁ ତାଳଚେରଠାରେ ନୂଆ ମେଡିକାଲ କଲେଜ ଓ ହସ୍ପିଟାଲ ହେବା ଏବଂ ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ ହେବାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଖୁସିବ୍ୟକ୍ତ କରିଛନ୍ତି। ହେଲେ ରାଜ୍ୟ ସରକାର ଯେଉଁଭଳି ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ନାମରେ ଏମ୍‌ସିଏଲ ଦ୍ୱାରା ତାଳଚେରଠାରେ ଦୀର୍ଘବର୍ଷ ଧରି ପରିଚାଳିତ ନେହେରୁ ଶତାବ୍ଦୀ ହସ୍ପିଟାଲର ନାମ ବଦଳାଉଛନ୍ତି ଏହା ଦୁର୍ଭାଗ୍ୟଜନକ ବୋଲି ଶରତ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନେହେରୁଙ୍କ ନାମକୁ ପରିବର୍ତ୍ତନ ନେଇ ଶରତ କହିଛନ୍ତି, ଏହା ହେଉଛି ରାଜ୍ୟ ସରକାରଙ୍କର ହୀନ ମାନସିକତା। ଓଡ଼ିଶା ସରକାର ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ସମ୍ମାନ ଦେବାକୁ ଭୁଲି ଯାଉଛନ୍ତି। ଏକଦା ବିଜୁ ପଟ୍ଟନାୟକ ନେହେରୁଙ୍କ ଆଶୀର୍ବାଦରୁ ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ନେହେରୁଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଥିଲା। ଏହା ଏ ସରକାରର ମାନସିକ ଦେବାଳିଆ ପଣକୁ ସୂଚାଉଛି। ଏଭଳି ହୀନ ମାନସିକତାରୁ ରାଜ୍ୟ ସରକାର ନିଜକୁ ନିବୃତ୍ତ ରଖନ୍ତୁ। ଏସବୁ ଆଚରଣ ଉଚ୍ଚାରଣକୁ କଂଗ୍ରେସ କଦାପି ଗ୍ରହଣ କରିବ ନାହିଁ। ଏହାର କଡ଼ାଗଣ୍ଡା ଉତ୍ତର ସରକାରଙ୍କୁ ଦେବାକୁ ପଡ଼ିବ। ନେହେରୁଙ୍କ ନାମକୁ ଅପରିବର୍ତ୍ତିତ ରଖିବାକୁ ଶରତ କହିଛନ୍ତି।

# ଛତିଶଗଡ଼ ନିର୍ବାଚନରେ ଟଙ୍କା ଲଗାଇଥିଲା ବିଜେଡି: ପୁରୋହିତ

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

ଛତିଶଗଡ଼ ନିର୍ବାଚନ ଫଳାଫଳ ପରେ ବିଜେଡି ଏବଂ ଭାଜପା ନେତାମାନଙ୍କ ମଧ୍ୟରେ ଦୋଷ ଦିଆନିଆ ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଭାଜପା ବିଜୟୀ ହୋଇଥିବା ବେଳେ ଏହାର କୌଣସି ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ବିଜେଡି ନେତାମାନେ ଯୁକ୍ତି ରଖିଛନ୍ତି। ହେଲେ ଭାଜପା ବିଜେଡି ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛି। ଛତିଶଗଡରେ ଭାଜପା ସରକାର ଆସିଲେ ଏହାର ପ୍ରଭାବ ପଶ୍ଚିମ ଓଡ଼ିଶାରେ ପଡିବ ବୋଲି ବିଜେଡି ନେତାମାନେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଟଙ୍କା ଲଗାଇଥିବା ଭାଜପା ନେତା ତଥା ପଦ୍ମପୁରର ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ପ୍ରଦୀପ କହିଛନ୍ତି ଯେ, ଛତିଶଗଡର ଗତ ସାଧାରଣ ନିର୍ବାଚନରେ ମଧ୍ୟ କଂଗ୍ରେସକୁ ଜିତାଇବା ଲାଗି ବିଜେଡି ଟଙ୍କା ଲଗାଇ ସେଥିରେ ସଫଳ ହୋଇଥିଲା। ଏଥର ମଧ୍ୟ ସେମାନେ ଟଙ୍କା ଲଗାଇଥିଲେ ବି ତାହା ଆଉ କାମ ଦେଲା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

# ରାଜ୍ୟ ସଭା ଉପାଧ୍ୟକ୍ଷ ପ୍ୟାନେଲରେ ସସ୍ମିତ ପାତ୍ର ପୁନଃ ନିଯୁକ୍ତ

ଭୁବନେଶ୍ୱର,୨।୧୨(ଅନିଲଦାସ)

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ରାଜ୍ୟ ସଭା ଉପାଧ୍ୟକ୍ଷ (ଭିସି) ପ୍ୟାନେଲରେ ପୁନଃନିଯୁକ୍ତି ଦିଆଯାଇଛି। ୨୦୨୦ରେ ସେ ପ୍ରଥମ ଥର ପାଇଁ ଏହି ପ୍ୟାନେଲରେ ନିଯୁକ୍ତି ପାଇଥିଲେ। ଦ୍ୱିତୀୟ ଥର ପାଇଁ ସସ୍ମିତଙ୍କୁ ତତ୍କାଳୀନ ଅଧ୍ୟକ୍ଷ ଭେଙ୍କାୟା ନାଇଡୁ ନିଯୁକ୍ତି ଦେଇଥିଲେ। ତୃତୀୟ ଥର ପାଇଁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ସସ୍ମିତଙ୍କୁ ନିଯୁକ୍ତି ଦେଇଥିଲେ। ଚତୁର୍ଥ ଥର ପାଇଁ ମଧ୍ୟ ସେ ପ୍ୟାନେଲରେ ସାମିଲ ହୋଇଛନ୍ତି।



# ଶିକ୍ଷା ଏବଂ ଶିଳ୍ପ ଆବଶ୍ୟକତା ମଧ୍ୟରେ ବ୍ୟବଧାନ ଦୂର କରିବ: ମନ୍ତ୍ରୀ

## ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍‌ର ୨ୟ ସଂସ୍କରଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

ଓଡ଼ିଶା ସ୍କିଲ୍ କନ୍‌କ୍ଲେଭର ଉଦ୍‌ଘାଟନୀ ସଂସ୍କରଣର ଅଭୂତପୂର୍ବ ସଫଳତା ପରେ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍‌ର ୨ୟ ସଂସ୍କରଣ ପାଇଁ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱରସ୍ଥ ବିଶ୍ୱ ଦକ୍ଷତା କେନ୍ଦ୍ର ୧୫ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି ଯେ, ଏହି ୨ୟ ଓଡ଼ିଶା ସ୍କିଲ କନ୍‌କ୍ଲେଭ ଓଡ଼ିଶାରେ ଏକ ଗତିଶୀଳ ଇକୋସିଷ୍ଟମ୍ ପ୍ରତିପାଦନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଯୁବକଙ୍କ ପ୍ରଯୁଜ୍ୟ କୌଶଳକୁ ସଶକ୍ତ କରିବ। ଏହାସହ ସରକାରଙ୍କ ଏନ୍‌ୟୁଏ ଓଡ଼ିଶା ଯୋଜନା ଅଧୀନରେ ଚାକିରି ବଜାରର ବିକାଶଶୀଳ ଆବଶ୍ୟକତା ସହିତ ସମାନ୍ତରାଳ ଭାବେ କୁଶଳୀ ଯୁବତୀ, ଯୁବକମାନେ ଆଗକୁ ବଢ଼ିପାରିବେ। ଦକ୍ଷତା ବିକାଶ ପାଇଁ ଏକ ବ୍ୟାପକ ଏବଂ ବହୁମୁଖୀ ଆଭିମୁଖ୍ୟର ଆବଶ୍ୟକତା ଉପରେ ମନ୍ତ୍ରୀ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍‌ର ରଣନୀତିକ ଦୃଷ୍ଟିକୋଣକୁ ବର୍ଣ୍ଣନା କରିଛନ୍ତି। ବିଶ୍ୱ ଏକ୍ସପୋଜର ସହିତ ଶିକ୍ଷା ଏବଂ ଶିଳ୍ପ ଆବଶ୍ୟକତା ମଧ୍ୟରେ ବ୍ୟବଧାନକୁ ଦୂର କରିବା ପାଇଁ ଏହି କନ୍‌କ୍ଲେଭ ଏକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ଦକ୍ଷତା ବିକାଶରେ ଅଭିନବ ପଦକ୍ଷେପକୁ ଅନ୍ତର୍ଭୁକ୍ତ କରିବା, ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ଏକୀକରଣ ଏବଂ ଯୁବକମାନଙ୍କ ମଧ୍ୟରେ ଔଦ୍ୟୋଗିକତା ବୃଦ୍ଧି ପାଇଁ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ ମାଧ୍ୟମରେ ଏକ ପ୍ରତିବଦ୍ଧତା ସୃଷ୍ଟି ପାଇଁ ମନ୍ତ୍ରୀ ଘଡ଼େଇ ଆହ୍ୱାନ ଦେଇଛନ୍ତି।

ଓଡ଼ିଶାର ବିଭିନ୍ନ ଦୃଶ୍ୟପଟ୍ଟ ଏବଂ ଆଞ୍ଚଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦକ୍ଷତା ବିକାଶ ବିଭାଗ କାର୍ଯ୍ୟକ୍ରମଗୁଡ଼ିକର ରୂପରେଖ ଉପରେ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଛି। ରାଜ୍ୟଗୁଡିକର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉଚ୍ଚ ଅଭିବୃଦ୍ଧି ସମ୍ଭାବନା ଥିବା କ୍ଷେତ୍ରଗୁଡିକ ଉପରେ ବିଶେଷ ଧ୍ୟାନ ଦିଆଯିବ। ସ୍କିଲ୍ କନ୍‌କ୍ଲେଭ ହେଉଛି ସ୍କିଲ୍ ଡେଭଲପମେଣ୍ଟ ଏବଂ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଫ୍ଲାଗଶିପ୍ କାର୍ଯ୍ୟକ୍ରମ। ଏହି କନ୍‌କ୍ଲେଭ କୌଶଳ ରଣନୀତି ଉପରେ ବିଚାରବିମର୍ଶ ଏବଂ ଯୁବକଙ୍କ ମଧ୍ୟରେ ଦକ୍ଷତାର ସାମଗ୍ରିକ ବିକାଶ ଓ ସହଯୋଗକୁ ପ୍ରୋତ୍ସାହିତ କରିବା ସହ ପ୍ରମୁଖ ହିତାଧିକାରୀଙ୍କୁ ଏକତ୍ର କରିବାକୁ ଲକ୍ଷ୍ୟ ରଖିଛି। ଏହି ବୈଠକରେ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୪ ରାଜ୍ୟର ଫଳାଫଳ ଭାରତୀୟ ରାଜନୀତିକୁ ନୂଆ ମୋଡ଼ ଦେଇଛି: ଭାଜପା

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

୪ଟି ରାଜ୍ୟର ନିର୍ବାଚନ ଫଳାଫଳ ଏବେ ଭାରତୀୟ ରାଜନୀତିକୁ ଗୋଟିଏ ନୂଆ ମୋଡ଼ ଦେଇଛି। ପ୍ରଚାର ସର୍ବସ୍ୱ, ଘୋଷଣା ସର୍ବସ୍ୱ ଏବଂ ପ୍ରତାରଣା କଲେ ଭୋଟ ପାଇବେ ନାହିଁ ଏବଂ ଲୋକଙ୍କ ଦ୍ୱାରା ପ୍ରତ୍ୟାଖାନ ହେବେ। ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାରର କୌଣସି ସ୍ଥାନ ନାହିଁ। ସାଧାରଣ ଗରିବ ଲୋକଙ୍କ ପାଇଁ ଆସୁଥିବା ଟଙ୍କାକୁ ଲୁଟ୍ କରିବାର ଫଳ କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକୁ ଭୋଗିବାକୁ ପଡ଼ିଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି ଯେ, ଓଡ଼ିଶାରେ ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟଭିଚାର, ପ୍ରତାରଣା ସମସ୍ତ ସୀମା ଅତିକ୍ରମ କରିସାରିଛି। ୨୦୨୪ ସାଧାରଣ ନିର୍ବାଚନରେ ନିଶ୍ଚିତ ଓଡ଼ିଶା ରାଜନୀତି 'ୟୁ ଟର୍ନ' ନେବ। ବିଜେଡି ଶାସନ ବ୍ୟବସ୍ଥାକୁ ନେଇ ରାଜ୍ୟବାସୀଙ୍କ ମନରେ କ୍ରୋଧ ଅଛି। ରାଜ୍ୟବାସୀଙ୍କ ଆସ୍ଥା ଓ ଆଶୀର୍ବାଦ ଭାଜପା ପ୍ରତି ରହିଛି। ଆଗାମୀ ସାଧାରଣ ନିର୍ବାଚନରେ ଜୋରଦାର ଲଢ଼େଇ ହେବ। ଆଖି, କାନ, ନାକ ନ ଥିବା ରାଜ୍ୟ ସରକାରକୁ ଦୃଢ଼ ଜବାବ ମିଳିବ। ନିର୍ବାଚନ ଫଳାଫଳ ଏକପାଖିଆ ହେବା ସଙ୍ଗେସଙ୍ଗେ ଭାଜପା ଓଡ଼ିଶାରେ ସରକାର ଗଠନ କରିବ ବୋଲି ମନମୋହନ କହିଛନ୍ତି। ୨୩ ବର୍ଷ ବିଜେଡି ଶାସନରେ ନାରୀ ନିର୍ଯାତନା ଶିଖର ଛୁଇଁଲାଣି, ଦେଢ଼ କୋଟି ଓଡ଼ିଆ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି, ଜଳସେଚନ ବ୍ୟବସ୍ଥା ନାହିଁ, ଶୀତଳଭଣ୍ଡାର ନାହିଁ, ଗରିବ ଲୋକଟି ଛାତଘରଟି ପାଇବାରୁ ବଞ୍ଚିତ ରହୁଛନ୍ତି। ଓଡ଼ିଶା ଓ ଓଡ଼ିଆଙ୍କ ଅସ୍ମିତା, ସଂସ୍କୃତି ଓ ଭାବାବେଗ ସହ ଖେଳ ଖେଳାଯାଉଛି। ଜଗନ୍ନାଥ ସଂସ୍କୃତି ପ୍ରତି ଧ୍ୟାନ ନାହିଁ କି ରତ୍ନଭଣ୍ଡାର ଖୋଲୁନାହାନ୍ତି। ଯେଉଁ ଭ୍ରଷ୍ଟାଚାରର ସରକାର ରାଜ୍ୟରେ ଚାଲିଛି, ତାକୁ ଓଡ଼ିଶାବାସୀ ନିଶ୍ଚିତ ପ୍ରତ୍ୟାଖାନ କରିବେ ବୋଲି ମନମୋହନ କହିଛନ୍ତି।



ମନମୋହନ ସାମଲ

# 'ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପୁସ୍ତକ ଜଡ଼ିତ'

## ୨୩ତମ ଭଦ୍ରକ ପୁସ୍ତକ ମେଳା ଉଦ୍‌ଘାଟିତ



ପୁସ୍ତକ ମେଳାର ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ସହ ଅନ୍ୟ ଅତିଥିମାନେ।

ଭଦ୍ରକ,୪।୧୨(ସନାତନ ରାଉତ)

ମଣିଷ ଜୀବନରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପୁସ୍ତକ ଜଡ଼ିତ ରହିଥାଏ। ଏବେ ପୁସ୍ତକର ଚାହିଦା କମିଯାଇଛି। ପୂର୍ବରୁ ବାପା, ଜେଜେବାପାମାନେ କଠିନ ପରିଶ୍ରମ କରି ମଧ୍ୟ ପ୍ରତିଦିନ ଦ୍ୱିପ୍ରହରରେ ଏବଂ ସନ୍ଧ୍ୟାରେ ବିଭିନ୍ନ ପୋଥି, ପୁରାଣ ଗୋଟିଏ ଦୁଇଟି ଅଧ୍ୟାୟ ପାଠ କରୁଥିଲେ। ଧର୍ମ ସହ ପୁସ୍ତକକୁ କୌଶଳକ୍ରମେ ଲଦି ଦିଆଯାଇଥିବାରୁ ଆଜିର ଆଧୁନିକ ଯୁଗରେ ଗୀତା, ଭାଗବତ ପୁରାଣ ପରି ପୁସ୍ତକ ପାଠ କରାଯାଉଛି। ନଚେତ୍ ପୁସ୍ତକ ଲୋପ ପାଇ ଯାଇଥାନ୍ତା ବୋଲି ସୋମବାର ସନ୍ଧ୍ୟାରେ ୨୩ତମ ଭଦ୍ରକ ପୁସ୍ତକ ମେଳାରେ ମୁଖ୍ୟଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ମତବ୍ୟକ୍ତ କରିଛନ୍ତି।

ଭଦ୍ରକ ସହରର ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ପୁସ୍ତକମେଳାର ଉଦ୍‌ଘାଟନୀ ସନ୍ଧ୍ୟାରେ 'ଗ୍ରନ୍ଥ ପରମ୍ପରା ଓ ପାଠକର ଭୂମିକା' ଶୀର୍ଷକ ଆଲୋଚ୍ୟ ବିଷୟ ରହିଥିଲା। ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାନସଭା ସଚିବ ଦାଶରଥି ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡିଜିଟାଲ ଯୁଗରେ ସହରାଞ୍ଚଳରେ ପାଠକଙ୍କ ସଂଖ୍ୟା କମିଥିଲେ ମଧ୍ୟ ଗ୍ରାମାଞ୍ଚଳରେ ବହି ପ୍ରତି ଆଗ୍ରହ ବଜାୟ ରହିଛି ବୋଲି କହିଥିଲେ। ବରେଣ୍ୟ ଅତିଥି ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଏବଂ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ କବି ହେମନ୍ତ ଜେନା, ସଂଯୋଜକ ମନୋରଞ୍ଜନ ଦାଶ, ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁସ୍ତକ ମେଳା କମିଟି ସମ୍ପାଦକ ରୂପକ ବିହାରୀ ରାୟ ସମ୍ପାଦକୀୟ ବିବରଣୀ ପ୍ରଦାନ, ସୁଧାକର ରାଉତ ମଞ୍ଚ ଆମନ୍ତ୍ରଣ ଓ ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

# ନୟାଗଡ଼ରେ ଭାଜପା ୩ ଭାଗ

## ୨୦୨୪ ପୂର୍ବରୁ ବଦଳୁଛି ଚିତ୍ରପଟ୍ଟ

ନୟାଗଡ଼,୪।୧୨(ଲୋକନାଥ ମିଶ୍ର)

ପୁରୀ ଲୋକ ସଭା ଆସନ ଅନ୍ତର୍ଗତ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ରାଜନୈତିକ ଦୃଶ୍ୟପଟ ବଦଳିବାରେ ଲାଗିଛି। କିଛି ମାସ ତଳେ ଏଠାକାର ଭାଜପାରେ ପ୍ରଭାବଶାଳୀ ନାରୀନେତ୍ରୀ କୁହାଯାଉଥିବା ଇରାନୀ ରାୟ ଓ ତତ୍କାଳୀନ ଜିଲା ସଭାପତି ଲାଲା ମନୋଜ ରାୟ ଏବେ କୋଣଠେସା ହୋଇଗଲେଣି। କନ୍ଧମାଳର ପୂର୍ବତନ ଏମ୍ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଧୀରେ ଧୀରେ ଶକ୍ତିଶାଳୀ ହେବାରେ ଲାଗିଥିବା ଆଲୋଚନା ହେଉଛି। ନିର୍ବାଚନ ପୂର୍ବରୁ ଏଭଳି ଦୃଶ୍ୟପଟକୁ ଦୃଷ୍ଟିରେ ରଖି ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ଭାଜପାରୁ ଇରାନୀ, ପ୍ରତ୍ୟୁଷା ନା ଅନ୍ୟ କେହି ଟିକେଟ ପାଇବେ ତାହା କହିବା କାଠିକର ପାଠ ବୋଲି ଦଳୀୟ କର୍ମୀ ମହଲରେ ଆଲୋଚନା ହେଉଛି। ତେବେ ଗୋଟିଏ କଥା ମନେହେଉଛି ଯେ, ନୟାଗଡ଼ରେ ଇରାନୀ ଓ ପ୍ରତ୍ୟୁଷାଙ୍କ ବିବାଦ ସମାଧାନ କରିବାକୁ ଦଳର ରାଜ୍ୟ ଓ କେନ୍ଦ୍ରୀୟ ନେତାମାନଙ୍କର ଆନ୍ତରିକତା ନାହିଁ। ରାଜ୍ୟ ଓ କେନ୍ଦ୍ରସ୍ତରୀୟ ନେତା କେତେବେଳେ ଇରାନୀଙ୍କୁ ତ ଆଉ କେତେବେଳେ ପ୍ରତ୍ୟୁଷାଙ୍କୁ ସମର୍ଥନ କରୁଥିବା ମନେହେଉଛି। ନେତା ପଟ୍ଟ ପରିବର୍ତ୍ତନ କରୁଥିବାରୁ ନୟାଗଡ ନିର୍ବାଚନମଣ୍ଡଳୀରେ ଭାଜପା ୩ ଭାଗରେ ବିଭକ୍ତ ହୋଇସାରିଲାଣି। ଗୋଟିଏ ଗୋଷ୍ଠୀ ଇରାନୀଙ୍କ ପାଇଁ ଲବି କରୁଥିବାବେଳେ ଆଉ ଏକ ଗୋଷ୍ଠୀ ପ୍ରତ୍ୟୁଷାଙ୍କ ପାଇଁ ପ୍ରୟାସ ଚଳାଇଛନ୍ତି। ତୃତୀୟ ଗୋଷ୍ଠୀ ଲୁକ୍କାୟିତ ଭାବେ ରହି ଇରାନୀ ଓ ପ୍ରତ୍ୟୁଷାଙ୍କ କଳିରେ ତୃତୀୟ ଜଣଙ୍କୁ ଟିକେଟ ଦିଆଯାଉ ବୋଲି ଦାବି କରୁଥିବା ଚର୍ଚ୍ଚା ହେଲାଣି। ଇରାନୀ ଓ ପ୍ରତ୍ୟୁଷାଙ୍କ ଅସନ୍ତୁଷ୍ଟମାନେ ଏକାଠି ହୋଇ ତୃତୀୟ ପକ୍ଷ ଗଠନ କରି ସାରିଲେଣି। ତେବେ ସେମାନେ ବାହାରକୁ ଧରାପଡୁ ନ ଥିବା କୁହାଯାଉଛି।



ପ୍ରତ୍ୟୁଷା ରାଜେଶ୍ୱରୀ ସିଂ

### ଅଣ୍ଡାମାଡ଼ ପରେ ବଦଳିଗଲା ସ୍ଥିତି

ଇରାନୀ ରାୟ ନୟାଗଡ଼ରେ ଭାଜପାର ସଙ୍ଗଠନ ଦୃଢ଼ କରିବାକୁ ଉଦ୍ୟମ କରିଆସିଛନ୍ତି। ସ୍ୱାମୀ ଲାଲା ମନୋଜ ରାୟ ଭାଜପାର ଜିଲା ସଭାପତି ଦାୟିତ୍ୱରେ ରହିଥିବାରୁ ଇରାନୀଙ୍କ ପତିଆରା ବଢ଼ିଯାଇଥିଲା। ତେବେ ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ତଥା ୨୦୧୯ରେ ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କୁ ଲାଲା ମନୋଜ ରାୟ ଓ ଇରାନୀଙ୍କ ଗୋଷ୍ଠୀର ଅଣ୍ଡାମାଡ଼ ସେମାନଙ୍କ ପାଇଁ ମହଙ୍ଗା ପଡ଼ିଥିବା କୁହାଯାଉଛି। ଉଲ୍ଲେଖଥାଉ କି ଗତ ସେପ୍ଟେମ୍ବର ୫ରେ ପୂର୍ବତନ ଏମ୍ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ପୁରୁଣା ରାଜବାଟିରେ ପାଳନ ହେଉଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ସହ ହେମେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା କାର୍ଯ୍ୟକ୍ରମ ଥିଲା। ସମ୍ବିତ ସେଥିରେ ଯୋଗଦେବା ପାଇଁ ନୟାଗଡ଼ ଆସୁଥିବାବେଳେ ଇରାନୀଙ୍କ ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇଥିଲା। ସମ୍ବିତ କିନ୍ତୁ ସେମାନଙ୍କ କଥା ନ ଶୁଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଇରାନୀଙ୍କ ଗୋଷ୍ଠୀ ଖୋଲାଖୋଲି ସମ୍ବିତଙ୍କୁ ବିରୋଧ କରି କଳାପତାକା ଦେଖାଇବା ସହ ଅଣ୍ଡାମାଡ଼ କରିଥିଲେ। ଅଣ୍ଡା ସମ୍ବିତ୍‌ଙ୍କ ଦେହରେ ବାଜି ନ ଥିଲେ ମଧ୍ୟ ସେହିଦିନଠାରୁ ତାଙ୍କର ରାୟ ଦମ୍ପତିଙ୍କ ସହ ସମ୍ପର୍କ ବିଗିଡ଼ି ଯାଇଥିବା କୁହାଯାଉଛି। ଏପରି କି ଘଟଣାର କିଛି ଦିନ ପରେ ଭାଜପାର ନୟାଗଡ଼ ଜିଲା ସଭାପତି ପଦରେ ଲାଲା ମନୋଜଙ୍କ ପରିବର୍ତ୍ତେ ତାପସ ରଞ୍ଜନ ମାର୍ଥା ମନୋନୀତ ହୋଇଥିଲେ। ଗତ ଅକ୍ଟୋବର ୧୦ରେ ତାପସଙ୍କୁ ନୟାଗଡ଼ରେ ଯେଉଁ ସମ୍ବର୍ଦ୍ଧନା ଦିଆଯାଇଥିଲା, ସେଥିରେ ଲାଲା ମନୋଜ ଓ ଇରାନୀ ନ ଥିଲେ। ସେମାନଙ୍କୁ ଡକାଯାଇ ନ ଥିଲା। ତାପସ କୁଆଡ଼େ ପ୍ରତ୍ୟୁଷାଙ୍କର ସମର୍ଥକ ବୋଲି ଆଲୋଚନା ହେବା ସହ ଉକ୍ତ ସମ୍ବର୍ଦ୍ଧନା ସଭା ପରେ ପ୍ରତ୍ୟୁଷା ଅଧିକ ଶକ୍ତିଶାଳୀ ହୋଇଯାଇଥିବା କୁହାଯାଉଛି। ଏହାସହ ଜିଲା ସଭାପତି ପରିବର୍ତ୍ତନ କରାଯାଇ ଲାଲା ମନୋଜ ଓ ଇରାନୀଙ୍କ ପକ୍ଷ ଛେଦନ କରାଯାଇଥିବା ପ୍ରଚାର ଚାଲିଛି।

### ଦଳ ଛାଡ଼ିପାରନ୍ତି ରାୟ ଦମ୍ପତି

ପୂର୍ବତନ କନ୍ଧମାଳ ଏମ୍ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେବା ପରେ ସମୀକରଣ ବଦଳିଥିଲା। ଏହି ନିର୍ବାଚନରେ ଇରାନୀ ରାୟ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ନେତା ଅରୁଣ ସାହୁଙ୍କଠାରୁ ପରାସ୍ତ ହୋଇଥିଲେ। ଏହାପରେ ମଧ୍ୟ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ରାୟ ଦମ୍ପତି ଲାଗି ପଡ଼ିଥିଲେ। ଅନ୍ୟପକ୍ଷରେ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତ୍ୟୁଷା ସମାନ୍ତରାଳ ଭାବେ ସଙ୍ଗଠନ ଆରମ୍ଭ କରିଥିଲେ। ଫଳରେ ଇରାନୀ ଓ ପ୍ରତ୍ୟୁଷାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଲଢ଼େଇ ଚାଲିଆସୁଛି। କିନ୍ତୁ ଧୀରେ ଧୀରେ ତାହା ବିବାଦର ରୂପ ନେଇଛି। ପୂର୍ବରୁ ପ୍ରତି ଦଳୀୟ କାର୍ଯ୍ୟକ୍ରମକୁ ଇରାନୀ ପରିଚାଳନା କରୁଥିଲେ। ଇରାନୀଙ୍କ ଦଳୀୟ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟସ୍ତରୀୟ ନେତାଙ୍କୁ ଦେଖିବାକୁ ମିଳୁଥିଲା। ମୁଖପାତ୍ର ସମ୍ବିତ ପାତ୍ର ଇରାନୀଙ୍କ ଅଧିକାଂଶ କାର୍ଯ୍ୟକ୍ରମରେ ଉପସ୍ଥିତ ରହୁଥିଲେ। ପ୍ରତ୍ୟୁଷାଙ୍କ କାର୍ଯ୍ୟକ୍ରମରେ ପ୍ରାୟତଃ ତାଙ୍କ ସମର୍ଥକ କର୍ମୀମାନଙ୍କୁ ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ଦଳରେ ଲାଲା ଓ ଇରାନୀ କୋଣଠେସା ହୋଇଯାଇଛନ୍ତି।



ଇରାନୀ ରାୟ

ତେଣୁ ସେମାନେ ଭାଜପା ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏନେଇ ପୂର୍ବତନ ଜିଲା ସଭାପତି ଲାଲା ମନୋଜ କୁହନ୍ତି, ଆମେ ଦଳ ଛାଡିବାର ପ୍ରଶ୍ନ ଉଠୁନି। ଆମେ ଦଳ ପାଇଁ ସଙ୍ଗଠନ କରୁଛୁ ଓ କରିବୁ। ଆମ ପଛରେ ଭୋଟର, କେନ୍ଦ୍ର ଓ ରାଜ୍ୟ ନେତାଙ୍କର ସମର୍ଥନ ରହିଛି। ଆମ ବିପକ୍ଷ ଗୋଷ୍ଠୀ ଯେତେ ଚାଲ କରୁଛି କରୁ, ଇରାନୀ ୨୦୨୪ରେ ଟିକେଟ ପାଉଛନ୍ତି ବୋଲି ସେ କହିଛନ୍ତି। ନାରୀନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କୁହନ୍ତି, ଆମେ ସଙ୍ଗଠନ ବଢ଼ାଇ ଚାଲିଛୁ। କେନ୍ଦ୍ର ଓ ରାଜ୍ୟ ନେତାଙ୍କ ସମେତ ଭୋଟରଙ୍କ ପରାମର୍ଶ ଓ ଭଲ ପାଇବା ଆମ ସହ ରହିଛି। ମୁଁ ଆଶା ରଖିଛି, ୨୦୨୪ରେ ମୋତେ ଭାଜପା ଟିକେଟ ମିଳିବ। ନୟାଗଡ଼ ନିର୍ବାଚନମଣ୍ଡଳୀରେ ଭାଜପା ବିଜୟୀ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ହେଉଥିବା ଚର୍ଚ୍ଚା ସମ୍ପର୍କରେ ପଚରାଯିବାରୁ ଭାଜପାର ଜିଲା ସଭାପତି ତାପସ ରଞ୍ଜନ ମାର୍ଥା କହିଛନ୍ତି, ନୟାଗଡ଼ରେ ୩ ଭାଗରେ ଭାଜପା ବିଭକ୍ତ ବୋଲି ଚାଲିଥିବା ପ୍ରଚାରର କୌଣସି ସତ୍ୟତା ନାହିଁ। ଜିଲାରେ ଭାଜପାରେ କୌଣସି ଗୋଷ୍ଠୀକନ୍ଦଳ ନାହିଁ। ଦଳୀୟ ଟିକେଟ୍ ହାତେଇବା ପାଇଁ ଦୁଇ ନାରୀନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ଇରାନୀ ରାୟ ସଙ୍ଗଠନ କରୁଛନ୍ତି। ଭାଜପା ପକ୍ଷରୁ ନୟାଗଡ଼ ବ୍ଲକ ଘେରାଉ ସମୟରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଓଡ଼ଗାଁ ବ୍ଲକ ଘେରାଉ ବେଳେ ଇରାନୀ ନେତୃତ୍ୱ ନେଇଥିଲେ। ଟିକେଟ କିଏ ପାଇବ କହି ହେବନି। ଟିକେଟ ବାଣ୍ଟିବା କାମ ଜିଲା ସଭାପତିଙ୍କର ନାହିଁ। ଏଥିପାଇଁ ଏକ କୋର କମିଟି ଅଛି। ନିର୍ବାଚନ ଘୋଷଣା ହେଲେ ଦଳୀୟ ଟିକେଟ ପାଇଥିବା ବ୍ୟକ୍ତି ସମର୍ଥନ ପାଇବ ବୋଲି କହିଛନ୍ତି।

## ବିଶ୍ୱ ମୃତ୍ତିକା ଦିବସ



# ମୃତ୍ତିକା ସ୍ୱାସ୍ଥ୍ୟକୁ ନେଇ ଚାଷ

**ଡା. ପରେଶ କୁମାର ପଣ୍ଡା**

**ପ୍ରତିବର୍ଷ ଡିସେମ୍ବର ୫କୁ 'ବିଶ୍ୱ ମୃତ୍ତିକା ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ମୃତ୍ତିକା, ଜଳ ବିନା ଜୀବନ ଧାରଣ ଅସମ୍ଭବ' (Soil and water : A source of life)। ତେଣୁ ମୃତ୍ତିକାକୁ ସୁସ୍ଥ ଓ ଜୀବନ୍ତ ରଖିବାକୁ ହେଲେ ଉତ୍ତମ ଚାଷ କରାଯାଇ ଆବଶ୍ୟକ ଖାଦ୍ୟଶସ୍ୟ ଅମଳ କରାଯାଇପାରେ। ଅଧିକନ୍ତୁ ମୃତ୍ତିକା ଓ ଜଳ ସଂରକ୍ଷଣର ଯଥେଷ୍ଟ ଆବଶ୍ୟକତା ରହିଛି।**

ସବୁଜ ବିପ୍ଳବ ପରଠାରୁ ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତାକୁ ଅଧିକ ଅମଳକ୍ଷମ, ଉନ୍ନତ କିସମର ପ୍ରବର୍ତ୍ତନ, ଅଧିକ ଖତସାର ତଥା ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ ମାଧ୍ୟମରେ ପୂରଣ କରାଯାଇପାରିଛି। ମାତ୍ର ରାସାୟନିକ ଦ୍ରବ୍ୟର ବହୁଳ ପ୍ରୟୋଗ ଫଳରେ ମୃତ୍ତିକା କ୍ରମେ ରୁଗ୍ଣ ହୋଇପଡ଼ିଛି। ଉପକାରୀ ଜୀବାଣୁ, କୃଷକର ବନ୍ଧୁ ଜିଆ ତଥା ଉପକାରୀ କୀଟ (ବୁଢ଼ିଆଣୀ ସହ )ଙ୍କ ସଂଖ୍ୟା କମିଯିବା ଫଳରେ ଯେକୌଣସି ସମୟରେ ଫସଲରେ ରୋଗପୋକ ପ୍ରାଦୁର୍ଭାବ ବଢ଼ିଯାଉଛି । ମୃତ୍ତିକାରେ ଅଧିକ ସାର ପ୍ରୟୋଗକଲେ ସୁଦ୍ଧା ଫସଲକୁ ଆବଶ୍ୟକ ପରିମାଣର ପୋଷକତତ୍ତ୍ୱ ଓ ଅଣୁସାର ମିଳୁନାହିଁ। ମୃତ୍ତିକାରେ ପୋଷକତତ୍ତ୍ୱ ଅଭାବ ଓ ସମସ୍ୟା ତଥା ମୃତ୍ତିକା ଅନୁଯାୟୀ ଉପଯୁକ୍ତ ଫସଲ କିସମ ଚୟନ ନ କରିବା ଦ୍ୱାରା ଫସଲରୁ ଆଶାନୁରୂପ ଅମଳ ମିଳିପାରୁନାହିଁ। ଅତଏବ କେଉଁ ସବୁ ଉପାୟରେ ମୃତ୍ତିକା ଅମ୍ଳ ପରିମାଣକୁ ଠିକ୍ ରଖି ରାସାୟନିକ ପଦାର୍ଥ ବଦଳରେ ଜୈବିକ ଉପାୟରେ ମୃତ୍ତିକାର ସ୍ୱାସ୍ଥ୍ୟକୁ ଉତ୍ତମ ଓ ଉପଯୋଗୀ ରଖି ଫସଲର ବୃଦ୍ଧି ଓ ଅମଳ କରିପାରିବା, ତାହା ବିଚାରସାପେକ୍ଷ।

**ମୃତ୍ତିକା ପରୀକ୍ଷା :** ମୃତ୍ତିକାର ସ୍ୱାସ୍ଥ୍ୟ ଠିକ୍ ଓ ଉର୍ବରିଆ ଥିଲେ ଫସଲ ଅମଳ ଆଶାନୁରୂପ ହୋଇଥାଏ। ମୃତ୍ତିକାର ସ୍ୱାସ୍ଥ୍ୟ କିପରି ଅଛି, ତାହା ପ୍ରଥମେ ଜାଣିବା ଜରୁରୀ। ମୃତ୍ତିକାର ସ୍ୱାସ୍ଥ୍ୟକୁ ଠିକ୍ ରଖି ଫସଲରୁ ଅଧିକ ଅମଳ ପାଇବା ନିମନ୍ତେ ମାଟି ପରୀକ୍ଷା କରାଇନେବା ନିତାନ୍ତ ଆବଶ୍ୟକ। ଏହି ପରୀକ୍ଷା ଦ୍ୱାରା ମାଟିରେ ଅଭାବ ବା ଅଧିକ ଥିବା ଖାଦ୍ୟଶସ୍ୟର ପରିମାଣ ସମ୍ବନ୍ଧରେ ଜାଣି ଚାଷ ହେବାକୁ ଥିବା ଫସଲରେ କେତେ ଖାଦ୍ୟସାର ଆବଶ୍ୟକ ଏବଂ କେତେ ସାର ପ୍ରୟୋଗ କରିବା ତାହା ଜଣାପଡ଼େ। ମୃତ୍ତିକାରେ କିସମ ଓ ଗୁଣ ଚିହ୍ନଟ କରି ହୁଏ। ମୃତ୍ତିକାର ଗୁଣାତ୍ମକ ମାନ ଓ ଉର୍ବରତା ରକ୍ଷା କରିବା ସମ୍ଭବ ହୋଇଥାଏ। ଏତଦ୍‌ବ୍ୟତୀତ ଏହି ପରୀକ୍ଷାରୁ ମାଟିଜନିତ ସମସ୍ୟା ଯଥା-ଅମ୍ଳ ପରିମାପକ ଠିକ୍ ନ ଥିବା ଓ ଅଣୁସାର ଉପଲବ୍ଧ ନ ଥିବା ବିଷୟ ଆଦି ଜଣାପଡ଼େ। ପ୍ରତି ୨-୩ ବର୍ଷରେ ଥରେ ମାଟି ପରୀକ୍ଷା କରିବା ଆବଶ୍ୟକ। ମାଟି ପରୀକ୍ଷାର ଫଳାଫଳ ଅନୁଯାୟୀ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଫସଲ ଚାଷ ନିମିତ୍ତ ଖାଦ୍ୟସାର, ଜୈବସାର ଓ ମୃତ୍ତିକା ସୁଧାରକ ସମ୍ବନ୍ଧରେ ଆବଶ୍ୟକ ପରାମର୍ଶ ଦିଆଯାଇଥାଏ।

ମୃତ୍ତିକାକୁ ନେଇ ଫସଲ ଚାଷ କରାଯାଏ। ଫସଲର ବୃଦ୍ଧି ନିମନ୍ତେ ମୋଟ ୧୭ଟି ଖାଦ୍ୟ ଉପାଦାନ ମଧ୍ୟରୁ ଯେକୌଣସିଟିର ଅଭାବ ହେଲେ ଫସଲ ଅମଳ ଆଶାନୁରୂପ ହୋଇପାରି ନ ଥାଏ। ଅଧିକନ୍ତୁ ଲଗାତର ଫସଲ ଚାଷ ଓ ଅଧିକ ଅମଳକ୍ଷମ ଫସଲ ଚାଷ ଦ୍ୱାରା ମାଟିରୁ ଅନେକ ଖାଦ୍ୟସାର କମିଯାଏ। ଅନ୍ୟପକ୍ଷରେ ମାଟିରେ ଏକ ଉପାଦାନ ଯଥେଷ୍ଟ ଥାଇ ପୁନର୍ବାର ସେହି ଉପାଦାନକୁ ପ୍ରୟୋଗକଲେ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଅଧିକନ୍ତୁ ମୃତ୍ତିକାର ଅମ୍ଳ ବା କ୍ଷାର ଦୋଷ ହେଲେ ପୁନର୍ବାର ଖର୍ଚ୍ଚାନ୍ତ ହେବା ନିଶ୍ଚିତ। ସୁତରାଂ, ମୃତ୍ତିକା ପରୀକ୍ଷାକରି ତାହାର ଫଳ ଅନୁଯାୟୀ ଅନୁମୋଦିତ ପରିମାଣର ଖାଦ୍ୟଶସ୍ୟ ଓ ସଂଶୋଧନ ପ୍ରୟୋଗ କରିବା ଦ୍ୱାରା ଫସଲର ଉତ୍ପାଦନ ବଢ଼ିଥାଏ ଓ ମୃତ୍ତିକାର ସ୍ୱାସ୍ଥ୍ୟ ଉତ୍ତମ ରହିଥାଏ।

ଫସଲ ଚାଷ ପୂର୍ବ ବା ଅମଳ ପରେ ମାଟି ସଂଗ୍ରହ କରାଯାଏ। ୫ ଏକର ପର୍ଯ୍ୟନ୍ତ ମୃତ୍ତିକା ସମାନ ଥିଲେ ୫୦୦ ଗ୍ରାମ ମଧ୍ୟରେ ଏକ ନମୁନା ୧୦-୧୨ ଟି ସ୍ଥାନରୁ ସଂଗ୍ରହକରି ମିଶାଇ ତହିଁରୁ ପ୍ରସ୍ତୁତ କରାଯାଏ। ଗଛ ଛାଇ, ହିଡ଼ କଡ଼, ଖତଗଦା ଏବଂ ସନ୍ତସନ୍ତିଆ ଜାଗାରୁ ମାଟି ସଂଗ୍ରହ କରାଯାଇ ନ ଥାଏ। ମାଟି ନମୁନା, ଗୋବରଖତ, ଜଳସେଚନ ଓ ଜଳ ନିଷ୍କାସନ ନାଳୀ ପାଖରୁ ନିଆଯାଇ ନ ଥାଏ। ଯଦି ଏକ କ୍ଷେତର ବିଭିନ୍ନ ସ୍ଥାନରେ ଭିନ୍ନ ଅବସ୍ଥାର ଫସଲ, ଭିନ୍ନ ପ୍ରକାରର ମୃତ୍ତିକା, ଜମି ଖାଲ ଢିପ ବା ଭିନ୍ନ ଫସଲରେ ଭିନ୍ନ ପରିମାଣର ସାର ବ୍ୟବହାର ହୋଇଥାଏ, ତେବେ କ୍ଷେତକୁ ଭାଗକରି ପ୍ରତି ଭାଗରୁ ନମୁନା ସଂଗ୍ରହ କରାଯାଏ। ସଂଗୃହୀତ ନମୁନାକୁ ସାର ବା କୀଟନାଶକ ମୁଣାରେ ପୂରାଇ ବନ୍ଧାଯାଏ ନାହିଁ। ମାଟି ପରୀକ୍ଷା ଲାଗି ନିଜ ବ୍ଲକ୍ ଏବଂ ପଞ୍ଚାୟତର କୃଷି କର୍ମଚାରୀ ବା କୃଷକସାଥୀଙ୍କ ସହ ଯୋଗାଯୋଗ କରାଯାଏ। ଜମିର ଆକାର ଓ ଅବସ୍ଥିତି ଅନୁଯାୟୀ ବିଭିନ୍ନ ସ୍ଥାନରୁ ସଂଗୃହୀତ ମାଟିକୁ ମିଶାଇ ବିଧିମତେ ବିବରଣୀ ସହ ମିଶ୍ରିତ ମାଟି ନମୁନା ଦାଖଲ କରାଯାଏ।



- ମାଟିରେ ଯେଉଁ ପୋଷକର ପରିମାଣ ଅଳ୍ପ ଥାଏ, ତା' ଲାଗି ଅନୁମୋଦିତ ସାର ପରିମାଣକୁ ୨୫ ଭାଗ ଅଧିକ ଦିଆଯାଏ। ସେହିପରି ମାଟି ପରୀକ୍ଷାରେ ପୋଷକ ପରିମାଣ ଯଦି ଅଧିକ ଥିବାର ଜଣାଯାଏ, ତା' ଲାଗି ତାହାକୁ ଯୋଗାଉଥିବା ସାରର ପରିମାଣକୁ ୨୫ ଭାଗ କମ୍ ଦିଆଯାଏ।
- ମାଟିରେ ଅଧିକ ପାଣି ଜମି ରହୁଥିଲେ ଦସ୍ତାର ଅଭାବ ଦେଖାଯାଏ। ସେ କ୍ଷେତ୍ରରେ ଏକର ପ୍ରତି ୧୦ କି.ଗ୍ରା. ଜିଙ୍କ୍ ସଲ୍‌ଫେଟ୍ ପ୍ରୟୋଗ କରାଯାଏ।
- ଲଗାତର ମରୁଡ଼ିର ଆଶଙ୍କା ଥିଲେ ମାଣ୍ଡିଆ, କପା, ସୂର୍ଯ୍ୟମୁଖୀ, କୁସୁମୀ, ପେଶୀ, ବୁଟ, ମୁଗ ଓ ଧନିଆ ଫସଲ ଚାଷ କରିବା ଭଲ। ମରୁଡ଼ି ସହନଶୀଳ ଧାନ କିସମ ଚାଷରେ ଅମଳ ପ୍ରଭାବିତ ହୋଇ ନ ଥାଏ।
- ମୃତ୍ତିକାର ସଂରକ୍ଷଣ ଓ ଉପର ଉର୍ବରିଆ ମାଟିର ସ୍ତର ନ ଧୋଇଯିବା ଲାଗି ଆବଶ୍ୟକ ହେଉଥିବା ଚାଷଠାରୁ ଅଧିକ ଥର ନ ଚଷିବା ଭଲ।

### ଅମ୍ଳମାଟିର ପରିଚାଳନା

ମାଟି ଅମ୍ଳୀୟ ହେବାର କାରଣ ମଧ୍ୟରେ ଅତ୍ୟଧିକ ବୃଷ୍ଟିପାତ ଓ ଅଧିକ ରାସାୟନିକ ସାର ପ୍ରୟୋଗ ଅନ୍ୟତମ। ଏଭଳି ମାଟିର ପରିଚାଳନା ନିମନ୍ତେ ଚୂନ ଜାତୀୟ ପଦାର୍ଥ, କାଗଜ/ଚିନିକଳ ମଇଳା (ଏକର ପ୍ରତି ୨ କୁଇଣ୍ଟାଲ) ସହ ଗୋବରଖତ ଏକର ପ୍ରତି ୨୦ କୁଇଣ୍ଟାଲ, ଫସ୍‌ଫେଟ ସାର ଓ ରକ୍ ଫସ୍‌ଫେଟ୍ ସାରକୁ ୧:୧ ବା ୧:୩ ଅନୁପାତରେ ମିଶାଇ ପ୍ରୟୋଗ କରିବା ଉଚିତ।

### ଲୁଣି ମାଟିର ପରିଚାଳନା

ଏହି ମାଟିର ପରିଚାଳନା ନିମନ୍ତେ ବର୍ଷାପାଣିକୁ ଜମିରେ ବାନ୍ଧି ରଖନ୍ତୁ। ଏହି ମାଟିରେ ଖତ, ସବୁଜସାର ଓ ଫସଲର ଅବଶେଷଗୁଡ଼ିକୁ ମିଶାନ୍ତୁ। ହୁଡ଼ାକରି ମାଟିରେ ହାଲୁକା ପାଣି ମଡ଼ାନ୍ତୁ।

**-ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର**


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SNTPBBS-072023-IDS, ତା.16.11.2023ରିଖ ର

**ଶୁଦ୍ଧିପତ୍ର**

ଉପରେ ଉଲ୍ଲିଖିତ ଟେଣ୍ଡର ନଥିପତ୍ରର ପୃଷ୍ଠା ସଂଖ୍ୟା 163 ର ଟିପ୍ପଣୀ ସଂଖ୍ୟା 1 ର ପାରା ନଂ 1ଏବଂ କାର୍ଯ୍ୟସୂଚୀ-A ରେ ଆବଶ୍ୟକ ରୂପାନ୍ତରଣ କରାଯାଇଅଛି।

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି www.ireps.gov.in ଅବଲୋକନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/T&NW/ ଭୁବନେଶ୍ୱର

PR-96/CG/23-24



**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ37 ଏଫ୍‌ବିଟି ଗୁଡ୍‌ସ
ଗାଡ଼ି ନଂ.- OD14P2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 996898.13

2) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD14R2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1063189.12

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଅବସ୍ଥାରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001** ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:

ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482


# ଖଣି ଅଞ୍ଚଳରେ ବଢୁଛି ମାଟି ପ୍ରଦୂଷଣ

**ଯାଜପୁର,୪।୧୨(ହର୍ଷବର୍ଦ୍ଧନ ବେହେରା)**

ଜୀବଜଗତ ପାଇଁ ପାଣି ଓ ପବନ ପରି ମାଟି ପ୍ରକୃତିର ଏକ ଅମୂଲ୍ୟ ଦାନ। ଫସଲ ଆବଶ୍ୟକ କରୁଥିବା ଖାଦ୍ୟସାରର ଏହା ଏକ ଗନ୍ତାଘର। ଏହା ମଣିଷ, ପଶୁ, ଉଦ୍ଭିଦ, ଜୀବଜନ୍ତୁ ଏବଂ ଅନ୍ୟାନ୍ୟ ଜୀବମାନଙ୍କ ପାଇଁ ବଞ୍ଚିବାର ଏକ ମାଧ୍ୟମ। କିନ୍ତୁ ଯାଜପୁର ଜିଲା ସୁକିନ୍ଦା କ୍ରୋମ ଅଞ୍ଚଳ ସମେତ ବଲାଙ୍ଗୀର, କଳାହାଣ୍ଡି ଏବଂ କୋରାପୁଟ ଜିଲାର ଖଣି ଅଞ୍ଚଳର ମାଟି ଆଲୁମିନିୟମ, କ୍ରୋମିୟମ ଏବଂ କାଡମିୟମ ଦ୍ୱାରା ବହୁଳ ଭାବେ ପ୍ରଦୂଷିତ ହୋଇଛି। ମୃତ୍ତିକା ବିଜ୍ଞାନ ଏବଂ କୃଷି ରସାୟନ ବିଭାଗ ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଏହି ମୃତ୍ତିକା ପ୍ରଦୂଷଣ ଉପରେ ଆବଶ୍ୟକ ନିରାକରଣ ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ମାଟିର ଉର୍ବରତା ହ୍ରାସ ପାଇବା ସହ ଜୀବ ଜଗତ ପାଇଁ ବିପଦ ହୋଇପାରେ ବୋଲି ଦର୍ଶାଯାଇଛି।

ଯାଜପୁର ଜିଲା ସୁକିନ୍ଦା କ୍ରୋମାଇଟ ମାଇନ୍ସ ଅଞ୍ଚଳର ୫ଟି କୃଷି ସ୍ଥଳରେ ହୋଇଥିବା ମାଟିର ସର୍ବେକ୍ଷଣ ଅନୁଯାୟୀ, କ୍ରୋମାଇଟ ଓ ଆଇରନ ଅଂଶ କେଜି ପ୍ରତି ୫୭୫୮ ରୁ ୧୨୬୮୭ ମିଲିଗ୍ରାମ ରହିଥିଲା। ଇକୋଲୋଜିକାଲ ରିସ୍କ ଇଣ୍ଡେକ୍ସ ମଧ୍ୟ ସୂଚାଇ ଦେଇଛି ଯେ, ଏଥିମଧ୍ୟରୁ କେତେକ ସ୍ଥାନରେ ଯଥେଷ୍ଟ ଅଧିକ ବିପଦ ରହିଛି। ଏହାସହ ନିକେଲ ୦.୭ ରୁ ୦.୯୮% ରହିଥିବା ଯୋଗୁ ପ୍ରାୟ ୫୦୦ ହେକ୍ଟର ଚାଷ ଜମି ପ୍ରଦୂଷିତ ହୋଇଛି। ଯାହା ସ୍ଥାୟୀ ଭବିଷ୍ୟତ ପାଇଁ ତଥା କୃଷି, ଖାଦ୍ୟ ନିରାପତ୍ତା ଏବଂ ମାନବ ସ୍ୱାସ୍ଥ୍ୟ ପାଇଁ ବିପଦଜନକ। ତେଣୁ ଏହି ପ୍ରଦୂଷଣକୁ ଦୂର କରିବା ପାଇଁ ନୀତିସ୍ତରୀୟ ପଦକ୍ଷେପ ଗ୍ରହଣ କରିବାକୁ କୃଷି ବୈଜ୍ଞାନିକମାନେ ପ୍ରସ୍ତାବ ଦେଇଛନ୍ତି। ଅନ୍ୟପକ୍ଷେ ଯାଜପୁର ସମେତ କେଉଁଝର, ମୟୁରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲାରେ ୨୪୧୪୯ ହେକ୍ଟର ଅଞ୍ଚଳରେ ୩୫୬୭ ମିଲିୟନ ଟନ ଲୁହାପଥର ଗଚ୍ଛିତ ରହିଛି। ତେଣୁ ଏହି ଖଣି ଅଞ୍ଚଳର ମାଟିରେ ୪୫ରୁ ୬୭% ଲୌହ ଅଂଶ ପ୍ରଦୂଷଣ ହୋଇଛି। ଯାଜପୁର, ଢେଙ୍କାନାଳ ଓ କେନ୍ଦୁଝର ଜିଲାରେ ୯୧୯୭ ହେକ୍ଟର ଅଞ୍ଚଳରେ ୧୮୩ ମିଲିୟନ ଟନ୍ କ୍ରୋମାଇଟ ରହିଛି। ଏହିକ୍ରମରେ କ୍ରୋମାଇଟ ପ୍ରଦୂଷଣ ୪୫ ରୁ ୫୪% ମାଟିରେ ରହିଥିବାରୁ ଚାଷ ପ୍ରଭାବିତ ହେଉଛି। ବଲାଙ୍ଗୀର, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ ଓ ସୁନ୍ଦରଗଡ଼ ଜିଲାର ୧୦୬୦୫ ହେକ୍ଟର ଅଞ୍ଚଳରେ ୫୦ ମିଲିୟନ ଟନ ମାଙ୍ଗାନିଜ ଧାତୁପଥର ରହିଛି। ଏହା ଉକ୍ତ ଅଞ୍ଚଳର ମାଟିକୁ ପ୍ରଦୂଷିତ କରୁଛି। ଏଭଳି ଭାବେ ପ୍ରଦୂଷିତ ମାଟି ଆମ ଅଞ୍ଚଳ ପାଇଁ ଅଭିଶାପ ହେବ ବୋଲି କୁହାଯାଉଛି। ଏହାସହ ଯାଜପୁର ଜିଲାରେ ଅମ୍ଳଯୁକ୍ତ ମାଟି ଚାଷ ପାଇଁ ବାଧକ ସାଜିଛି ବୋଲି ମତପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ମାଟିର ମାନ ନ ଜାଣି ରାସାୟନିକ ସାର ବ୍ୟବହାର ଏହାର ମୁଖ୍ୟକାରଣ ବୋଲି ମତପ୍ରକାଶ ପାଉଛି।

ସାଧାରଣତଃ ଜୈବିକ ଖତ ଉପରେ ଚାଷୀ ଆଉ ନିର୍ଭର କରୁନାହାନ୍ତି। ଅଧିକ ଉତ୍ପାଦନ ଆଶାରେ କେବଳ ରାସାୟନିକ ପଦାର୍ଥ ବ୍ୟବହାର କରି ଚାଲିଛି। ଫଳରେ ମାଟିର ଯବକ୍ଷାରଜାନ, ପଟାସ ଓ ଅମ୍ଳଜାନ ଅଂଶ ହ୍ରାସ ପାଇବାରେ ଲାଗିଛି। ଉପରୋକ୍ତ ଧାତୁପଦାର୍ଥଗୁଡିକ ମାଟିରେ ମିଶି ରହିଥିବାରୁ ଗଛର ଆବଶ୍ୟକ ଉପାଦାନ ଗୁଡିକ ସହଜରେ ଉପଲବ୍ଧ ହୋଇ ପାରୁନାହିଁ। ଅନ୍ୟପକ୍ଷେ ଉପରୋକ୍ତ ଧାତୁ ପଦାର୍ଥରୁ ପ୍ରତିଷ୍ଠିତ ବିଭିନ୍ନ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ବର୍ଜ୍ୟ ପାଣି ଯୋଗୁ ମାଟିର ଉର୍ବରତା ନଷ୍ଟ ହେଉଛି। ଏଥିଯୋଗୁ ରୋଗପୋକ ବୃଦ୍ଧି ପାଏ ଓ ଶେଷରେ ଉତ୍ପାଦନ କମ ହୋଇଥାଏ ବୋଲି ସ୍ପଷ୍ଟ ହୋଇଛି। ତେଣୁ ବୈଜ୍ଞାନିକମାନଙ୍କ ମତରେ ସମସ୍ତ କ୍ଷେତ୍ରରେ ଆଇନ ଅନୁସାରେ ପ୍ରଦୂଷଣ ନିୟନ୍ତ୍ରଣ କରାଗଲେ ମାଟି ପ୍ରଦୂଷଣ ହ୍ରାସ ହୋଇ ପାରିବ।




**कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, चाईबासा।**

**अति अल्पकालीन पुनर्निविदा आमंत्रण सूचना।**

पुनर्निविदा संख्याः– 95/RII/2023-24/RWD/CHAIBASA दिनांक : 02/12/2023

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| 1 | RWD/ CHAIBASA/ 02/ 2022-23 | बड़ानन्दा डांगुवापोसी पी0डबलू0डी0 पथ सरबिल से कलैया तक पथ निर्माण कार्य (ल0–4.250कि0मी0) | 3,83,97,004.00 | तीन करोड़ तिरासी लाख सन्तानवे हजार चार रू0 मात्र | 09 माह | तृतीय |

1. वेबसाईट में निविदा प्रकाशन की तिथि :– 12.12.2023
2. ई–निविदा प्राप्ति की अंतिम तिथि एवं समय :– 20.12.2023 अपराह्न 05:00 बजे तक।
3. निविदा खोलने की तिथि एवं समंय :– 22.12.2023 अपराह्न 03:30 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा।

PR 312634 (West Singhbhum) 23-24 (D)







# ମାଈ ହାତୀର ଗଳିତ ମୃତଦେହ ଠାବ

**ଚମ୍ପୁଆ(ମହେଶ୍ୱର ଦାସ)/କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ),୪।୧୨**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ କାଳିକାପ୍ରସାଦ ରିଜର୍ଭ ଫରେଷ୍ଟର ଚେଙ୍ଗଯୋଡ଼ାଠାରେ ଏକ ମାଈ ହାତୀର ମୃତଦେହ ବନ ବିଭାଗ ଠାବ କରିଛି। ଘଟଣାସ୍ଥଳରେ ବିଦ୍ୟୁତ୍ ଓ ବନବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ପରସ୍ପରକୁ ଦୋଷାରୋପ କରିଛନ୍ତି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ଉକ୍ତ ଜଙ୍ଗଲ ମଧ୍ୟରେ ଏକ ମାଈ ହାତୀର ଗଳିତ ମୃତଦେହ ପଡ଼ିଥିବା ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ହାତୀଟି ମରିପଡ଼ିଥିବା ସ୍ଥାନରେ ଏକ ୩୩ କେଭି ବିଦ୍ୟୁତ୍ ଖୁଣ୍ଟ ରହିଥିବା ବେଳେ ଉକ୍ତ ଖୁଣ୍ଟର ଷ୍ଟେ ତାରଟି ହାତୀ ପାଦ ପାଖରେ ଲାଗିଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଏବଂ ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ଜେନା ପହଞ୍ଚିଥିଲେ। ହାତୀଟି ପ୍ରାୟ ୨୫ ଦିନ ହେବ ମରିପଡ଼ିଥିବା ବେଳେ ଶରୀରର ଅଧାରୁ ଅଧିକ ଅଂଶ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ବୋଲି ଡିଏଫଓ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ଏହି ଅଭିଯୋଗକୁ ଖଣ୍ଡନ କରିବା ସହିତ ଏହା ବିଦ୍ୟୁତ୍ ଆଘାତ ଜନିତ ମୃତ୍ୟୁ ନୁହେଁ ବୋଲି ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚେଙ୍ଗଯୋଡ଼ାର ମୁଖ୍ୟ ରାସ୍ତାଠାରୁ ମାତ୍ର ୧୦୦ ମିଟର ଦୂରରେ ଉକ୍ତ ହାତୀ ମରିପଡ଼ିଥିଲେ ମଧ୍ୟ ବନ ବିଭାଗ ପାଖରେ କୌଣସି ସୂଚନା ନ ରହିବା ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତବର୍ଷ ଜିଲାରେ ୫ ହାତୀଙ୍କ ମୃତ୍ୟୁ ହୋଇଥିବାରୁ ପ୍ରାଣୀପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗତ କିଛି ମାସ ହେଲା ଉକ୍ତ ଅଞ୍ଚଳରେ ହାତୀମାନଙ୍କ ଉପଦ୍ରବ ଲାଗି ରହିଥିଲା। ଉକ୍ତ ରେଞ୍ଜ ଅଞ୍ଚଳରେ ସମୁଦାୟ ୪୯ ହାତୀ ଥିବା ବେଳେ ଉକ୍ତ ଜଙ୍ଗଲରେ ୨୪ ହାତୀ ବୁଲୁଛନ୍ତି।



# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରଥମାଷ୍ଟମୀ ଯାତ୍ରା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାର ନିଦର୍ଶନ ସ୍ୱରୂପ ଶ୍ରୀମନ୍ଦିରରେ ପାଳନ ହୋଇଥାଏ ବାରମାସରେ ତେରପର୍ବ। ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ପାଳିତ ହୋଇଥାଏ ପ୍ରଥମାଷ୍ଟମୀ ବା ପୋଢୁଆଁଷ୍ଟମୀ ପର୍ବ। ଭାବର ଠାକୁର ଭାବବିନୋଦିଆ କାଳିଆ ଦିଅଁ ବିଶ୍ୱବାସୀଙ୍କୁ ଚେତାଇ ଦିଅନ୍ତି, ମାମୁଘର ହେଉଛି ଅଷ୍ଟମୀବନ୍ଧୁ, ମାନେ ସବୁଠୁ ବଡ଼ବନ୍ଧୁ। ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କର ଜନ୍ମବେଦି,ମାଉସୀଘର,ଅଜାଘର ଓ ଶ୍ୱଶୁରଘର ମଧ୍ୟ ଅଛି। ଜଗତର ନାଥ ଶ୍ରୀ ଜଗନ୍ନାଥ ହେଉଛନ୍ତି ଚତୁଃବର୍ଗ ଫଳଦାତା, ଦୁଃଖ ହରଣକାରୀ ଭାଗ୍ୟନିୟନ୍ତା। ମାଗିଲେ ଦିଅନ୍ତି ଓ ଯାଚିଲେ ନିଅନ୍ତି। ୧୨୨୬ ଖ୍ରୀଷ୍ଟାବ୍ଦରେ ତୃତୀୟ ଅନଙ୍ଗ ଭୀମଦେବଙ୍କ ଦ୍ୱାରା ପୁରୀ ଶ୍ରୀମନ୍ଦିର ଶୈଳୀରେ ନିର୍ମିତ ହୋଇଛି ଶ୍ରୀମାଧବାନନ୍ଦଜୀଉ ମନ୍ଦିର। ଏହା ପୁଣ୍ୟତୋୟା ପ୍ରାଚୀନଦୀ କୂଳରେ ଅବସ୍ଥିତ।

ଆଜକୁ ୫ବର୍ଷ ହେବ ମହାପ୍ରଭୁଙ୍କ ପାଇଁ ମାଧବ ମନ୍ଦିରରୁ ପୋଢୁଆଁଷ୍ଟମୀ ଭାର ଯାଉଛି। ନିଆଳି ମାଧବାନନ୍ଦ ଠାକୁର ମହାପ୍ରଭୁଙ୍କ ମାମୁଘର। ଆଗରୁ ଏହି ପୋଢୁଆଁଷ୍ଟମୀ ଭାର ମାଧବ କ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ଯଥାବିଧି ଯାଉଥିଲା। ସମ୍ଭବତଃ କଳାପାହାଡ଼ ଆକ୍ରମଣ ସମୟରୁ ପ୍ରଥମାଷ୍ଟମୀ ପ୍ରଥା ବନ୍ଦ ଥିଲା। ପୁଣି ତାଙ୍କର କୃପାଦୃଷ୍ଟିରେ ପୂର୍ବ ପରମ୍ପରା ଫେରିଆସିଛି ସମଗ୍ର ବିଶ୍ୱରେ ଚହଳ ପକେଇ ପୋଢୁଆଁ ଭାର ଯାଉଛି ଶ୍ରୀକ୍ଷେତ୍ରକୁ।

ଇନ୍ଦ୍ରନୀଳମଣି ପୁରାଣରୁ ସଂଗୃହୀତ ପଦ୍ମଶ୍ରୀ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଦ୍ୱାରା ରଚିତ: ଏକଦା ଶ୍ରୀକ୍ଷେତ୍ରରେ ଇନ୍ଦ୍ରନୀଳମଣି ବିଗ୍ରହ ମାଧବ ରୂପରେ ପୂଜା ପାଉଥିଲେ। କୌଣସି କାରଣବଶତଃ ସେଠାରୁ ମାଧବ ବିଗ୍ରହ ପ୍ରାଚୀ ତଟସ୍ଥ ଅରୁନ୍ଧତୀ ପୁରରେ ଗୋପନରେ ପୂଜା କରାଗଲା, ଯେଉଁଥିପାଇଁ ନିଆଳି ସ୍ଥିତ ମାଧବ କ୍ଷେତ୍ରକୁ ଅରୁନ୍ଧତୀପୁର ନାମରେ ନାମିତ କରାଗଲା। ଆମେରିକୀୟ ଐତିହାସିକ ଚାର୍ଲସ୍ ଫାବ୍ରିକ୍ ପ୍ରାଚୀ ଉପତ୍ୟକାକୁ ସର୍ବପୁରାତନ ସଭ୍ୟତା ବୋଲି ପ୍ରମାଣିତ କରିଛନ୍ତି। ଶୂଦ୍ରମୁନୀ ସାରଳା ଦାସଙ୍କ ରଚିତ ମହାଭାରତର ସ୍ୱର୍ଗାରୋହଣ ପର୍ବରେ ଭୀମଙ୍କ ଦ୍ୱାରା ଭୌମାସୁର ନିପାତ ପରେ ଧର୍ମରାଜ ଯୁଧିଷ୍ଠିରଙ୍କ ଦ୍ୱାରା ଏହି ବିଗ୍ରହ ଉଦ୍ଧାର ହୋଇ ମାଧବରେ ପୂଜା କରାଯାଇଥିଲା। ଏହି ଦିନଟି ହେଉଛି ମାଘ ମାସ ଶୁକ୍ଳପକ୍ଷ ବଡ଼ ଏକାଦଶୀ। ବହୁ ଦୂରଦୂରାନ୍ତରୁ ମାନସିକଧାରୀ ଶ୍ରଦ୍ଧାଳୁମାନେ ପୁଣ୍ୟତୋୟା ପ୍ରାଚୀ ନଦୀରେ ବୁଡ଼ ପକାଇ ଶ୍ରୀମାଧବଙ୍କୁ ଦର୍ଶନକରି ମନସ୍କାମନା ପୂରଣ କରିଥାନ୍ତି। ଏବେ ବି ଭୈମୀ ଏକାଦଶୀ ଶ୍ରୀ ଶ୍ରୀ ମାଧବାନନ୍ଦ ଜୀଉ ପୀଠରେ ପ୍ରତିବର୍ଷ ପାଳିତ ହୋଇ ଆସୁଛି। ମାଧବ ମନ୍ଦିରର ଆରାଧ୍ୟ ଶ୍ରୀମାଧବାନନ୍ଦ ନାରାୟଣ ଓ ବିଷ୍ଣୁମୂର୍ତ୍ତି ହସ୍ତରେ ଶଙ୍ଖ,ଚକ୍ର,ଗଦା,ପଦ୍ମ ଧାରଣ କରିଛନ୍ତି। ଏହା କଳାମୁଗୁନି ପଥରରେ ନିର୍ମିତ ଅଢ଼େଇଫୁଟ ଉଚ୍ଚତାର ମୂର୍ତ୍ତି। ୧୯୭୫ ମସିହାରେ ଇଂରାଜୀରେ ପ୍ରକାଶିତ ପ୍ରାଚୀ ଉପତ୍ୟକାର ପ୍ରତ୍ନତାତ୍ତ୍ୱିକ ସର୍ବକ୍ଷେଣରେ ନିଆଳି ମାଧବ ମନ୍ଦିର ବିଷୟରେ ବିସ୍ତୃତ ତଥ୍ୟାବଳୀ ପ୍ରକାଶିତ ହୋଇଥିଲା। ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପୁରୀ ଆଗମନ ସମୟରେ ସେ ଭୁବନେଶ୍ୱର ଅନନ୍ତ ବାସୁଦେବ ମନ୍ଦିରଠାରୁ କେନ୍ଦୁଲି ଗ୍ରାମ ଦେଇ ନିଆଳି, ମାଧବ, କାକଟପୁର ଓ କୋଣାର୍କ ଦେଇ ପୁରୀ ପହଞ୍ଚିଥିଲେ। ଭକ୍ତ କବି ଶ୍ରୀଜୟଦେବଙ୍କର ମଧ୍ୟ ନିଆଳି ସ୍ଥିତ ମାଧବାନନ୍ଦ ଜୀଉ ମନ୍ଦିର ଉପାସନା ପୀଠ ଥିଲା। ଲୋକକଥା ଆଧାରରେ ପ୍ରଥମାଷ୍ଟମୀ ନିମନ୍ତେ ଭାରୁଆମାନେ ଏହି ମାଧବ ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ ଠାକୁର ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନ ମହାପ୍ରଭୁଙ୍କ ପାଇଁ ନୂଆ ପାଟବସ୍ତ୍ର ସହ ବିରି,ଅରୁଆଚାଉଳ,ଗୁଡ଼,ନଡ଼ିଆ,ଘିଅ,ଧୂପ , ଦୀପ, ଫୁଲ,ତୁଳସୀ,ଚନ୍ଦନ,ଅଗୁରୁ ଇତ୍ୟାଦି ପୋଢୁଆଁଭାର କାନ୍ଧେଇ ଖାଲି ପାଦରେ ଚାଲି ଚାଲି ଶ୍ରୀକ୍ଷେତ୍ରରେ ପହଞ୍ଚାଉଥିଲେ। ମଣିଷ ଭଗବାନଙ୍କ ସୃଷ୍ଟି ,ଭଗବାନଙ୍କ ଦୃଷ୍ଟିରେ ନାଚାର କରୁଥିବା କାର୍ଯ୍ୟକୁ ବନ୍ଦ କରିଦେଇପାରେ। ପରମ୍ପରାକୁ ଭୁଲିଯାଇପାରେ। ମାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥ- ସେ ଅନାଦି,ଅନନ୍ତ,ଅବ୍ୟକ୍ତ, ଅବିନାଶୀ ଓ ଶାଶ୍ୱତ ପରଂବ୍ରହ୍ମ। ତାଙ୍କରି ଇଚ୍ଛାରେ ପବନ ପ୍ରବାହମାନ। ଭାଗବତରେ କୁହାଯାଇଛି:

''ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରି
ଯତ୍‌କୃପା ତମହଂ ବନ୍ଦେ ପୁରୁଷୋତ୍ତମ ମାଧବଂ।''

ଭାବର ଡୋରି ପୁଣି ଲାଗିଯାଇଛି ମାମୁଘରେ। ଅରୁନ୍ଧତୀପୁର ଆଜି ଉତ୍ସବମୁଖର। ସମଗ୍ର ମାଧବ ଅଞ୍ଚଳରେ ଆନନ୍ଦର ନନ୍ଦ ଉତ୍ସବ। ପୋଢୁଆଁଭାର ଯିବ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ। ପୁଣ୍ୟତୋୟା ପବିତ୍ର ପ୍ରାଚୀ ନଦୀ ଆନନ୍ଦ ଅଧୀରା। ତା' ତଟର ଦୂବ, ତା' ବାଡ଼ିର ନଡ଼ିଆ, ତା' ପଠାର ବିରି, ଅରୁଆଚାଉଳ,ଘିଅ ସବୁ ପ୍ରଭୁଙ୍କୁ ସମର୍ପଣ ହେବ। କେତେ ଭାଗ୍ୟ ଆହାଃ। ପ୍ରାଚୀ ମାଧବ ଶ୍ରୀକ୍ଷେତ୍ର ତ୍ରିବେଣୀ ସଙ୍ଗମ ସମ ପୁଣି ପୋଢୁଆଁଷ୍ଟମୀ ଭାର। ସମସ୍ତ ଅଞ୍ଚଳର ଦାଣ୍ଡଦୁଆରେ ମୁରୁଜରେ ଶୁଭକଳସ ସ୍ଥାପନ ହେବ। ସମସ୍ତ ଭକ୍ତ ମାଧବଜୀଉଙ୍କ ସେବାୟତ ,ମାଧବାନନ୍ଦ ଜୀଉ ଟ୍ରଷ୍ଟ ସମସ୍ତେ ଭାବ ବିହ୍ୱଳିତ। ମାମୁଘର ପୁଣି ମହାପ୍ରଭୁଙ୍କ ମାମୁଘର। ଏଠୁ ମହା ଆଡମ୍ବରରେ ଯିବ ପୋଢୁଆଁଷ୍ଟମୀ ଭାର। ସମସ୍ତ ଭକ୍ତବନ୍ଧୁଙ୍କୁ ଶୁଣେଇ ଶୁଣେଇ ମୃଦଙ୍ଗ,ଝାଞ୍ଜ,ଘଣ୍ଟଘଣ୍ଟା କାହାଳୀ, ହରିବୋଲି, ହୁଳହୁଳି ଧ୍ୱନି ଗଗନ ପବନକୁ ନିଦାଦିତ କରୁଛି- ଆମେ ପ୍ରଭୁଙ୍କ ସେବାରେ ସମର୍ପିତ। ସେଦିନ ଶବରୀ ଶ୍ରମଣାର ଅଇଁଠାଫଳ ପ୍ରଭୁ ସ୍ୱୟଂ ଖାଇଥିଲେ। ଭକ୍ତ ଦାସିଆ ବାଉରି ହାତରୁ ନଡ଼ିଆ ନେଇଥିଲେ। ଆଜି ଆମ ପୋଢୁଆଁଷ୍ଟମୀ ଭାର ବିଭୁପ୍ରେମର ଏକ ନିଚ୍ଛକ ନିଆରା ଉଦାହରଣ।

ମାଧବକ୍ଷେତ୍ରରେ ପୂଜା ପରମ୍ପରା ଶ୍ରୀକ୍ଷେତ୍ରର ପୂଜା ପରମ୍ପରା ସହ ପ୍ରାୟ ସମାନ। ଏଠି ମଧ୍ୟ ଛତିଶାନିଯୋଗ ରହିଅଛି। ଏଠାରେ ପୂଜାକରୁଥିବା ବ୍ରାହ୍ମଣମାନଙ୍କୁ ପଶୁପାଳକରୁ ପୁଷ୍ପାଳକ ଆଖ୍ୟା ଦିଆଯାଇଛି। ପଶୁ ଅର୍ଥ ଇନ୍ଦ୍ରିୟ। ଇନ୍ଦ୍ରିୟମାନଙ୍କୁ ଦମନ କରିଥିବାରୁ ସେମାନେ ହିଁ ଏଠାରେ ପୂଜା କରିବାର ସୁଯୋଗ ପାଇଛନ୍ତି। ଶ୍ରୀମାଧବ କ୍ଷେତ୍ରର ମହିମା, ଶ୍ରୀମାଧବାନନ୍ଦ ଜୀଉଙ୍କ ମହିମା ଓଡ଼ିଶାର ପୁରପଲ୍ଲୀରେ ବିଖ୍ୟାତ। ଏବେ ବି ଓଡ଼ିଶାର ପୁରପଲ୍ଲୀରେ ମାଙ୍ଗଳିକ କାର୍ଯ୍ୟରେ ମନ୍ତ୍ରୋଚାରଣ ହୁଏ:

ମାଧବୋ ମାଧବୋ ବିଷ୍ଣୁ
ମାଧବୋ ମାଧବୋ ହରିଃ
ସ୍ମରନ୍ତି ସାଧବଃ ନିତ୍ୟ
ସର୍ବ କାର୍ଯ୍ୟେଷୁ ମାଧବ।

– ପୀତାମ୍ବର ରାଉତ
ଆବାହକ, ଓଡ଼ିଶା
ବାୟାଚଢ଼େଇ ସୁରକ୍ଷା ଅଭିଯାନ
ନିଆଳି,କଟକ
ମୋ- ୯୯୩୭୬୬୨୧୮୭


ଅଭିନନ୍ଦନ
ନିରପେକ୍ଷ, ସତ୍ୟ ଖବର ପ୍ରକାଶିତ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ବଡ଼ମ୍ବା ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଚିତ୍ତରଂଜନ ପ୍ରଧାନ
ସଭାପତି,ପ୍ରାଥମିକ ଶିକ୍ଷକ ସଂଘ,ବଡ଼ମ୍ବା ବ୍ଲକ,କଟକ

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଙ୍ଗଳ କାମନା କରିବା ସହ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି ।
ଖୁଣ୍ଟା ସରକାରୀ ଉଚ୍ଚବିଦ୍ୟାଳୟ
ପରିଚାଳନା କମିଟି

ଅଭିନନ୍ଦନ
ନିରପେକ୍ଷ ଖବରକାଗଜ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରଙ୍କୁ ଅଭିନନ୍ଦନ ଜଣାଇବା ସହିତ ବଡ଼ମ୍ବା ମଣ୍ଡଳ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ।

ପ୍ରକାଶ ଚନ୍ଦ୍ର ମତଗଜସିଂହ
ମଣ୍ଡଳ ଶିକ୍ଷା ଅଧିକାରୀ,ବଡ଼ମ୍ବା ବ୍ଲକ, କଟକ

ଅଭିନନ୍ଦନ
ଚଳିତ ବର୍ଷ ଧରିତ୍ରୀ ୫୦ ବର୍ଷରେ ପଦାର୍ପଣ କରିଛି । ଧରିତ୍ରୀ ଏକ ନିର୍ଭୀକ ଦୈନିକ ଓଡ଼ିଆ ଖବରକାଗଜ ଭାବେ ସୁନାମ ଅର୍ଜନ କରିଛି । ଏହାର ଜନ୍ମବାର୍ଷିକ ପାଳନ ଅବସରରେ ମୁଁ ବାହାନଗା ବ୍ଲକର ସମସ୍ତ ଜନସାଧାରଣମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଅଣାକାର ଯେନା
ବାହାନଗା ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣ ତଥା ସୋର ନିର୍ବାଚନ ମଣ୍ଡଳୀର ବାହାନଗା ବ୍ଲକର ୨୪ଟି ପଞ୍ଚାୟତର ସମସ୍ତ ଜନସାଧାରଣମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟମାନଙ୍କୁ ଅଭିନନ୍ଦନ ।

ବିଶ୍ୱନାଥ ମିଶ୍ର
ବାହାନଗା ବ୍ଲକ ଅଧ୍ୟକ୍ଷ

ଅଭିନନ୍ଦନ
ନିରପେକ୍ଷ ଖବରକାଗଜ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ପାଳନ ଅବସରରେ ବଡ଼ମ୍ବା ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ୩୮ ଗୋଟି ଗ୍ରାମପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ, ଭାଇଭଉଣୀଙ୍କ ସମେତ ସମସ୍ତ ଜନସାଧାରଣଙ୍କୁ ମୋର ଅଭିନନ୍ଦନ ।

ରଘୁପତି ମହାନ୍ତି
ଅଧ୍ୟକ୍ଷ, ବଡ଼ମ୍ବା ପଞ୍ଚାୟତ ସମିତି, ବଡ଼ମ୍ବା, କଟକ

ଅଭିନନ୍ଦନ
ସଭିଙ୍କ ମନଛୁଆଁ ଖବରକାଗଜ ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ।
ଡ.ସୁଚିସ୍ମିତା ମହାନ୍ତି
ଅଧ୍ୟକ୍ଷା, ମୋହନ ସୁବୁଦ୍ଧି ମହାବିଦ୍ୟାଳୟ,ବଡ଼ମ୍ବା, କଟକ

ଅଭିନନ୍ଦନ
ଧରିତ୍ରୀ ଦୀର୍ଘ ୫୦ ବର୍ଷ ଅତିକ୍ରମ କରିବା ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଥିବା ଜାଣି ମୁଁ ଅତ୍ୟନ୍ତ ଖୁସି । ଧରିତ୍ରୀ ଏକ ନିର୍ଭୀକ ଖବରକାଗଜ ଭାବେ ପରିଚିତ । ତେବେ ସେହି ଖବରକାଗଜର ୫୦ତମ ଜୟନ୍ତୀ ପାଳନ ଅବସରରେ ମୁଁ ଅଭିନନ୍ଦନ ଜଣାଉଛି ।

ସଞ୍ଜୟ କୁମାର ସାହୁ

Child in Need Institute (CINI)
A learning organisation
CINI, a leading Indian NGO, is dedicated for the well-being of women, children, and adolescents by fostering positive behavioral change in the domain of health, nutrition, education, and protection, within communities. In line with this commitment, CINI has developed 16 recipe videos on food compendium which are available on the W&CD,Odisha website. Additionally, 32 animated videos addressing First 1000 days of life, adolescent health, and non-communicable diseases have been developed for positive behavior change of community as well as for incremental learning of Anganwadi workers which are

conveniently accessible on Rayagada district website intendingwidespread knowledge dissemination among all for a healthy living.

ଅଭିନନ୍ଦନ
ଓଡ଼ିଆ ଖବରକାଗଜ ଦୈନିକ ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଅବସରରେ ଶଙ୍ଖାମେରୀ ଗ୍ରାମପଞ୍ଚାୟତର ଗୁରୁଜନ, ମା, ଭାଇ ଭଉଣୀ ତଥା ପଞ୍ଚାୟତବାସୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ।

ଜ୍ୟୋତ୍ସ୍ନାମୟୀ ବିଶ୍ୱାଳ
ସରପଞ୍ଚ, ଶଙ୍ଖାମେରୀ ଗ୍ରାମପଞ୍ଚାୟତ, ବଡ଼ମ୍ବା, କଟକ

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ରସୁଲପୁର ପଞ୍ଚାୟତ ସମିତି ଅନ୍ତର୍ଗତ ୨୮ଗୋଟି ପଞ୍ଚାୟତର ଜନସାଧାରଣଙ୍କର ସୁଖ, ଶାନ୍ତି ସମୃଦ୍ଧି ଓ ପ୍ରଗତି କାମନା କରୁଅଛି । ସମଗ୍ର ରାଜ୍ୟରେ ରସୁଲପୁର ବ୍ଲକକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ବ୍ଲକ ଭାବରେ ପରିଗଣିତ କରିବା ପାଇଁ ସର୍ବଦା ଚେଷ୍ଟା ଜାରି ରଖିବି ।


ଅରୁଣ କୁମାର ରାଉତ
ଅଧ୍ୟକ୍ଷ, ରସୁଲପୁର ପଞ୍ଚାୟତ ସମିତି, ଯାଜପୁର ଜିଲା

ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ 'ଧରିତ୍ରୀ' ପରିବାରର ସମସ୍ତଙ୍କର ମଙ୍ଗଳ କାମନା କରୁଛି ।
ଗ୍ରାମୀଣ ଏକତା ମଞ୍ଚ ଏକ ଅନୁଷ୍ଠାନ ନୁହେଁ, ସମାଜସେବା କ୍ଷେତ୍ରରେ ବିପ୍ଳବ!
GRAMIN EKTA MANCH FOUNDATION ★ WE WANT TO DO SOMETHING ★

ସମାଜରେ ଅସହାୟ, ଦୁସ୍ଥ, ଅବହେଳିତ ଅବସ୍ଥାରେ କାଳାତିପାତ କରୁଥିବା ପରିବାରର ଲୋକମାନଙ୍କୁ ସହାୟତାର ହାତ ବଢ଼ାଇବା ଅନୁଷ୍ଠାନର ମୂଳ ଲକ୍ଷ୍ୟ । ଏହି କାର୍ଯ୍ୟ ଉପାନ୍ତ ଗାଁରୁ ଆରମ୍ଭ କରି ଦେଶବିଦେଶର କୋଣ ଅନୁକୋଣରେ ଜାରି ରହିଛି । ଅସହାୟଙ୍କ ନିକଟରେ ସେବା ପହଞ୍ଚାଇବାକୁ ଅନୁଷ୍ଠାନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି । ଗ୍ରାମାଞ୍ଚଳର ଗରିବ ଶ୍ରେଣୀର ଲୋକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ଉଦ୍ଦେଶ୍ୟରେ ଗ୍ରାମୀଣ ଏକତା ମଞ୍ଚ ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ଆଗେଇ ଚାଲୁଛି । ଜଗତର ନାଥ ଜଗନ୍ନାଥଙ୍କ ଆଶିଷରୁ ଗ୍ରାମୀଣ ଏକତା ମଞ୍ଚ ସେବା କ୍ଷେତ୍ରରେ ଏକ ସଶକ୍ତ ଅନୁଷ୍ଠାନରେ ପରିଣତ ହେବା ଦିଗରେ ଆପଣମାନଙ୍କର ଆଶିଷ ଏକାନ୍ତ କାମ୍ୟ ।
ଅଭିମନ୍ୟୁ ସାହୁ
ସଭାପତି, ଗ୍ରାମୀଣ ଏକତା ମଞ୍ଚ କଲଣ, ରସୁଲପୁର ବ୍ଲକ, ଜିଲା- ଯାଜପୁର

ଅଭିନନ୍ଦନ
ଧରିତ୍ରୀ ଖବରକାଗଜ ୫୦ ବର୍ଷରେ ପଦାର୍ପଣ କରିଥିବା ସହିତ ୫୦ତମ ସ୍ୱନକ୍ଷତ୍ର ପାଳନ ଅବସରରେ ଗୋପିନାଥପୁର ଗ୍ରାମପଞ୍ଚାୟତର ସମସ୍ତ ଅଧିବାସୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ।

ଯଯାତି କେଶରୀ ନାୟକ
ସରପଞ୍ଚ, ଗୋପିନାଥପୁର ଗ୍ରାମପଞ୍ଚାୟତ,ବଡ଼ମ୍ବା, କଟକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମ ବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବାହାନଗା ବ୍ଲକର ଜନସାଧାରଣମାନଙ୍କୁ ଏହି ଅବସରରେ ଅଭିନନ୍ଦନ ଜଣାଉଛି । ପ୍ରଭୁ ଜଗନ୍ନାଥ ଧରିତ୍ରୀ ଖବରକାଗଜକୁ ଆହୁରି ଅଧିକ ଶକ୍ତି ଦିଅନ୍ତୁ । ସମସ୍ତ ଜନସାଧାରଣମାନଙ୍କୁ ଭଲରେ ରଖନ୍ତୁ ।
ସରସ୍ୱତୀ ଧଡା

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ବରୀ ନିର୍ବାଚନମଣ୍ଡଳୀରେ ରସୁଲପୁର ବ୍ଲକରେ ସାମିଲ ହୋଇଥିବା ୧୦ଗୋଟି ପଞ୍ଚାୟତ ମଧ୍ୟରୁ ରାଉତରାପୁର, ବ୍ରହ୍ମବରଦା, ମଙ୍ଗରାଜପୁର, ମହେଶ୍ୱରପୁର, ପ୍ରଥମାଖଣ୍ଡି, ଅତଲାପୁର, ଅର୍ଥଗାଁ, ବନ୍ଧଡିହ ଗ୍ରାମ ପଞ୍ଚାୟତବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତି କାମନା କରୁଅଛୁ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ପଞ୍ଚାୟତର ଜନସାଧାରଣଙ୍କର ମଙ୍ଗଳ ହେଉ । ପ୍ରତ୍ୟେକ ଗାଁକୁ ସଶକ୍ତ ଓ ସମୃଦ୍ଧ କରିବା ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଯାଜପୁର ସାଂସଦ ଓ ବରୀ ବିଧାୟିକାଙ୍କ ସାହାଯ୍ୟ, ସହଯୋଗ, ଆଶୀର୍ବାଦ ସର୍ବଦା ରହିଥାଉ ।


ଶ୍ରୀମତୀ ସ୍ୱର୍ଣ୍ଣଲତା ସାହୁ, ସରପଞ୍ଚ, ରାଉତରାପୁର ଗ୍ରାମ ପଞ୍ଚାୟତ
ଶ୍ରୀମତୀ ମମତା ଶୁଭଦର୍ଶିନୀ ଦେଓ, ସରପଞ୍ଚ, ବ୍ରହ୍ମବରଦା ଗ୍ରାମ ପଞ୍ଚାୟତ
ଶ୍ରୀମତୀ ଜୟନ୍ତୀ ସାହୁ, ସରପଞ୍ଚ, ମଙ୍ଗରାଜପୁର ଗ୍ରାମ ପଞ୍ଚାୟତ
ଶ୍ରୀମତୀ ଝରଣା ପାତ୍ର, ସରପଞ୍ଚ, ମହେଶ୍ୱରପୁର ଗ୍ରାମ ପଞ୍ଚାୟତ
ଶ୍ରୀମତୀ ଦୁର୍ଗା ଦାସ, ସରପଞ୍ଚ, ପ୍ରଥମାଖଣ୍ଡି ଗ୍ରାମ ପଞ୍ଚାୟତ
ବିକ୍ରମ ବେହେରା, ସରପଞ୍ଚ, ବନ୍ଧଡିହ ଗ୍ରାମ ପଞ୍ଚାୟତ
ଶ୍ରୀମତୀ ପ୍ରତିଭା ମଲ୍ଲିକ, ସରପଞ୍ଚ, ଅର୍ଥଗାଁ ଗ୍ରାମ ପଞ୍ଚାୟତ
ଅନଶା ଜସର, ସରପଞ୍ଚ, ଅତଲାପୁର ଗ୍ରାମ ପଞ୍ଚାୟତ

# ଭବିଷ୍ୟତ ଗଢ଼ନ୍ତୁ

**ପିଲାଙ୍କୁ ଲାଳନପାଳନ କରି ଭବିଷ୍ୟତ ଗଢ଼ିବାକୁ ହେଲେ ଛୋଟବେଳୁ ଅନୁଶାସନ ସହିତ ସେମାନଙ୍କ ମନସ୍ତତ୍ତ୍ୱକୁ ମଧ୍ୟ ବୁଝିବାକୁ ହେବ।**



- ପିଲାଙ୍କ ଉପରେ ନିଜ ଇଚ୍ଛାକୁ ଲଦିବାକୁ ଚେଷ୍ଟା କରନ୍ତୁ ନାହିଁ। ବରଂ ସେମାନଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ସମର୍ଥନ କରି ଖୁସିରେ ଜୀବନ ବିତାନ୍ତୁ।
- ବେଳେ ବେଳେ ଅଭିଭାବକମାନେ ନିଜେ ପୂରା କରିପାରି ନ ଥିବା ସ୍ୱପ୍ନକୁ ପିଲାଙ୍କ ମାଧ୍ୟମରେ ସାକାର କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏପରି ନ କରି ପିଲାମାନେ କ'ଣ କରିବାକୁ ଚାହୁଁଛନ୍ତି ସେକଥା ବୁଝିବାକୁ ଚେଷ୍ଟା କରନ୍ତୁ। ସେମାନଙ୍କ ସ୍ୱପ୍ନକୁ ପୂରା କରିବା ପାଇଁ ସବୁ ପ୍ରକାର ସହଯୋଗ କରନ୍ତୁ।
- ଛୋଟବେଳରୁ ପିଲାମାନେ ଯେ ସବୁ ଶିଖିଯିବେ ସେକଥା ଅଭିଭାବକମାନେ ଭାବିବା ଠିକ୍ ନୁହେଁ। ଶିଖିବାର ଏକ ନିର୍ଦ୍ଦିଷ୍ଟ ବୟସ ଥାଏ। ସେଥିପାଇଁ ଅପେକ୍ଷା କରିବାକୁ ହେବ। ତେଣୁ ପିଲାଙ୍କୁ ଛୋଟ ବୟସରେ ସବୁ କରିବା ପାଇଁ ଚାପ ପକାନ୍ତୁ ନାହିଁ।
- ପିଲା ଛୋଟବେଳରୁ ଯେଉଁ ପରିବେଶରେ ବଡ଼ ହୁଏ ସେହି ଅନୁସାରେ ତା'ର ଭବିଷ୍ୟତ ଗଢ଼ିହୁଏ। ତେଣୁ ପିଲାଙ୍କୁ ଛୋଟବେଳେ ଏକ ସୁନ୍ଦର ହସଖୁସି ଭରା ପରିବେଶରେ ବଢ଼ିବାକୁ ଦିଅନ୍ତୁ।
- ପିଲାଙ୍କ ସହ ସାଙ୍ଗ ଭଳି ମିଶନ୍ତୁ। ଅଭିଭାବକମାନେ ପିଲାଙ୍କ ସହ ସାଙ୍ଗ ଭଳି ବ୍ୟବହାର କଲେ ସେମାନେ ବାହାର ପିଲାଙ୍କ ସହ କମ୍ ମିଶିବେ। ପିଲାମାନେ ବି ଅଭିଭାବକଙ୍କୁ ନିଜର ସାଙ୍ଗ ଭଳି ମନର ସବୁ କଥା ଶେୟାର କରିପାରିବେ। ତେଣୁ ଏକ ସମୟରେ ପିଲାଙ୍କୁ ବାପାମା'ଙ୍କର ସ୍ନେହ ମିଳିବା ସହ ପିଲାମାନେ କୌଣସି ଭୁଲ୍ କାମ କରିବା ପୂର୍ବରୁ ତାଙ୍କୁ ଠିକ୍ ରାସ୍ତାକୁ ଆଣିବାର ସୁଯୋଗ ପାଇପାରିବେ।

# କୁହନ୍ତୁନି, ଶୁଣନ୍ତୁ

**କୌଣସି ଏକ ଦକ୍ଷତାଠାରୁ କମ୍ ନୁହେଁ ଧୈର୍ଯ୍ୟର ସହ ଶୁଣିବା। ସମ୍ପର୍କ ମଜଭୁତ କରିବା କ୍ଷେତ୍ରରେ କହିବା ବଦଳରେ ଶୁଣିବା ହିଁ ଅଧିକ ଫଳପ୍ରଦ। ତେଣୁ ଏହି କଳାକୁ ଜାଣିବା ସବୁ ଗୃହିଣୀଙ୍କ ପାଇଁ ନିହାତି ଜରୁରୀ।**



ଅନେକଙ୍କର କହିବାର ଅଭ୍ୟାସ ଥାଏ, କିନ୍ତୁ ସେମାନେ ଶୁଣିବା ପାଇଁ ଧୈର୍ଯ୍ୟ ହରାଇ ବସନ୍ତି। ମାତ୍ର ପରିବାରରେ ସବୁ ସମ୍ପର୍କକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ସମସ୍ତଙ୍କ କଥା ଶୁଣିବା ନିହାତି



ଜରୁରୀ। ଶୁଣିବାର କଳା ହିଁ ଅନେକ ସମସ୍ୟାର ସମାଧାନ କରିଥାଏ। ପ୍ରକୃତରେ ଦେଖିବାକୁ ଗଲେ କହିବାଠାରୁ ଶୁଣିବା ଭଲ। ଗୃହିଣୀଙ୍କ ପାଇଁ ଏହା ଗୁରୁମନ୍ତ୍ର ଭଳି। ସମ୍ପର୍କ ଦୃଢ଼ ହେବ ଆଉ ସମସ୍ୟା ରହିବ ନାହିଁ। ଏସବୁ ଦୃଷ୍ଟିରୁ ବିଚାର କରି ସେମାନେ ଶୁଣିବାର କଳାକୁ ଆପଣାଇ ନିଅନ୍ତି।

**ବୁଝାମଣା ରକ୍ଷାକରେ:** ପରିବାର ଭିତରେ ଜୀବନସାଥୀ ହୁଅନ୍ତୁ ଅବା ଅନ୍ୟ କୌଣସି ସଦସ୍ୟ ତାଙ୍କ କଥାକୁ ଭଲଭାବେ ଶୁଣିବା ଫଳରେ ପରସ୍ପର ମଧ୍ୟରେ ବୁଝାମଣା ଭଲ ରହିଥାଏ। କଥାରୁ ହିଁ ତାଙ୍କ ମନୋଭାବ ବୁଝିହେବ। ଶୁଣିବାର ଅଭ୍ୟାସ ରହିଲେ ହିଁ ତାଙ୍କୁ ଭଲଭାବେ ବୁଝିହେବ ଓ ଆବଶ୍ୟକ ସମୟରେ ସାହାଯ୍ୟ ବି କରିହେବ। ତେଣୁ ସମ୍ପର୍କ ସୁରକ୍ଷିତ ରଖିବା ପାଇଁ ଶୁଣିବା ଏକ ଭଲ ଅଭ୍ୟାସ।

**ସମ୍ପର୍କ ମଜଭୁତ କରେ:** ଜଣଙ୍କ ସହ ସମ୍ପର୍କ ମଜଭୁତ କରିବା ପାଇଁ ହେଲେ ତାଙ୍କ ବିଷୟରେ ଅଧିକ ଜାଣିବା ଦରକାର। ତାଙ୍କଠାରୁ ହେଉ ଅବା ଅନ୍ୟ କାହାଠାରୁ ତାଙ୍କ ବିଷୟରେ ଅଧିକ କିଛି ଶୁଣିବା ଦ୍ୱାରା ହିଁ ଏହା ସମ୍ଭବ ହୋଇଥାଏ। ତେଣୁ ଧୈର୍ଯ୍ୟର ସହ ସବୁ କଥା ଶୁଣିଲେ ସାଥୀ ବା ସମ୍ପର୍କୀୟଙ୍କୁ ଭଲଭାବେ ଜାଣିପାରିବେ।

**ସମସ୍ୟା ସମାଧାନ:** ଶୁଣିବାର କଳା ଜାଣିଥିଲେ ସବୁ ସମସ୍ୟାର ସମାଧାନ ମିଳିଥାଏ। ଏହି ମାଧ୍ୟମରେ ସମସ୍ତଙ୍କର ସମସ୍ୟା ଜାଣିହୁଏ। ଆଉ ଦରକାର ସମୟରେ ନିଜ ସାମର୍ଥ୍ୟ ଅନୁସାରେ ସାହାଯ୍ୟ ବି କରିହୁଏ। ତେଣୁ ସମସ୍ୟା ସମାଧାନ ରାସ୍ତା ବାହାରିବା ଦ୍ୱାରା ପରସ୍ପର ମଧ୍ୟରେ ସମ୍ପର୍କ ବେଶ୍ ନିବିଡ଼ ହୋଇପାରିବ। ବେଳେବେଳେ ସମସ୍ୟା ଥିବା ବ୍ୟକ୍ତି ନିଜର ଅସୁବିଧା ନେଇ କିଛି କହିପାରନ୍ତି ନାହିଁ। ତେଣୁ ସେଭଳି ସ୍ଥିତିରେ ତାଙ୍କଠାରୁ ସମସ୍ତ କଥା ଶୁଣିବା ପାଇଁ ପରିବେଶ ବି ସୃଷ୍ଟି କରିବାକୁ ହେବ।

**ଦ୍ୱନ୍ଦ୍ୱ ଦୂରକରେ:** ଅନେକ ସମସ୍ୟାରେ ଜଣକ ବିଷୟରେ ମନରେ ଭ୍ରାନ୍ତଧାରଣା ରହିଯାଇଥାଏ। ତେଣୁ ଶୁଣିବା ଦ୍ୱାରା ଆପଣ ପ୍ରକୃତ କଥା ବୁଝିବାକୁ ସମର୍ଥ ହୋଇପାରିବେ। ଯାହା ଫଳରେ ମନରେ ଥିବା ସମସ୍ତ ପ୍ରକାର ଦ୍ୱନ୍ଦ୍ୱ ଦୂର ହୋଇଯିବ ଓ ଭଲପାଇବା ବୃଦ୍ଧିପାଇବ। ଏମିତିକି ପରିବାର ଲୋକଙ୍କ ବ୍ୟତୀତ ସମ୍ପର୍କୀୟ କିମ୍ବା ବନ୍ଧୁମାନଙ୍କ ସହ ଏହି ଭାବରେ ଆପଣ ସମ୍ପର୍କ ଦୃଢ଼ କରିପାରିବେ।

**ସମ୍ମାନ ଓ ସାହସ:** ସବୁ ସମୟରେ ଅନ୍ୟର ସମସ୍ୟା ଓ ଘଟଣା ସବୁ ଶୁଣିବା ଫଳରେ ଆପଣ ଉଭୟ ମାନସିକ ଏବଂ ଶାରୀରିକଭାବେ ସାହାଯ୍ୟ କରିପାରିବେ। ଆପଣାର ମଣିଷଟିଏ ହୋଇ ସବୁବେଳେ ସମସ୍ତଙ୍କର ନିକଟତର ହୋଇପାରିବେ। ଯଥାସମ୍ଭବ ସାହାଯ୍ୟ ଓ ସମର୍ଥନ କରିବାର ସୁଯୋଗ ବି ପାଇପାରିବେ। ତେଣୁ ଏପରି କରି ଆପଣ ନିଜର ସମ୍ମାନ ବଢ଼ାଇପାରିବେ ଓ ନିଜର ନେତୃତ୍ୱ ନେବାର ଏକ ଅଧିକାର ବି ପାଇପାରିବେ। ଭବିଷ୍ୟତରେ ଏହି ଗୁଣ ଆପଣଙ୍କୁ ଅନେକ ସମ୍ମାନର ଅଧିକାରୀ କରିପାରିବ।

**ଆତ୍ମସଚେତନତା:** କଥା ଶୁଣିବାର ଏକ ସବୁଠୁ ଭଲ ଦିଗ ହେଉଛି ନିଜେ ସଚେତନ ହୋଇପାରିବେ। କମ୍ କହିବା ଓ ଅଧିକ ଶୁଣିବା ଫଳରେ ଆପଣ ଅନେକ ଦୃଷ୍ଟିରୁ ସଚେତନ ହୋଇପାରିବେ। ନିଜ ବ୍ୟବହାର ଓ କାମରେ ଭୁଲ୍ କମ୍ କରିବେ। ସବୁବେଳେ ଅନ୍ୟର ଦୃଷ୍ଟିରେ ନିଜର ଭୁଲ୍‌କୁ ମଧ୍ୟ ଦେଖି ସଚେତନ ହୋଇପାରିବେ। ତେଣୁ ନିଜକୁ ମାର୍ଜିତ କରିବା ପାଇଁ ଏହା ଏକ ସୁଯୋଗ ଆଣି ଦେଇଥାଏ କହିଲେ ଭୁଲ୍ ହେବ ନାହିଁ।

**ମନର କଥା ଶୁଣିବା:** ବେଳେବେଳେ ଚୁପ୍ ରହି ମନର କଥା ବି ଶୁଣିବା ଦରକାର। କାହିଁକିନା ଅନେକ ସମୟରେ ନିଜ ଅନ୍ତରାତ୍ମା କୌଣସି ଏକ ବିଷୟରେ ସଚେତନ କରାଇଥାଏ। କୌଣସି କାମ ପାଇଁ ମନରୁ ପ୍ରେରଣା ଆସିଥାଏ କିମ୍ବା ଭୁଲ୍ କାମ ହୋଇଥିଲେ ସେଥିପାଇଁ ପ୍ରତିରୋଧ ବି ଆସିଥାଏ। ତେଣୁ ଭୁଲ୍ ନିଷ୍ପତ୍ତି, ଖରାପ କାମ କରିବାଠାରୁ ଦୂରେଇ ରଖେ।

## ଏମାନେ କ'ଣ କରନ୍ତି



**ଆଗ ସବୁ କଥା ଶୁଣେ:** ଶାଶୁଘରେ ସମସ୍ତେ ମତେ ବହୁତ ଭଲପାନ୍ତି। ସେମାନେ ନିଜର ସବୁକଥା ମୋ ଆଗରେ ଶେୟାର କରନ୍ତି। କାହା କଥା ଅନ୍ୟ ଆଗରେ ପ୍ରକାଶ ନ କରି ସେମାନଙ୍କ ଅସୁବିଧାରେ ତାଙ୍କୁ ସାହାଯ୍ୟକରେ। ମୁଁ ମଧ୍ୟ ମୋର ସମସ୍ୟା ବିଷୟରେ ସ୍ୱାମୀଙ୍କ ସହ କଥା ହୁଏ କିନ୍ତୁ ତାଙ୍କର ମନ ଭଲ ନ ଥିଲେ କିଛି କହେନି। ସବୁବେଳେ ତାଙ୍କ କଥା ଆଗ ଶୁଣିବାକୁ ଚେଷ୍ଟାକରେ, ତା'ପରେ ତାଙ୍କ ମୁଡ୍ ଭଲ ଥିଲେ ମୋ କଥା କୁହେ। ଏଭଳି ଗୁଣ ପାଇଁ ଆମ ଘରେ ପ୍ରାୟତଃ ଗଣ୍ଡଗୋଳ ହୁଏନି ଓ ପରସ୍ପର ମଧ୍ୟରେ ଭଲପାଇବା ବହୁତ ଭଲ ରହିଛି।

*–ବିଶ୍ୱବନ୍ଦିତା ମହାନ୍ତି, ଗୃହିଣୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର*



**ନିଜକୁ ବଦଳାଇ ଦେଇଛି:** ପ୍ରଥମରୁ ବହୁତ ଗପୁଥିଲି। ପ୍ରତି କଥାରେ ମୁଣ୍ଡ ପୂରେଇବା ଭଳି କିଛି ନା କିଛି ମତ ଦେଉଥିଲି। କିନ୍ତୁ ଶାଶୁଘରେ ଏହି ଗୁଣ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବା ପରେ ଏବେ ନିଜକୁ ବଦଳାଇ ଦେଇଛି। ସବୁବେଳେ ଗପିବା ବଦଳରେ ସମସ୍ତଙ୍କ କଥା ଅଧିକ ଶୁଣୁଛି। ପରିବାରରେ ଶାନ୍ତି ବଜାୟ ରଖିବା ପାଇଁ ପ୍ରତି ଗୃହିଣୀ ନିଜକୁ ଏଭଳି କରିଦେବା ଦରକାର ବୋଲି ବୁଝିସାରିଛି। ସମୟ ସୁବିଧା ଦେଖି ନିଜର ସମସ୍ୟା କେବଳ ସ୍ୱାମୀଙ୍କ ଆଗରେ କୁହେ, କିନ୍ତୁ ପ୍ରଥମେ ତାଙ୍କ ସମସ୍ୟା ଶୁଣି କ'ଣ କହିବି ବିଚାରକରେ।

*–ସ୍ମୃତିରେଖା ପଟ୍ଟନାୟକ, ଗୃହିଣୀ, ସିଡିଏ, ସେକ୍ଟର–୬, କଟକ*





# ବେକିଂ ସୋଡ଼ାର କରାମତି

**ଘରେ ଲାଗିଥିବା ବିଭିନ୍ନ ଦାଗ ଦୂରକରିବା ପାଇଁ ବେକିଂ ସୋଡ଼ା ଅତ୍ୟନ୍ତ ଉପାଦେୟ। ତେବେ ଜାଣିରଖନ୍ତୁ ଏହାର ବ୍ୟବହାର।**




- ବାଥ୍‌ରୁମ୍ ସାୱାରରେ ସବୁବେଳେ ପାଣି ଲାଗି ରହୁଥିବାରୁ ସେଥିରେ କିଛିଦିନ ପରେ ଦାଗ ହୋଇଯାଏ। ତେଣୁ ବେକିଂ ସୋଡ଼ାରେ ଲିକ୍ୱିଡ୍ ସାବୁନ ମିଶାଇ ଲଗାନ୍ତୁ। ଏହାପରେ ବ୍ରଶ୍‌ରେ ଘଷନ୍ତୁ, ଦେଖିବେ ଧୀରେ ଧୀରେ ଏହି ସବୁ ଦାଗ ସଫା ହୋଇଯିବ।
- ବାଥ୍‌ରୁମ୍‌ର ନାଳ ଜାମ୍ ହୋଇ ଗନ୍ଧ ହେଉଥିଲେ ପ୍ରଥମେ ବେକିଂ ସୋଡ଼ାକୁ ପକାଇ ୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ଗରମ ପାଣି ଢାଳି ଦିଅନ୍ତୁ। ଜାମ୍ ହୋଇଥିଲେ ସଫା ହୋଇଯିବ।
- ରୋଷେଇ ଘରର ସବୁ ଦାଗ ଛଡ଼ାଇବାରେ ଏହା ବେଶ୍ ସହାୟକ। ରୋଷେଇ ଘର କିମ୍ବା ଗ୍ୟାସ୍ ଚୁଲା ସଫା କରୁଥିବା ସମୟରେ ବେକିଂ ସୋଡ଼ା ପକାଇଲେ ତାହା ଅତ୍ୟନ୍ତ ସୁନ୍ଦର ଦେଖାଯାଏ। ଭିନେଗାର ସହ ବେକିଂ ସୋଡ଼ା ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ କାନ୍ଥରେ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାପରେ ଏକ କପଡ଼ାରେ ପୋଛିଦିଅନ୍ତୁ। କାନ୍ଥରେ ଲାଗିଥିବା ସମସ୍ତ ଦାଗ ଦୂର ହୋଇଯିବ।

ସୌନ୍ଦର୍ଯ୍ୟ

# ଶୀତଦିନେ ଲଗାନ୍ତୁ ତେଲ

**ଶୀତଦିନେ ତ୍ୱଚା ଅଧିକ ଶୁଷ୍କ ହୋଇଯାଏ। ତେଣୁ ଏହି ଋତୁରେ ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁନ୍ଦର କରିବା ପାଇଁ ଜାଣିରଖନ୍ତୁ କିଛି ତେଲ ସମ୍ପର୍କରେ...**

ବିଭିନ୍ନ ପ୍ରକାର ପ୍ରାକୃତିକ ତେଲ ଅଛି ଯାହା ତ୍ୱଚା ପାଇଁ ଅତ୍ୟନ୍ତ ଭଲ। ତେବେ ଏସବୁ ତେଲକୁ ରାତିରେ ଶୋଇବା ସମୟରେ ଲଗାଇଲେ ତାହା ଅଧିକ ଫଳପ୍ରଦ ହୋଇଥାଏ ଓ ସ୍କିନ୍ ସୁନ୍ଦର ଦିଶିଥାଏ।

**ଆଲ୍‌ମଣ୍ଡ ଅଏଲ:** ତ୍ୱଚା ପାଇଁ ଆଲ୍‌ମଣ୍ଡ ଅଏଲ ବା ବାଦାମତେଲ ବହୁତ ଭଲ। ଏହି ତେଲକୁ ମୁହଁରେ ଲଗାଇଲେ ଭିଟାଇନ୍– ଇ ଭରପୂର ମାତ୍ରାରେ ମିଳିଥାଏ। ଫଳରେ ତ୍ୱଚା ସୁସ୍ଥ ରହିଥାଏ। ଏହି ତେଲ ତ୍ୱଚାକୁ ହାଇଡ୍ରେଟ୍ ବି କରାଇଥାଏ। ତେଣୁ ତ୍ୱଚାର ଉଜ୍ଜ୍ୱଳତା ଢେର୍ ଅଧିକ ହୋଇଥାଏ।





**ନଡ଼ିଆତେଲ:** ଏହି ତେଲରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଅକ୍ସିଡାଣ୍ଟ, ଆଣ୍ଟି ଇନ୍ଫ୍ଲେମେଟରି ଗୁଣ ରହିଛି। ଏହା ତ୍ୱଚାକୁ ସୁରକ୍ଷା ଦେଇଥାଏ। ଶୀତଦିନେ ପ୍ରତିଦିନ ଏହି ତେଲକୁ ଲଗାଇଲେ ତ୍ୱଚାର ଶୁଷ୍କପଣ କମ୍ ହୋଇଥାଏ। ତେବେ ଯେଉଁମାନଙ୍କର ତ୍ୱଚା ଅତ୍ୟଧିକ ତୈଳୀୟ ସେମାନେ ଏହି ତେଲ ଲଗାଇବା ଉଚିତ ନୁହେଁ।

**ଅଲିଭ୍ ଅଏଲ:** ତ୍ୱଚାରେ ଅଲିଭ୍ ଅଏଲ ଅନେକ ସମସ୍ୟା ଦୂର କରିଥାଏ। ଏହା ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର ଥିବାରୁ ତ୍ୱଚାରେ କୁଞ୍ଚନ ଆସିବା ଭଳି ସମସ୍ୟା କମ୍ ହୋଇଥାଏ। ତ୍ୱଚାରେ ଥିବା କଳାଦାଗ କମ୍ କରିବା ପାଇଁ ଏହାକୁ ଲଗାଇହେବ।

**ସୂର୍ଯ୍ୟମୁଖୀ ତେଲ:** ଏହି ତେଲ ମଧ୍ୟ ତ୍ୱଚାକୁ ଶୀତଦିନେ ସୁରକ୍ଷା ଦେଇଥାଏ। ଏଥିରେ ଭିଟାମିନ୍–ଇ ଏବଂ ଭିଟାମିନ୍–ଏ ରହିଥିବାରୁ ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରାଇଥାଏ।

# ଘରକରଣା

- ଭେଣ୍ଡିକୁ ଅଧିକ ସମୟ ପର୍ଯ୍ୟନ୍ତ ଫ୍ରେଶ ରଖିବା ପାଇଁ ସେଥିରେ କିଛି ସୋରିଷ ତେଲ ଲଗାଇ ଦିଅନ୍ତୁ।
- ନୁଡୁଲ୍ସକୁ ପାଣିରେ ସିଝାଇବାବେଳେ ସେଥିରେ କିଛି ଲୁଣ ଏବଂ ତେଲ ପକାଇ ଦିଅନ୍ତୁ ଏବଂ ଛାଣି ସାରିବା ପରେ ସେଥିରେ ଥଣ୍ଡା ପାଣି ଢାଳନ୍ତୁ।
- ଜାୟିତ୍ରିକୁ ମିଠା, କେକ୍ ଏବଂ ବ୍ରେଡ ତିଆରି କରିବା ପାଇଁ ବ୍ୟବହାର କରିହେବ। ମସଲା ଚା ଏବଂ ମସଲା କ୍ଷୀର ତିଆରିରେ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ।
- ସୁପ୍‌ରେ ଜାୟିତ୍ରି ପକାଇଲେ ଏହାର ସ୍ୱାଦ ବହୁତ ବଢି ଯାଇଥାଏ।
- ଉଷୁମ ପାଣିରେ ହେଙ୍ଗୁ ମିଶାଇ ଗର୍ଗଲିଂ କଲେ ଗଳା ଦରଜରୁ ଆରାମ ମିଳିଥାଏ।
- ରାଜମା କିମ୍ବା ବିରି ଡାଲି ସିଝାଇବା ସମୟରେ ପାଣିରେ ଲୁଣ ମିଶାନ୍ତୁ ନାହିଁ, ଶୀଘ୍ର ସିଝିବ।
- ରାଇତା କରିବା ସମୟରେ ହେଙ୍ଗୁ ଓ ଜିରାକୁ ବାଟିବା ବଦଳରେ ଛୁଙ୍କରେ ପକାଇ ଦିଅନ୍ତୁ ଅଧିକ ସ୍ୱାଦିଷ୍ଟ ଲାଗିବ।
- ପୁରି ପାଇଁ ଅଟା ଚକଟିବା ସମୟରେ ସେଥିରେ କିଛି ସୁଜି କିମ୍ବା ଚାଉଳ ଗୁଣ୍ଡ ମିଶାଇ ଦିଅନ୍ତୁ। ପୁରି ଅଧିକ ସ୍ୱାଦିଷ୍ଟ ଲାଗିବ।

ଖାଦ୍ୟରୁଚି

# ବ୍ରୋକଲି ପରଟା

**ଆବଶ୍ୟକ ସାମଗ୍ରୀ–** ଅଟା– ୨ କପ୍, ବ୍ରୋକଲି– ୧ଟି (ଛୋଟ), ସିଝା ଆଳୁ– ୧ଟି, ପନିର– ୧୫୦ ଗ୍ରାମ୍, ଚାଟ ମସଲା– ୧ ଚାମଚ, ଭଜା ଜିରାଗୁଣ୍ଡ– ୧ ଚାମଚ, ଧନିଆପତ୍ର– ୨ ବଡ଼ ଚାମଚ, କଞ୍ଚାଲଙ୍କା– ୨ଟି, ଜୁଆଣି ଅଧା ଚାମଚ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**ପ୍ରଥମେ ଅଟାରେ ୨ ଚାମଚ ତେଲ ଓ ଲୁଣ ପକାଇ ଚକଟି ଦିଅନ୍ତୁ। ଏହାକୁ ଅଧଘଣ୍ଟା ପାଇଁ ଘୋଡ଼ାଇ ରଖନ୍ତୁ। ବ୍ରୋକଲିକୁ କଟରରେ କୋରି ରଖନ୍ତୁ। ପନିରକୁ ମଧ୍ୟ ବ୍ରୋକଲି ଭଳି କୋରାଇ ରଖନ୍ତୁ। ଧନିଆପତ୍ର ଓ କଞ୍ଚାଲଙ୍କା ମଧ୍ୟ ଛୋଟ ଛୋଟ କରି କାଟିରଖନ୍ତୁ। ଏବେ ସିଝା ଆଳୁ, ବ୍ରୋକଲି, ପନିର ସହ ଅନ୍ୟ ସମସ୍ତ ସାମଗ୍ରୀକୁ ଲୁଣ ସହ ମିଶାଇ ସାମାନ୍ୟ ଭାଜିଦିଅନ୍ତୁ। ଏହାପରେ ଚକଟା ହୋଇ ରହିଥିବା ଅଟାକୁ ବଡ଼ ବଡ଼ ଗୁଳା କରି ଦିଅନ୍ତୁ। ଅଟାଗୁଳାକୁ ମୋଟାକରି ଛୋଟ ଛୋଟ କରି ବେଲି ଦିଅନ୍ତୁ। ଏବେ ଏଥିରେ ପ୍ରସ୍ତୁତ ହୋଇ ରହିଥିବା ବ୍ରୋକଲି ପୁରକୁ ଅଟା ମଝିରେ ରଖି ପୁଣି ଥରେ ଗୋଲ କରି ଧୀରେ ଧୀରେ ରୁଟି ପରି ବେଲି ଦିଅନ୍ତୁ। ତେବେ ଆଳୁ ପରଟା ପରି ଏହାକୁ ସାମାନ୍ୟ ମୋଟା କରି ବେଲନ୍ତୁ। ଏବେ ଗ୍ୟାସ୍‌ରେ ତାୱା ଗରମକରି ସେଥିରେ ଏହାକୁ ତେଲ କିମ୍ବା ଘିଅ ଦେଇ ସେକି ଦିଅନ୍ତୁ। ଗରମ ଗରମ ପରଟାକୁ ଚଟଣି କିମ୍ବା ତରକାରି ସହ ଖାଇପାରିବେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ପୂର୍ଣ୍ଣଚନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ୱେଚ୍ଛାସେବା ଦ୍ୱାରା ବିଶ୍ୱର ବିକାଶ



**ଅ**ର୍ଥନୈତିକ ଏବଂ ସାମାଜିକ ବିକାଶ ପାଇଁ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପ୍ରତିବର୍ଷ ୫ ଡିସେମ୍ବରରେ ପାଳନ କରାଯାଏ। ୧୯୮୫ ମସିହାରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ଏବଂ ବ୍ୟକ୍ତିଗତ ସ୍ୱେଚ୍ଛାସେବୀମାନଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହା ଏକ ସୁଯୋଗ ପ୍ରଦାନ କରିଥାଏ। ସ୍ୱେଚ୍ଛାସେବୀ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ତଥା ଏହି ଉଦ୍ୟମକୁ ସମର୍ଥନ କରିବା ନେଇ ଉକ୍ତ ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥାଏ।

ମିଳିତ ଜାତିସଂଘର ସ୍ୱେଚ୍ଛାସେବୀ (ୟୁଏନ୍‌ଭି) କାର୍ଯ୍ୟକ୍ରମ ଦ୍ୱାରା ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ ପାଇଁ ସାଧାରଣ ସଭା ଦ୍ୱାରା ୧୭ ଡିସେମ୍ବର ୧୯୮୫ ରେ ରିଜୋଲ୍ୟୁଶନ ଏ/ଆର୍‌.ଇଏସ୍‌/୪୦/୨୧୨ ମାଧ୍ୟମରେ ଗ୍ରହଣ କରାଯାଇଥିଲା।

୨୦୧୨ରେ ବିକାଶଶୀଳ ଅଭିଜ୍ଞତା

### ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ

ଏବଂ ସୁପାରିସକ୍ରମେ ମିଳିତ ଜାତିସଂଘର ସ୍ୱେଚ୍ଛାସେବୀ (ୟୁଏନ୍‌ଭି) କାର୍ଯ୍ୟକ୍ରମ ଏକ ୫ବର୍ଷର ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ରଣନୀତିରେ ନେତୃତ୍ୱ ନେଇଥିଲା ଏବଂ ଏହାକୁ ବିଶ୍ୱସ୍ତରରେ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଥିଲା ପ୍ରତିବର୍ଷ ଏହି ଦିବସ ଏକ ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି, ସଭିଏଁ ଚାହିଁଲେ ଏହା ଏକ ସାମୂହିକ କାର୍ଯ୍ୟର ଶକ୍ତିର ଉତ୍ସ ହୋଇପାରିବ। ଯଦି ସମସ୍ତେ ସ୍ୱେଚ୍ଛାସେବୀ ହେବେ, ତେବେ ବିଶ୍ୱ ଏକ ଜୀବନ ଧାରଣରେ ଭଲ ସ୍ଥାନ ହୋଇପାରିବ। ଏହା ଦ୍ୱାରା ସମଗ୍ର ବିଶ୍ୱର ବିକାଶ ସମ୍ଭବ ହେବ।

# ନୂତନ ପ୍ରଜାତି 'ସାଣ୍ଟଜୋର୍ଡିଆ ପାଗେସି'



**ଟୋକିଓ:** ୨୦୦୨ରେ ବୈଜ୍ଞାନିକମାନେ ଜାପାନର ଏକ ଆଗ୍ନେୟଗିରି କ୍ରାଟର ନିକଟରେ ଏକ ସ୍ୱତନ୍ତ୍ର ଧରଣର ଜେଲିଫିସ୍‌ର ଆବିଷ୍କାର କରିଥିଲେ। ପରେ ୨୦୨୦ରେ ବୈଜ୍ଞାନିକମାନେ ପୁନର୍ବାର ସେହି ଜୀବକୁ ଦେଖି ଏହା ଏକ ନୂତନ ପ୍ରଜାତି 'ସାଣ୍ଟଜୋର୍ଡିଆ ପାଗେସି' ବୋଲି ନିଶ୍ଚିତ କରିଛନ୍ତି। ୪ ଇଞ୍ଚ ଚଉଡ଼ା, ୩ ଇଞ୍ଚ ଲମ୍ବବିଶିଷ୍ଟ ଏହି ଜେଲିଫିସ୍‌ର ୨୪୦ଟି ଟେଣ୍ଟାକିଲ୍ (ନମନୀୟ ଅଙ୍ଗ) ରହିଛି। ତା' ଶରୀରରେ ଉଜ୍ଜ୍ୱଳ ଲାଲ ରଙ୍ଗର କ୍ରସ୍ ସହିତ ମୋଟା ଧଳା ରିଙ୍ଗ ଏବଂ ଶିରା ରହିଛି। ଓଗାସାୱାରା ଦ୍ୱୀପପୁଞ୍ଜ ନିକଟ ସୁମିସୁ କାଲଡେରାରେ ୨୭୦୦ରୁ ୨୮୦୦ ଫୁଟ ଗଭୀରରେ ଏହି ଜେଲିଫିସ୍‌ର ସନ୍ଧାନ ମିଳିଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏକାଡେମୀ ମ୍ୟୁଜିୟମ ଗାଲାରେ ପ୍ରଥମ ଭାରତୀୟ ଅଭିନେତ୍ରୀ

ମୁମ୍ବାଇ



ଦୀପିକା ପାଦୁକୋନ

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ତାଙ୍କ ହିଟ୍ ଫିଲ୍ମ ପାଇଁ ଦର୍ଶକଙ୍କ ପ୍ରିୟ ହୋଇପାରିଛନ୍ତି। ଏହା ବ୍ୟତୀତ ସେ ହଲିଉଡ୍‌ରେ ମଧ୍ୟ ତାଙ୍କ ଅଭିନୟର ଯାଦୁ ଦେଖାଇସାରିଛନ୍ତି। ଦୀପିକା ଓସ୍କାରରେ ଏକ ଭାରତୀୟ ଗୀତ ଉପସ୍ଥାପନ କରି ଦେଶ ପାଇଁ ଗୌରବ ଆଣିଥିଲେ। ପରେ ସେ ଫିଫା ବିଶ୍ୱକପ୍ ଫାଇନାଲରେ ଟ୍ରଫି ଉଦ୍‌ଘାଟନ ସମାରୋହରେ ପ୍ରଥମ ଅଭିନେତ୍ରୀ ରୂପେ ସାମିଲ ହୋଇଥିଲେ। ଏବେ ଏହି ଅଭିନେତ୍ରୀ ଜଣଙ୍କ ଆଉଥରେ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଦୀପିକା ରବିବାର ଲସ୍‌ଆଞ୍ଜେଲ୍ସରେ ହେଉଥିବା ଏକାଡେମୀ ମ୍ୟୁଜିୟମ ଗାଲା ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଦୀପିକା ଏହି ଇଭେଣ୍ଟରେ ଯୋଗଦେଇଥିବା ପ୍ରଥମ ଭାରତୀୟ ଅଭିନେତ୍ରୀ ହୋଇପାରିଛନ୍ତି। ସେ ଇଭେଣ୍ଟରେ ଏକ ନୀଳରଙ୍ଗର ଭେଲ୍‌ଭେଟ୍ ଗାଉନ ପିନ୍ଧିଥିଲେ, ଯାହା ତାଙ୍କୁ ଖୁବ୍ ମାନୁଥିଲା। ସୂଚନା ଅନୁଯାୟୀ, ବର୍ଷ ଆରମ୍ଭରେ ଅଭିନେତ୍ରୀ ଓସ୍କାର ଏବଂ ବର୍ତ୍ତମାନ ଦ୍ୱିତୀୟ ବୃହତ୍ତମ ମଞ୍ଚ ଏକାଡେମୀ ମ୍ୟୁଜିୟମ ଗାଲା ଇଭେଣ୍ଟରେ ଯୋଗଦେଇ ଦେଶ ପାଇଁ ଗୌରବ ଆଣିଛନ୍ତି। ଏକାଡେମୀ ମ୍ୟୁଜିୟମ ଗାଲା ହେଉଛି ଓସ୍କାର ପରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମଞ୍ଚ। ତେବେ ଦୀପିକା ୨୦୦୬ରେ ତାଙ୍କ ଫିଲ୍ମ ଜୀବନ ଆରମ୍ଭ କରିଥିଲେ। ନିକଟରେ ତାଙ୍କୁ 'ଜୱାନ୍' ଏବଂ 'ପଠାନ୍'ରେ ଦେଖିବାକୁ ମିଳିଥିଲା, ଯାହା ଲୋକଙ୍କ ହୃଦୟ ଜିତିବାରେ ସଫଳ ହୋଇଛି। ଆଗକୁ ତାଙ୍କ ପାଖରେ ୩ଟି ଫିଲ୍ମ ରହିଛି। ଏବେ ସେ ହୃତିକ୍ ରୋଶନଙ୍କ ସହ ଫାଇଟର ଫିଲ୍ମରେ ନଜର ଆସିବାକୁ ଯାଉଛନ୍ତି।

# ହାଉସଫୁଲ- ୫ ରିଲିଜ ସ୍ଥଗିତ

ମୁମ୍ବାଇ



ଅଭିନେତା ଅକ୍ଷୟ କୁମାରଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ମଧ୍ୟରୁ 'ହାଉସଫୁଲ' ଅନ୍ୟତମ। ଲୋକପ୍ରିୟ ଫ୍ରାଞ୍ଚାଇଜ 'ହାଉସଫୁଲ' ଏହାର ପ୍ରତ୍ୟେକ ଚଳଚ୍ଚିତ୍ର ସହିତ ଦର୍ଶକଙ୍କୁ ହସାଇ ଥାଏ। ବର୍ତ୍ତମାନ ପ୍ରଶଂସକମାନେ ଉତ୍ସାହର ସହିତ ଏହି ଫ୍ରାଞ୍ଚାଇଜର ପଞ୍ଚମ ଭାଗ ପାଇଁ ଅପେକ୍ଷା କରିଛନ୍ତି। ହେଲେ 'ହାଉସଫୁଲ-୫' ର ରିଲିଜ୍ ତାରିଖକୁ ନିର୍ମାତା ସ୍ଥଗିତ ରଖିଛନ୍ତି। ଅକ୍ଷୟ କୁମାର ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏନେଇ କିଛି ଫଟୋ ଶେୟାର କରିଛନ୍ତି। ଏହା ସହିତ ଖିଲାଡି କୁମାର ତରୁଣ ମାନସୁଖାନୀଙ୍କ ନିର୍ଦ୍ଦେଶିତ ଫିଲ୍ମ ହାଉସଫୁଲ-୫ର ନୂଆ ରିଲିଜ୍ ତାରିଖ ମଧ୍ୟ ଘୋଷଣା କରିଥିଲେ। ଭାରତର ସବୁଠୁ ବଡ଼ କମେଡି ଫ୍ରାଞ୍ଚାଇଜ ଜୁନ ୨୦୨୫ରେ ଫେରିବ ବୋଲି ପ୍ରଥମ ଫଟୋରେ ଘୋଷଣା କରାଯାଇଛି। ଏହା ସହିତ ଦଳର ସରକାରୀ ବିବୃତ୍ତି ଅନ୍ୟ ଏକ ଫଟୋରେ ପ୍ରକାଶ ପାଇଛି। ଏହି ଫିଲ୍ମଟି ଆସନ୍ତା ଦୀପାବଳିରେ ରିଲିଜ ହେବାର ଥିଲା। ଯାହାର ରିଲିଜ ତାରିଖକୁ ଏବେ ସ୍ଥଗିତ ରଖାଯାଇଛି।

# ସବୁଠୁ ବୟସ୍କ କଇଁଛ



**ନୂଆଦିଲ୍ଲୀ:** କଇଁଛ ସାଧାରଣତଃ ୧୦ରୁ ୨୦ ବର୍ଷ ପର୍ଯ୍ୟନ୍ତ ବଞ୍ଚୁଥିବାବେଳେ କିଛି ପ୍ରଜାତିର କଇଁଛ ୧୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିବାର ସମ୍ଭାବନା ରହିଛି। ଜୋନାଥନ ନାମକ ଏକ କଇଁଛ ବିଶ୍ୱର ସବୁଠୁ ବୟସ୍କ କଇଁଛ ଭାବେ ଜଣାଶୁଣା। ଏହି କଇଁଛ ଆଟ୍‌ଲାଣ୍ଟିକ୍ ମହାସାଗରର ସେଣ୍ଟ ହେଲେନା ଦ୍ୱୀପରେ ରହିଥାଏ। ଏହାକୁ ପ୍ରଥମ ଥର ପାଇଁ ୧୮୮୨ରେ ସେଚେଲ୍‌ସରୁ ହେଲେନାକୁ ଅଣାଯାଇଥିଲା, ସେତେବେଳେ ଜୋନାଥନକୁ ୫୦ ବର୍ଷ ହୋଇଥିଲା। ଗିନିଜ୍ ୱାର୍ଲ୍ଡ ରେକର୍ଡ ମୁତାବକ, ଜୋନାଥନର ଜନ୍ମ ୧୮୩୨ରେ ହୋଇଥିଲା। ଗିନିଜ୍ ୱାର୍ଲ୍ଡ ରେକର୍ଡ ଏବେ ତା'ର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛି। ଏବେ ଜୋନାଥନକୁ ୧୯୧ ବର୍ଷ ହୋଇଥିବା କ୍ୟାପସନରେ ଲେଖାଯାଇଛି। ଲମ୍ବା ସମୟ ଧରି ଜୋନାଥନର ଚିକିତ୍ସା କରୁଥିବା ପ୍ରାଣୀ ଚିକିତ୍ସକ ଜୋ. ହୋଲିନ୍‌ଙ୍କ କହିବା ମୁତାବକ, ଜୋନାଥନ ବର୍ତ୍ତମାନ ସୁସ୍ଥ ଅଛି। ତା'ର ଗତି କମ୍ ହେବା ଭଳି ସ୍ଥିତି ଏପର୍ଯ୍ୟନ୍ତ ଉପୁନ୍ନ ହୋଇନି। ଏବେ ତା' ପାଖରେ ଆଘ୍ରାଣ ଶକ୍ତି ଆଉ ନାହିଁ। ମୋତିଆବିନ୍ଦୁ କାରଣରୁ ସେ ଆଉ ଦେଖିପାରୁନି। ବିଶ୍ୱର ସବୁଠୁ ଅଧିକ ବୟସ୍କ ପ୍ରାଣୀ ଭାବେ ଜୋନାଥନର ନାମ ୨୦୨୨ରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସାମିଲ ହୋଇଛି।

# Classified Everyday 0674-2580101, 2549949





**SALE**

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75276

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

**Residential plot for sale gharabari + compound wall + 30 feet road + electricity 7 KM from Nakhara near Pettal English Medium School, 5% Bank interest on 50% cost of land for 5 year's, 12 KM only from BBSR pay 50% & go for registration & take Patta for home construction. Few plots are available cost @ 650per sft. Personal plots no builders. 7809525454.** D-75070

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176





Ground Floor and Second Floor for Shop/ Office (1000sqft. each) at Plot No.-72, Lane No.-5, Bapujinagar, Bhubaneswar. Contact: 8527733020. D-1948





**Ashirvaad Salon and SPA get good massage for your health tha best therapy. 7077181074.** D-75069

Newly open spa positively Heath benefits with expert therapist. 9040286886. D- 75173

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

Relax, refresh your body, mind by expert therapist. Contact- 8338800330. D-75175

**Newly Healthcare benefited spa Experience Therapist in Bhubaneswar. Contact: 9938843929** D- 75172

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## LOST

I, Simanchal Sethi, S/o Late Ramachandra Sethi, Vill/P.O.- Ranajhali, P.S.- Purushottampur, Gm reported at P.S. that regd. Sale Deed No119/1987, dtd 23.01.1987 at Subregistra, Purushottampur landed property of Makundapur Mouza vide khata No.-138 Plot No.- 621 reporting in writting along with an Purushottampur P.S.- lost property No.- 0018/2023 dtd 21.11.2023. On dtd 15.11.2023 at 10 A.M. while I was going from Ranajhali to Pandia Chaka with keeping Original Regd. Sale Deed. I searched the same but could not traced out. If anybody find the same please contact nearest Police Station or mentioned above address.
Sd./- Simanchal Sethi
D-1949

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## LEGAL NOTICE

ମାନ୍ୟବର ରାଜସ୍ୱ ପର୍ଷଦ ସଦସ୍ୟ, ଓଡ଼ିଶା, କଟକ, ମହୋଦୟଙ୍କ ଇଜିଲାସ୍ କ୍ୟାମ୍ପ କୋର୍ଟ, ଭୁବନେଶ୍ୱର ଓ.ଏସ୍.ଏସ୍.କେସ୍ ନମ୍ବର-୭୪୧/୨୦୨୦

ପ୍ରମିଳା କୁମାରୀ ଦାସ, ବୟସ ୭୦ବର୍ଷ, ସ୍ୱାମୀ: ସ୍ୱର୍ଗତ ରବି ନାରାୟଣ ଦାସ, ସା-ପ୍ଲଟ୍ ନମ୍ବର-ଏମ୍.ଆଇ.ଜି-ବି/୨୩, ନୟାପଲ୍ଲୀ, ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା। ..... ଦରଖାସ୍ତକାରୀ

ବନାମ

ଶାନ୍ତନୁ ଜଗଦେବ ଓଗେର ......ଅପରପକ୍ଷ

ପ୍ରାପ୍ତେଷୁ,

ଅପରପକ୍ଷ ନମ୍ବର-୬, ଚନ୍ଦନ ଜଗଦେବ, ନମ୍ବର-୭, ରଞ୍ଜନ ଜଗଦେବ, ଉଭୟଙ୍କ ପିତା- ସ୍ୱର୍ଗତ ପ୍ରମୋଦ ଜଗଦେବ, ସା/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା (ନମ୍ବର-୧୪) ପ୍ରଫୁଲ୍ଲ କୁମାର ସାହୁ, (ନମ୍ବର-୧୫), ପ୍ରମୋଦ କୁମାର ସାହୁ ଉଭୟଙ୍କ ପିତା- ବୁଦ୍ଧି ସାହୁ, ସା/ପୋଷ୍ଟ/ଥାନା- ବୈଦେଶ୍ୱର, ଜିଲ୍ଲା- କଟକ, (ନମ୍ବର-୧୬) ପୁଷ୍ପଲତା ମହାନ୍ତି, ସ୍ୱା- ବନମାଳି ମହାନ୍ତି, ଗ୍ରାମ/ଥା/ପୋ- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା। (୨) ସ୍ୱର୍ଗତ ମୂଷା ନାୟକ, ପିତା- ସୁବଳ ନାୟକ, (୩) ସ୍ୱର୍ଗତ ବିରିଜି ଭୋଇ, ପିତା- ଲକ୍ଷ୍ମଣ ଭୋଇ, (୪) ସ୍ୱର୍ଗତ ବିଜନ ଜଗଦେବ, ପିତା- ହରେକୃଷ୍ଣ ଜଗଦେବ, (୯) ସ୍ୱର୍ଗତ ନିତ୍ୟାନନ୍ଦ ପଟ୍ଟନାୟକ, (୧୦) ସ୍ୱର୍ଗତ ନିମାଇଁ ଚରଣ ଜଗଦେବ, ଉଭୟଙ୍କ ପିତା- ସାଧୁ ଚରଣ ଜଗଦେବ। ସମସ୍ତଙ୍କ ସା- ଜଗନ୍ନାଥ ପ୍ରସାଦ, ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, (୧୨) ସ୍ୱର୍ଗତ ବଂଶୀଧର ପଟ୍ଟନାୟକ, ପିତା- ନଟବର ପଟ୍ଟନାୟକ, ସା-ଜଗନ୍ନାଥ ପ୍ରସାଦ, ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଖୋର୍ଦ୍ଧା।

ନୋଟିସ ଦେୱାନୀ କାର୍ଯ୍ୟବିଧି ସଂହିତା, ଆଦେଶ ନମ୍ବର-୫ ନିୟମ-୨୦ ମୁତାବକ

ଏତଦ୍ୱାରା ସମସ୍ତ ଅପରପକ୍ଷଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ ମହୋଦୟଙ୍କ ଇଜିଲାସ କ୍ୟାମ୍ପ୍ କୋର୍ଟ, ଭୁବନେଶ୍ୱର, ୟୁନିଟ୍-୫, କେଶରୀ ନଗର, ରାଜୀବ ଭବନ ପଛ ପାର୍ଶ୍ୱ କାର୍ଯ୍ୟାଳୟରେ ଆସନ୍ତା ୨୧।୧୨।୨୦୨୩ରିଖ ଦିନ ୧୧.୩୦ ଘଟିକା ସମୟରେ ଶୁଣାଣି ନିମନ୍ତେ ସ୍ଥିର କରାଯାଇଅଛି।

ଜମିଜମା ବିବରଣୀ

ମୌଜା- ଅନ୍ଧାରୁଆ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ସାବିକ୍ ଖାତା- ୫୯୪, ସାବିକ୍ ପ୍ଲଟ୍- ୨୦୩୪, ହାଲ୍ ଖାତା- ୨୬୧୯, ହାଲ୍ ପ୍ଲଟ୍- ୪୫୭୬, ୪୫୭୭, ୪୫୭୮, ମୋଟ ରକବା- ଏ.୦.୩୫୭ ଡିସିମିଲ ୧/୨

ଏହିକି ଉପରୋକ୍ତ ମାମଲାର ଅପରପକ୍ଷଙ୍କ ନମ୍ବର-୬,୭,୧୪ ଓ ୧୫ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ସେହିଭଳି ନମ୍ବର- ୨, ୩, ୪, ୯, ୧୦ ଓ ୧୨ ମୃତ ବ୍ୟକ୍ତିଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତାପତ୍ର ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସ୍‌ରେ ରାଜସ୍ୱ ପର୍ଷଦ ଉପସ୍ଥିତ ରହି ମକଦ୍ଦମା ଶୁଣାଣିରେ ଅଂଶ ଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ରାଜସ୍ୱ ପର୍ଷଦଙ୍କ ଆଦେଶକ୍ରମେ
ସ୍ୱା./- ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ
ଧ-୭୧୫୬୩

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱପ୍ରଗତି ମହାନ୍ତି**

ଆବିର୍ଭାବ- ୦୫।୧୦।୧୯୭୨
ତିରୋଧାନ- ୧୬।୧୧।୨୦୨୨

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶ୍ରଦ୍ଧାଞ୍ଜଳି ସହ-** ସ୍ୱାମୀ: ସାନ୍ତନୁ ମହାନ୍ତି, ଝିଅ: ରିତା, ସମ୍ପର୍କୀୟ: ବେଦାନ୍ତ, ସିବୁ, ବୁବୁ, ମାମା, ସୋମି, ଚନ୍ଦନ, ପ୍ରାଚୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୦୭୧


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଇଂଲଣ୍ଡକୁ ହରାଇଲା ୱେଷ୍ଟଇଣ୍ଡିଜ୍



ଶଟ୍ ଖେଳିବା ଅବସରରେ ଶାଇ ହୋପ୍।

**ନର୍ଥ ସାଉଣ୍ଡ,୪।୧୨(ପି.ଟି.)**

ଅଧିନାୟକ ତଥା ଉଇକେଟ କିପର ଶାଇ ହୋପଙ୍କ ଶତକ ଓ ରୋମାରିଓ ଶେଫର୍ଡଙ୍କ ଦ୍ରୁତ ୪୯ ରନ୍‌ବଳରେ ପ୍ରଥମ ଦିନିକିଆରେ ଇଂଲଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି ୱେଷ୍ଟଇଣ୍ଡିଜ୍। ବିଶ୍ୱକପ ବିଫଳତା ପରେ ଆଉ ଏକ ପରାଜୟ ହାସଲ କରିଛି ଇଂଲଣ୍ଡ। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୩୨୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୭ ବଲ୍ ବାକିଥାଇ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

## ଶାଇ ହୋପ୍‌ଙ୍କ ଶତକ

ସାର ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଓପନର ଫିଲ ସଲ୍ଟ(୪୫) ଓ ୱିଲ ଜ୍ୟାକ୍ସ(୨୬) ପ୍ରଥମ ଉଇକେଟରେ ୭୭ ରନ୍ ଯୋଡିଥିଲେ। ସମାନ ସ୍କୋରରେ ଉଭୟ ଓପନର ଆଉଟ ହେବା ପରେ ଜ୍ୟାକ୍ କ୍ରଲି ୪୮ ଓ ବେନ୍ ଡକେଟ୍ ୨୦ ରନ୍ କରିଥିଲେ। ତେବେ ହ୍ୟାରୀ ବ୍ରୁକ୍ ୭୨ ବଲ୍‌ରୁ ୭୧ ରନ୍ କରି ଇଂଲଣ୍ଡକୁ ଏକ ଦୃଢ ସ୍କୋର ପ୍ରଦାନ କରିଥିଲେ। ବ୍ରୁକଙ୍କ ଇନିଂସରେ ୭ ଚୌକା ଓ ୨ ଛକା ସାମିଲ ଥିଲା। ପରେ ଶେଷ ଭାଗରେ ସାମ୍ କୁରାନ(୩୮) ଓ ବ୍ରାଇଡେନ୍ କାର୍ସ(୩୧*) ରନ୍ କରିବାରୁ ଦଳ ୩୨୫ ରନରେ ପହଞ୍ଚିଥିଲା। ଘରୋଇ ଦଳ ପକ୍ଷରୁ ଗୁଡାକେଶ ମୋତି, ଓଶେନ୍ ଥୋମାସ୍ ଓ ରୋମାରିଓ ଶେଫର୍ଡ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୩୨୬ ରନ୍ ଲକ୍ଷ୍ୟର ପିଛା କରୁଥିବା ବେଳେ ୱେଷ୍ଟଇଣ୍ଡିଜକୁ ଏକ ଭଲ ଆରମ୍ଭ ପ୍ରଦାନ କରିଥିଲେ ଓପନର ବ୍ରାଣ୍ଡନ୍ କିଙ୍ଗ(୩୫) ଓ ଆଲିକ୍ ଅଥାଞ୍ଜେ(୬୬)। ଉଭୟ ପ୍ରଥମ ଉଇକେଟରେ ୧୦୪ ରନ୍ ଯୋଡିଥିଲେ। ଅଥାଞ୍ଜେ ୬୫ ବଲ୍ ଖେଳି ୯ ଚୌକା ଓ ୨ ଛକା ମାରିଥିଲେ। କେସି କାର୍ଟି ୧୬ ରନ୍ କରି ଆଉଟ ହୋଇଥିଲେ। ତେବେ ଅଧିନାୟକ ଶାଇ ହୋପ ଅପରାଜିତ ୧୦୯ ରନ୍ କରିଥିଲେ। ୮୩ ବଲ୍ ଖେଳି ସେ ୪ ଚୌକା ଓ ୭ ଛକା ମାରିଥିଲେ। ସିମରନ୍ ହେଟମେୟର(୩୨) ଓ ରୋମାରିଓ ଶେଫର୍ଡ(୪୯)ଙ୍କୁ ସାଥୀ କରି ଦଳକୁ ମ୍ୟାଚ୍ ଜିତାଇଥିଲେ। ଶେଫର୍ଡଙ୍କ ସହିତ ସେ ୮୯ ରନ୍‌ର ଭାଗୀଦାରି କରିଥିଲେ। ଇଂଲଣ୍ଡ ପକ୍ଷରୁ ସାମ କୁରାନ୍ ୯.୫ ଓଭରରେ ୯୮ ରନ୍ ବ୍ୟୟ କରିଥିଲେ। ଇଂଲଣ୍ଡ ପକ୍ଷରୁ ଗସ୍ ଆଟକିନ୍‌ସନ୍ ଓ ରେହାନ୍ ଅହମଦ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ବ୍ରାଇଡେନ୍ କାର୍ସ ଓ ଲିଆମ ଲିଭିଙ୍ଗଷ୍ଟୋନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶାଇ ହୋପ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୫୦ ଓଭରରେ ୩୨୫/୧୦(ହ୍ୟାରୀ ବ୍ରୁକ୍-୭୧, ଜ୍ୟାକ୍ କ୍ରଲି-୪୮, ଫିଲ ସଲ୍ଟ-୪୫, ଗୁଡାକେଶ ମୋତି-୨/୪୯, ଓଶେନ୍ ଥୋମାସ୍-୨/୫୭,ରୋମାରିଓ ଶେଫର୍ଡ-୨/୭୭)।

ୱେଷ୍ଟଇଣ୍ଡିଜ୍ ୪୮.୫ ଓଭରରେ ୩୨୬/୬(ଶାଇ ହୋପ୍-୧୦୯*,ଆଲିକ୍ ଅଥାଞ୍ଜେ-୬୬, ରୋମାରିଓ ଶେଫର୍ଡ-୪୯, ଗସ୍ ଆଟକିନ୍‌ସନ୍-୨/୬୩, ରେହାନ୍ ଅହମଦ୍-୨/୪୦,ଲିଆମ୍ ଲିଭିଙ୍ଗଷ୍ଟୋନ୍-୧/୫୦)।

## ବାଇଜୁସ୍‌କୁ ଏନ୍‌ସିଏଲ୍‌ଟି ନୋଟିସ୍

**ନୂଆଦିଲ୍ଲୀ, ୪।୧୨(ପି.ଟି.):** ଭାରତୀୟ କ୍ରିକେଟ ବୋର୍ଡ(ବିସିସିଆଇ)ର ୧୫୮ କୋଟି ଟଙ୍କା ବାକି ରଖିବା ପ୍ରସଙ୍ଗରେ ବାଇଜୁସ୍‌କୁ ନୋଟିସ୍ ପ୍ରେରଣ କରିଛି ଏନ୍‌ସିଏଲ୍‌ଟି। ଅର୍ଥ ପରିଶୋଧ ହୋଇ ନ ଥିବା କାରଣରୁ ଧାରା ୯ ଅନୁସାରେ ଏହି ନୋଟିସ୍ ପ୍ରେରଣ କରାଯାଇଛି। ୧୫୮ କୋଟି ଟଙ୍କା ବାକି ଥିବା ନେଇ ବିସିସିଆଇ ପକ୍ଷରୁ ବେଙ୍ଗାଲୁରୁ ସ୍ଥିତ ଏନ୍‌ସିଏଲ୍‌ଟିରେ ଅଭିଯୋଗ କରାଯାଇଥିଲା। ଏକ ସପ୍ତାହ ମଧ୍ୟରେ ଏହି ନୋଟିସର ଉତ୍ତର ଦେବା ପାଇଁ ବାଇଜୁସ୍‌ର ପ୍ୟାରେଣ୍ଟ କମ୍ପାନୀ ଥିଙ୍କ ଆଣ୍ଡ ଲର୍ନକୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୨୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ୨୦୧୯ରେ ଓପୋ ଓହରିବା ପରେ ବାଇଜୁସ୍ ଭାରତୀୟ ଦଳର ପ୍ରଯୋଜକ ରହିଥିଲା।

## ଆଇପିଏଲ୍‌ରୁ ଓହରିଯିବା ଲାଗି ଆର୍ଚରଙ୍କୁ ନିର୍ଦ୍ଦେଶ

**ଲଣ୍ଡନ, ୪।୧୨ (ପି.ଟି.):** ଆସନ୍ତାବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିଯିବା ଲାଗି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ(ଇସିବି) ଜୋଫ୍ରା ଆର୍ଚରଙ୍କୁ ନିର୍ଦ୍ଦେଶ ଦେଇଛି। ବାରମ୍ବାର ଆଘାତଜନିତ ସମସ୍ୟାରେ ରହୁଥିବା ଏହି ବୋଲର ୨୦୨୪ର ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୨୨ଆଇପିଏଲ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଆର୍ଚରଙ୍କୁ ୮କୋଟି ଟଙ୍କାରେ କ୍ରୟ କରିଥିଲା। ଗତ ସପ୍ତାହରେ ଫ୍ରାଞ୍ଚାଇଜ୍ ତାଙ୍କୁ ରିଲିଜ କରିଥିଲା। ଡିସେମ୍ବର ୧୯ରେ ଦୁବାଇରେ ହେବାକୁଥିବା ଆଇପିଏଲ୍ ନିଲାମି ପାଇଁ ପଞ୍ଜିକୃତ ହୋଇଥିବା ଖେଳାଳି ତାଲିକାରେ ତାଙ୍କ ନାମ ସ୍ଥାନ ପାଇ ନାହିଁ। ଗତ ମେ ମାସରେ ଆଇପିଏଲ ଖେଳୁଥିବା ବେଳେ ତାଙ୍କ କହୁଣୀରେ ଆଘାତ ଲାଗିଥିଲା।

## ବିସିସିଆଇ ଇଣ୍ଟର ଜୋନାଲ ମହିଳା ଟି୨୦: ପୂର୍ବାଞ୍ଚଳ ଚାମ୍ପିୟନ



ଟ୍ରଫି ସହ ଓଡ଼ିଶାର ମାଧୁରୀ ମେହେଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ।

**ଭୁବନେଶ୍ୱର,୪।୧୨(ସରୋଜ ଜେନା)**

ବିସିସିଆଇ ପକ୍ଷରୁ ଆୟୋଜିତ ଇଣ୍ଟର ଜୋନାଲ ମହିଳା ଟି୨୦ ଟୁର୍ନାମେଣ୍ଟ ଜିତି ନେଇଛି ପୂର୍ବାଞ୍ଚଳ। ସୋମବାର ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା। ଫଳରେ ଲିଗ୍ ପର୍ଯ୍ୟାୟରେ ଅଧିକ ପଏଣ୍ଟ ହାସଲ କରିଥିବା ପୂର୍ବାଞ୍ଚଳ ଦଳକୁ ବିଜେତା ଘୋଷଣା କରାଯାଇଥିଲା। ଲିଗ୍ ପର୍ଯ୍ୟାୟରେ ୫ ମ୍ୟାଚ୍‌ରୁ ୪ ବିଜୟ ସହ ୧୮ ପଏଣ୍ଟ ଅର୍ଜନ କରି ପୂର୍ବାଞ୍ଚଳ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ପଶ୍ଚିମାଞ୍ଚଳ ୫ ମ୍ୟାଚ୍‌ରୁ ୩ ବିଜୟ ସହ ୧୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ପୂର୍ବାଞ୍ଚଳ ଦଳରେ ଓଡ଼ିଆ ଖେଳାଳି ମାଧୁରୀ ମେହେଟ୍ଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଥିବା ବେଳେ ଫିଜିଓ ଭାବେ ଜୁରି ଦତ୍ତା ରହିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟାନ୍ୟ କର୍ମକର୍ତ୍ତା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।





ଭୁବନେଶ୍ୱର ସିଟି ଆନ୍ତଃ ସ୍କୁଲ ଚାମ୍ପିୟନଶିପ୍‌ର ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ଚାମ୍ପିୟନ କିସ୍ ଦଳ।

**ଭୁବନେଶ୍ୱର ସିଟି ଆନ୍ତଃ ସ୍କୁଲ ଫୁଟବଲ**

## ୪ ବିଭାଗରେ କିସ୍ ଦଳ ଚାମ୍ପିୟନ

**ଭୁବନେଶ୍ୱର, ୪।୧୨ (ବିଜୟ ରଣା):** ଆରଏଫ୍‌ୱାଇଏସ୍-ଫାଓ ଭୁବନେଶ୍ୱର ସିଟି ଆନ୍ତଃ ସ୍କୁଲ ଚାମ୍ପିୟନଶିପ୍‌ରେ କିସ୍‌ର ପ୍ରଦର୍ଶନ ଜବରଦସ୍ତ ରହିଛି। ଏହି ଦଳ ୧୫ବର୍ଷରୁ କମ୍ ବାଳିକା, ୧୯ ବର୍ଷରୁ କମ୍ ବାଳିକା, ୧୫ ବର୍ଷରୁ କମ୍ ବାଳକ ଏବଂ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଚାମ୍ପିୟନ ହୋଇଛି। ଏହି ବର୍ଗଗୁଡ଼ିକରେ ଯଥାକ୍ରମେ କ୍ୟାପିଟାଲ ଗର୍ଲସ ହାଇସ୍କୁଲ ୟୁନିଟ-୨, କ୍ୟାପିଟାଲ ଗର୍ଲସ ହାଇସ୍କୁଲ ୟୁନିଟ୍-୨, ଓଡିଏମ୍ ଗ୍ଲୋବାଲ ସ୍କୁଲ ଓ ଫ୍ୟୁଚର ଗ୍ଲୋବାଲ ସ୍କୁଲ ରନରଅପ୍ ହୋଇଛନ୍ତି। ଅନ୍ୟପକ୍ଷରେ ୧୯ ବର୍ଷରୁ କମ୍ ବାଳକ ବିଭାଗରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଚାମ୍ପିୟନ ହୋଇଥିବା ବେଳେ ଓଡିଏମ ଗ୍ଲୋବାଲ ସ୍କୁଲ ରନର ଅପ୍ ହୋଇଛି। ସମସ୍ତ କାଟେଗୋରିରେ ଚାମ୍ପିୟନ ଦଳକୁ ଆର୍ଥିକ ପୁରସ୍କାର ବାବଦରେ ୫୦,୦୦୦ ଟଙ୍କା ଲେଖାଏଁ ଏବଂ ରନରଅପ୍ ଦଳକୁ ୨୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।

# ନୂଆପଡ଼ାକୁ ହରାଇ କଟକ ଚାମ୍ପିୟନ

**ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ**

**ସମ୍ବଲପୁର,୪।୧୨ (ବି.ଶଙ୍କର)**

ପୁରୁଣା ଖେଳାଳି ସଂଘ ଆୟୋଜନରେ ଦ୍ୱିତୀୟ ରାଜ୍ୟସ୍ତରୀୟ ଦିଲୀପ ଚାନ୍ଦ କବାଡ଼ି ଟୁର୍ନାମେଣ୍ଟ ସମ୍ବଲପୁର ଫାଟକସ୍ଥିତ ଦୁର୍ଗାପୂଜା ପଡ଼ିଆଠାରେ ରବିବାର ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କଟକ ଓ ନୂଆପଡା ମଧ୍ୟରେ ହୋଇଥିଲା। ଏଥିରେ କଟକ ଦଳ ୩୭-୧୮ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚକୁ ରେଫେରି ରାଜେଶ ସେଟ, ଦିଲୀପ ସାହୁ, ରାମଦାସ ପଣ୍ଡା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ସମ୍ବଲପୁର ଜିଲାର ୧୨ ଦଳ ସମେତ ପିପିଲି, କଟକ, ରାଉରକେଲା, ନୂଆପଡା, ଝାରସୁଗୁଡା ଓ ଭୁବନେଶ୍ୱରର କବାଡି ଦଳ ଭାଗ ନେଇଥିଲେ। ଆୟୋଜକ ପୁରୁଣା ଖେଳାଳି ସଂଘ ସଭାପତି ସିଦ୍ଧାର୍ଥ ସାହାଙ୍କ ଅଧ୍ୟକ୍ଷତା ଓ କାର୍ଯ୍ୟକାରୀ ସଭାପତି ପ୍ରଣବ ଶତ୍ରୁଶଲ୍ୟଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ସମ୍ବଲପୁର ଫାଟକ ଦୁର୍ଗାପୂଜା କମିଟି ସଭାପତି ତଥା ସାମାଜିକ କର୍ମୀ ପ୍ରଭାତ ବିଶ୍ୱାଳ, ଡାକୁରପଡାର ଗୁପ୍ତେଶ୍ୱର ଶୀତଳଷଷ୍ଠୀ କମିଟି ସଭାପତି ଶିବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା, ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସକାଳେ ଭାରତୀୟ ହକି ଫେଡେରେଶନ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସାଧାରଣ ସମ୍ପାଦକ ସୁଶାନ୍ତ ଦଣ୍ଡସେନା ସୂଚନା ଦେଇଥିବାବେଳେ କୋଷାଧ୍ୟକ୍ଷ ରାଜା ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରେମ ରଞ୍ଜନ ପ୍ରଧାନ, ଇଦ୍ରିସ ମଲ୍ଲିକ, ଜଗବନ୍ଧୁ ବେହେରା, ସୁରେନ୍ଦ୍ର ନାୟକ, ଶ୍ରୀକାନ୍ତ ବାରିକ, ମନୋଜ ଭୋଇ, ମଥୁରା ଓରାମ, ବଦ୍ରି ମିଶ୍ର ପ୍ରମୁଖ ମ୍ୟାଚ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଚାମ୍ପିୟନ କଟକ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

## କିସ୍ ସ୍କୁଲ ଜିତିଲା ୟୁନିଲାଇଟ୍ କପ୍

**ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ):** ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ କିସ୍ ସ୍କୁଲ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ କ୍ୟାପିଟାଲ ହାଇସ୍କୁଲକୁ ୧-୦ ଗୋଲରେ ପରାସ୍ତ କରିଛି। ସେହିପରି ୟୁନିଟ-୬ ହାଇସ୍କୁଲକୁ ୧-୦ ଗୋଲରେ ହରାଇ ସୟଦ ସେମିନାରୀ ସ୍କୁଲ ତୃତୀୟ ସ୍ଥାନ ହାସଲ କରିଛି। କିସ୍‌ର ମଙ୍ଗଳ ହେମ୍ବ୍ରମ ଶ୍ରେଷ୍ଠ ଗୋଲକିପର, ସେମିନାରୀ ସ୍କୁଲର ୟୁ.ଶବର ଶ୍ରେଷ୍ଠ ଡିଫେଣ୍ଡର, କ୍ୟାପିଟାଲ ସ୍କୁଲର ଗୁଲସନ ଦିଗାଲ ଶ୍ରେଷ୍ଠ ମିଡ୍‌ଫିଲ୍ଡର ଓ ସୁରେଶ ମୁର୍ମୁ ଶ୍ରେଷ୍ଠ ଫରୱାର୍ଡ ଏବଂ ରାମଚନ୍ଦ୍ର ବାସ୍କେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ଅନୁଗୋଳ-ସୁକିନ୍ଦା ରେଲୱେ ପ୍ରକଳ୍ପର ଏମ୍‌ଡି ଦିଲୀପ ସାମନ୍ତରାୟ, ୟୁନିଲାଇଟ୍ ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି, ଆୟୋଜକ ଆସୋସିଏଶନ ପକ୍ଷରୁ ନବରଞ୍ଜନ ପଟ୍ଟନାୟକ, ଅକ୍ଷୟ କୁମାର ଦାସ, ନରେନ୍ଦ୍ର ସେଠୀ, ପ୍ରିୟନାଥ ମିଶ୍ର, ବିବେକାନନ୍ଦ ଦାସ, ବିରଞ୍ଚି ମହାନ୍ତି, ପ୍ରଦୀପ କୁମାର ବଳିୟାର ସିଂ, ମହେଶ୍ୱର ସିଂ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

## ଭୁବନେଶ୍ୱର ଫୁଟବଲ ଲିଗ୍: କ୍ଲବ-୭୩ ବିଜୟୀ

**ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା 'ଗତିକୃଷ୍ଣ ପଣ୍ଡା ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍‌ରେ ସୋମବାର କ୍ଲବ-୭୩ ବିଜୟ ହାସଲ କରିଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୨-୧ ଗୋଲରେ କିସ୍ ଫୁଟବଲ କ୍ଲବକୁ ପରାସ୍ତ କରିଛି। କ୍ଲବ-୭୩ ପକ୍ଷରୁ ବିଷ୍ଣୁ ସାମଲ ୯ମ ଓ ଅନିଲ ସାମଲ ୮୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କିସ୍ ଦଳର ବିନୟ ମୁର୍ମୁ ୨୬ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। କ୍ଲବ-୭୩ର ଅବିନାଶ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ ଆସୋସିଏଶନର କାର୍ଯ୍ୟକାରୀ କମିଟି ସଦସ୍ୟ ନିକୁଞ୍ଜ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ଅବିନାଶ ସାମଲ।

## ୨୩ ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟ ଦଳ ଘୋଷିତ

**କଟକ,୪।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)**

ଆସନ୍ତା ୧୦ ତାରିଖରୁ ୨୩ବର୍ଷରୁ କମ୍ ଜାତୀୟ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ସୋମବାର ଓସିଏ ସମ୍ମିଳନୀ କକ୍ଷରେ ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହିଳା ଦଳ ଚୟନ କମିଟି ଅଧ୍ୟକ୍ଷା ରଶ୍ମିତା ମହାନ୍ତି ଓ ୨୩ବର୍ଷରୁ କମ୍ ମହିଳା ଦଳ କୋଚ୍ କାଦମ୍ବିନୀ ମହାକୁଡ ଉପସ୍ଥିତ ରହି ଦଳ ଘୋଷଣା କରିଛନ୍ତି। କୋଲକାତାର ବାରାସା ଗ୍ରାଉଣ୍ଡରେ ଜମ୍ମୁ ଓ କଶ୍ମୀର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଓଡ଼ିଶା ଦଳ:ଅଲିପ୍ସା ବିଶ୍ୱାଳ, ଭବାନୀ ଧଡା, ଭାଗ୍ୟଶ୍ରୀ ରାଉତ, ଜୋଏସ ନାୟକ,କଳ୍ପନା ନାୟକ, କୁସୁମ ତିରିଆ, ମଧୁସ୍ମିତା ବେହେରା ଦଳାଇ, ମେଘନା ପାଢ଼ୀ, ପୂଜାରାଣୀ ଦାସ, ରାଣୀ କୁମାରୀ ପ୍ରସାଦ, ସାରଦା ମହାନନ୍ଦ, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ସୂର୍ଯ୍ୟସ୍ନାତା ସ୍ୱାଇଁ, ସ୍ୱର୍ଣ୍ଣଲତା ନାୟକ, ତନ୍ମୟୀ ବେହେରା, ତନଓ୍ୱି ରଞ୍ଜନା, ତରଣା ପ୍ରଧାନ।

**ଜନ୍ମଦିନ ବିଶେଷାଙ୍କ**

**ଧରିତ୍ରୀ 50**

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):**
ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:**ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:**ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:**ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:**ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:**ମଳୟ କୁମାର ସାହୁ-୯୪୩୯୬୮୩୯୯୯





ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨

# ରେକର୍ଡ ସ୍ତରରେ ନିଫ୍ଟିର କାରବାର

## ୨୧,୦୦୦ ନିକଟବର୍ତ୍ତୀ

ଭୁବନେଶ୍ୱର,୪।୧୨



ଗତ କିଛି ସପ୍ତାହ ହେବ ଦଲାଲ ଷ୍ଟ୍ରିଟରେ ଉତ୍ସାହ ରହିଛି। ଫଳରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ଏପରିକି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ନିଫ୍ଟି-୫୦ରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ବିଶେଷ କରି ଗତ ୩ ସପ୍ତାହ ହେଲା ନିଫ୍ଟିର କାରବାର ବେଶ ଉତ୍ସାହଜନକ ରହିଥିଲାବେଳେ ନିଫ୍ଟିର କାରବାର ପ୍ରାୟ ୨୧,୦୦୦ (୨୦,୬୮୬.୮୦) ଅଙ୍କର ନିକଟବର୍ତ୍ତୀ ହୋଇଛି। ଅପରପକ୍ଷରେ ସୋମବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ନିଫ୍ଟି ରେକର୍ଡ (୨୧୦୦୦ ଅଙ୍କ) ସ୍ତରରେ ପହଞ୍ଚିଛି। ସେହିଭଳି ନିଫ୍ଟିର ବ୍ୟାଙ୍କି କ୍ଷେତ୍ର ସହିତ ସ୍ମଲ କ୍ୟାପ ଓ ମିଡକ୍ୟାପର ଫଳାଫଳ ମଧ୍ୟ ବେଶ ଉତ୍ସାହଜନକ ରହିଛି। ବିଶେଷ କରି ସୋମବାର ନିଫ୍ଟି ସ୍ମଲ କ୍ୟାପ ୧୧୩.୩୫ (୧.୭୨%) ପଏଣ୍ଟ ବଢି ୬୬୯୮.୫୦ ଅଙ୍କରେ ପହଞ୍ଚିଥିବାବେଳେ ନିଫ୍ଟି ମିଡକ୍ୟାପ ୫୩୬.୨୦ (୧.୨୪%) ପଏଣ୍ଟ ବୃଦ୍ଧି ଘଟି ୪୩,୯୧୮.୬୦ଅଙ୍କରେ ରହିଛି। ସେହିପରି ନିଫ୍ଟି ବ୍ୟାଙ୍କିଙ୍ଗ (ବ୍ୟାଙ୍କ) ୧୬୧୭.୨୦ (୩.୬୧%) ପଏଣ୍ଟ ବୃଦ୍ଧି ଘଟି ୪୬,୪୩୧.୪୦ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ନିଫ୍ଟିର ସେକ୍ଟରାଲ କାରବାରରେ ପରିବର୍ତ୍ତନ ହୋଇଥିବାବେଳେ ବ୍ୟାଙ୍କିଙ୍ଗ, ଆଇଟି, ପିଏସୟୁଗୁଡିକର ଶେୟାର ସର୍ବାଧିକ ଲାଭ ହାସଲ କରିଛନ୍ତି।

### ଶେୟାର ବଜାରରେ ଉତ୍ସାହ

କ୍ରମାଗତ ୫ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୩୮୪ (୧୩୮୩.୯୩) ପଏଣ୍ଟ ବଢି ୬୮,୮୬୫(୬୮,୮୬୫.୧୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୪୧୯ (୪୧୮.୯୦) ପଏଣ୍ଟ ବୃଦ୍ଧି ଘଟି ୨୦,୬୮୭ (୨୦,୬୮୬.୮୦) ଅଙ୍କରେ କାରବାର ବନ୍ଦ କରିଥିଲା।

# କ୍ରସ୍ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ଭୁବନେଶ୍ୱର,୪।୧୨

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ କ୍ରସ୍ ଲିମିଟେଡ୍ ପକ୍ଷରୁ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ବିଶେଷକରି ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଜରିଆରେ କମ୍ପାନୀ ପାଣ୍ଠି ଉଠାଣ ଲାଗି ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ କରିଛି। ଏପରିକି କମ୍ପାନୀ ଆଇପିଓ ଜରିଆରେ ୫୦୦ କୋଟି ଟଙ୍କା ହାସଲ କରିବ। ସେଥିରେ ୨୫୦ କୋଟି ଟଙ୍କାର ନୂଆ ଶେୟାର ଜାରି କରାଯିବ ଏବଂ ଅଫର ଫର ସେଲ୍‌ରେ ପ୍ରତିଷ୍ଠାତାମାନେ ୨୫୦ କୋଟି ଟଙ୍କାର ଶେୟାର ବିକ୍ରି କରିବେ। ଅଫର ଫର୍ ସେଲ୍‌ରେ ସୁଧୀର ରାଏ ୧୬୮ କୋଟି ଟଙ୍କା ଏବଂ ଅନୀତା ରାଏ ୮୨ କୋଟି ଟଙ୍କାର ଶେୟାର ବିକ୍ରି କରିବେ। ପ୍ରାକ୍-ଆଇପିଓ ପ୍ଲେସ୍‌ମେଣ୍ଟରେ କମ୍ପାନୀ ୫୦ କୋଟି ଟଙ୍କାର ପ୍ରତିଭୂତି ଉପସ୍ଥାପନ କରିବ।

# ଶରତ ସାହୁଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୪।୧୨

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରାର ମୁଖ୍ୟ ପ୍ରାୟୋଜକ 'ରୁଚି ମସଲା'କୁ ବାଲିଯାତ୍ରା ଆୟୋଜନ ସମିତି ତଥା କଟକ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, କଟକ ବାଲିଯାତ୍ରା ପଡିଆର ବୈଷ୍ଣବ ପାଣି ମଞ୍ଚଠାରେ ସୋମବାର ଆୟୋଜିତ ଏକ ସମ୍ମାନ ସମାରୋହ ଉତ୍ସବରେ ରୁଚି ମସଲାକୁ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ ସାହୁଙ୍କୁ ସମ୍ମାନଫଳକ ପ୍ରଦାନ ସ୍ୱରୂପ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, କଟକ ମେୟର ସୁବାସ ଚନ୍ଦ୍ର ସିଂ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, କଟକ ଡିସିପି ପିନାକ ମିଶ୍ର, ଜିଲାପାଳ ନରହରି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଓବିର ନୂତନ ଉତ୍ପାଦ

ଭୁବନେଶ୍ୱର,୪।୧୨

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ନୂତନ ଉତ୍ପାଦ 'ବିଓବି ପରିବାର ଆକାଉଣ୍ଟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ବିଓବିର ସେଭିଙ୍ଗ୍‌ସ ଓ କରେଣ୍ଟ ଆକାଉଣ୍ଟ ପାଇଁ ଉକ୍ତ ଆକାଉଣ୍ଟ ଆରମ୍ଭ ହୋଇଛି। ଏପରିକି ବ୍ୟାଙ୍କର 'ମାଇଁ ଫ୍ୟାମିଲି, ମାଇଁ ବ୍ୟାଙ୍କ' ସେଗମେଣ୍ଟ, ଯାହାକି ବ୍ୟାଙ୍କର 'ବିଓବି କେ ସଙ୍ଗ ତ୍ୟୋହାର କା ଉମଙ୍ଗ' ଫେଷ୍ଟିଭ୍ ଅଭିଯାନର ଅଂଶ ଭାବେ ଉକ୍ତ ଆକାଉଣ୍ଟର ଶୁଭାରମ୍ଭ କରାଯାଇଛି। ସେହିଭଳି ଗୋଟିଏ ପରିବାରରେ ଥିବା ସମସ୍ତ ସଦସ୍ୟଙ୍କର ଆକାଉଣ୍ଟକୁ ଏଥିରେ ଗୋଟିଏ ଗ୍ରୁପ୍ କରାଯାଇଥାଏ। ବିଶେଷକରି ବିଓବି ପରିବାର ଆକାଉଣ୍ଟରେ ସର୍ବନିମ୍ନ ଦୁଇ ଓ ସର୍ବାଧିକ ଛଅ ସଦସ୍ୟ ରହିପାରିବେ। ଅପରପକ୍ଷରେ ବିଓବି ପରିବାର କରେଣ୍ଟ ଆକାଉଣ୍ଟ ସେଗମେଣ୍ଟ ପ୍ରୋପ୍ରାଇଟରଶିପ୍, ପାର୍ଟନରଶିପ୍, ଏଲଏଲପି ଓ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ପାଇଁ ଉନ୍ମୁକ୍ତ ରହିଛି, ଯାହାକି ଗ୍ରୁପ୍ କମ୍ପାନୀ ବା ସହାୟକ କମ୍ପାନୀ ଅଟେ। ଉଭୟ ବିଓବି ପରିବାର ସେଭିଙ୍ଗସ୍ ଆକାଉଣ୍ଟ ଓ ବିଓବି ପରିବାର କରେଣ୍ଟ ଆକାଉଣ୍ଟ ସେଗମେଣ୍ଟ ତିନିଟି ପୃଥକ ଭାରିଆଣ୍ଟ ଡାଏମଣ୍ଡ, ଗୋଲ୍‌ଡ ଏବଂ ସିଲଭରରେ ଆସିଥାଏ। ଏ ସମ୍ପର୍କରେ ବିଓବିର ଚିଫ୍ ଜେନେରାଲ୍ ମ୍ୟାନେଜର (ରିଟେଲ୍ ଲାଏବିଲିଟିଜ୍ ଆଣ୍ଡ ଏନଆରଆଇ ବିଜନେସ୍) ରବୀନ୍ଦ୍ର ସିଂ ନେଗି କହିଛନ୍ତି, ସେଭିଙ୍ଗସ୍ ଓ କରେଣ୍ଟ ଆକାଉଣ୍ଟଧାରୀମାନଙ୍କ ପାଇଁ ଆମେ ବିଓବି ପରିବାର ଆକାଉଣ୍ଟର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ଗୋଟିଏ ପରିବାର ବା ଆସୋସିଏଟ୍ କମ୍ପାନୀଗୁଡ଼ିକର ଭିନ୍ନ ଭିନ୍ନ ଆକାଉଣ୍ଟ ଗୁଡ଼ିକୁ ଏକତ୍ର କରି ଆମର ଗ୍ରାହକମାନେ ଅନେକ ଆକର୍ଷଣୀୟ ଲାଭ ପାଇପାରିବେ।

# କର୍ମକ୍ଷେତ୍ର ଗଠନକୁ ବେଦାନ୍ତର ଗୁରୁତ୍ୱ

ଭୁବନେଶ୍ୱର,୪।୧୨ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ଉଭୟ ଓଡ଼ିଶା ଓ ଛତିଶଗଡ଼ ୟୁନିଟ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷକରି ବେଦାନ୍ତ ଆଲୁମିନିୟମର ଉତ୍ପାଦନ ପରିସରରେ ବିବିଧତା, ସମାନତା ଓ ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବା ଲାଗି କମ୍ପାନୀର ପ୍ରତିବଦ୍ଧତାକୁ ଏହା ନିଶ୍ଚିତ କରିଛି। ଏପରିକି କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି କୌଣସି ପାର୍ଥକ୍ୟ ରଖାଯାଇନାହିଁ। ଫଳରେ କମ୍ପାନୀ ବିଭିନ୍ନ ପଦକ୍ଷେପକୁ ଏକତ୍ର କରି ଭିନ୍ନ ଭିନ୍ନ ସାମର୍ଥ୍ୟର ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଉପରେ ଅଧିକ ସଚେତନତା ସୃଷ୍ଟି କରିବା ସହ ଭିନ୍ନକ୍ଷମଙ୍କ ପ୍ରତିସହାନୁଭୂତିଶୀଳ ଭାବେ କାର୍ଯ୍ୟ କରୁଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆମେମାନେ ବିବିଧତାକୁ ଗ୍ରହଣ କରିବା କେବଳ ଏକ ନୈତିକ ଆବଶ୍ୟକତା ନୁହେଁ ବରଂ ଏକ ରଣନୈତିକ ଲାଭ ମଧ୍ୟ ହୋଇଥାଏ। ଏପରିକି ଆମେ ଏକ କର୍ମକ୍ଷେତ୍ର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁଠାରେ ଅନନ୍ୟ ଦୃଷ୍ଟିକୋଣଗୁଡିକ ଆମର ସାମୂହିକ ସଫଳତା ପାଇଁ ସହାୟକ ହୋଇଥାଏ। ବିଶେଷ କରି ଆମର ପ୍ରୟାସ ଏକ ପ୍ରକୃତ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ର ଗଠନ ଉପରେ ଧ୍ୟାନ ଦେଇଥାଏ।

# ଏଆଇଇଟିର ଦିନିକିଆ କର୍ମଶାଳା

ଭୁବନେଶ୍ୱର,୪।୧୨

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଆରିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଏଆଇଇଟି) ଭୁବନେଶ୍ୱର ପକ୍ଷରୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା କାର୍ଯ୍ୟକ୍ରମ ସହ ଦିନିକିଆ କର୍ମଶାଳା (ଆଲୋଚନା ଚକ୍ର)ର ଆୟୋଜନ କରାଯାଇଥିଲା। ଉକ୍ତ ଆଲୋଚନାଚକ୍ରରେ ଓଡ଼ିଶା ପରିବେଶ ସମିତିର ଅଧ୍ୟକ୍ଷ ଡ.ସୁନ୍ଦର ନାରାୟଣ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ଓ ଏହାର ସମାଧାନର ସୂତ୍ର ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଏଆଇଇଟିର ଚେୟାରମ୍ୟାନ ଡ. ମଧୁମିତା ପରିଡ଼ା ଓ ନିର୍ଦ୍ଦେଶିକା ପ୍ରଫେସର ସସ୍ମିତା ପରିଡ଼ା ପ୍ରଦୂଷଣମୁକ୍ତ ସମାଜ ଗଠନ ନିମିତ୍ତ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଅପରପକ୍ଷରେ ଏଆଇଇଟିର ଅଧ୍ୟକ୍ଷ ପ୍ରଫେସର ଡ. ବିମଳ ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ସହ ପ୍ରଦୂଷଣ ନିୟନ୍ତ୍ରଣ ନିମିତ୍ତ ଇଞ୍ଜିନିୟରିଂ କୌଶଳର ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ଡ. ଅମୀୟ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପହିଲାରୁ ବଢ଼ିବ ୪ ଚକିଆ ଯାନ ଦର

ଭୁବନେଶ୍ୱର,୪।୧୨

ଦେଶର ପ୍ରମୁଖ ୪ଚକିଆ ଯାନ ନିର୍ମାତା ଓ ଅଟୋମୋବାଇଲ୍ସ କମ୍ପାନୀଗୁଡିକ ୨୦୨୪ ଜାନୁୟାରୀରୁ ନୂଆ ଦର ଲାଗୁ କରିବେ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ବିଶେଷ କରି ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଘରୋଇ ବଜାରରେ କଞ୍ଚାମାଲର ଅଭାବ କାରଣରୁ ଯାନ ଦର ବୃଦ୍ଧି କରାଯାଉଛି ବୋଲି ଅଟୋମେକରଙ୍କ ପକ୍ଷରୁ କୁହାଯାଇଛି।


With best compliments from:-
JEYPORE COLLEGE OF PHARMACY
(Under the patronage of Banagiri Development Trust)
NAAC accredited with "B++" Grade
Approved By
Pharmacy Council of India, (PCI), New Delhi, Govt of Odisha.
Affiliated to Biju Patnaik University of Technology (BPUT)
& Odisha State Board of Pharmacy (OSBP)
Contact Info:
8763562574, 9437389954, 9438593095, 9178141017
NAAC accredited with "B++" Grade
Courses Offered
Diploma in Pharmacy 60 Seats
Bachelor of Pharmacy 100 Seats
Mater of Pharmacy
Pharma Technology 09 Seats
Pharmaceutical Quality Assurance 03 Seats
Pharmacology 06 Seats
Pharmacognosy 09 Seats
ADMISSION OPEN
BANAVIHAR, RONDAPALLI, JEYPORE,
KORAPUT ODISHA-764002, PHONE : 06854-291221,
Email: jcpprincipal2001@gmail.com, Visit Us: www.pharmajeypore.org, www.jcp.ac.in



With best compliments from:-
ଦିଶା ହସ୍ପିଟାଲ୍
(ଏକ ୯୦୦୧-୨୦୧୫ ପଞ୍ଜିକୃତ ହସ୍ପିଟାଲ୍)
ମହାବୀର ବଜାର, ଢେଙ୍କାନାଳ, ଫୋନ୍ - ୦୬୭୬୨-୨୨୧୦୭୬
ଏଠାରେ ସମସ୍ତପ୍ରକାର ଅପରେସନ୍ (ଅର୍ଥୋପେଡିକ୍ସ, ଜେନେରାଲ ସର୍ଜରୀ, ଗାଇନୋକଲୋଜୀ, ଲ୍ୟାପ୍ରୋସ୍କୋପି ଇତ୍ୟାଦି) ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା କରାଯାଇଥାଏ
ନୂଆ ରୂପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ୍ କାର୍ଡ
"ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ ।"
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଏଠାରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିକିତ୍ସା BSKY କାର୍ଡ ମାଧ୍ୟମରେ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥାଏ।



SHREE GANESH JEWELLERS
SHREE GANESH JEWELLERS
100% HUID HALL MARK JEWELLERY
GOLD • SILVER • 1 G.M. GOLD • GEM'S STONE
LOWEST RATE & LOWEST MAKING CHARGE ON GOLD ORNAMENTS
Special Offer
HUGE NEW STOCK
• Lowest rates on 916 HUID Hallmark Jewellery.
• Special Discount on making charges of 916 Hallmark Jewellery.
• 50% off on making charges of silver ornaments.
• 20% off on 1 gram gold ornaments.
• 25% off on 925 silver ornaments.
LAXMI BAZAR, DHENKANAL
Mob- 8895363404, 9556466220, 7377532353



WITH BEST COMPLIMENTS FROM:
IPL
INDIAN POTASH LIMITED
AN AGRO BASED INDUSTRY, COMMITTED FOR THE ECONOMIC DEVELOPMENT OF THE FARMERS IN THE STATE OF ODISHA
MANUFACTURER OF BEST QUALITY
WHITE CRYSTAL SUGAR
INDUSTRIAL ALCOHOL
ORGANIC MANURE
TEXTURISED VEGETABLE PROTEIN SOYA BARI
FACTORY
INDIAN POTASH LIMITED
AT - HARIPUR VILLAGE
POST - KORIAN - 759013
DISTRICT - DHENKANAL
ODISHA STATE
GROW MORE SUGARCANE & GET MORE PROFIT
For more details contact our nearest Division Office
Factory Phone No. 06762-295823
E-mail- dkl@potindia.com



With Best compliments from
AARTI STEELS
Aarti
Ghantikhal, Cuttack
Sharing The Dreams of Odisha
ISO 45001
ISO 9001:2015
IATF 16949:2016
WORKS
Ghantikhal, P.O. Mahakalbasta, Dist. - Cuttack -754029 (Odisha) India.
Phone : 91-671-7161000
REGISTERED OFFICE
G.t Road, Miller Ganj, Ludhiana (Pb.) 141003 India
Phone: 91-161-3006100
www.aartisteelsltd.com
info@aartisteelsltd.com

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୫/୨୦୨୩ Bhubaneswar, Tuesday, December 5/ 2023

# ସୁଖରାମ ଅଧିନାୟକ

## ନଗେଶ ଟ୍ରଫି ଜାତୀୟ ଦୃଷ୍ଟିବାଧିତ କ୍ରିକେଟ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ଜାତୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟ ନଗେଶ ଟ୍ରଫି ପାଇଁ ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ସୁଖରାମ ମାଝି ଅଧିନାୟକ ଓ ଲିଙ୍ଗରାଜ ରାଉତରା ଉପ-ଅଧିନାୟକ ମନୋନୀତ ହୋଇଛନ୍ତି। ରାମଦାସ ମୁର୍ମୁ ପ୍ରଥମଥର ପାଇଁ ରାଜ୍ୟ ଦଳରେ ସାମିଲ ହୋଇଛନ୍ତି। ପ୍ରତିଯୋଗିତାରେ ମୋଟ ୨୮ଟି ଦଳ ଅଂଶଗ୍ରହଣ କରିବେ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ଏ, ବି, ସି ଓ ଡି’ ଏଲିଟ ଏବଂ ଇ ଓ ଏଫ୍’ ପେଟ୍ ଗ୍ରୁପ୍‌ରେ ଖେଳିବେ। ଏଲିଟ ଗ୍ରୁପ୍‌ରୁ ୮ ଓ ପ୍ଲେଟ୍ ଗ୍ରୁପ୍‌ରୁ ୨ଟି ଦଳ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବେ। ଏଲିଟ ଗ୍ରୁପ୍ ‘ସି’ରେ ଓଡ଼ିଶା ସ୍ଥାନ ପାଇଛି। ଏହି ଗ୍ରୁପ୍‌ର ମ୍ୟାଚଗୁଡ଼ିକ କେରଳର କୋଚିଂରେ ଚଳିତ ମାସ ୧୮ରୁ ୨୨ ପର୍ଯ୍ୟନ୍ତ ଖେଳିବ। ଗ୍ରୁପ୍ ପର୍ଯ୍ୟାୟରେ ଓଡ଼ିଶା ୧୮ରେ ଝାଡ଼ଖଣ୍ଡ, ୧୯ରେ କେରଳ, ୨୦ରେ ବିହାର ଓ ୨୨ରେ ଉତ୍ତର ପ୍ରଦେଶକୁ ଭେଟିବ। ସୁପର ଏଇଟ୍, ସେମିଫାଇନାଲ ଓ ଫାଇନାଲ ଜାନୁୟାରୀ ଶେଷ ସପ୍ତାହରେ ଦିଲ୍ଲୀରେ ଅନୁଷ୍ଠିତ ହେବ। ଓଡ଼ିଶା ଦୃଷ୍ଟିବାଧିତ ଦଳ ପ୍ରଥମଥର ପାଇଁ ବିମାନ ଯୋଗେ କେରଳ ଯାଇ ଟୁର୍ନାମେଣ୍ଟ ଖେଳିବ। ଏଥିପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘର ସାଧାରଣ ସମ୍ପାଦକ ସନ୍ନ୍ୟାସ କୁମାର ବେହେରା ଧନ୍ୟବାଦ ଜଣାଇଛନ୍ତି।



ସୁଖରାମ ମାଝି

**ଓଡ଼ିଶା ଦଳ**

ମହମ୍ମଦ ଜାଫର ଇକବାଲ, କାଳିଆ ପ୍ରଧାନ, ହିକିମ ମୁର୍ମୁ, ଅନିଲ ମଲିକ, ଦେବରାଜ ବେହେରା, ଅଞ୍ଜନ ସିଂ, ରାମଦାସ ମୁର୍ମୁ, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ଅର୍ଜୁନ ଭତ୍ରା, ସୁଖରାମ ମାଝି (ଅଧିନାୟକ), ଲିଙ୍ଗରାଜ ରାଉତରା (ଉପ-ଅଧିନାୟକ), ଧନପତି ଗୌଡ଼ା (ଉଇକେଟ କିପର), ସୁକଦେବ ସୋରେନ। କୋଚ୍: ଚନ୍ଦ୍ରଶେଖର ପଟ୍ଟନାୟକ, ମ୍ୟାନେଜର: ସୁରେଶ ବେହେରା।

# ବୁଢା ଆଙ୍ଗୁଠି ହରାଇଲେ ଶୁଟର

**ନୂଆଦିଲ୍ଲୀ,୪।୧୨(ପି.ଟି.):** କାର୍ନି ସିଂ ଶୁଟିଂ ରେଞ୍ଜରେ ଅଭ୍ୟାସ କରୁଥିବା ସମୟରେ ପିସ୍ତଲରେ ଥିବା ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ କାରଣରୁ ଜଣେ ଶୁଟର ନିଜର ବାମହାତର ବୁଢା ଆଙ୍ଗୁଠି ହରାଇଛନ୍ତି। ୧୦ ମିଟର ଏୟାର ପିସ୍ତଲ ସିଲିଣ୍ଡରରେ କମ୍ପ୍ରେସ୍ଡ ଏୟାର ଭର୍ତ୍ତି କରୁଥିବା ସମୟରେ ଏହି ବିସ୍ଫୋରଣ ଘଟିଥିଲା। ଭାରତୀୟ ବାୟୁସେନାରେ କାର୍ଯ୍ୟରତ ପୁଷ୍ପେନ୍ଦର କୁମାର ଜାତୀୟ ଚାମ୍ପିୟନଶିପ ପାଇଁ କାର୍ନି ସିଂ ଶୁଟିଂ ରେଞ୍ଜରେ ଅଭ୍ୟାସ କରୁଥିବା ସମୟରେ ଶନିବାର ଏହି ଘଟଣା ଘଟିଥିଲା। ଦୁର୍ଘଟଣା ପରେ ତାଙ୍କୁ ତୁରନ୍ତ ଆର ଆଣ୍ଡ ଆର ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ଏକ ସିଲିଣ୍ଡରରୁ ପିସ୍ତଲର ସିଲିଣ୍ଡରରେ ଗ୍ୟାସ୍ ଭରୁଥିବା ସମୟରେ ଏଭଳି ଅଘଟଣ ଘଟିଥିବା ଜଣେ କୋଚ୍ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଏୟାର ପିସ୍ତଲ ଓ ରାଇଫଲରେ ଏକ ଛୋଟ ସିଲିଣ୍ଡର ରହିଥାଏ। ବ୍ୟାରେଲର ଠିକ୍ ତଳେ ଏହି ସିଲିଣ୍ଡର ରହୁଥିବା ବେଳେ ଟ୍ରିଗର ଦବାଇବା ସମୟରେ ଏଥିରୁ ଗ୍ୟାସ୍ ରିଲିଜ୍ ହୋଇଥାଏ। ଏହା ଏକ ହାମରରେ ବାଜିବା ଫଳରେ ସୀସାର ଗୁଳି ବାହାରିଥାଏ। ତେବେ ଏକ ନିର୍ଦ୍ଦିଷ୍ଟ ରାଉଣ୍ଡର ଶୁଟିଂ ପରେ ଏହି ସିଲିଣ୍ଡରକୁ ଆଉଥରେ ଭର୍ତ୍ତି କରାଯାଏ। ପୂର୍ବରୁ ଅଙ୍ଗାରକାମ୍ଳ ବ୍ୟବହାର କରାଯାଉଥିବା ବେଳେ ବର୍ତ୍ତମାନ ଏଲପିଜି ଗ୍ୟାସରେ ଏହା ପରିଚାଳିତ ହୋଇଥାଏ। ଉତ୍ତର ପ୍ରଦେଶ ବାଘପତର ପୁଷ୍ପେନ୍ଦର କୁମାର କୌଣସି ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ନ ଥିବା ବେଳେ ଭାରତୀୟ ବାୟୁସେନା ଟିମ୍‌ର ଜଣେ ବରିଷ୍ଠ ସଦସ୍ୟ ଅଟନ୍ତି। ଏକ ମାସ ପୂର୍ବରୁ ତାଙ୍କ ମାଙ୍କର ପରଲୋକ ହୋଇଥିଲା। ତେବେ ଅସ୍ତ୍ରୋପଚାର ପରେ ପୁଷ୍ପେନ୍ଦର କୁମାରଙ୍କ ୯୦-୯୫ ପ୍ରତିଶତ ଠିକ୍ ହେବାର ସମ୍ଭାବନା ରହିଛି ବୋଲି ତାଙ୍କ କୋଚ୍ କହିଛନ୍ତି। ଏପରି ଘଟଣା କେବେ ବି ସେ ଦେଖି ନ ଥିବା କହିଛନ୍ତି ପୁଷ୍ପେନ୍ଦରଙ୍କ କୋଚ୍। ତେବେ ଏହି ବନ୍ଧୁକଟି ବାୟୁସେନାର କି ପୁଷ୍ପେନ୍ଦରଙ୍କ ବ୍ୟକ୍ତିଗତ ତାହା ଏ ପର୍ଯ୍ୟନ୍ତ ଜଣା ପଡିନାହିଁ। ପୁଷ୍ପେନ୍ଦରଙ୍କ ଶୁଟିଂ ହାତ କ୍ଷତିଗ୍ରସ୍ତ ହୋଇ ନ ଥିବାରୁ ସେ ଖୁବ ଶୀଘ୍ର ପ୍ରତ୍ୟାବର୍ତ୍ତନ କରିବେ ବୋଲି କୋଚ୍ କହିଛନ୍ତି।

# ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ପାଇଁ କିଟ୍ ପୁରସ୍କୃତ

## ସିଆଇଆଇ ସ୍ପୋର୍ଟ୍ସ ବିଜ୍‌ନେସ୍ ପୁରସ୍କାର-୨୦୨୩

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋମବାର କିଟ୍‌କୁ ସମ୍ମାନଜନକ ସିଆଇଆଇ ସ୍ପୋର୍ଟ୍ସ ବିଜନେସ ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସିଆଇଆଇ କ୍ରୀଡ଼ା ଜାତୀୟ କମିଟିର ଅଧ୍ୟକ୍ଷ ଚାଣକ୍ୟ ଚୌଧୁରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଦେଶରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ବିଭାଗରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଶ୍ରେଷ୍ଠ କ୍ରୀଡ଼ା ଫ୍ରାଞ୍ଚାଇଜ ଭାବେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟ ଭାବେ ତାମିଲନାଡୁକୁ ପୁରସ୍କୃତ କରାଯାଇଛି। ସେହିପରି କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ନେତୃତ୍ୱ ନିମନ୍ତେ ବିସିସିଆଇ ସମ୍ପାଦକ ତଥା ଏସିଆନ୍ କ୍ରିକେଟ କାଉନ୍‌ସିଲ ଅଧ୍ୟକ୍ଷ ଜୟ ଶାହଙ୍କୁ ଶ୍ରେଷ୍ଠ କ୍ରୀଡ଼ା ବିଜ୍‌ନେସ୍ ଲିଡର ଭାବେ ସମ୍ମାନିତ କରାଯାଇଥିବା ବେଳେ ରିଲାଏନ୍ସ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ଚେୟାରପର୍ଶନ ନିତା ଅମ୍ବାନୀ ଏବଂ ଅଚ୍ୟୁତ ସାମନ୍ତଙ୍କୁ କ୍ରୀଡ଼ା ବିଜ୍‌ନେସ୍ ଲିଡର ଭାବେ ସମ୍ମାନିତ କରାଯାଇଛି। ପୁରସ୍କାର ଚୟନ କମିଟିରେ ଅଭିନବ ବିନ୍ଦ୍ରା, ମାଇକେଲ ୱାଡେ, ଅଭିଶେଷ ବିନୟକିୟା, ନିକି କାୱାର୍ଡ ଓ ଆହନା ମହୋତ୍ରା ପ୍ରମୁଖ ସଦସ୍ୟ ରହିଥିଲେ। ପ୍ରକାଶ ଯୋଗ୍ୟ ଯେ, କିଟ୍ ଦୀର୍ଘ ୨୦ ବର୍ଷ ହେଲା କ୍ରୀଡ଼ା କ୍ଷେତ୍ରରେ ବ୍ୟାପକ ଯୋଗଦାନ ରଖି ଆସିଛି। ଏହା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ କିଟ୍ ଏହା ପୂର୍ବରୁ ଭାରତ ସରକାରଙ୍କଠାରୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର, ଫିକି ପୁରସ୍କାର, ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର, ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ପଟ୍ଟନାୟକ ଖେଳ ପୁରସ୍କାର ମଧ୍ୟ ହାସଲ କରିଛି। ଏହି ପୁରସ୍କାରକୁ ଅଚ୍ୟୁତ କିଟ୍ ଓ କିସ୍‌ର କର୍ମଚାରୀ, ଛାତ୍ରୀଛାତ୍ର ବିଶେଷ କରି କ୍ରୀଡ଼ା ବିଭାଗ ଓ କିଟ୍‌ର କ୍ରୀଡ଼ାବିତ୍‌ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହା ସହିତ କ୍ରୀଡ଼ା କ୍ଷେତ୍ରରେ ପ୍ରେରଣା ଓ ସହଯୋଗ ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।



ପୁରସ୍କାର ଗ୍ରହଣ ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ (ବାମ)।

# ପାଣ୍ଡିଆନଙ୍କୁ ଭେଟିଲେ ଓସିଏ ସମ୍ପାଦକ


କାର୍ତ୍ତିକ ପାଣ୍ଡିଆନ (ଡାହାଣ)ଙ୍କ ସହ ସଞ୍ଜୟ ବେହେରା।

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ନବୀନ ନିବାସଠାରେ ସୋମବାର ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟରେ କ୍ରୀଡ଼ାର ବିକାଶ ବିଶେଷକରି କଟକ ବାରବାଟୀ ଷ୍ଟାଡିୟମର ଉନ୍ନତୀକରଣ ସମ୍ପର୍କରେ ଫଳପ୍ରଦ ଆଲୋଚନା ହୋଇଥିବା ଓସିଏ ପକ୍ଷରୁ ଏକ ରିଲିଜରେ ପ୍ରକାଶ କରାଯାଇଛି।

# ରାଜ୍ୟ ଚେସ୍ ଏକାଡେମୀ ପାଇଁ ଚୟନ ଟ୍ରାଏଲ୍

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ପ୍ରଫେଶନାଲ ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟା)ରେ ଟ୍ରେନିଂ ନେବାପାଇଁ ଚୟନ ଟ୍ରାଏଲ ଚଳିତ ମାସ ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବ। ନୟାପଲ୍ଲୀରେ ଥିବା ଏକାଡେମୀରେ ୫ରୁ ୧୮ ବର୍ଷର ପିଲାମାନେ ଏହି ଟ୍ରାଏଲ୍‌ରେ ଅଂଶଗ୍ରହଣ କରିପାରିବେ। ଆଶାୟୀ ପିଲାମାନେ ବିଗ୍‌ନର୍ସ, ଇଣ୍ଟରମିଡିଏଟ୍ ଓ ଅପର ଇଣ୍ଟରମିଡିଏଟ୍ ବିଭାଗ ମଧ୍ୟରୁ ଯେ କୌଣସି ଗୋଟିକରେ ନିଜ ନାମ ପଞ୍ଜୀକରଣ କରିବେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଚେସ୍ ପ୍ରତିଭାମାନେ ଚିହ୍ନଟ ହେବା ସହ ଏହି କ୍ରୀଡ଼ାରେ ଆଗକୁ ବଢ଼ିବାପାଇଁ ଭଲ ପ୍ଲାଟ୍‌ଫର୍ମ ପାଇପାରିବେ। ‘‘ନୂଆକରି ଆରମ୍ଭ ହୋଇଥିବା ଏକାଡେମୀ ପାଇଁ ଚେସ୍ ପ୍ରତିଭାଙ୍କ ଚୟନ ଟ୍ରାଏଲ୍ ଆରମ୍ଭ ହେବାକୁ ଯାଉଛି। ରାଜ୍ୟରେ ଏକାଡେମୀ ଗଠନ ପରେ ସଫଳତା ହାସଲ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଲୁକ୍କାୟିତ ଚେସ୍ ପ୍ରତିଭାଙ୍କୁ ଖୋଜି ବାହାର କରିବାରେ ମଧ୍ୟ ଏହା ସହାୟକ ହେବ। ଏକାଡେମୀରେ ଟ୍ରେନିଂ ନେଇ ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠିତ କରିପାରିବେ। ଭାଗ ନେବାକୁ ଯାଉଥିବା ସମସ୍ତ ଚେସ୍ ପ୍ରତିଭାଙ୍କୁ ଶୁଭକାମନା’’ ବୋଲି କ୍ରୀଡ଼ା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ରାଜ୍ୟରେ ଏହି ସର୍ବପ୍ରଥମ ଚେସ୍ ଏକାଡେମୀର ଶୁଭାରମ୍ଭ ବ୍ୟତୀତ ଏହି କ୍ରୀଡ଼ାକୁ ପ୍ରମୋଟ କରିବା ପାଇଁ ଓଡ଼ିଶା ସରକାର ସ୍କୁଲରେ ଚେସ୍ ଏବଂ ବିଭିନ୍ନ ଜିଲାରେ ୧୦୦ ଚେସ୍ ଟ୍ରେନିଂ ସେଣ୍ଟର ସ୍ଥାପନ କରିବାକୁ ଯାଉଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ କ୍ରୀଡ଼ା ବିଭାଗ ପକ୍ଷରୁ ବିଗ୍‌ନର ଏବଂ ଇଣ୍ଟରମିଡିଏଟ୍‌ଙ୍କୁ ଗ୍ରୁପିଂ କରି ଏକ ସମର କ୍ୟାମ୍ପର ମଧ୍ୟ ଆୟୋଜନ କରାଯାଇଥିଲା।

# ବଭୁମା, ରାବାଡାଙ୍କୁ ବିଶ୍ରାମ

ଜୋହାନ୍ସବର୍ଗ, ୪।୧୨(ପି.ଟି.)

ଚଳିତ ମାସରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଘରୋଇ ସିରିଜ୍ ଅନ୍ତର୍ଗତ ଦୁଇଟି ଟେଷ୍ଟ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ଓ ପ୍ରମୁଖ ପେସ୍ ବୋଲର କାଗିସୋ ରାବାଡାଙ୍କୁ ହ୍ୱାଇଟ ବଲ୍ ସିରିଜ୍‌ରୁ ବିଶ୍ରାମ ଦିଆଯାଇଛି। ଦକ୍ଷିଣ ଆଫ୍ରିକାରେ ଭାରତ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଟି୨୦ ସିରିଜ୍ ଡିସେମ୍ବର ୧୦ରୁ ଡର୍ବାନଠାରେ ଆରମ୍ଭ ହେବ। କ୍ରିକେଟ ସାଉଥ୍ ଆଫ୍ରିକା(ସିଏସ୍ଏ) କହିଛି, ସେମାନେ ବର୍ତ୍ତମାନ ରେଡ୍‌ବଲ ଅବା ଟେଷ୍ଟ ସିରିଜ୍‌କୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଅଧିନାୟକ ବଭୁମା ଓ ରାବାଡାଙ୍କ ସମେତ କେତେଜଣ ଖେଳାଳିଙ୍କୁ ବିଶ୍ରାମ ଦେବାକୁ ଚାହାନ୍ତି। ଡିସେମ୍ବର ୨୬ରେ ସେଞ୍ଚୁରିଅନଠାରେ ବକ୍ସିଂ ଡେ’ ଟେଷ୍ଟ ସହ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ସେମାନଙ୍କ ନୂଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ସାଇକେଲ ଆରମ୍ଭ କରିବେ। ହ୍ୱାଇଟ୍‌ବଲ୍ କ୍ରିକେଟରେ ବଭୁମାଙ୍କ ଅନୁପସ୍ଥିତିରେ ଏଡେନ୍ ମାରକ୍ରାମ ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ। ଉଇକେଟ୍‌କିପର ବ୍ୟାଟର ଟ୍ରିଷ୍ଟାନ ଷ୍ଟବ୍ସଙ୍କୁ ପ୍ରଥମଥର ଟେଷ୍ଟ ଦଳରେ ସ୍ଥାନ ଦିଆଯାଇଛି। ସେ ଏପର୍ଯ୍ୟନ୍ତ ଗୋଟିଏ ଅନ୍ତର୍ଜାତୀୟ ଦିନିକିଆ ଓ ୧୬ ଅନ୍ତର୍ଜାତୀୟ ଟି୨୦ ଖେଳିସାରିଛନ୍ତି। ରେଡ୍‌ବଲ୍ ଦଳରୁ ହେନ୍‌ରୀ କ୍ଲାସେନଙ୍କୁ ବାଦ୍ ଦିଆଯାଇଛି। ପେସ୍ ବୋଲର ଜେରାଲ୍ଡ କୋଜି, ମାର୍କୋ ଜାନସେନ୍ ଏବଂ ଲୁନ୍‌ଗି ଏନ୍‌ଗିଡିଙ୍କୁ ଦିନିକିଆ ଦଳରୁ ବାଦ୍ ଦିଆଯାଇଛି। କାରଣ ନିକଟରେ ୫୦ ଓଭର ବିଶ୍ୱକପ୍ ଶେଷ ହୋଇଥିବାରୁ ଏହାକୁ କମ୍ ଅଗ୍ରାଧିକାର ଦିଆଯାଉଛି। ଏହି ୩ ଜଣଙ୍କୁ କିନ୍ତୁ ଦୁଇ ଓପନିଂ ଟି୨୦ ଏବଂ ପରେ ୨ ଟେଷ୍ଟ ମ୍ୟାଚ୍ ଲାଗି ଦଳରେ ସାମିଲ କରାଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମୂଲ୍ୟବାନ୍ ଡବ୍ଲ୍ୟୁଟିସି ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଏହାଛଡ଼ା ଆସନ୍ତା ବର୍ଷର ଟି୨୦ ବିଶ୍ୱକପ୍ ଉପରେ ସେମାନଙ୍କର ମଧ୍ୟ ନଜର ରହିଛି। ଫଳତଃ ସେମାନଙ୍କ ଅନ୍ତର୍ଜାତୀୟ ଦିନିକିଆ ଦଳରେ ଭାରତ ଭଳି ବହୁ ନୂଆ ଖେଳାଳିଙ୍କୁ ସ୍ଥାନ ମିଳିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ନୂଆ ଖେଳାଳି ଓଟନିଲ ବାର୍ଟମ୍ୟାନ ଏବଂ ଅଲ୍‌ରାଉଣ୍ଡର ମିହଲାଲି ଏମ୍‌ପଙ୍ଗୱାନା। ବ୍ୟାଟର ଡେଭିଡ୍ ବେଡିଙ୍ଗହାମ୍ (ଟେଷ୍ଟ) ଓ ପେସର ନାଣ୍ଡ୍ରେ ବର୍ଗର (ସମସ୍ତ ୩ ଫର୍ମାଟ) ପ୍ରଥମଥର ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି।


ଟେମ୍ବା ବଭୁମା

**▶ଦକ୍ଷିଣ ଆଫ୍ରିକା ଟି୨୦ ଦଳ**

ଏଡେନ୍ ମାରାକ୍ରମ (ଅଧିନାୟକ), ଓଟନିଲ ବାର୍ଟମ୍ୟାନ, ମାଥ୍ୟୁ ବ୍ରିଜ୍‌କି, ନାଣ୍ଡ୍ରେ ବର୍ଗର, ଜେରାଲ୍ଡ କୋଜି( ୧ମ ଓ ୨ୟ ଟି୨୦), ଡୋନୋଭାନ ଫେରିରା, ରିଜା ହେଣ୍ଡ୍ରିକ୍ସ, ମାର୍କୋ ଜାନ୍‌ସେନ (୧ମ ଓ ୨ୟ ଟି୨୦) , କେଶବ ମହାରାଜ, ଡେଭିଡ ମିଲର, ଲୁନ୍‌ଗି ଏନ୍‌ଗିଡି (୧ମ ଓ ୨ୟ ଟି୨୦) ଆଣ୍ଡିଲ ଫେଲୁକ୍‌ୱାୟୋ, ଟାବ୍ରେଜ ଶାମ୍‌ସି, ଟ୍ରିଷ୍ଟାନ ଷ୍ଟବ୍ସ ଓ ଲିଜାର୍ଡ ୱିଲିୟମ୍ସ।

**▶ଦିନିକିଆ ଦଳ**

ଏଡେନ ମାରକ୍ରମ (ଅଧିନାୟକ), ଓଟନିଲ ବାର୍ଟମ୍ୟାନ, ନାଣ୍ଡ୍ରେ ବର୍ଗର, ଟୋନି ଡି’ ଜୋର୍ଜି, ରିଜା ହେଣ୍ଡ୍ରିକ୍ସ, ହେନରିଚ କ୍ଲାସେନ, କେଶବ ମହାରାଜ, ମିହଲାଲ୍ ଏମପଙ୍ଗୱାନା, ଡେଭିଡ ମିଲର, ୱିଆନ ମୁଲ୍‌ଡର, ଆଣ୍ଡିଲ ଫେଲୁକ୍‌ୱାୟୋ, ଟାବ୍ରେଜ୍ ଶାମ୍‌ସି, ରସି ଭାନ୍‌ଡର ଡୁସେନ୍, କାଇଲ ଭେରେନି ଓ ଲିଜାର୍ଡ ୱିଲିୟମ୍ସ।

**▶ଟେଷ୍ଟ ଦଳ**

ଟେମ୍ବା ବଭୁମା (ଅଧିନାୟକ) ଡେଭିଡ ବେଡିଙ୍ଗହାମ୍, ନଣ୍ଡ୍ରେ ବର୍ଗର, ଜେରାଲ୍ଡ କୋଜି, ଟୋନି ଡି’ ଜୋର୍ଜି, ଡିନ୍ ଏଲ୍‌ଗାର, ମାର୍କୋ ଜେନସେନ, କେଶବ ମହାରାଜ, ଏଡେନ ମାରକ୍ରାମ, ୱିଆନ ମୁଲ୍‌ଡର, ଲୁନ୍‌ଗି ଏନ୍‌ଗିଡି, କିଗାନ ପିଟରସନ, କାଗିସୋ ରାବାଡା, ଟ୍ରିଷ୍ଟାନ ଷ୍ଟବ୍ସ ଓ କାଇଲ ଭେରେନି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ